DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୯/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 9/2022 Page 16 ₹ 7.00 ★★★★★★

୪୮ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 313 ମୂଲ୍ୟ ₹୭/-

**ଆଜିର ସମ୍ପାଦକୀୟ** ଖରାପ ଖବରବେଳେ ଲୁଚୁଛନ୍ତି | ଶିବସେନା ନାଁ, ଚିହ୍ନ ବ୍ୟବହାର ମନା | ପୃଷ୍ଠା-୧୨

# ବାତ୍ୟା ଆଶଙ୍କା

## ୨୦ରେ ଲଘୁଚାପ

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ଆସନ୍ତା ୧୯ କିମ୍ବା ୨୦ ତାରିଖରେ ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ବିଭିନ୍ନ ପାଣିପାଗ ମଡେଲ ସୂଚନା ଅନୁଯାୟୀ ଲଘୁଚାପ ଅଧିକ ଘନୀଭୂତ ହେବା ଆଶଙ୍କା ରହିଛି। ଏପରି କି ଏହା ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହୋଇ ବାତ୍ୟା ରୂପ ନେବ ବୋଲି ଅନୁମାନ କରାଯାଉଛି। ଲଘୁଚାପ ଦୁଇଦିନ ସମୁଦ୍ର ଭିତରେ ବଳ ଗୋଟାଇ ଆହୁରି ଶକ୍ତିଶାଳୀ ହେବ। ଅକ୍ଟୋବର ୨୧ କିମ୍ବା ୨୨ ତାରିଖ ସୁଦ୍ଧା ଆନ୍ଧ୍ର ଉପକୂଳ କିମ୍ବା ବାଂଲାଦେଶ ମୁହାଁ ହୋଇପାରେ। ଆନ୍ଧ୍ର ଉପକୂଳ ମୁହାଁ ହେଲେ ଦକ୍ଷିଣ ଓଡ଼ିଶା ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଛି। ଅକ୍ଟୋବର ମାସ ବାତ୍ୟାପ୍ରବଣ ହୋଇଥିବାରୁ ଓଡ଼ିଶା ପାଇଁ ଏହା ବିପଦ ସୃଷ୍ଟି କରିବା ଭୟ ବଢ଼ିଯାଇଛି। ତେବେ ବାତ୍ୟାର ଗତିପଥ ଓ ରୂପରେଖ ନେଇ ଏ ପର୍ଯ୍ୟନ୍ତ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ବାତ୍ୟାର ରୂପରେଖ କିପରି ହେବ ସେ ନେଇ ସପ୍ତାହକ ପରେ ଜଣାପଡ଼ିବ। ଆଣ୍ଡାମାନ ଉପକୂଳରେ ବାତ୍ୟା ହେବା ନେଇ ଏକ ସିଷ୍ଟମ୍ ଦେଖାଉଛି। ତେବେ ଆସନ୍ତା ସପ୍ତାହକ ମଧ୍ୟରେ ଏହାର ରୂପରେଖ ସମ୍ପର୍କରେ ଜଣାପଡ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି।

### ଆଜିର ମନ୍ତବ୍ୟ

"ଆଦାନୀ, ଅମ୍ବାନୀ ହୁଅନ୍ତୁ କି ଅମିତ ଶାହାଙ୍କ ପୁଅ, ନିଯୁକ୍ତି ଓ ନିବେଶ ପାଇଁ ଆମେ ସମସ୍ତଙ୍କୁ ସ୍ୱାଗତ କରିବୁ।

-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

DADLS - 48



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0150/2223

DADLS - 48

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0150/2223

DADLS - 48

ଓଡ଼ିଶା ସରକାର



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଇସଲାମ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଆପଣମାନଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0150/2223

ORI-HOME



www.ori-home.org.in
Toll Free No: (+91) 1800 309 4302
ଗୃହ ନିର୍ମାଣ ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ
(+91) 83288 23295

ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ୨୦୨୨
ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
Food Zone
Children Play Zone
On Public Demand!
Extended Upto 12th October 2022
ଆଉ ମାତ୍ର ୪ ଦିନ
୧୭ଟି ରାଜ୍ୟର ହସ୍ତତନ୍ତ ବସ୍ତ୍ର ସମ୍ଭାର
ଆୟୋଜକ: ବୟନିକା

Divya®



ଡାଇବେଟିସ୍ ଆରୋଗ୍ୟସାଧ ନୁହେଁ, ଏହି ଭ୍ରାନ୍ତଧାରଣାରୁ ନିଜକୁ ମୁକ୍ତ କରନ୍ତୁ

ମଧୁନାଶିନୀ ଓ ମଧୁଗ୍ରିଟ୍

ସହିତ ଯୋଗାଭ୍ୟାସ ଆପଣଙ୍କୁ ଦେଇଥାଏ
ଡାଇବେଟିସ୍ ପାଇଁ ଗବେଷଣା ଏବଂ ପ୍ରମାଣ ଆଧାରିତ ଚିରସ୍ଥାୟୀ ସମାଧାନ ।
ଏହି ଔଷଧଗୁଡ଼ିକୁ ବ୍ୟବହାର କରି ଆମେ ଅଗ୍ନ୍ୟାଶୟ କୋଷଗୁଡ଼ିକୁ ପୁନରୁଜ୍ଜୀବିତ କରିଛୁ ଏବଂ ରୋଗୀମାନଙ୍କୁ ଡାଇବେଟିସ୍‌ରୁ ମୁକ୍ତ କରିଛୁ ।

ଏହା ଆପଣଙ୍କ କିଡ୍‌ନୀ, ହୃଦୟ ଏବଂ ଆଖିକୁ ଡାଇବେଟିସ୍‌ର ଅନିଷ୍ଟକାରୀ ପ୍ରଭାବରୁ ସୁରକ୍ଷା ଏବଂ ଦୁର୍ବଳତା, ଗ୍ୟାଙ୍ଗ୍ରିନ୍ ଓ ନ୍ୟୁରୋପାଥି ଭଳି ସମସ୍ୟାର ସମାଧାନ ଯୋଗାଇଥାଏ ।




ଆମର ସମସ୍ତ ଔଷଧ ସାରା ଭାରତରେ ପତଞ୍ଜଳି ଷ୍ଟୋର୍ସ ଏବଂ ଅଗ୍ରଣୀ ଷ୍ଟୋର୍ସରେ ଉପଲବ୍ଧ ହୋଇଥାଏ ।
ଉପରୋକ୍ତ ଔଷଧର ଉପଯୋଗ ପ୍ରସ୍ତାବ ମାତ୍ର ଏବଂ ଉପରୋକ୍ତ ରୋଗର ପରିଚାଳନାରେ ଚିକିତ୍ସାର ଏକ ବିକଳ୍ପ ଅଟେ ।
ନିଜ ଇଚ୍ଛା ଅନୁସାରେ ଔଷଧ ସେବନ କରିବାରୁ ବିରତ ରୁହନ୍ତୁ ଏବଂ ସର୍ବଦା ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ଔଷଧ ସେବନ କରନ୍ତୁ ।

Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଅକ୍ଟୋବର, ୨୦୨୨



**ଅଖିଳେଶ ଗୁପ୍ତା ଏସ୍‌ଇଆର୍‌ବି ନୂଆ ସଚିବ**

ବରିଷ୍ଠ ବାୟୁମଣ୍ଡଳ ବିଜ୍ଞାନୀ ଅଖିଳେଶ ଗୁପ୍ତା ଶନିବାର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍‌ଇଆର୍‌ବି)ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ବରିଷ୍ଠ ଉପଦେଷ୍ଟା ଥିବା ଗୁପ୍ତା ଏସ୍‌ଇଆର୍‌ବି ସଚିବ ସନ୍ଦିପ ବର୍ମାଙ୍କ ସ୍ଥାନ ନେଇଛନ୍ତି। ବର୍ମାଙ୍କ କାର୍ଯ୍ୟକାଳ ଶୁକ୍ରବାର ଶେଷ ହୋଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏସ୍‌ଇଆର୍‌ବି ଏକ ବୈଧାନିକ ସଂସ୍ଥା, ଯାହା ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ମୌଳିକ ଗବେଷଣାକୁ ପ୍ରୋତ୍ସାହିତ କରିଥାଏ।

## ସଂକ୍ଷେପରେ

### ୟୁଏନ୍‌ଏସ୍‌ସିର ଆତଙ୍କବାଦ ନିରୋଧୀ କମିଟି ବୈଠକ ମୁମ୍ବାଇରେ ହେବ

**ନୂଆଦିଲ୍ଲୀ,୮।୧୦:** ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଆତଙ୍କବାଦ ନିରୋଧୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଚଳିତ ମାସ ଶେଷ ଭାଗରେ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଯାଉଛି। ମୁମ୍ବାଇରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣ ଘଟଣାର ମୃତକଙ୍କୁ ଏହି ବୈଠକରେ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ଏକ ବିବୃତି ଜାରି କରାଯିବ ବୋଲି କମିଟିର ଅଧକ୍ଷ ରୁଚିରା କାମ୍ବୋଜ୍ କହିଛନ୍ତି। ଚଳିତ ବର୍ଷ ଲାଗି ଭାରତ ୟୁଏନ୍‌ଏସ୍‌ସି ଆତଙ୍କବାଦ ନିରୋଧୀ କମିଟିର ଅଧକ୍ଷ ରହିଛି। ଅକ୍ଟୋବର ୨୮ ଓ ୨୯ରେ କମିଟିର ସ୍ୱତନ୍ତ୍ର ବୈଠକ ମୁମ୍ବାଇ ଏବଂ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ୟୁଏନ୍‌ଏସ୍‌ସିର ୧୫ ସଦସ୍ୟ ରାଷ୍ଟ୍ର ଓ ଅନ୍ୟାନ୍ୟ ସଦସ୍ୟ ଯୋଗଦେବେ।

### ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକିଲା ବନ୍ଦେ ଭାରତ ଏକ୍ସପ୍ରେସ୍

**ନୂଆଦିଲ୍ଲୀ,୮।୧୦:** ନୂତନ ଭାବେ ଚଳାଚଳ କରୁଥିବା ସେମି ହାଇସ୍ପିଡ୍ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ପିଛା ଛାଡୁନି ଦୁର୍ଘଟଣା। କ୍ରମାଗତ ୩ ଦିନ ହେଲା ଏହା ଗୋଟିଏ ପରେ ଗୋଟିଏ ସମସ୍ୟାର ସମ୍ମୁଖୀନ ହେଉଛି। ଗାନ୍ଧୀନଗରରୁ ମୁମ୍ବାଇ ମଧ୍ୟରେ ଚଳାଚଳ କରୁଥିବା ଏହି ଟ୍ରେନ୍ ଗୁରୁବାର ଏକ ମଇଁଷି ପଲଙ୍କୁ ଧକ୍କା ଦେବାରୁ ଏହାର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ଶୁକ୍ରବାର ଉକ୍ତ ଟ୍ରେନ୍ ଗୁଜରାଟର ଆନନ୍ଦ ଷ୍ଟେଶନରେ ଗୋଟିଏ ଗାଈକୁ ଧକ୍କା ଦେଇଥିଲା। ଶନିବାର ନୂଆଦିଲ୍ଲୀ-ବାରାଣସୀ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ସି-୮ କୋଚ୍‌ର ଟ୍ରାକ୍ସନ ମୋଟରରେ ବେରିଂ ଜାମ୍ ହୋଇଯିବାରୁ ଟ୍ରେନ୍‌ଟି ଆଉ ଗଡ଼ି ନ ଥିଲା। ବେରିଂ ଜାମ୍ ସମସ୍ୟାର ସମାଧାନ କରାଯାଇଥିଲେ ମଧ ଫ୍ଲାଟ୍ ଟାୟାର ଯୋଗୁ ଏହାର ଯାତ୍ରୀମାନଙ୍କୁ ଶତାବ୍ଦୀ ଏକ୍ସପ୍ରେସ୍‌ରେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ରେକ୍‌କୁ ମେଣ୍ଟେନାନ୍ସ ଡିପୋକୁ ନିଆଯିବା ପରେ ତ୍ରୁଟିର ସବିଶେଷ ତଦନ୍ତ କରାଯିବ ବୋଲି ଉତ୍ତରକେନ୍ଦ୍ରୀୟ ରେଳୱେର ଜଣେ ଅଧିକାରୀ କହିଛନ୍ତି।

### ସତ୍ୟପାଲ ମଲ୍ଲିକଙ୍କୁ ସିବିଆଇ ଜେରା

**ନୂଆଦିଲ୍ଲୀ,୮।୧୦:** ସତ୍ୟପାଲ ମଲ୍ଲିକ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିବାବେଳେ ଦୁଇଟି ଫାଇଲ୍‌କୁ ମଞ୍ଜୁରୀ ପ୍ରଦାନ ଲାଗି ତାଙ୍କୁ ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯାଇଥିବା ସେ ଅଭିଯୋଗ କରିଥିଲେ। ସରକାରୀ କର୍ମଚାରୀମାନଙ୍କ ଲାଗି ଏକ ଗ୍ରୁପ୍ ଇନ୍ସ୍ୟୁରାନ୍ସ ସ୍କିମ୍ ଏବଂ



୨,୨୦୦ କୋଟି ଟଙ୍କାର କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ କାମ ଠିକା ଦେବା ପାଇଁ ଏହି ଲାଞ୍ଚ ଯଚାଯାଇଥିଲା। ଏହି ଘଟଣାରେ ତାଙ୍କର ସମ୍ପୃକ୍ତିକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସତ୍ୟପାଲଙ୍କୁ ପଚରାଉଚରା କରିଛି। ସତ୍ୟପାଲ ୨୦୧୮ ଅଗଷ୍ଟ ୨୩ରୁ ୨୦୧୯ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିଲେ। ପରେ ତାଙ୍କୁ ମେଘାଳୟ ରାଜ୍ୟପାଳ କରି ପଠାଯାଇଥିଲା। ତାଙ୍କ ଅଭିଯୋଗ ଆଧାରରେ ସିବିଆଇ ଗତ ଏପ୍ରିଲରେ ୨ଟି ଏତଲା ଦାଏର କରିଥିଲା। ଗତ ୪ ତାରିଖରେ ସତ୍ୟପାଲଙ୍କ ୫ ବର୍ଷୀୟା କାର୍ଯ୍ୟକାଳ ଶେଷ ହେବା ପରେ ସିବିଆଇ ତାଙ୍କୁ ଜେରା କରିଛି।

# ବିସ୍ଫୋରଣରେ ଭୁଶୁଡ଼ିଲା କ୍ରିମିଆ ବ୍ରିଜ୍

## ରୁଷିଆକୁ ଯୋଡୁଥିଲା ୟୁରୋପର ଏହି ଦୀର୍ଘତମ ପୋଲ



**ଖର୍କିଭ୍, ୮।୧୦**

### ଏହା ଆରମ୍ଭ ମାତ୍ର: ୟୁକ୍ରେନ୍

କ୍ରିମିଆ ଉପଦ୍ୱୀପକୁ ମସ୍କୋ କବଳରୁ ମୁକ୍ତ କରିବା ଲକ୍ଷ୍ୟରେ ଆଗେଇଥିବା ୟୁକ୍ରେନ୍ ସୈନ୍ୟ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଶକ୍ତ ଝଟକା ଦେଇଛନ୍ତି। ଏହି ଉପଦ୍ୱୀପ ସହ ରୁଷିଆକୁ ଯୋଡୁଥିବା ପ୍ରମୁଖ ପୋଲ କେରେଚ୍ ବ୍ରିଜ୍‌ରେ ଶନିବାର ବିସ୍ଫୋରଣ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୟୁରୋପର ଏହି ଦୀର୍ଘତମ ବ୍ରିଜ୍‌ର ଏକ ବଡ଼ ଅଂଶ ଭାଙ୍ଗି ସମୁଦ୍ରରେ ଖସିପଡ଼ିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ରୁଷିଆ ପକ୍ଷରୁ କୁହାଯାଇଛି। ଏକ ପେଟ୍ରୋଲ ବୋଝେଇ ଟ୍ରେନ୍‌ରେ ବ୍ଲାଷ୍ଟ ହେବା ଯୋଗୁ ପୋଲ ନିକଟରେ ଥିବା ରେଲ୍‌ୱେ ଲାଇନରେ ମଧ ପରିବହନ ବନ୍ଦ ହୋଇଯାଇଛି। କିଭ୍ ସୈନ୍ୟ ଏହି ପୋଲକୁ କ୍ଷତିଗ୍ରସ୍ତ କରି ରୁଷିଆ ଏବଂ କ୍ରିମିଆ ମଧ୍ୟରେ ସ୍ଥଳଭାଗ ସଂଯୋଗକୁ ଏକପ୍ରକାର ବନ୍ଦ କରିଦେଇଛନ୍ତି। କେବଳ ଏତିକି ନୁହେଁ ୧୯ କିଲୋମିଟର ଲମ୍ବର ଏହି ବ୍ରିଜ୍ ଭାଙ୍ଗିଯିବା ଫଳରେ ୟୁକ୍ରେନ୍‌ରେ ଯୁଦ୍ଧ କରୁଥିବା ରୁଷୀୟ ସୈନିକଙ୍କ ନିକଟକୁ ଅସ୍ତ୍ରଶସ୍ତ୍ର, ଯୁଦ୍ଧ ସାମଗ୍ରୀ ଓ ଇନ୍ଧନ ଯୋଗାଣର ଏକ ପ୍ରମୁଖ ରାସ୍ତା ବନ୍ଦ ହୋଇଯାଇଛି। ଫଳରେ କ୍ରିମିଆରେ ରୁଷିଆ ସୈନ୍ୟଙ୍କ ଉପସ୍ଥିତି ପୂର୍ବ ଭଳି ବଜାୟ ରଖିବା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପାଇଁ ଚାଲେଞ୍ଜ ପାଲଟିଛି।

୧୯୯୧ରେ ସୋଭିଏଟ୍ ସଂଘଠାରୁ ଅଲଗା ହୋଇ ସ୍ୱତନ୍ତ୍ର ଦେଶ ପାଲଟିଥିବା ୟୁକ୍ରେନ୍‌ର ଅଂଶବିଶେଷ ଥିଲା କ୍ରିମିଆ ଉପଦ୍ୱୀପ। ହେଲେ ୨୦୧୪ରେ ରୁଷିଆ ସେଠାରେ ଆକ୍ରମଣ କରି ଜବରଦସ୍ତି ଏହି ଦ୍ୱୀପକୁ କବ୍‌ଜା କରି ରଖିଛି। ଗତ ଫେବୃୟାରୀ ୨୪ରୁ ରୁଷିଆ ସାମରିକ ଅଭିଯାନ ନାଁରେ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିବା ସହ ପୂର୍ବ ୟୁକ୍ରେନ୍‌ର ଡୋନେସ୍କ, ଲୁହାନ୍‌ସ୍କ, ଜାପୋରିଝିଆ, ଖେରସନ୍‌କୁ ନିଜ ଭୂଖଣ୍ଡରେ ସାମିଲ କରାଯାଇଥିବା ରାଷ୍ଟ୍ରପତି ପୁଟିନ୍ ଘୋଷଣା କରିସାରିଛନ୍ତି। ସେଠାରୁ ରୁଷିଆ ସୈନ୍ୟଙ୍କୁ ଘଉଡ଼ାଇବା ପାଇଁ ୟୁକ୍ରେନ୍ ପ୍ରତିଆକ୍ରମଣ ଆରମ୍ଭ କରିଛି। ଏପରିକି କେତେକ ସହର ଓ ଗାଁକୁ ରୁଷିଆ କବଳରୁ ମୁକ୍ତ ମଧ କରିପାରିଛି। କ୍ରିମିଆକୁ ମଧ ମସ୍କୋ କବଳରୁ ମୁକୁଳାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ୟୁକ୍ରେନ୍ ରାଷ୍ଟ୍ରପତି ଏବେ ପୁଟିନ୍‌ଙ୍କ ଉପରେ ଭାରି ପଡ଼ିଛନ୍ତି। ୨୦୧୮ରେ ପୁଟିନ୍ ପ୍ରାୟ ୪ ବିଲିୟନ ଡଲାର ବ୍ୟୟରେ ନିର୍ମିତ କେରେଚ୍ ବ୍ରିଜ୍‌ର ଉଦ୍‌ଘାଟନ କରିଥିଲେ। ଏହା ତ ଆରମ୍ଭ ମାତ୍ର। ସେଠାରେ ସମସ୍ତ ନିର୍ମାଣ ବେଆଇନ ଏବଂ ସେସବୁକୁ ନଷ୍ଟ କରାଯିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଜଣେ ବରିଷ୍ଠ ପରାମର୍ଶଦାତା ମାଖାଇଲୋ ପୋଡୋଲୋୟକ୍ କହିଛନ୍ତି। ରୁଷିଆ ଏହାର ତଦନ୍ତ ଆରମ୍ଭ କରିଛି। ଯଦି ୟୁକ୍ରେନ୍ ଏହି ବ୍ରିଜ ନଷ୍ଟ କରିଥିବା ଜଣାପଡ଼େ ତେବେ ପରିଣାମ ଭୟଙ୍କର ହେବ ବୋଲି କ୍ରେମଲିନ୍ ପକ୍ଷରୁ କୁହାଯାଇଛି।

### ଯୋଗଦେବାକୁ ରାଜି ପୁଟିନ୍, ଜେଲେନ୍‌ସ୍କି

**ଜି-୨୦ ସମ୍ମିଳନୀ**

ନଭେମ୍ବର ୧୫-୧୬ରେ ଇଣ୍ଡୋନେସିଆର ବାଲିରେ ହେବାକୁ ଥିବା ଜି-୨୦ ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି ଯୋଗ ଦେବାକୁ ରାଜି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ହୁସିନ୍ ବାଗିସ୍ ଏକ ସାକ୍ଷାତ୍‌କାରରେ ଏ ନେଇ ସୂଚନା ଦେଇଛନ୍ତି। ଯଦି ପୁଟିନ୍ ଏବଂ ଜେଲେନ୍‌ସ୍କି ବାଲି ଯାଆନ୍ତି, ତେବେ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଯୁଦ୍ଧପରଠାରୁ ପ୍ରଥମ କରି ଏହି ଦୁଇ ନେତା ଗୋଟିଏ ମଞ୍ଚରେ ଉପସ୍ଥିତ ହେବେ। ଯୁଦ୍ଧ ଯୋଗୁ ପରିସ୍ଥିତି ସହଜ ହେବ ନାହିଁ। କୌଣସି ବିବାଦ ସୃଷ୍ଟି ନ କରି ପୁଟିନ୍ ଓ ଜେଲେନ୍‌ସ୍କି ଦୁଇ ହୋଟେଲରେ କିପରି ସୁରକ୍ଷିତ ରହିପାରିବେ ତାହାର ବ୍ୟବସ୍ଥା କରାଯିବା ଉପରେ ଚିନ୍ତା କରାଯାଉଛି ବୋଲି ବାଗିସ୍ କହିଛନ୍ତି। ତେବେ ରୁଷିଆ କିମ୍ବା ୟୁକ୍ରେନ୍ ପକ୍ଷରୁ ଏହା ଉପରେ କୌଣସି ପ୍ରତିକ୍ରିୟା ରଖାଯାଇନାହିଁ।

## ବସ୍‌ରେ ନିଆଁ ଲାଗି ୧୨ ମୃତ



**ନାସିକ,୮।୧୦**

ମହାରାଷ୍ଟ୍ରର ନାସିକ ଜିଲା ଅନ୍ତର୍ଗତ ଔରଙ୍ଗାବାଦ ରୋଡ୍‌ରେ ଶନିବାର ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗି ୧୨ ଜଣ ଯାତ୍ରୀଙ୍କର ମୃତ୍ୟୁ ହେବା ସହ ଅନ୍ୟ ୪୩ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ବର୍ଷର ଶିଶୁ ରହିଛି। ୟାଭାତମାଲ୍‌ରୁ ମୁମ୍ବାଇ ଯାଉଥିବା ଉକ୍ତ ଘରୋଇ ବସ୍‌ଟି ଭୋର ୫ଟା ୧୫ରେ ନାସିକ-ଔରଙ୍ଗାବାଦ ଜାତୀୟ ରାଜପଥରେ ଏକ ଟ୍ରେଲରକୁ ଧକ୍କା ଦେବା ପରେ ନିଆଁ ଲାଗିଯାଇଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ମୃତକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ସମେତ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେହିପରି ମହାରାଷ୍ଟ୍ର ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳ ଓ ଜିଲା ସିଭିଲ ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ଦୁର୍ଘଟଣାର କାରଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବାୟୁସେନାରେ ହେବ ଅସ୍ତ୍ର ବ୍ୟବସ୍ଥା ଶାଖା

**ଚଣ୍ଡିଗଡ଼,୮।୧୦(ପି.ଟି.)**

ଭାରତୀୟ ବାୟୁସେନାର ଅଫିସରମାନଙ୍କ ପାଇଁ ଅସ୍ତ୍ର ବ୍ୟବସ୍ଥା ଶାଖା ଗଠନ ହେବ। କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ଉଡ଼ାଣ ପ୍ରଶିକ୍ଷଣରେ ୩,୪୦୦ କୋଟି ଟଙ୍କା ସଞ୍ଚୟ ହୋଇପାରିବ ବୋଲି ଏୟାର ଚିଫ୍ ମାର୍ଶାଲ ବିବେକ ରାମ ଚୌଧରୀ ଶନିବାର କହିଛନ୍ତି। ଆସନ୍ତାବର୍ଷରୁ ବାୟୁସେନାରେ ମହିଳା ଅଗ୍ନିବୀରଙ୍କୁ ନିଯୁକ୍ତି ଦିଆଯିବ ବୋଲି ଚଣ୍ଡିଗଡ଼ରେ ବାୟୁସେନାର ୯୦ତମ ବାର୍ଷିକୀ ପାଳନ ଅବସରରେ ଏୟାର ଚିଫ୍ ମାର୍ଶାଲ ଘୋଷଣା କରିଛନ୍ତି। କୌଣସି ଗୋଟିଏ ବାହିନୀ ଏକାକୀ ଯୁଦ୍ଧ ଜିତିପାରେ ନାହିଁ। ତେଣୁ ୩ ବାହିନୀ ମଧ୍ୟରେ ସମନ୍ୱୟ ବଢ଼ାଇବା ପାଇଁ ଉଦ୍ୟମ ହେଉଥିବା ସେ କହିଛନ୍ତି।

ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ବାୟୁସେନାରେ ଏକ ୱେପନ୍ ସିଷ୍ଟମ ଶାଖା ଖୋଲିବାକୁ ଯାଉଛି। ଏଥିରେ ବିଭିନ୍ନ କ୍ଷେପଣାସ୍ତ୍ର, ରିମୋଟ ପାଇଲଟିଂ ଏୟାରକ୍ରାଫ୍ଟ ଉପରେ ସ୍ୱତନ୍ତ୍ର ତାଲିମଧାରୀ ସାମିଲ ହେବେ ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ୯୦ତମ ବାୟୁସେନା ଦିବସ ଅବସରରେ ଏହାର ଯବାନମାନଙ୍କୁ ନୂଆ ଲଢୁଆ ୟୁନିଫର୍ମ ମିଳିଛି। ଏହି ଡିଜିଟାଲ କେମୁଫ୍ଲାଗ୍ ୟୁନିଫର୍ମକୁ ବାୟୁସେନା ମୁଖ୍ୟ ଅନାବରଣ କରିଥିଲେ। ଏହା ବର୍ତ୍ତମାନର ୟୁନିଫର୍ମଠାରୁ ଭିନ୍ନ, ଯେଉଁଥିରେ ପିକ୍ସେଲେଟେଡ୍ ଡିଜାଇନ୍ ରହିଛି। ବିଶ୍ୱର ଅଧିକାଂଶ ଦେଶରେ ସୈନ୍ୟବାହିନୀ ଡିଜିଟାଲ କେମୁଫ୍ଲାଗ୍ ୟୁନିଫର୍ମ ପ୍ରଚଳନ କରିଛନ୍ତି। ସବୁ ପ୍ରକାର ପାଗରେ ଏହା ଯବାନମାନଙ୍କ ପାଇଁ ଅଧିକ ନମନୀୟ ଓ ସୁବିଧାଜନକ ହେବ।



**ଏୟାରଫୋର୍ସକୁ ମିଳିଲା ନୂଆ ୟୁନିଫର୍ମ**

## ଫଳ କଣ୍ଟେନରରେ ୫୦୨ କୋଟିର କୋକେନ୍

**ମୁମ୍ବାଇ/ ଅହମଦାବାଦ,୮।୧୦**

ନଭି ମୁମ୍ବାଇ ନିକଟବର୍ତ୍ତୀ ନାଭା ଶେଭା ବନ୍ଦରରେ ଥିବା ଏକ ଫଳ କଣ୍ଟେନରରୁ ୫୦ କେଜିରୁ ଊର୍ଦ୍ଧ୍ୱ କୋକେନ୍ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଜବତ କରିଛି। ଏହାର ମୂଲ୍ୟ ୫୦୨ କୋଟି ଟଙ୍କା। ଦକ୍ଷିଣ ଆଫ୍ରିକାରୁ ଏହି ବନ୍ଦରକୁ କୋକେନ୍ ଆସୁଥିବା ସୂଚନା ପାଇ ଡିଆର୍‌ଆଇର ମୁମ୍ବାଇ ଶାଖା ପକ୍ଷରୁ ଚଢ଼ାଉ କରାଯାଇଥିଲା। କଣ୍ଟେନରଗୁଡ଼ିକରୁ କୋକେନ୍ ବ୍ରିକ୍ସ ମିଳିଥିଲା। ପ୍ରତି ବ୍ରିକ୍ସର ଓଜନ ପ୍ରାୟ ଏକ କିଲୋଗ୍ରାମ। ସେଓ ପେଟି ତଳେ ସେଗୁଡ଼ିକୁ ଲୁଚାଇ ରଖାଯାଇଥିଲା।

ଅନ୍ୟ ଏକ ଘଟଣାରେ ତଟସୁରକ୍ଷା ବାହିନୀ ଏବଂ ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍) ଏକ ପାକିସ୍ତାନୀ ବୋଟ୍‌ରୁ ୩୬୦ କୋଟି ଟଙ୍କାର ହେରୋଇନ୍ ଜବତ କରିଛି। ଆରବ ସାଗରରେ ଆସୁଥିବା ଅଲ୍ ସକର ନାମକ ଏହି ବୋଟ୍‌ରେ ୫୦ କିଲୋଗ୍ରାମ ହେରୋଇନ୍ ରହିଥିଲା। ବୋଟ୍‌ର ୬ ଜଣ କର୍ମଚାରୀଙ୍କୁ ଗୁଜରାଟର ଜଖାଉ ବନ୍ଦରକୁ ଅଣାଯାଇ ତଦନ୍ତ ଜାରି ରହିଛି।

## ବାଲ୍ୟବିବାହ: ଆଗରେ ଝାଡ଼ଖଣ୍ଡ

**ନୂଆଦିଲ୍ଲୀ,୮।୧୦**

ଗୁଣିଗାରେଡ଼ିକୁ ନେଇ ହତ୍ୟା ପାଇଁ ନିନ୍ଦିତ ଝାଡ଼ଖଣ୍ଡ ଆଉ ଏକ ଅପଖ୍ୟାତି ମୁଣ୍ଡାଇଛି। ଏହି ରାଜ୍ୟରେ ସର୍ବାଧିକ ଝିଅ କମ୍ ବୟସରେ ବିବାହ କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଦ୍ୟ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ମନ୍ତ୍ରଣାଳୟ ଅଧୀନରେ ଥିବା ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟ ଏବଂ ଜନସଂଖ୍ୟା ଆୟୁକ୍ତଙ୍କ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ସାବାଳିକା ହେବା ପୂର୍ବରୁ ଝାଡ଼ଖଣ୍ଡରେ ସର୍ବାଧିକ ୫.୮% ଝିଅ ବିବାହ କରୁଥିବା ଉକ୍ତ ସର୍ଭେ ରିପୋର୍ଟରେ କୁହାଯାଇଛି। ୧୮ ବର୍ଷରୁ କମ୍ ବୟସରେ ବିବାହ କରୁଥିବା ଝିଅଙ୍କ ହାର ଜାତୀୟ ସ୍ତରରେ ୧.୯% ରହିଥିବାବେଳେ କେରଳରେ ନାବାଳିକା ବିବାହ ଆଦୌ ନାହିଁ। ତେବେ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ହାର ୭.୩% ଥିବାବେଳେ ସହରାଞ୍ଚଳରେ ୩% ରହିଛି।

ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ୫୦%ରୁ ଊର୍ଦ୍ଧ୍ୱ ଝିଅ ୨୧ ବର୍ଷରେ ପହଞ୍ଚିବା ପୂର୍ବରୁ ବିବାହ କରୁଛନ୍ତି। ଜାତୀୟ ସ୍ତରରେ ଏହି ହାର ୨୯.୫% ରହିଥିବାବେଳେ ପଶ୍ଚିମବଙ୍ଗରେ ୫୪.୯% ଏବଂ ଝାଡ଼ଖଣ୍ଡରେ ୫୪.୬% ରହିଛି।

## ପୁରୁଷ ବିବାହିତ ଜାଣି ସମ୍ପର୍କ ରଖିଥିଲେ ବଳାତ୍କାର ଅଭିଯୋଗ ଗ୍ରହଣୀୟ ନୁହେଁ

**କୋଚି,୮।୧୦**

### କେରଳ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ





ପୁରୁଷ ବିବାହିତ ଥିବା ଜାଣି ମଧ ମହିଳା ଯଦି ତାଙ୍କ ସହ ଯୌନ ସମ୍ପର୍କ ଜାରି ରଖିଥାନ୍ତି, ତେବେ ମିଥ୍ୟା ବିବାହ ପ୍ରତିଶ୍ରୁତିରେ ବଳାତ୍କାର ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ ବୋଲି କେରଳ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯୋଡ଼ିଙ୍କ ମଧ୍ୟରେ ଏଭଳି ଯୌନ ସମ୍ପର୍କକୁ କେବଳ ପ୍ରେମ ଓ ଆବେଗ କୁହାଯିବ, କିନ୍ତୁ ବିବାହ ପାଇଁ ମିଥ୍ୟା ପ୍ରତିଶ୍ରୁତି ଆଧାରିତ ବୋଲି କୁହାଯିବ ନାହିଁ। ଜଷ୍ଟିସ୍ କୌସେର ଏଡ଼ାଗାପାଥ୍‌ଙ୍କ ଖଣ୍ଡପୀଠ ଏଭଳି ରାୟ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ମହିଳା ଜଣକ ୨୦୧୦ରୁ ଆବେଦନକାରୀଙ୍କ ସହ ଯୌନ ସମ୍ପର୍କ ରଖିଥିଲେ। ପୁରୁଷ ଜଣକ ବିବାହିତ ବୋଲି ସେ ୨୦୧୩ରେ ଜାଣିବାକୁ ପାଇଲେ। ଏହା ସତ୍ତ୍ୱେ ସେ ତାଙ୍କ ସହ ୨୦୧୯ ପର୍ଯ୍ୟନ୍ତ ଯୌନ ସମ୍ପର୍କ ଜାରି ରଖିଥିଲେ ବୋଲି ସ୍ୱୀକାର କରିଛନ୍ତି। ତେଣୁ ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ପୁରୁଷ ଜଣକ ଯୌନ ସମ୍ପର୍କ ରଖିଥିବା ଅଭିଯୋଗକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିବାହ ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିବା ପରେ ଯଦି ପ୍ରତିଶ୍ରୁତି ଭଙ୍ଗ କରାଯାଏ, ତେବେ ଆଇପିସିର ଧାରା ୩୭୬ରେ ବଳାତ୍କାର ମାମଲା ରୁଜୁ ହୋଇପାରିବ। ଏଠାରେ ମହିଳା ଜଣକ ପୁରୁଷଙ୍କୁ ବିବାହିତ ଜାଣି ମଧ ସମ୍ପର୍କ ରଖିଥିବାରୁ ଏଠାରେ ମିଥ୍ୟା ବିବାହ ପ୍ରତିଶ୍ରୁତିର ଆଳ ଦେଖାଯାଇପାରିବ ନାହିଁ। ଆବେଦନକାରୀଙ୍କ ବିରୋଧରେ ଆଇପିସିର ଧାରା ୩୭୬ ସମେତ, ୪୦୬ ଏବଂ ୪୨୦ରେ ରୁଜୁ ହୋଇଥିବା ମାମଲା ଖାରଜ କରିଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।



ଧରିତ୍ରୀ
DHARITRI



# ବିଲୁପ୍ତି ପଥେ ମୂଷାନଈ

ଏକଦା ପୁରୀର ଜୀବନରେଖା କୁହାଯାଉଥିବା ମୂଷାନଈ ବିଲୁପ୍ତ ହେବାକୁ ବସିଲାଣି। ଜବରଦଖଲ ଓ ବେଆଇନ କୋଠାବାଡ଼ି ନିର୍ମାଣ ଯୋଗୁ ଏହା ସଙ୍କୁଚିତ ହୋଇ ଏବେ ଏକ କ୍ଷୁଦ୍ର ଜଳାଶୟ ପାଲଟିଛି। ମୂଷାନଈର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଶ୍ରୀଜଗନ୍ନାଥ ହେରିଟେଜ୍ କରିଡର(ଏସ୍‌ଜେଏଚ୍‌ସି) ଅଧୀନରେ ସ୍ଥିର କରାଯାଇଥିଲା। ଏପରି କି ଅଗ୍‌ମେଣ୍ଟେଶନ୍ ଅଫ୍ ବେସିକ୍ ଆମେନିଟିଜ୍ ଆଣ୍ଡ୍ ଡେଭେଲପମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ୍ ଆର୍କିଟେକ୍ଚର (ଅବଢ଼ା) ଯୋଜନାରେ ୨୫୦ କୋଟି ଟଙ୍କା ବ୍ୟୟରେ ମୂଷା ରିଭରଫ୍ରଣ୍ଟକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୧ ନଭେମ୍ବର ୧୫ରେ ଏହାର ପ୍ରଥମ ପର୍ଯ୍ୟାୟ ଉନ୍ନତୀକରଣ ବ୍ଲୁପ୍ରିଣ୍ଟ ଜାରି କରାଯାଇଥିଲା। ଉକ୍ତ ବ୍ଲୁପ୍ରିଣ୍ଟ ଅନୁସାରେ ନଈ ଦୁଇପାର୍ଶ୍ୱରେ ୪୬ ଏକର ଜମି ଅଧିଗ୍ରହଣ କରାଯିବା କଥା। କିନ୍ତୁ ପୁରୀ ଜିଲା ପ୍ରଶାସନ ୱେବ୍‌ସାଇଟରେ ପ୍ରଦତ୍ତ ତଥ୍ୟାନୁସାରେ ଅଦ୍ୟାବଧି ମାତ୍ର ୧୪ ଏକର ୨୮୨ ଡେସିମିଲ ଜାଗା ଅଧିଗ୍ରହଣ କରାଯାଇଛି। ଇଚ୍ଛାଶକ୍ତିର ଅଭାବ ଅଗ୍ରଗତିରେ ବାଧକ ସାଜିଥିବା କୁହାଯାଉଛି।



ପୁରୀ ମୂଷାନଈ ପଠା ହୁଲୁହୁଲିଆ ପୋଲ ନିକଟରେ ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଛି।

**ଦତ୍ତାତ୍ରେୟ ନାୟକ**

**ପୁରୀ ଅଫିସ, ୮।୧୦**

ଦିନ ଥିଲା ଶ୍ରୀକ୍ଷେତ୍ର ପୁରୀର ପ୍ରମୁଖ ଜଳଉତ୍ସ ତଥା ଜୀବନରେଖା ଭାବେ ପରିଚିତ ଥିଲା ଐତିହ୍ୟସମ୍ପନ୍ନ ମୂଷାନଈ। ଏହା ଏବେ ଜମି ମାଫିଆଙ୍କ କବଳରେ ପଡ଼ି ନିଜ ଅସ୍ତିତ୍ୱ ହରାଇବାକୁ ବସିଲାଣି। ହୁଲୁହୁଲିଆ ପୋଲ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଜବରଦଖଲ ହେବା ଫଳରେ ମୂଷାନଈ ସଙ୍କୁଚିତ ହୋଇଗଲାଣି। ନଦୀ ପ୍ରବାହିତ ହେବା ପାଇଁ ଖାଲି ସ୍ଥାନ ନ ଥିବାରୁ ଏହା କ୍ରମଶଃ ପୋତି ହୋଇପଡୁଛି। ସମ୍ପୃକ୍ତ ଅଞ୍ଚଳରେ ବଢ଼ିଚାଲିଥିବା

## ଯୋଜନା ଥାଇ ପୁନରୁଦ୍ଧାର ହେଉନି

- ଦଳ କାଢ଼ିବାକୁ ୫ କୋଟି ଖର୍ଚ୍ଚ, ଫଳ ଶୂନ
- ଜବରଦଖଲ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

ଜବରଦଖଲ ଅଭିଯୋଗ ପ୍ରଶାସନ ପାଖରେ ପହଞ୍ଚୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ।

ମୂଷାନଈର ପ୍ରଥମ ନାମ ଥିଲା ଅଠରନଳା ନଦୀ। ଅଠରନଳାର ଐତିହ୍ୟ ମଧ୍ୟରେ ମୂଷାନଈ ସାମିଲ। ଭାର୍ଗବୀ ନଦୀର ଶାଖାନ୍ତ ମୂଷାନଈ ହୁଲୁହୁଲିଆ ପୋଲ ଦେଇ ଅଠରନଳା ତଳେ ଯାଇ ମଙ୍ଗଳା ନଦୀରେ ମିଶିଥିଲା। ମୂଷାନଈ ପୁରୀ ସହରର ଜଳ ନିଷ୍କାସନ ବ୍ୟବସ୍ଥାର ଏକ ପ୍ରମୁଖ ଭାଗ ଥିଲା। ତୀର୍ଥ ପୁଷ୍କରିଣୀ ନରେନ୍ଦ୍ର ପୋଖରୀ ମଧ୍ୟ ମୂଷାନଈ ଉପରେ ନିର୍ଭରଶୀଳ ଥିଲା। ମୂଷାନଈ ଓ ନରେନ୍ଦ୍ର ପୋଖରୀ ଭିତରେ ଏକ ବାଟ ରହିଥିଲା। ନରେନ୍ଦ୍ର ପୋଖରୀରେ ଜଳସ୍ତର ଅଧିକ ହେଲେ ପାଣି ସ୍ୱତଃ ମୂଷାନଈକୁ ନିଷ୍କାସିତ ହୋଇଯାଉଥିଲା। ସେହିଭଳି ପୁରୀ ସହରର ଗୋଟିଏ ☞ପୃଷ୍ଠା–୨

## ରାଜ୍ୟରେ ୫ ବର୍ଷରେ ୨୦ ହଜାର ମାନବାଧିକାର ଉଲ୍ଲଂଘନ ମାମଲା

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୧-୨୨ ଆର୍ଥିକବର୍ଷ ଶେଷ ସୁଦ୍ଧା ଓଏଚ୍‌ଆର୍‌ସିରେ ୧୭,୪୧୮ଟି ମାନବିକ ଅଧିକାର ଉଲ୍ଲଂଘନ ମାମଲା ରୁଜୁ ହୋଇଛି। ଗତ ୫ ବର୍ଷରେ ରାଜ୍ୟରେ ☞ପୃଷ୍ଠା–୨




## ୯ବର୍ଷର ପୁତୁରାଙ୍କୁ ଚେଙ୍କ

**କଟକ ଅଫିସ, ୮।୧୦**

- କାମ ନ କରିବାରୁ ଦିଆଯାଉଥିଲା ନିର୍ଯାତନା
- ମାମଲା ରୁଜୁ, ଅଭିଯୋଗ ଖଣ୍ଡନ କଲେ ଖୁଡ଼ୀ

ମା'ଙ୍କ ଅକାଳ ବିୟୋଗ ପରେ ବାପା ୨ୟ ବିବାହ କଲେ। ହେଲେ ସେମାନଙ୍କଠାରୁ ଠିକ୍‌ରେ ଯତ୍ନ ନ ପାଇବାରୁ ଦାଦାଖୁଡ଼ୀଙ୍କୁ ଭରସା କଲେ। ସେମାନେ ମଧ୍ୟ ନିଷ୍ଠୁର ହୋଇଗଲେ। ପାଠପଢ଼ା ବୟସରେ କାମ ନ କରିବାରୁ ୯ବର୍ଷୀୟ ପୁତୁରାଙ୍କୁ ଦାଦାଖୁଡ଼ୀ ବେଲ୍‌ଟରେ ମାରିବା ସହ ଚେଙ୍କ ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ନାବାଳକଙ୍କ ଅଜା ଏବଂ ଆଇ ଜାଣିବା ପରେ ମର୍କତନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ଆଇପିସି ଦଫା ୩୨୩,୩୨୪,୫୦୬, ୩୪ ଏବଂ ଜୁଭେନାଇଲ୍ ଜଷ୍ଟିସ ଆକ୍ଟର ଦଫା ୨୬ରେ ସମ୍ପୃକ୍ତ ଦାଦା ଓ ଖୁଡ଼ୀଙ୍କ ବିରୋଧରେ ଏକ ମାମଲା(ନଂ.୧୯୦/୨୦୨୨) ରୁଜୁ କରିଛି। ତଦନ୍ତ ଆରମ୍ଭ ହୋଇଛି, ସମ୍ପୃକ୍ତ ନାବାଳକଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କରାଯିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ ଢେଙ୍କାନାଳ ଅଞ୍ଚଳର ଜଣେ ନାବାଳକଙ୍କ ମା'ଙ୍କ ୪ବର୍ଷ ତଳେ ମୃତ୍ୟୁ ଘଟିଥିଲା। ମା'ଙ୍କ ମୃତ୍ୟୁ ପରେ ସେ ବାପା ଏବଂ ସାବତ ମା'ଙ୍କ ନିକଟରେ ରହୁଥିଲେ। ହେଲେ ସେଠାରେ ବାପା ଏବଂ ସାବତ ମା'ଙ୍କ ମଧ୍ୟରେ ଝଗଡ଼ା ହେବାରୁ ଗତ ମାର୍ଚ୍ଚ ମାସରେ କଟକ ସିଡିଏ ସେକ୍ଟର-୬ ଅଞ୍ଚଳରେ ରହୁଥିବା ନାବାଳକଙ୍କ ଦାଦା ଓ ଖୁଡ଼ୀ ତାଙ୍କୁ ପାଠପଢ଼ାଇବା ପାଇଁ ନିଜ ପାଖକୁ ଆଣିଥିଲେ। ତେବେ ପାଠ ପଢ଼ାଇବା ବଦଳରେ ସେମାନେ ନାବାଳକଙ୍କୁ ବିଭିନ୍ନ କାମରେ ନିୟୋଜିତ କରୁଥିଲେ। କାମ ନ କଲେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ନିକଟରେ ଦାଦା ଖୁଡ଼ୀ ମିଶି ତାଙ୍କୁ ଚେଙ୍କ ଦେବା ସହ ବେଲ୍ଟରେ ମାଡ଼ ମାରିଥିଲେ। ଦଶହରାରେ ନାବାଳକ ଜଣକ ଅଜାଙ୍କ ଘରକୁ ବୁଲିବାକୁ ଯାଇଥିବାବେଳେ ଚେଙ୍କ ଦାଗ ଶରୀରରେ ଦେଖି କେମିତି ହେଲା ବୋଲି ପଚାରିଥିଲେ। ଏହା ପରେ ନାବାଳକ ଜଣକ ସବୁକଥା ଅଜାଆଇଙ୍କ ନିକଟରେ ବର୍ଣ୍ଣନା କରିଥିଲେ। ☞ପୃଷ୍ଠା–୨

## ୨ ନକ୍ଷତ୍ରପୁଞ୍ଜୀ ଧକ୍କା ହୋଇପାରେ



### ନାସାର ହବଲ୍ ଟେଲିସ୍କୋପ୍‌ରେ ବିରଳ ଦୃଶ୍ୟ

**ୱାଶିଂଟନ୍, ୮।୧୦**

ଆମେରିକୀୟ ମହାକାଶ ଗବେଷଣା ଏଜେନ୍ସି ନାସାର ହବଲ୍ ଟେଲିସ୍କୋପ୍ ପରସ୍ପରର ସାମ୍ନାରେ ଥିବା ନକ୍ଷତ୍ରପୁଞ୍ଜୀ ଯୋଡ଼ିର ବିସ୍ମୟକର ଚିତ୍ର ଉତ୍ତୋଳନ କରିଛି। ଏହି ଗ୍ୟାଲେକ୍ସି ଯୋଡ଼ିର ନାମ ଏଆର୍‌ପି-ମାଡୋର ୬୦୮-୩୩୩ ରଖାଯାଇଛି। ଟେଲିସ୍କୋପ ଫଟୋରେ ଆକାଶଗଙ୍ଗା ଦ୍ୱୟ ଭାସମାନ ଅବସ୍ଥାରେ ଥିବା ଦେଖାଯାଇଛି। ଫଟୋରେ ଉଭୟେ ଶାନ୍ତ ଭଳି ଦୃଶ୍ୟମାନ ହେଉଥିଲେ ହେଁ ପରସ୍ପରର ମାଧ୍ୟାକର୍ଷଣ ଶକ୍ତି ଯୋଗୁ ଉଭୟେ ନିକଟତର ହେଉଛନ୍ତି। ଫଳରେ ଏହି ଦୁଇ ନକ୍ଷତ୍ରପୁଞ୍ଜୀ ପରସ୍ପର ସହ ଧକ୍କା ହେବାର ଯଥେଷ୍ଟ ଆଶଙ୍କା ରହିଥିବା ନାସା ପକ୍ଷରୁ କୁହାଯାଇଛି।

ହବଲ ଟେଲିସ୍କୋପର ଆଡ୍‌ଭାନ୍ସଡ୍ କ୍ୟାମେରା ଫର୍ ସର୍ଭେ (ଏସିଏସ୍)ରେ ଏହି ଦୃଶ୍ୟ କଏଦ ହୋଇଛି। ମହାକାଶରେ ରେଡ୍ ୱେଭ ଲେନ୍ଥ ବା ଲାଲ୍ ତରଙ୍ଗ ଦୈର୍ଘ୍ୟ ଏବଂ ଦୃଶ୍ୟମାନ ଏରିଆର ବିସ୍ତୃତ ସର୍ଭେ ନିମନ୍ତେ ଏସିଏସ୍‌କୁ ଡିଜାଇନ୍ କରାଯାଇଥିଲା, ଯାହାକି ପୂର୍ବ ହବଲ କ୍ୟାମେରା ୱାଇଡ୍ ଫିଲ୍ଡ ☞ପୃଷ୍ଠା–୨




**Honda Motorcycle & Scooter India Pvt. Ltd., Registered Office:** Plot No. 1, Sector - 03, IMT Manesar, Distt. Gurugram, (Haryana) - 122050, India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#ଦର୍ଶାଯାଇଥିବା କ୍ୟାସ ବ୍ୟାକ ଅଫର ସର୍ବନିମ୍ନ କାରବାର ଟ.30,000 (IDFC ଫାଷ୍ଟ ବ୍ୟାଙ୍କ କ୍ରେଡିଟ କାର୍ଡ ପାଇଁ 40,000 ଟଙ୍କା), ଉପରେ 5% କ୍ୟାସବ୍ୟାକ ଟ.5000 ପର୍ଯ୍ୟନ୍ତ, କେବଳ ବଛା ବଛା କ୍ରେଡିଟ କାର୍ଡ ମାଧ୍ୟମରେ EMI କାରବାର ଉପରେ ପ୍ରଯୁଜ୍ୟ, କାର୍ଡ ଜାରିକର୍ତ୍ତା/ବ୍ୟାଙ୍କ ନୀତି ଅନୁଯାୟୀ, ଅଫର ଅବଧିରେ ଗୋଟିଏ କାର୍ଡ ପିଛା ଥରେ, ଅଫରର ବୈଧତା ଜୁଲାଇ 1 ତାରିଖରୁ ଅକ୍ଟୋବର 31 ତାରିଖ' 22 ପର୍ଯ୍ୟନ୍ତ କେବଳ। *ଆର୍ଥିକ ସ୍କିମ ଅଫରଗୁଡ଼ିକ ବଛା ବଛା ପ୍ରାଥମିକତା ଦିଆଯାଉଥିବା ଆର୍ଥିକ ସହାୟତା ପ୍ରଦାନକାରୀ ଅଂଶୀଦାରମାନଙ୍କ ମାଧ୍ୟମରେ ବଛା ବଛା ମଡେଲ ଉପରେ ବଛା ବଛା ଗ୍ରାହକ ପ୍ରୋଫାଇଲ ପାଇଁ ସେମାନଙ୍କର ନିଜସ୍ୱ ବିଚାର ଅନୁଯାୟୀ ପ୍ରଯୁଜ୍ୟ ରହିଛି ଏବଂ ପ୍ରକୃତ ଡାଉନପେମେଣ୍ଟ ଆର୍ଥିକ ସହାୟତା କମ୍ପାନି ନୀତି ଅନୁଯାୟୀ ଭିନ୍ନ ଭିନ୍ନ ହେବ। ଉପଲବ୍ଧ ଆର୍ଥିକ ସହାୟତା ଯୋଜନା ବା ଫାଇନାନ୍ସ ସ୍କିମଗୁଡ଼ିକ କେବଳ ବଛା ବଛା ଡିଲରସିପ୍‌ରେ 31 ଅକ୍ଟୋବର' 22 ପର୍ଯ୍ୟନ୍ତ ଉପଲବ୍ଧ ରହିଛି ଏବଂ ଆଗୁଆ ସୂଚନା ବ୍ୟତୀତ ଯେକୌଣସି ସମୟରେ ପ୍ରତ୍ୟାହାର କରାଯାଇପାରେ। କୌଣସି ଦୁଇଟି ଅଫର୍ ଏକାଠି ବ୍ୟବହାର କରାଯାଇପାରିବ ନାହିଁ। ଚିତ୍ରରେ ଦର୍ଶାଯାଇଥିବା ଉତ୍ପାଦ ବଜାରରେ ଉପଲବ୍ଧ ପ୍ରକୃତ ଉତ୍ପାଦଠାରୁ ଭିନ୍ନ ହୋଇପାରେ। ଏହି ଉତ୍ପାଦରେ ଦର୍ଶାଯାଇଥିବା ଆସେସୋରିଜ ମାନକ ଉପକରଣର ଅଂଶ ହୋଇନଥାଏ।

**Honda Exclusive Authorized Dealerships: ATHAGARH:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7077726329; **BANKI:** Shree Honda - 9658201234; **BIDHARPUR:** Saivinayak Honda - 9937060477, 7894446899; **BHUBANESWAR:** Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734888, 9090067366; MO Honda - 0674-2964289, 7008990541; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **JAGATSINGHPUR:** Kanchan Murali Honda - 06724-222122, 223112, 7809568988, 9090876483; **JAGATPUR:** Durga Honda - 9337301440; **JATNI:** PGL Honda - 0674-2492419, 7788001033; **KEONJHAR:** Pritam Honda - 06766-254138, 8908881717; Barbil: Royal Motors- 7008712784; **NAYAGRAH:** Pattnaik Honda - 7008812540, 6370422120; Nayagarh Honda - 06753-296355, 7437000507; **NARSINGH PUR:** Baba Honda - 9438057701; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda - 9937786824; **RAHAMA:** Navjyoti Honda - 9938339189, 7809568988; **PATTAMUNDAI:** Satya Honda - 9439375055; **SALEPUR:** S.N.Honda - 9437439076; **KENDRAPARA:** Saisudha Honda - 9178455081/2/3/4; **KANDARPUR:** Jay Pee Honda - 9861007679; **KAKATPUR:** Shree Ganesh Honda - 9937842437; **RAJSUNAKHALA:** NC Honda - 9078583100; **PARADEEP:** Kanchan Murali Honda - 9040650040.

**For Bulk/Institutional enquiries, please write us at: institutionalsales@honda2wheelersindia.com**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରଜ୍ଞା
ପରିବାରବର୍ଗ


ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ପୋଇଲି,
ଆମ୍ବ ଟାକୁଆରେ ଥାଏ କୋଇଲି ।**

ଆଗ କାଳରେ ଝିଅ ବୋହୂମାନେ ଘରୁ ବାହାରକୁ ଯିବା ନିମନ୍ତେ ନାନା ପ୍ରକାରର ପ୍ରତିବନ୍ଧକ କଟକଣାର ସମ୍ମୁଖୀନ ହେଉଥିଲେ। ଆମ୍ବ ଟାକୁଆ ଭିତରେ ଯେମିତି କୋଇଲି ରହିଥାଏ ସେମାନେ ସେମିତି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୁଲ ପିନ୍ଧିଛି ହାତୀ;
ଝୁଲୁଝୁଲୁ ଏବେ ପାହିଲା ରାତି।**

ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ରହିଥାଏ ଅନେକ ଦୁର୍ବଳତା। ସୁନାର ଗହଣା ଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ବୁଲି ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ସାମାନ୍ୟ ଅଳଙ୍କାର ଟିକିଏ ପିନ୍ଧି ମହିଳା ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବଭଙ୍ଗୀ ଦେଖେଇ ହେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ପାଇଁ ଉଦ୍ୟମ କରିଥିଲେ ଜୟପ୍ରକାଶ

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୩ତମ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ରେଳଷ୍ଟେଶନ ସମ୍ମୁଖ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆରମ୍ଭରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଲୋକନାୟକଙ୍କ ବନ୍ଦନା ଗାନ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଉଇ ଫର୍ ଭୁବନେଶ୍ୱରର କର୍ମକର୍ତ୍ତା ନରେନ୍ ସାହୁ, ଉମାନାଥ ମିଶ୍ର, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସତ୍ୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ଲୋକନାୟକ ଜୟପ୍ରକାଶ ବିଦେଶରେ ଶିକ୍ଷାଲାଭ କରିଥିଲେ ମଧ୍ୟ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ତ୍ରୀ ପ୍ରଭାବତୀଙ୍କ ସହିତ କଂଗ୍ରେସ ଦଳରେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ବହୁବାର କାରାବରଣ କରିଥିଲେ। ପରେ ସେ କଂଗ୍ରେସ ପରିତ୍ୟାଗ କରି ଭାରତ ବର୍ଷରେ ଗଣତନ୍ତ୍ରକୁ ସୁରକ୍ଷା ଦେବାପାଇଁ ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଆରମ୍ଭ କରି ଯୁବ, ଛାତ୍ରଙ୍କୁ ଏହି ଆନ୍ଦୋଳନରେ ସାମିଲ କରିପାରିଥିଲେ। କୌଣସି କ୍ଷମତା ଓ ପଦପଦବୀ ମୋହକୁ ପରିତ୍ୟାଗ କରି ଭାରତ ବର୍ଷର ସାଧାରଣ ଲୋକଙ୍କ ଅଧିକାର ପାଇଁ ସେ ସାମଗ୍ରିକ ଜୀବନ ଲଢେଇ କରିବା ସହିତ ଭାରତ ବର୍ଷରେ ସୁସ୍ଥ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସୁରକ୍ଷା ପାଇଁ ନିରନ୍ତର ଉଦ୍ୟମ କରିଥିଲେ।



# ଓସିଏସ୍ ପାଇଲେ କିସ୍‌ର ୪ ଛାତ୍ରୀଛାତ୍ର

■ **୨୫ଜଣଙ୍କୁ ଜାତୀୟ ମେଧାବୃତ୍ତି**

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରେ ଆବାସିକ ଜନଜାତି ଅନୁଷ୍ଠାନ କିସ୍‌ର ଛାତ୍ରୀଛାତ୍ର ଉଚ୍ଚକୋଟୀର ଶୈକ୍ଷିକ ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ୩୯୨ଜଣଙ୍କ ମଧ୍ୟରୁ କିସ୍‌ରୁ ୪ଜଣ ରହିଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲାର ରାଇମାତ ଟୁଡୁ, ବଲାଙ୍ଗୀରର ମଣ୍ଟୁ ଖମାରୀ ଓ ହେମନ୍ତ ପୁଟା ଏବଂ କଳାହାଣ୍ଡିର ନୀଳମାଧବ ପାତ୍ର। ଏହାବ୍ୟତୀତ କିସ୍‌ର ୨୫ଜଣ ଛାତ୍ରୀଛାତ୍ର ଚଳିତବର୍ଷ ନ୍ୟାଶନାଲ୍ ଫେଲୋଶିପ୍ ଫର୍ ସିଡ୍ୟୁଲ୍ଡ ଟ୍ରାଇବ୍ ମେଧାବୃତ୍ତି ପାଇ ପିଏଚ୍‌ଡି କରୁଛନ୍ତି। ପିଏଚ୍‌ଡି କରିବା ସମୟରେ ଏହି ଛାତ୍ରୀଛାତ୍ର କେନ୍ଦ୍ର ସରକାରଙ୍କଠାରୁ ମାସକୁ ୩୫ ହଜାର ଟଙ୍କା ଲେଖାଏ ମେଧାବୃତ୍ତି ପାଇବେ। ସେହିପରି ୧୭ଜଣ ଛାତ୍ରୀଛାତ୍ର ନିଟ୍‌ରେ ସଫଳତା ପାଇଥିବାବେଳେ ଜେଇଇ ଆଡ୍‌ଭାନ୍ସରେ ମଧ୍ୟ ୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ର କିସ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେବା ସହ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

ପ୍ରଥମ ପୃଷ୍ଠାରୁ...

### ବିଲୁପ୍ତି ପଥେ ...

ପାର୍ଶ୍ୱରେ ସମୁଦ୍ର ଓ ଅନ୍ୟ ପାର୍ଶ୍ୱରେ ଥିବା ନଦୀଟି ନିମ୍ନଗାମୀ। ଏଣୁ ସହରରେ ପାଣି ପଶିବା ମାତ୍ରେ ତାହା ନୁଆନଈକୁ ନିଷ୍କାସିତ ହେଉଥିଲା। ନଦୀ ଜଳ ଭାର୍ଗବୀ ଓ ଅପରପାର୍ଶ୍ୱରେ ମଙ୍ଗଳା ନଦୀ ସହ ମିଶୁଥିଲା। ହେଲେ ଗତ ଦୁଇ ଦଶନ୍ଧି ଭିତରେ ମୁଷାନଈ ସଙ୍କୁଚିତ ହୋଇପଡ଼ିଛି। ନବକଳେବର ରାସ୍ତା ପାର୍ଶ୍ୱକୁ ଛାଡ଼ି ଅନ୍ୟ ସବୁପଟେ ନଈକୁ ଜବରଦଖଲ କରିନିଆଯାଇଛି।

ସରକାରୀ ସ୍ତରରେ ମୁଷାନଈର ପୁନରୁଦ୍ଧାର ପାଇଁ ୨୦୦୫ ଜୁନ୍ ୧୨ରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ଜବରଦଖଲକୁ ବାଦ୍ ଦେଇ ନଦୀର ଅବଶିଷ୍ଟ ଭାଗକୁ କିପରି ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇପାରିବ ସେଥିଲାଗି ପ୍ରୟାସ କରାଯାଇଥିଲା। ମାତ୍ର ତାହା ଫଳପ୍ରଦ ହୋଇପାରିନାହିଁ। ପ୍ରଶାସନ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ କରି ଦଳ କଢ଼ା, ବୋଟିଂ ସୁବିଧା ଓ ଦୋକାନ ଘର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୮୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିଲେ ହେଁ ଆଗକୁ ବଢ଼ିପାରିନାହିଁ। କେବଳ ଦଳ କାଢ଼ିବା ପାଇଁ ସରକାର ୫ କୋଟି ଟଙ୍କା ଖର୍ଚ୍ଚ କଲେଣି। ସେହିଭଳି ନବକଳେବର ସମୟରେ ମୁଷାନଈର ପୁନରୁଦ୍ଧାର ପାଇଁ ପୁଣି ଥରେ ଉଦ୍ୟମ କରାଯାଇଥିଲା। ୨୦୧୭ ଡିସେମ୍ବର ୬ରେ ସାନି ଟେଣ୍ଡର ହେଲା। ସ୍ୱେରେଜ ବିଭାଗ କୌଣସି ଘରୋଇ ସଂସ୍ଥାକୁ ଦାୟିତ୍ୱ ନ ଦେଇ ନିଜେ ବୁଝିଲା। ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୮ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟବରାଦ ହେଲା। ମାତ୍ର ସେହି କାର୍ଯ୍ୟ ୧୦ ପ୍ରତିଶତ ବି ପୂରା ହୋଇପାରିଲା ନାହିଁ। ଏହାପରେ ଅବଢ଼ା ଯୋଜନାରେ ୪୫ ଲକ୍ଷ ଓ ହୃଦୟ ଯୋଜନାରେ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ଏ ନେଇ ବୁଦ୍ଧିଜୀବୀ ବଦ୍ରି ମିଶ୍ର କହିଛନ୍ତି, ମୁଷାନଈ ପାର୍ଶ୍ୱ ଏକ ଛୋଟ ଅଣଓସାରିଆ ଜାଗାରେ କେବଳ ରାସ୍ତା ଓ ବସିବାକୁ ସିମେଣ୍ଟ ବେଞ୍ଚ ନିର୍ମାଣ କରି ସରକାର ନିଜ ଦାୟିତ୍ୱରୁ ମୁକ୍ତ ହୋଇଗଲେ। ମୁଷାନଈକୁ ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଶାସନିକ ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଦେଖାଦେଇଛି। ସହରକୁ ଜଳବନ୍ଦୀରୁ ମୁକ୍ତ କରିବାକୁ ହେଲେ ମୁଷାନଈର ସମ୍ପ୍ରସାରଣ ସମେତ ମୁଷାନଈକୁ ଜବରଦଖଲ ମୁକ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ସଦର ତହସିଲଦାର ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ମୋର ଧାରଣା ନାହିଁ। କେଉଁ ସବୁ ସ୍ଥାନରେ ଜବରଦଖଲ ହୋଇଛି ତାହା ଚିହ୍ନଟ କରିବାକୁ ପଡ଼ିବ। ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଅବଢ଼ା ଯୋଜନାରେ ସାମିଲ ପ୍ରକଳ୍ପ ମଧ୍ୟରେ ମୁଷା ନଈ ସମ୍ପ୍ରସାରଣ ସାମିଲ ରହିଛି। ତେବେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଥିବା ବେଳେ ପ୍ରଥମେ କୋଭିଡ୍ ଓ ଲଗାଣ ବର୍ଷା କାରଣରୁ ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁ ନାହିଁ। ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟକୁ ଶେଷ କରିବା ପାଇଁ ଯୋଜନା ରଖାଯାଇଛି। ଏଥିସହ ମୁଷାନଈରେ ବୋଟିଂ ଓ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ମୁଷାନଈ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଆଗେଇବ।

### ୨ ନକ୍ଷତ୍ରପୁଞ୍ଜ ଧକ୍କା ...

ପ୍ଲାନେଟାରି କ୍ୟାମେରା ୨(ଡବ୍ଲ୍ୟୁଏଫ୍‌ପିସି୨) ତୁଳନାରେ ୧୦ ଗୁଣ ଅଧିକ ଦକ୍ଷତାସମ୍ପନ୍ନ। ଅତି ନିକଟରେ ଥିବାରୁ ଗ୍ୟାଲେକ୍ସି ଦ୍ୱୟର ମାଧ୍ୟାକର୍ଷଣ ପରସ୍ପରର ଘୂର୍ଣ୍ଣନ ଚକ୍ରକୁ ପ୍ରଭାବିତ କରୁଛି। ପରସ୍ପରର ନିକଟତର ହେଉଥିବା ଗ୍ୟାଲେକ୍ସିର ଭବିଷ୍ୟତ ଉପରେ ଅଧିକ ଗବେଷଣା ଓ ବିସ୍ତୃତ ଅଧ୍ୟୟନ ପାଇଁ ହବଲ ସମେତ ଗ୍ରାଉଣ୍ଡ-ବେସ୍‌ଡ ଟେଲିସ୍କୋପ ଏବଂ ନାସା, ଇଏସ୍‌ଏ, ସିଏସ୍ ଦ୍ୱାରା ମହାକାଶ ଗବେଷଣା କାର୍ଯ୍ୟରେ ଲାଗିଥିବା ଜେମ୍ସ ୱେବ୍ ଟେଲିସ୍କୋପକୁ ବ୍ୟବହାର କରାଯିବା ଲକ୍ଷ୍ୟ ରହିଛି। ନିକଟରେ ହବଲ୍, ଜେମ୍ସ ୱେବ୍ ଟେଲିସ୍କୋପ ସହ ମିଶି ଜୀବନ ଶେଷ ହେବାରେ ଲାଗିଥିବା ତାରକାରୁ ବାହାରୁଥିବା ଆବର୍ଜନା ବା ଇଣ୍ଟରଷ୍ଟେଲାର ଡଷ୍ଟ ଉପରେ ଅଧ୍ୟୟନ କରିଥିଲେ। ପରସ୍ପର ମଧ୍ୟରେ ଲୀନ ହେବାକୁ ଥିବା ଗାଲାକ୍ଟିକ୍ ଯୋଡ଼ିର ଅଧ୍ୟୟନ ମଧ୍ୟରେ ଏହି ଦୁଇ ଟେଲିସ୍କୋପ୍ ଏକ ନିଖୋଜ ବା ମିସିଂ ଗ୍ୟାଲେକ୍ସିକୁ ମଧ୍ୟ ଠାବ କରିଥିଲେ। ଏହି ଦୁଇ ଟେଲିସ୍କୋପ୍ ଆଶାଠାରୁ ଅଧିକ ତଥ୍ୟ ଏବଂ ବିରଳ ଦୃଶ୍ୟ ସାମ୍ନାକୁ ଆଣିଛନ୍ତି। ମହାକାଶରେ ଅଧିକ ଗବେଷଣା ପାଇଁ ଉଭୟ ହବଲ ଏବଂ ଜେମ୍ସ ୱେବ୍ ମିଳିତ ଭାବେ ବେଶ୍ ଉପଯୋଗୀ ହୋଇପାରିବେ ବୋଲି ବୈଜ୍ଞାନିକମାନେ କହିଛନ୍ତି।

### ରାଜ୍ୟରେ ୫ ବର୍ଷରେ ୨୦ ...

ସମୁଦାୟ ୨୦,୫୮୧ ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗ ହୋଇଛି। ୨୦୧୭-୧୮ରେ ୫,୫୦୭ ମାମଲା ରୁଜୁ ହୋଇଥିବାବେଳେ ୨୦୧୮-୧୯ରେ ୪୪୪୬, ୨୦୧୯-୨୦ରେ ୩୫୪୦, ୨୦୨୦-୨୧ରେ ୪୫୧୫ ଓ ୨୦୨୧-୨୨ରେ ୨୭୭୪ ମାନବିକ ଅଧିକାର ଉଲ୍ଲଂଘନ ମାମଲା ଓଏଚ୍‌ଆର୍‌ସିଙ୍କ ନିକଟରେ ରୁଜୁ ହୋଇଛି । ରାଜ୍ୟରେ କରୋନା କାଳରେ ୪,୫୦୦ରୁ ଉର୍ଦ୍ଧ୍ୱ ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗ ହୋଇଥିଲା। ୨୦୧୭ ଜାନୁୟାରୀ ପହିଲା ସୁଦ୍ଧା କମିଶନରେ ୧୪,୪୨୩ ମାମଲା ଗଡୁଥିଲା। ଏହା ପରେ ରୁଜୁ ହୋଇଥିବା ମାମଲାକୁ ମିଶାଇ କମିଶନ ମୋଟ ୨୩,୫୭୧ ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗର ଫଇସଲା କରିଛନ୍ତି। ସେହିଭଳି ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ଯଥାକ୍ରମେ ୪୪୭୬, ୪୪୭୩, ୫୦୨୧, ୨୨୧୦ ଓ ୭୦୩୬ ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗ ଫଇସଲା କରାଯାଇଛି ।

### ୯ବର୍ଷର ପୁତୁରାଙ୍କୁ ...

କାମ ନ କରିବାରୁ ସେମାନେ ଖାଇବାକୁ ନ ଦେଇ ଓଲଟି ଗାଳିଗୁଲଜ କରୁଛନ୍ତି। ବେଲ୍ଟରେ ବାଡ଼େଇବା ସହ ବେକକୁ ନଖ ଦ୍ୱାରା ଆଞ୍ଚୁଡ଼ିବା ଭଳି ଜଘନ୍ୟ କାର୍ଯ୍ୟ ମଧ୍ୟ କରୁଛନ୍ତି ବୋଲି ନାବାଳକ କହିଛନ୍ତି। ସେଥିପାଇଁ ନାତି ଆଉ ଦାଦାଖୁଡ଼ୀଙ୍କ ନିକଟରେ ରହିବାକୁ ମନା କରୁଛି। ତେଣୁ ଆମେ ତାକୁ ନିଜ ପାଖରେ ରଖିବାକୁ ଚାହୁଁଛୁ ବୋଲି ନାବାଳକଙ୍କ ଅଜା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ନାବାଳକଙ୍କ ଖୁଡ଼ୀ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ପୁତୁରାକୁ ଭଲ ପାଠ ପଢ଼ାଇବାକୁ ଆମେ କଟକ ଆଣିଥିଲୁ। ତାକୁ ଆମେ ପୁଅ ଭଳି ଦେଖିବା ସହ କେବେ ନିର୍ଯାତନା ଦେଇନାହୁଁ ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ସାଧାରଣ ଘଟଣାରେ ବନ୍ଧୁ ସମ୍ପର୍କ ଫିକା ପଡ଼ିଯିବ, ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ। ତଥାପି ସେମିତି କିଛି ଅସୁବିଧା ହେବନି। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ, ଅଧ୍ୟାପନା ଓ ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** - ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବେ ସତ, କିନ୍ତୁ ଅବହେଳାଜନିତ କୌଣସି ଉପଚାର କରିପାରନ୍ତି ।

**ମିଥୁନ** - ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିବେ। ଅପରାହ୍ନେ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟାକୁ ସଜାଡ଼ିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ** - କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବରେ ସାମ୍ନା କରିବାରେ ସାହସ ଜୁଟିଯିବ। ବିତର୍କଜନିତ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କଚେରି ମାମଲାର ଆଶୁ ଶୁଣାଣି ହେବ, କିନ୍ତୁ ସନ୍ତୋଷ ପାଇ ପାରିବେ ନାହିଁ।

**ସିଂହ** - ପୂର୍ବ ଶତ୍ରୁତାର କୁଫଳ ସଦୃଶ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, ମାତ୍ର କାମର ଚାପ ବଢ଼ିଯିବ ।

**କନ୍ୟା** - ସମସ୍ୟା ସମାଧାନ ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ପାରିବେ ନାହିଁ। ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** - ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ସମ୍ମାନ ବୃଦ୍ଧି ପାଇବ, କିନ୍ତୁ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟି ହେବ। ଅପରାହ୍ନରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** - କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟଙ୍କୁ ଆପଣେଇ ନେବେ। ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଜନିତ ବିଚଳିତବୋଧ କରିପାରନ୍ତି। ଏଜେନ୍‌ସିପ୍, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ନୂତନ କର୍ମାରମ୍ଭ, କଳା ପ୍ରଭୃତିରୁ ସୁଫଳ ପାଇବେ। ମହିଳାମାନେ ବ୍ୟସ୍ତତା ଭିତରେ କାର୍ଯ୍ୟ ସାଧନ କରିବେ।

**ଧନୁ** - ପ୍ରତ୍ୟେକ କ୍ଷେତ୍ରରେ ନିଜର ବୁଦ୍ଧିମତ୍ତାର ଉପଯୋଗ କରି କୃତିତ୍ୱ ଅର୍ଜନ କରିବେ। କିନ୍ତୁ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇ ପାରନ୍ତି। ସହକର୍ମୀ, ଭାଇ ଭଉଣୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର୍ କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ, ଆଦାୟ କରିବାରେ ସଫଳ ହେବେ।

**ମକର** - ଅଫିସ୍‌ରେ କିମ୍ବା କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାମରେ ସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ।

**କୁମ୍ଭ** - ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଦୁଶ୍ଚିନ୍ତାର କାରଣ ହୋଇପାରେ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ସାମାଜିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଶତଭିଷା ନକ୍ଷତ୍ର ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** - ଦୀର୍ଘଦିନ ହେଲା ଆପଣ ଯାହା ଆଶା କରୁଥିଲେ, ତାହା ବହୁତ ବିଳମ୍ବରେ ଅବଶ୍ୟ ମିଳିବ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇ ଯିବ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଅକ୍ଟୋବର ୯ ତାରିଖ, କୁମାରପୂର୍ଣ୍ଣିମୀ, ଗଜଲକ୍ଷ୍ମୀ ପୂଜା, ଜହ୍ନିଓଷା ସମାପ୍ତ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ବିଶ୍ୱ ଡାକ ଦିବସ, ରାଷ୍ଟ୍ରୀୟ ଡାକ ସପ୍ତାହ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଘ.୦୪।୨୦ ଗତେ, ରେବତୀ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୨୯ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୧ ଗତେ ଘ.୦୩।୦୪ ମଧ୍ୟେ, ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୭ମି. ଗତେ ଘ.୦୫।୨୪ମି. ମଧ୍ୟେ ରାହୁକାଳ।



# classifieds Everyday 0674-2580101, 2549302




## BRIDE WANTED

**Beautiful Brahmin girl required for Manager PSU Bank/ Package 15lakh/ height-6'/ Age-31. Contact: 7978293658.** D-1688

SM4 Engr. 33+ 5'7" Manager PSU GOI Delhi PQM Slim fair kayastha wrkg NCR. Contact 9971816844. D-1724

Divorced Khandayat Boy 48+ Govt Professor, BHUBANESWAR "SUHAG"9090486408, 9938199964. D-1732

## GROOM WANTED

Government ଚାକିରିଆ, age-34, ଏକୁଟିଆ ରହୁଥିବା divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-1693

Govt. ଚାକିରିଆ 30 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1733

ବୟସ 38 Government Job କରୁଥିବା ସୁନ୍ଦରୀ divorce କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8658194237. D-73724




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ବିକ୍ରି....ବିକ୍ରି....ବିକ୍ରି...୩.୫ ଏକ ସ୍ଥିତିବାନ୍ ଜମି ପିଠାଖାଇ ଜଙ୍ଗଲ ନିକଟସ୍ଥ ଭାପୁର ଖଣ୍ଡପଡ଼ା ରୋଡ଼ର ପାର୍ଶ୍ୱରେ ଭାପୁର ମଉଜାରେ ଅବସ୍ଥିତ। ୯୯୬୯୨୨୦୧୨୧ ଫୋନ୍ ନମ୍ବର। ଧ-୧୭୨୫

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

**Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452.** D-73979

**Site ଦେଖନ୍ତୁ, Govtroad, project beautiful, ସହଜ କିଣିବାକୁ, 6,80,000/- DPରେ 2000sqft. plot registration 12,75,000/-, loan- 15,301/- EMI- 10 ବର୍ଷ, ଏବେ 1050/- 10 ବର୍ଷ ପରେ କିଣା ଆସିବ, sqft.- 1258/- loanରେ। ଯେତେବେଳେ କି Market price ହୋଇଥିବ sqft.- 5000/-. Contact: 9040045759.** D-74134

**Sum Hospital ପାଖରେ (60x40) BDA plotରେ ୩ ମହଲା ଘର ଓ ଏକ 3BHK Apartment ବିକ୍ରିହେବ। 7978124465, 7991006699.** D-1702

**ଘରବାରି boundary plot ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର 1300 ବର୍ଗ ଫୁଟକୁ 13,00,000/-. 9437306208.** D-74130

GA Freehold commercial mainroad facing plot 2400sqft. at Bharatpur GA Colony for immediate sale. Owner- 7978214375. D-71658

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668

**ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127

## PURCHASE

**ଜମି ଆବଶ୍ୟକ: ଭୁବନେଶ୍ୱରରୁ ପୁରୀ NHରୁ 1 କିଲୋମିଟର ଭିତରେ 10 ଡିସିମିଲରୁ ଉର୍ଦ୍ଧ୍ୱ ସ୍ଥିତିବାନ୍ ଜମି outright ବା sharing ହିସାବରେ ଆବଶ୍ୟକ। ଜମି ମାଲିକ ବା ମଧ୍ୟସ୍ଥି ଯୋଗାଯୋଗ କରନ୍ତୁ। 9438220432.** D-1721

ନିଜର ପ୍ରିୟଜନମାନଙ୍କୁ
ଜନ୍ମଦିନର ଓ ବିବାହ ଶୁଭେଚ୍ଛା
ଜଣାନ୍ତୁ କେବଳ ଟ୨୧୦/-
ରେ। ରଙ୍ଗୀନ ଟ୪୨୦/-
ରେ। (ଫଟୋ ସହ) ବି.ଦ୍ର.:
ଶୁଭେଚ୍ଛା ୬ସେମି. (H) X
୪ସେମି. (W)
ହେବା ଆବଶ୍ୟକ।




Do you want to construct buildings on your own plot. Contact: 7008268129, 9439143273. D-71352




3BHK premium semi furnished flat Trident Galaxy, Paikarapur, Bhubaneswar rent- 23000/-. 9348867589. D-71541

Shoproom (10'x10') 2Nos. infront of Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1731




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

Herbal full body massage by smart/ expert therapist. Contact: 9040171280. D-73984

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୬୨,୮୦,୬୦୯ | ୬୫,୬୦,୦୬୮ | ୬୦,୫୮,୧୨,୯୪୬ |
| ଭାରତ | ୪,୪୬,୦୯,୨୫୭ | ୫,୨୮,୭୭୮ | ୪,୪୦,୫୧,୨୨୮ |
| ଓଡ଼ିଶା | ୧୩,୩୪,୭୮୭ | ୯୧୧୯(+୫୩) | ୧୩,୨୫,୦୩୬ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



**ଆଜି କୁମାର ପୂର୍ଣ୍ଣିମା:** ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶନିବାର ଭୁବନେଶ୍ୱର ୟୁନିଟ୍-୧ ହାଟ ରାସ୍ତା ପାର୍ଶ୍ୱରେ ଲୋକେ ଫୁଲ, ଫଳ ଓ ଅନ୍ୟାନ୍ୟ ସାମଗ୍ରୀ କିଣାକିଣି କରୁଛନ୍ତି।

# ମାନସ ମଙ୍ଗରାଜ ପରିବହନ ଷ୍ଟାଣ୍ଡିଂ କମିଟି ସଦସ୍ୟ

ଭୁବନେଶ୍ୱର, ୮।୧୦(ବ୍ୟୁରୋ)



ମାନସ ରଞ୍ଜନ ମଙ୍ଗରାଜ

ନବନିର୍ବାଚିତ ବିଜେଡି ରାଜ୍ୟ ସଭା ସଦସ୍ୟ ଏବଂ ଲୋକ ସଭା ଏମପିମାନଙ୍କୁ ସଂସଦର ବିଭିନ୍ନ ଷ୍ଟାଣ୍ଡିଂ କମିଟିରେ ନିଯୁକ୍ତି ଦିଆଯାଇଥିବା ବେଳେ ପୂର୍ବରୁ ଥିବା ସଦସ୍ୟଙ୍କୁ ଭିନ୍ନ ଭିନ୍ନ କମିଟିରେ ରଖାଯାଇଛି। ମାନସ ରଞ୍ଜନ ମଙ୍ଗରାଜଙ୍କୁ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ଷ୍ଟାଣ୍ଡିଂ କମିଟିର ସଦସ୍ୟ ମନୋନୀତ କରାଯାଇଥିବାବେଳେ ସୁଲତା ଦେଓଙ୍କୁ ଶିଳ୍ପ, ନିରଞ୍ଜନ ବିଶିଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ କମିଟିର ସଦସ୍ୟ ନିଯୁକ୍ତ କରାଯାଇଛି। ସେହିପରି ସସ୍ମିତ ପାତ୍ରଙ୍କୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଭାବେ ଚୟନ କରାଯାଇଛି। ଅନୁରୂପ ଭାବେ ପ୍ରଶାନ୍ତ ନନ୍ଦଙ୍କୁ ରେଲୱେ, ଅମର ପଟ୍ଟନାୟକଙ୍କୁ ଅର୍ଥ, ସୁଜିତ କୁମାରଙ୍କୁ ସ୍ୱରାଷ୍ଟ୍ର , ମୁଜିବୁଲ୍ଲା ଖାଁଙ୍କୁ ଶକ୍ତି ଏବଂ ମମତା ମହାନ୍ତଙ୍କୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଷ୍ଟାଷ୍ଟିଂ କମିଟିରେ ଅବସ୍ଥାପିତ କରାଯାଇଛି। ଲୋକ ସଭା ଏମପି ଅନୁଭବ ମହାନ୍ତିଙ୍କୁ ଶିକ୍ଷା,ମହିଳା, ଶିଶୁ, ଯୁବ ଓ କ୍ରୀଡା ବ୍ୟାପାର ସଂସଦୀୟ କମିଟି ସଦସ୍ୟଭାବେ ମନୋନୀତ କରାଯାଇଛି। ସେହିପରି ସସ୍ମିତା ସେଠୀଙ୍କୁ ଗୃହ ବ୍ୟାପାର ସଦସ୍ୟା ଭାବେ ସ୍ଥାନିତ କରାଯାଇଥିବା ବେଳେ ମହେଶ ସାହୁଙ୍କୁ ବିଜ୍ଞାନ କାରିଗରି, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ କମିଟିର ସଦସ୍ୟ କରାଯାଇଛି। ରମେଶ ମାଝିଙ୍କୁ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ଷ୍ଟାଣ୍ଡିଂ କମିଟିର ସଦସ୍ୟ ମନୋନୀତ କରାଯାଇଛି। ଏମ୍‌ପି ପିନାକୀ ମିଶ୍ରଙ୍କୁ ଅର୍ଥ କମିଟିରେ ସ୍ଥାନ ମିଳିଥିବାବେଳେ ସପ୍ତଗିରି ଉଲାକା ଖାଦ୍ୟ, ଉପଭୋକ୍ତା ବ୍ୟାପାର ଓ ସାଧାରଣ ବଣ୍ଟନ କମିଟି ସଦସ୍ୟ ମନୋନୀତ ହୋଇଛନ୍ତି। ଅପରାଜିତା ଷଡ଼ଙ୍ଗୀ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର କମିଟି ସଦସ୍ୟା ଭାବେ ସ୍ଥାନିତ ହୋଇଥିବାବେଳେ ଭର୍ତ୍ତୃହରି ମହତାବ ଶ୍ରମ, ବୟନଶିଳ୍ପ ଓ ଦକ୍ଷତା ବିକାଶ କମିଟିକୁ ଯାଇଛନ୍ତି। ସେହିପରି ଚନ୍ଦ୍ରଶେଖର ସାହୁ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ କମିଟି ସଦସ୍ୟ ମନୋନୀତ ହୋଇଛନ୍ତି। ଅଚ୍ୟୁତ ସାମନ୍ତ ଓ ସଙ୍ଗୀତା କୁମାରୀ ସିଂଦେଓଙ୍କୁ ରେଲ୍‌ୱେ କମିଟିରେ ସଦସ୍ୟ ରୂପେ ସ୍ଥାନ ମିଳିଛି। ପ୍ରତାପ ଷଡ଼ଙ୍ଗୀଙ୍କୁ ଜଳସମ୍ପଦ କମିଟିର ସଦସ୍ୟତା ଦିଆଯାଇଛି।

# ପୋଲିସ ଜିପ୍‌କୁ ଧକ୍କାଦେଲା ଘୁଷୁରି ଟ୍ରକ୍

## ୨ କର୍ମଚାରୀଙ୍କ ସମେତ ୩ ଗୁରୁତର

ବାରିପଦା ଅଫିସ, ୮।୧୦

ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ୧୮ନଂ. ଜାତୀୟ ରାଜପଥ ପାଲବଣିରୁ ମଞ୍ଚାବନ୍ଧା ରାସ୍ତାରେ ଶନିବାର ସକାଳେ ଏକ ପୋଲିସ ଜିପ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ଘୁଷୁରି ବୋଝେଇ ଟ୍ରକ ଧକ୍କାରେ ଜିପ୍‌ରେ ଥିବା ୨ଜଣ ପୋଲିସ କର୍ମଚାରୀ ଓ ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଜଣେ ମହିଳା ପୋଲିସ କର୍ମଚାରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ପୋଲିସ ଜଣେ ବଳାତ୍କାର ପୀଡ଼ିତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଡାକ୍ତରୀମାଇନା ସାରି ଫାଣ୍ଡିକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମହିଳା ପୋଲିସ କର୍ମଚାରୀ ଗୋଲାପୀ ମହାନ୍ତ, ଡ୍ରାଇଭର ବିଭୂତି ସ୍ୱାଇଁଙ୍କ ସହ ପୀଡ଼ିତା ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ଧରି ଫ୍ଲାଏ ଓଭରବ୍ରିଜ୍ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଡାଇଭର୍ଶନର ବ୍ୟବସ୍ଥା କରାଯାଇନାହିଁ। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି।



ଟ୍ରକ ଧକ୍କାରେ ଭାଙ୍ଗିରୁଜି ଯାଇଥିବା ପୋଲିସ ଗାଡ଼ି।

### ୧୨ବର୍ଷ ହେଲା ପୋଲିସ ଗାଡ଼ିର ବୀମା ହୋଇନି

ଦୁର୍ଘଟଣାରେ ପୋଲିସ ବ୍ୟବହାର କରୁଥିବା ମହିନ୍ଦ୍ରା ସିଡିଆର୍ ୬୫୦ ଏମ୍‌ଡିଆଇ ନଂ. ଓଆର ୦୫ କେ-୬୬୫୩ ଗାଡି ଭାଙ୍ଗିରୁଜି ଯାଇଥିବା ବେଳେ ୧୨ବର୍ଷ ଧରି ଗାଡ଼ିର ବୀମା କରାଯାଇନାହିଁ। ୨୦୧୧ ମସିହା ୨୭ ଜୁନ୍‌ରୁ ବୀମା ସରିଥିବା ବେଳେ ୨୦୨୫ ମସିହା ୨୯ ଜୁନ ପର୍ଯ୍ୟନ୍ତ ଗାଡିର ଫିଟ୍‌ନେସ୍ ଅବଧି ରହିଛି। ଶନିବାର ଦୁର୍ଘଟଣା ପରେ ଉକ୍ତ ତଥ୍ୟ ପଦାକୁ ଆସିଛି। ବର୍ଷକୁ ୧୦ରୁ ୧୫ହଜାର ଟଙ୍କା ବୀମା କରିବାକୁ ପଡୁଥିବା ବେଳେ ଏହି ଯାନରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବୀମା ସଂସ୍ଥାକୁ ଦିଆଯାଇନାହିଁ। ବୀମା ସଂସ୍ଥା ପକ୍ଷରୁ ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ଆହତଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଥିବା ବେଳେ ପୋଲିସର ଏଭଳି ଖାମଖିଆଲ ନୀତି ସମସ୍ତଙ୍କୁ ଚକିତ କରିଛି।

# ବେଙ୍ଗାଲୁରୁରୁ ଓଡ଼ିଆ ସ୍ୱିଗି ବୟ ଉଦ୍ଧାର

ଭୁବନେଶ୍ୱର,୮।୧୦(ବ୍ୟୁରୋ)



କ୍ଷତ ବିକ୍ଷତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ଜଣେ ସ୍ୱିଗି ବୟଙ୍କୁ ଓଡ଼ିଶା ମୋ ପରିବାର ପକ୍ଷରୁ ଉଦ୍ଧାର କରାଯାଇଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ପାଟେଣି ଗାଁର ୨୪ ବର୍ଷୀୟ ବୈକୁଣ୍ଠ କୁମାର ସାହୁ। ସେ ବେଙ୍ଗାଲୁରୁରେ ରହି ସ୍ୱିଗି କମ୍ପାନୀରେ ଡେଲିଭରି ବୟ ଭାବେ କାମ କରୁଥିଲେ। ସେପ୍ଟେମ୍ବର ୨୧ ତାରିଖରେ ଖାଦ୍ୟ ନେଇ ଯାଉଥିବାବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ଖବର ପାଇବା ପରେ ଓଡ଼ିଶା ମୋ ପରିବାରର (ପ୍ରବାସୀ ଓଡ଼ିଆ)ର ଉପଦେଷ୍ଟା ସୁରେନ୍ଦ୍ର ନାଥ ମହାପାତ୍ରଙ୍କ ସହାୟତା ଲୋଡ଼ିଥିଲେ। ଏହାପରେ ଓଡ଼ିଶା ମୋ ପରିବାରର ଆବାହକଙ୍କ ନିର୍ଦ୍ଦେଶକ୍ରମେ ସଙ୍ଗଠନର ବେଙ୍ଗାଲୁରୁ ନୋଡାଲ ଅଫିସର ପ୍ରଣବ ପାଣି ଗୁରୁତର ଅବସ୍ଥାରେ ବୈକୁଣ୍ଠଙ୍କୁ ଉଦ୍ଧାର କରି ନିକଟସ୍ଥ ସେଣ୍ଟ ଜୋନ୍ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ଭୁବନେଶ୍ୱର ଅଣାଯାଇ କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସା କରାଯାଇଥିଲା। ଓଡ଼ିଶା ମୋ ପରିବାରର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ସହ ପ୍ରବାସୀ ଓଡ଼ିଆ ମହାପାତ୍ର ଓ ମୋ ପରିବାର ଟିମ୍ ଏଥିରେ ସହାୟତା କରିଥିଲେ। ଏଥିପାଇଁ ବୈକୁଣ୍ଠ ମୁଖ୍ୟମନ୍ତ୍ରୀ ଓ ମୋ ପରିବାରକୁ କୃତଜ୍ଞତା ଜଣାଇଛନ୍ତି।






# ଅବହେଳିତ ଜୈନ କୀର୍ତ୍ତିରାଜି ଚିହ୍ନଟ

■ ୮ମରୁ ୧୦ମ ଶତାବ୍ଦୀର ହୋଇଥିବା ଅନୁମାନ

■ ମୂର୍ତ୍ତିଗୁଡ଼ିକର ସଂରକ୍ଷଣ କରୁ ପ୍ରତ୍ନତତ୍ତ୍ୱ ବିଭାଗ

ଭୁବନେଶ୍ୱର,୮।୧୦(ବ୍ୟୁରୋ)





ଓଡ଼ିଶାରେ ପ୍ରାଚୀନ କାଳରୁ ବିଭିନ୍ନ ସମ୍ପ୍ରଦାୟର ରାଜାଙ୍କ ଶାସନ ଚାଲିଆସୁଥିବା ବେଳେ ଅନେକ କୀର୍ତ୍ତିରାଜିର ଛାପ ଛାଡ଼ିଯାଇଛନ୍ତି। ସେହି କୀର୍ତ୍ତିରାଜିଗୁଡ଼ିକ ଏବେ ବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୁକ୍କାୟିତ ଭାବେ ରହିଛି। ସେଥିମଧ୍ୟରୁ ଅନେକ କୀର୍ତ୍ତିରାଜି ଓ ପ୍ରତିମୂର୍ତ୍ତି ଭାଙ୍ଗିରୁଜି ଯାଇଥିବାବେଳେ କିଛି ଏବେ ବି ଅବହେଳିତ ଅବସ୍ଥାରେ ପଡିରହିଛି। ଏଭଳି କିଛି ଅବହେଳିତ ଅବସ୍ଥାରେ ଥିବା ପ୍ରାଚୀନ ଜୈନ କୀର୍ତ୍ତିରାଜିକୁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅନ୍ତର୍ଗତ ଅଡ଼ା ଗ୍ରାମରୁ ଚିହ୍ନଟ କରାଯାଇଛି। ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ଦ୍ୱାରା ଚିହ୍ନଟ ଏହି କୀର୍ତ୍ତିରାଜିଗୁଡ଼ିକ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ବର୍ଷ ପୁରାତନ ହେବ ବୋଲି କହିଛନ୍ତି। ସରକାରଙ୍କ ପକ୍ଷରୁ ସୁରକ୍ଷା ଓ ସଂରକ୍ଷଣ ଅଭାବରୁ ଏଭଳି ଐତିହ୍ୟ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ତଥା ବିଲୁପ୍ତ ହେବାରେ ଲାଗିଛି।

ଐତିହ୍ୟ ଗବେଷକ ଦୀପକଙ୍କ କହିବା ଅନୁଯାୟୀ, ଅଡ଼ା ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଗ୍ରାମ। ଗ୍ରାମର ଶେଷ ମୁଣ୍ଡରେ ଉଆସ ନାମକ ଏକ ସ୍ଥାନ ରହିଛି। ହୁଏତ ପୂର୍ବରୁ ଏହି ସ୍ଥାନରେ ସ୍ଥାନୀୟ କେଉଁ ରାଜବଂଶ କିମ୍ବା ଜମିଦାରମାନଙ୍କ ବାସସ୍ଥଳୀ/ଉଆସ ଥିଲା। ଏହି ସ୍ଥାନରେ ଖୋଲାମେଲା ଆକାଶ ତଳେ ପଡି ରହିଛନ୍ତି ଅନେକ ପ୍ରାଚୀନ ଜୈନ ମୂର୍ତ୍ତି। ଗବେଷକ ନାୟକ ଏହି ପ୍ରତିମା ସବୁକୁ ପାର୍ଶନାଥ, ଚନ୍ଦ୍ରପ୍ରଭା, ଋଷଭନାଥ, ଶାନ୍ତିନାଥ, ଅମ୍ବିକା ତଥା ଚକ୍ରେଶ୍ୱରୀ ରୂପେ ଚିହ୍ନଟ କରିଛନ୍ତି। ଏ ସମସ୍ତ ଦେବଦେବୀ ଜୈନଧର୍ମ ସହ ସମ୍ପର୍କିତ। ଅଡ଼ାର ନିକଟବର୍ତ୍ତୀ ଅଞ୍ଚଳ ଯେପରିକି ଚରମ୍ପା, କୁପାରୀ ତଥା ପୋଡ଼ସିଙ୍ଗିଡ଼ି ଆଦି ସ୍ଥାନରେ ଅନେକ ଜୈନ ପ୍ରତ୍ନତାତ୍ତ୍ୱିକ ଅବଶେଷ ଦେଖିବାକୁ ମିଳେ। ଏଥିରୁ ସ୍ପଷ୍ଟ ଯେ, ଏହି ଅଞ୍ଚଳରେ ପ୍ରାଚୀନ ସମୟରେ ଜୈନଧର୍ମ ପ୍ରଭାବ ବିସ୍ତାର କରିଥିଲା। ଏସବୁ ମୂର୍ତ୍ତିର ଗଠନ ସମୟ ୮ମରୁ ୧୦ମ ଶତାବ୍ଦୀ ନିକଟବର୍ତ୍ତୀ କାଳରେ ହୋଇପାରେ ବୋଲି ଗବେଷକ ନାୟକ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ତଥା ଯୁବ ଐତିହ୍ୟପ୍ରେମୀ ମନୋଜ ପଣ୍ଡା କୁହନ୍ତି, ଏହି ଅଞ୍ଚଳରେ ପୂର୍ବରୁ ଭଞ୍ଜରାୟ ମହାପାତ୍ର ବଂଶର ରାଜାମାନେ ଶାସନ କରୁଥିଲେ ବୋଲି ଜନମତ ରହିଛି। ତେଣୁ ସେ ସମୟରେ ଏହି ମୂର୍ତ୍ତିଗୁଡ଼ିକ ହୋଇପାରେ। ଦୀର୍ଘବର୍ଷ ରହିବା ସହ ଖରା ଓ ବର୍ଷା ପ୍ରକୋପରେ ଅନେକ ମୂର୍ତ୍ତି ଭାଙ୍ଗିରୁଜି ଗଲାଣି। ଏପରି ବିରଳ ମୂର୍ତ୍ତି ସବୁର ସୁରକ୍ଷା ପାଇଁ ପ୍ରଶାସନ ଯତ୍ନବାନ ହେବା ଉଚିତ। ଅଡା ଗ୍ରାମବାସୀ ଉକ୍ତ ସ୍ଥାନରେ ଏକ ସଂଗ୍ରହାଳୟ ନିର୍ମାଣ କରି ମୂର୍ତ୍ତିଗୁଡ଼ିକୁ ସୁରକ୍ଷିତ କରି ରଖିବାକୁ ଦାବି କରିଛନ୍ତି। ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ ଏହି ସ୍ଥାନର ଇତିହାସ ସମ୍ପର୍କରେ ଆହୁରି ଅନେକ ତଥ୍ୟର ସନ୍ଧାନ ମିଳିପାରିବ ବୋଲି ଗବେଷକ ଦୀପକ ନାୟକ କହିଛନ୍ତି।

> କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ। କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀ ଓ ଆଦର୍ଶରେ ଉର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚିନାହିଁ। ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ। – ଶ୍ରୀଅରବିନ୍ଦ

# ଖରାପ ଖବରବେଳେ ଲୁଚୁଛନ୍ତି



**ଆକାର ପଟେଲ**

୨୦୦୪ରେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଲାବେଳେ ପଣ୍ୟଦ୍ରବ୍ୟ ରପ୍ତାନି ଥିଲା ୬୩ ବିଲିୟନ ଡଲାର(ଆମେରିକୀୟ)। ୨୦୧୪ରେ ସିଂ ଦାୟିତ୍ୱ ଛାଡ଼ିବାବେଳେ ଭାରତର ଉକ୍ତ ରପ୍ତାନି ଥିଲା ୩୧୨ ବିଲିୟନ ଡଲାର। ଅର୍ଥାତ୍ ୟୁପିଏ ସରକାର ଶାସନରେ ଥିବା ପାଇଁ ୧୦ ବର୍ଷ ମଧ୍ୟରେ ପ୍ରତିବର୍ଷ ୧୭% ହାରରେ ଅଭିବୃଦ୍ଧି ଘଟିଥିଲା। କୋଭିଡ୍ ପୂର୍ବରୁ ମାର୍ଚ୍ଚ ୨୦୨୦ରେ ଭାରତର ପଣ୍ୟଦ୍ରବ୍ୟ ରପ୍ତାନି ଥିଲା ୩୧୪ ବିଲିୟନ ଡଲାର। ଏଥିରୁ ବୁଝାପଡୁଛି ଯେ, ୬ ବର୍ଷରେ ଉକ୍ତ ରପ୍ତାନିରେ କୌଣସି ଅଭିବୃଦ୍ଧି ହୋଇ ନ ଥିଲା। ଭାରତରେ ଏଭଳି ମାନ୍ଦାବସ୍ଥା ଲାଗି ବ୍ୟବସ୍ଥା କିମ୍ବା ନୀତିର କିଛି ଭୁଲ୍ ନାହିଁ। ପ୍ରକୃତ କଥା ହେଉଛି ଯେ, ଏହି ସମୟରେ ୟୁପିଏ ଶାସନ ସମୟରେ ବୃଦ୍ଧି ପାଇଥିବା ବୈଶ୍ୱିକ ବାଣିଜ୍ୟ ଅଟକିଯାଇଥିଲା। କିନ୍ତୁ ସେହିସମାନ ବର୍ଷଗୁଡ଼ିକରେ ଆମେ ଅଟକି ରହିଲାବେଳେ ବାଂଲାଦେଶ ଓ ଭିଏତନାମ ସେମାନଙ୍କ ରପ୍ତାନି ଓ ବୈଶ୍ୱିକ ବାଣିଜ୍ୟରେ ଭାଗୀଦାରି ବଢ଼ାଇପାରିଥିଲେ। ମାନ୍ଦାବସ୍ଥାର ଦୀର୍ଘ ଅବଧି ମଧ୍ୟରେ କିଛି ମାସରେ ଭାରତ ଅଭିବୃଦ୍ଧି କଲାବେଳେ ଏହିସବୁ ମନ୍ତ୍ରୀମାନେ ବାହାରି ଆସି ବହୁତ କିଛି କହିବା ଦେଖାଯାଏ। ୧୩ ଅକ୍ଟୋବର ୨୦୧୭ରେ ତତ୍କାଳୀନ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ସୁରେଶ ପ୍ରଭୁ ଟୁଇଟ୍ କରିଥିଲେ ଯେ, ଭାରତର ଅଭିବୃଦ୍ଧି ଫେରିଛି ଓ ୨୦୧୬ ସେପ୍ଟେମ୍ବର ତୁଳନାରେ ସେପ୍ଟେମ୍ବର ୨୦୧୭ରେ ରପ୍ତାନି ୨୫.୬% ଅଭିବୃଦ୍ଧି ଘଟିଛି। କିନ୍ତୁ ପୂରା ବର୍ଷରେ ରପ୍ତାନିରେ କେତେ ଅଭିବୃଦ୍ଧି ଘଟିଥିଲା ତାହା କହି ନ ଥିଲେ। ବାସ୍ତବରେ ଏହା ଥିଲା ୩୦୨ ବିଲିୟନ୍ ଡଲାର, ଯାହା ୨୦୧୪ ଠାରୁ କମ୍। ମୋଦି ଦାୟିତ୍ୱ ନେବା ପରେ ଏଥିରେ ହ୍ରାସ ଘଟିଛି ବୋଲି କାଳେ ପ୍ରକାଶ ପାଇଯିବ ସେଥିପାଇଁ ମନ୍ତ୍ରୀ ମୁହଁ ଖୋଲିଲେ ନାହିଁ। ଅଗଷ୍ଟ ୨୦୧୮ରେ ସେ ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ, ଆଗାମୀ ୫ ବର୍ଷରେ ରପ୍ତାନି ଦୁଇଗୁଣ ବୃଦ୍ଧି ପାଇବ। କିନ୍ତୁ ଏ ବିଷୟରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହା କହି ନ ଥିଲେ।

କୋଭିଡ୍ ମହାମାରୀର ପ୍ରଥମ ଲହର ପରେ ୨୦୨୧ରେ ବୈଶ୍ୱିକ ବାଣିଜ୍ୟ ଦ୍ରୁତଗତିରେ ବଢ଼ିଲା। ଅତ୍ୟାବଶ୍ୟକ ସାମଗ୍ରୀ ଓ ତେଲ ଦର ଅହେତୁକ ବୃଦ୍ଧି ହେଲା। ଏହି କାରଣରୁ ଭାରତର ପଣ୍ୟଦ୍ରବ୍ୟ ରପ୍ତାନି ବୃଦ୍ଧି ପାଇ ପ୍ରଥମ ଥର ଲାଗି ୪୦୦ ବିଲିୟନ ଡଲାରକୁ ଟପିଗଲା। ଚଳିତ ବର୍ଷ ଏପ୍ରିଲ ୪ରେ, ୨୦୨୧–୨୦୨୨ ଆର୍ଥିକ ବର୍ଷରେ ଭାରତର ପଣ୍ୟଦ୍ରବ୍ୟ ରପ୍ତାନି ସର୍ବକାଳୀନ ଉଚ୍ଚସ୍ତର ୪୧୭.୮୧ ବିଲିୟନ ଡଲାରକୁ ଛୁଇଁଛି ଏବଂ ପୂର୍ବ ଆର୍ଥିକ ବର୍ଷର ରପ୍ତାନି ୨୯୧.୮୧ ଡଲାର ତୁଳନାରେ ଏହା ୪୩.୧୮% ବୃଦ୍ଧି ଘଟିଛି ବୋଲି ପ୍ରେସ୍ ଇନ୍‌ଫରମେଶନ ବ୍ୟୁରୋ (ପିଆଇବି) ପ୍ରକାଶ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୨୦–୨୧ରେ ଅର୍ଥାତ୍ ମୋଦି ପ୍ରଧାନମନ୍ତ୍ରୀ ହେବାର ୭ ବର୍ଷ ପରେ ପଣ୍ୟଦ୍ରବ୍ୟ ରପ୍ତାନି ମନମୋହନ ସିଂ ଦାୟିତ୍ୱ ନେବା ବର୍ଷ ତୁଳନାରେ କମ୍ ରହିଥିଲା। ତଥାପି ସରକାର ଏହା ପ୍ରଧାନମନ୍ତ୍ରୀଙ୍କ ଅଲୌକିକ ନୀତି ଯୋଗୁ ହାସଲ ହୋଇପାରିଲା ବୋଲି ଦାବି କରିବାକୁ ବାହାରି ଆସିଲେ। ୨୦୩୦ ସୁଦ୍ଧା ଭାରତ ୧ ଟ୍ରିଲିୟନ (୧୦୦୦ ବିଲିୟନ) ଡଲାର ରପ୍ତାନି ଲକ୍ଷ୍ୟ ରଖୁଛି ବୋଲି ଏବକାର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲଙ୍କ ମନ୍ତବ୍ୟକୁ ଏକ ନ୍ୟୁଜ ଏଜେନ୍ସି ପ୍ରକାଶ କଲା। ଏହା ସମ୍ଭବ ହୋଇପାରିବ ଏବଂ ଭାରତ ପ୍ରଥମ ଥର ଲାଗି ୪୦୦ ବିଲିୟନ ଡଲାରରୁ ଅଧିକ ଐତିହାସିକ ସ୍ତର ହାସଲ କରିବା ପରେ ତାଙ୍କ ମନରେ ନୂତନ ଉତ୍ସୁକତା ପ୍ରକାଶ ପାଇଛି ବୋଲି ଗୋୟଲ କହିଲେ। କିନ୍ତୁ କାହିଁକି ଏହି ଅଭିବୃଦ୍ଧି ଘଟିଲା ସେ ବିଷୟରେ କିଛି ଜଣାଇଲେ ନାହିଁ। ମହାମାରୀ ପୂର୍ବରୁ ବର୍ଷଗୁଡ଼ିକରେ କାହିଁକି ଏହା ହୋଇପାରିଲା ନାହିଁ ତାହା ସୂଚିତ କଲେ ନାହିଁ। ଆଗକୁ କେମିତି ଆମେ ଅଭିବୃଦ୍ଧି ହାସଲ କରିବୁ ସେ ପ୍ରସଙ୍ଗକୁ ମଧ୍ୟ ଏଡ଼ାଇଗଲେ। ବାସ୍ତବତାକୁ ଦେଖିଲେ ୪୧୭ ବିଲିୟନ ଡଲାରରୁ ଯାଇ ୨୦୩୦ ସୁଦ୍ଧା ୧୦୦୦ ବିଲିୟନ ଡଲାରରେ ପହଞ୍ଚିବା ଅର୍ଥ ଆମକୁ ବାର୍ଷିକ ୧୩% ହାରରେ ଅଭିବୃଦ୍ଧି ହାସଲ କରିବାକୁ ହେବ। ମାର୍ଚ୍ଚ ଶେଷରେ ପୂର୍ବ ଆର୍ଥିକ ବର୍ଷର ତଥ୍ୟ ବା ସଂଖ୍ୟା ସାମ୍ନାକୁ ଆସିଲାବେଳେ ଗୋୟଲ ଏକଥା କହିଥିଲେ। ତା' ପରଠାରୁ କ'ଣ ଘଟିଲା ? ପଣ୍ୟଦ୍ରବ୍ୟ ରପ୍ତାନି ବର୍ଷକ ଭିତରେ ସେପ୍ଟେମ୍ବର ୨୦୨୨ରେ କମ୍ ଥିଲା ବୋଲି କିଛି ଦିନ ପୂର୍ବରୁ ଅକ୍ଟୋବର ୩ରେ ପିଆଇବି ପ୍ରକାଶ କରିଥିଲା। ଅଗଷ୍ଟରେ ମଧ୍ୟ ରପ୍ତାନି ୨୦୨୧ ତୁଳନାରେ କମ୍ ରହିଥିଲା। ବିଶ୍ୱର ସ୍ଥିତି, ୟୁକ୍ରେନ ଯୁଦ୍ଧ ଏବଂ ବିକଶିତ ଦେଶ ବିଶେଷକରି ଆମେରିକାରେ ମାନ୍ଦାବସ୍ଥାକୁ ଦେଖିଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେବେ ଗୋଟିଏ ବର୍ଷରେ ରପ୍ତାନି ବୃଦ୍ଧି ହୋଇ କାହିଁକି ଅଟକିଗଲା ସେ ସମ୍ପର୍କରେ ସରକାରଙ୍କ ପ୍ରତିକ୍ରିୟା କିଛି ନ ଥିଲା। ବାସ୍ତବରେ ଏହା ଆଶା ବି କରିବା ବୃଥା। ସରକାର କିଭଳି ଚାଲିଛି ଏହା ତାହାର ଦୃଷ୍ଟାନ୍ତ। ଯେତେବେଳେ କିଛି ଭଲ ଖବର ଅଛି ଓ ଏହାର ସମ୍ପର୍କ ସରକାରୀ ନୀତି ସହ ନ ଥିଲେ ମଧ୍ୟ ସେତେବେଳେ ସରକାର ଶ୍ରେୟ ନେବାକୁ ଆଗଭର ହୋଇ ପଡୁଛନ୍ତି। ଯେତେବେଳେ ଖରାପ ଖବର ରହୁଛି କିମ୍ବା କିଛି ଜଣାଇବାର ଆବଶ୍ୟକତା ମଣୁନାହାନ୍ତି, ସେତେବେଳେ ସରକାର ପଛଘୁଞ୍ଚା ଦେବା ସହ ଲୁଚୁଛନ୍ତି।

ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ) ଆକଳନ କରିଛି ଯେ, ୨୦୨୩ ପାଇଁ ବୈଶ୍ୱିକ ବାଣିଜ୍ୟ ଅଭିବୃଦ୍ଧି ୧% କମ୍ ହେବ। ୟୁକ୍ରେନ ଯୁଦ୍ଧ ଏହାକୁ ଆହୁରି କମ୍ କରି ଆର୍ଥିକ ସଙ୍କଟ ଆଣିପାରେ ବୋଲି କହିଛି। ଆମ ରପ୍ତାନିକୁ ସ୍ପଷ୍ଟଭାବେ ପ୍ରଭାବିତ କରୁଥିବା ତତ୍ତ୍ୱଗୁଡ଼ିକୁ ରୋକିବାରେ ଯଦି ଭାରତ ପୂର୍ଣ୍ଣ ସକ୍ରିୟତା ପ୍ରକାଶ ନ କରେ ତେବେ କୋଭିଡ୍ ପୂର୍ବରୁ ଅନେକ ବର୍ଷ ଧରି ବିଶ୍ୱରେ ବାଣିଜ୍ୟ ଅଭିବୃଦ୍ଧି ଧାରା ଯେମିତି କମିବାରେ ଲାଗିଥିଲା ଠିକ୍ ସେମିତି ଆମ ଅଭିବୃଦ୍ଧି ହ୍ରାସ ପାଇବ। ଏଠାରେ ମୁଖ୍ୟ ପ୍ରସଙ୍ଗ ହେଉଛି ରପ୍ତାନି, କିନ୍ତୁ ଏହାର ଅଭିବୃଦ୍ଧି ପ୍ରସଙ୍ଗରୁ ଦୂରେଇ ଯାଇ ସରକାର ଅର୍ଥ ବ୍ୟବସ୍ଥା ସମ୍ପର୍କିତ ଅନ୍ୟ ବିଷୟଗୁଡ଼ିକୁ ୨୦୧୪ରୁ ଅଧିକ ଉପସ୍ଥାପନ କରି ଆସିଛନ୍ତି। କାରଣ ଯାହା ଥାଉ ନା କାହିଁକି, ଭାରତରେ ମିଡିଆ ସହିତ ବିଜ୍‌ନେସ ପ୍ରେସ୍ ଦୀର୍ଘମିଆଦୀ ସମସ୍ୟାଗୁଡ଼ିକୁ ପ୍ରକାଶ କରୁନାହାନ୍ତି। ଫଳରେ ସରକାର ନିଜେ କରୁଥିବା କିଛି ନିର୍ଦ୍ଦିଷ୍ଟ ବିଷୟରେ କହୁଛନ୍ତି ଓ ନିଜର ପ୍ରଦର୍ଶନ ସମ୍ପର୍କରେ ପ୍ରକାଶ କରିବାକୁ ଚାହୁଁନାହାନ୍ତି।

Email:aakar.patel@gmail.com

# ବଡ଼ଲୋକଙ୍କୁ ପ୍ରଶ୍ନ ହିଁ ନାହିଁ



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

କେଉଁ କାଳରୁ ଗଡ଼ି ଗଡ଼ି ଆସୁଥିବା 'ବଡ଼ଲୋକଙ୍କୁ ଉତ୍ତର ନାହିଁ' ବୋଲି କଥାଟିକୁ ଟିକେ ନିରିଖେଇ ଦେଖିଲେ ଜାଣିହେବ ଯେ ପ୍ରକୃତରେ ବଡ଼ଲୋକଙ୍କୁ ଉତ୍ତର ନୁହେଁ, ପ୍ରଶ୍ନ ହିଁ ନାହିଁ। ବଡ଼ଲୋକଙ୍କୁ ପ୍ରଶ୍ନ କରିବା ଏକ ଅନୁଚିତ ଔଦ୍ଧତ୍ୟ ବୋଲି ଧରାଯାଇ ସେଥିପାଇଁ ଜାରି ହୋଇଛି ଏହି ଅଲିଖିତ ବାରଣନାମା। ତେବେ କିଏ ସେଇ ବଡ଼ଲୋକ? ଅଜସ୍ର ଧନସମ୍ପଦର ଗର୍ବିତ ମାଲିକ ନା ଅପ୍ରମିତ କ୍ଷମତାର ଅଧିକାରୀ ସ୍ୱର୍ଦ୍ଧିତ ଶାସକ? ତୁଳନାତ୍ମକ ଭାବେ ଦୁଇ ବର୍ଗର ବଡ଼ଲୋକଙ୍କ ମଧ୍ୟରୁ ତା'ଠାରୁ ଏକ ଅପହଞ୍ଚ ଦୂରତ୍ୱରେ ଥିବା ଶାସକମାନେ ହିଁ ଛୋଟଲୋକଟି ପାଇଁ ଜଣେ ଜଣେ ବଡ଼ଲୋକ। ଅତୀତର ରାଜତନ୍ତ୍ର ଓ ବର୍ତ୍ତମାନର ଗଣତନ୍ତ୍ର ତା' ପାଇଁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ରାଜତନ୍ତ୍ରରେ ରାଜପୁରୁଷମାନେ ବଡ଼ ଥିଲାବେଳେ ଗଣତନ୍ତ୍ରରେ ରାଜନେତାଗଣ ବଡ଼ ବୋଲାଉଛନ୍ତି ସିନା, ସେ ଯେଉଁ ଛୋଟକୁ ସେଇ ଛୋଟ ହୋଇ ରହିଯାଇଛି। ରାଜାଙ୍କ ରଥ ଓ ମନ୍ତ୍ରୀଙ୍କ ଗାଡ଼ିର ଆକୃତି ବଦଳିଛି ସିନା, ରାଜ ଆଡ଼ମ୍ବରରେ କିଛି ପରିବର୍ତ୍ତନ ଘଟିନାହିଁ। ରଥର ଧୂଳି ଓ ଗାଡ଼ିର ଧୂଆଁରେ ଆଖି ମଳି ଲୁହ ପୋଛି ହେବାକୁ ଛୋଟଲୋକଟି ସେମିତି ସଡ଼କ କଡ଼ରେ ଛିଡ଼ାହୋଇ ରହିଛି କାହାକୁ କିଛି ପ୍ରଶ୍ନ ନ କରି।

ସାଧାରଣ ଲୋକଟିଏ। ବଡ଼ଲୋକର ପ୍ରତିପକ୍ଷ ଛୋଟଲୋକ ଶ୍ରୁତିକଟୁ ହେଉଥିବାରୁ ତାକୁ 'ସାଧାରଣ ଲୋକ' କୁହାଯାଉ। ଯାହାର ଝାଳବୁହା ଶ୍ରମକୁ ପୁଞ୍ଜି କରି ବା ଯାହାର ଟିକସକୁ ମୂଳ ଧନ କରି ସମୃଦ୍ଧ ହୋଇ ଆସିଛି ରାଜ୍ୟର ରାଜକୋଷ, ଉଭୟ ସେକାଳ ରାଜତନ୍ତ୍ରର ଓ ଏକାଳ ଗଣତନ୍ତ୍ରର ; ତା' ମନରେ ଉଠୁଥିବା ପ୍ରଶ୍ନକୁ ପଚାରିବାର ଯେ ତା'ର ଅଧିକାର ନାହିଁ; ଏହା ହିଁ ବିଡ଼ମ୍ବନା। ରାଜତନ୍ତ୍ରଠୁ ଗଣତନ୍ତ୍ର ଯାଏ ସବୁଠି ରାଜପୁରୁଷ ଓ ରାଜନେତାମାନଙ୍କ ଆଚରଣର ଔଚିତ୍ୟକୁ ପ୍ରଶ୍ନ କରିବା ସାଧାରଣ ଲୋକ ପାଇଁ ଏକ ସର୍ବକାଳୀନ ଧୃଷ୍ଟତା। ରାଜତନ୍ତ୍ରର ଚାବୁକ ମାଡ଼ଠାରୁ ଆହୁରି ଭୟଙ୍କର ଗଣତନ୍ତ୍ରର ନିଥର ନୀରବତା ଓ ବେଖାତିର ମନୋଭାବ। ସୁତରାଂ, ପୂର୍ବେ ରାଜତନ୍ତ୍ରର ସାମନ୍ତବାଦୀ ସ୍ତବପାଠରେ ତା'ର ଅସନ୍ତୋଷ ଅବ୍ୟକ୍ତ ରହିଯାଉଥିଲା ବେଳେ ଏବେ ଗଣତନ୍ତ୍ରର ଦରବାରୀ କୋଳାହଳରେ ତା'ର ନୀରବ ପ୍ରତିବାଦ ନିଃଶବ୍ଦ ଭାବେ ମିଳାଇ ଯାଉଛି।

ଆଜିକାଲିର ଭାଷାରେ 'କମନ୍ ମ୍ୟାନ୍' କୁହାଯାଉଥିବା ସାଧାରଣ ଲୋକର ପରିବ୍ୟାପ୍ତ ପରିସରରେ ଏମିତି ବହୁ ଯନ୍ତ୍ରଣାଦାୟକ ଅନୁଭୂତିର ଅଭାବ ନ ଥିଲା ବେଳେ ନିକଟରେ ସଂଘଟିତ ହୋଇଥିବା ଦୃଷ୍ଟାନ୍ତ ଉପରେ ନଜର ପକାଯାଉ। ଏକ ପୁରସ୍କାର ପ୍ରାପ୍ତିର ମହାର୍ଘ ଉପଲବ୍ଧିର ମହର୍ଗ ଉଲ୍ଲାସ ପ୍ରକଟିତ ହୋଇଥିଲା ରାଜଧାନୀର ରାଜରାସ୍ତା ଉପରେ। ହଜାର ହଜାର ଲୋକ ବହୁବିଧ ନୃତ୍ୟ ଓ ବାଦ୍ୟ ବିଚିତ୍ରାର ଅଭୂତପୂର୍ବ ଦୃଶ୍ୟ ଯେଉଁମାନଙ୍କ ଆଖିରେ ପଡ଼ିଥିବ, ସେମାନେ ମଧ୍ୟ ଏ ଦୃଶ୍ୟ ବି ଦେଖିଥିବେ ଯେ ରାଜଧାନୀର ସ୍ୱାଭାବିକ ଜୀବନଯାତ୍ରା କେତେ ସମୟ ପାଇଁ କେମିତି ନିର୍ବାସନରେ ଚାଲି ଯାଇଥିଲା। କଲିକତା ଯିବା ପାଇଁ ଟ୍ରେନ୍ ଧରିବାକୁ ଷ୍ଟେଶନ ଯାଉଥିବା ମାଆପୁଅ ଦୁହେଁ କେମିତି କଲବଲ ହୋଇ ବର୍ଷାରେ ଭିଜିଭିଜି ଦୌଡ଼ି ଦୌଡ଼ି ଚାଲିଛନ୍ତି ଷ୍ଟେଶନ ଅଭିମୁଖେ। ପୁଣି ଗୁରୁତର ଅସୁସ୍ଥ ରୋଗୀକୁ ଧରି ହସ୍ପିଟାଲ ଯାଉଥିବା ଆମ୍ବୁଲାନ୍ସଟି କେମିତି ଲମ୍ବା ସାଇରନ୍ ବଜାଇ ଚାଲିଥିଲେ ମଧ୍ୟ ବିଶାଳ ଜନତାର ପଟୁଆର ଭେଦ କରି ଇଞ୍ଚେ ମଧ୍ୟ ଆଗକୁ ଗଡ଼ି ପାରୁନାହିଁ। କେହି ଓଲା ଭଡ଼ା କରି ଟ୍ରେନ୍ ଧରିବାକୁ ଷ୍ଟେଶନ ଆସୁଥିବା ବେଳେ ସେମାନଙ୍କ ପଥରୋଧ କରିଛି ପ୍ରଶଂସକଙ୍କ ବିଶାଳ ପଟୁଆର ତ ଅନ୍ୟ କେଉଁଠି ମୃତ୍ୟୁ ସହ ଯୁଝୁଥିବା ରୋଗୀଟିକୁ ନିର୍ବିଘ୍ନରେ ହସ୍ପିଟାଲ ବୋହି ନେବା ପାଇଁ ବିକଳ ସାଇରନ ବଜାଉଥିବା ଆମ୍ବୁଲାନ୍ସର ପଥ ଓଗାଳୁଛି ଅନିୟନ୍ତ୍ରିତ ଲୋକଭିଡ଼! ଚାଟୁକାରିତାର ମିଥ୍ୟାଚାର ହାତରେ ମାନବିକତାର କି ଦୟନୀୟ ପରାଜୟ!

ସେଦିନ ଆମ୍ବୁଲାନ୍ସ ଭିତରେ ରୋଗ ଯନ୍ତ୍ରଣା ସହି ଅସହାୟ ଭାବେ ପଡ଼ିରହିଥିବା ରୋଗୀଟିର ଅବସ୍ଥା କ'ଣ ହେଲା, ସେହି ଖବର କେହି ରଖିନାହାନ୍ତି। ମାତ୍ର ସେଦିନର ସେଇ ଅସ୍ୱାଭାବିକ ଟ୍ରାଫିକଜାମ୍ ଦେଖି ଅନେକ ବର୍ଷ ତଳର ନିଜ ଅବସ୍ଥା ମନେ ପକାଉଥିଲେ ରାଜଧାନୀରେ ରହୁଥିବା ଜଣେ ବନ୍ଧୁ। ଭୀଷଣ ପେଟ ଯନ୍ତ୍ରଣାରେ ଚିତ୍କାର ଛାଡୁଥିବା ନିଜ କିଶୋର ପୁଅଟିକୁ ଅଟୋରିକ୍ସାରେ ନେଇ ସେଦିନ ଅପରାହ୍ନରେ ବନ୍ଧୁ କ୍ୟାପିଟାଲ ହସ୍ପିଟାଲ ଯାଉଥିଲେ। ଲକ୍ଷ୍ୟସ୍ଥଳ ଆଉ ଅଳ୍ପ ଦୂର ବାକି ଥିଲାବେଳେ ତାଙ୍କ ଗାଡ଼ି ଅଟକିଗଲା। ତାଙ୍କ ଆଗରେ ଆହୁରି ପ୍ରାୟ କୋଡ଼ିଏ ହେବ ଗାଡ଼ି ଅଟକି ଥିବାର ଦେଖି ସେ ହତାଶ ହୋଇପଡ଼ିଲେ।



କାରଣ ବୁଝି ଜାଣିଲେ ଯେ, ଆଗ ରାସ୍ତା ଦେଇ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କ କାର୍ ପଟୁଆର ବାହାରିବ ରାଜଭବନରୁ ଷ୍ଟାଡିୟମର ସଭାସ୍ଥଳକୁ। ପ୍ରଧାନମନ୍ତ୍ରୀ ନ ଯିବା ଯାଏ ରାସ୍ତା ଖୋଲିବନି। ଯନ୍ତ୍ରଣାରେ ଅର୍ଦ୍ଧମୂର୍ଚ୍ଛିତ ପୁଅଟିକୁ ସାଧାରଣ ବାପା ଜଣକ ସାନ୍ତ୍ୱନା ଦେଲେ– ''ଆଉ ଅଳ୍ପ ସମୟ। ଦଶମିନିଟ୍ ପରେ ପ୍ରଧାନମନ୍ତ୍ରୀଙ୍କ ପଟୁଆର ଚାଲିଗଲା ପରେ ଆମ ରାସ୍ତା ଖୋଲିଯିବ। ସେତକ ସମୟ ଟିକେ ଥୟ ଧର ବାପା!'' ପୁଅକୁ ଥୟ ଧରିବାକୁ ଆଶ୍ୱାସନା ଦେଉଥିବା ବାପା ନିଜେ ଅଥୟ ହୋଇପଡ଼ିଲେ, ଯେତେବେଳେ ଅଧଘଣ୍ଟା ବିତିଗଲା ପରେ ମଧ୍ୟ ରାସ୍ତା ଖୋଲିଲା ନାହିଁ। ପଛକୁ ଫେରି ଅନ୍ୟ ରାସ୍ତା ଧରିବା ମଧ୍ୟ ସମ୍ଭବ ନ ଥିଲା, କାରଣ ସେତେବେଳକୁ ତାଙ୍କ ଗାଡ଼ି ପଛରେ ଆହୁରି ତିରିଶରୁ ଅଧିକ ଗାଡ଼ି। ସେ ବିକଳ ହୋଇ ଆଗକୁ ଚାହିଁ ଦେଖିଲେ ଲମ୍ବା ସାଇରନ୍ ବଜାଇ ପୋଲିସ ଏସ୍କର୍ଟ ଗାଡ଼ିଟି ସାମ୍ନା ରାସ୍ତାରେ ଆସିଲା ଓ ପରେ ପରେ ପ୍ରଧାନମନ୍ତ୍ରୀଙ୍କ ବିଶାଳ କାର୍ ପଟୁଆର ଷ୍ଟାଡିୟମ ଅଭିମୁଖେ ଛୁଟି ଚାଲିଥିଲେ। ଅଥଚ ସେଇ ରାସ୍ତାର ବିପରୀତ ଦୁଇପାଖ ରାସ୍ତାରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ସଂଖ୍ୟକ ଗାଡ଼ି ଛିଡ଼ା ହୋଇଥିଲେ। ଆଶଙ୍କାରେ ପ୍ରତ୍ୟେକ ମୁହୂର୍ତ୍ତ ବିତାଇଥିବା ସେଇ ସାଧାରଣ ପିତାଙ୍କ ସୌଭାଗ୍ୟକୁ ସେଦିନ ପୁଅଟି ଉପଯୁକ୍ତ ଚିକିତ୍ସା ପାଇ ଯନ୍ତ୍ରଣାମୁକ୍ତ ହେଲା ସିନା, ମାତ୍ର ହସ୍ପିଟାଲ ଯାଉଥିବା ବାଟରେ ଅନିଶ୍ଚିତତାର ଯେଉଁ ଯନ୍ତ୍ରଣା ସେ ଅଧଘଣ୍ଟା ପାଇଁ ଭୋଗି ଚାଲିଥିଲେ, ତିରିଶ ବର୍ଷ ପରେ ବି ଏଯାଏ ସେହି ଯନ୍ତ୍ରଣାର ଉପଶମ ହୋଇନାହିଁ। ବଡ଼ଲୋକଙ୍କ ସୁରକ୍ଷା ନାମରେ ତାଙ୍କ ଭଳି ଜଣେ ସାଧାରଣ ଲୋକର ଏକମାତ୍ର ପୁଅ ମୁହଁରେ ଆସନ୍ନ ମୃତ୍ୟୁର ପ୍ରତିଛାୟା ଦେଖିବାର ଯନ୍ତ୍ରଣା ବା ଗଣତନ୍ତ୍ରରେ ସଭିଏ ସମାନ ଭଳି ଏକ ମିଥ୍ୟା, ପ୍ରବଞ୍ଚନାପୂର୍ଣ୍ଣ ଆଶ୍ୱାସନାକୁ ଆପଣେଇ ନେବାର ଯନ୍ତ୍ରଣା ଏବଂ ସର୍ବୋପରି ବଡ଼ଲୋକଙ୍କୁ ପ୍ରଶ୍ନ କରିପାରୁ ନ ଥିବା ଅସାମର୍ଥ୍ୟର ଯନ୍ତ୍ରଣାରୁ କି ସହଜରେ ନିସ୍ତାର ମିଳେ!

କେବଳ ଏହି ବନ୍ଧୁ ଜଣକ ନୁହନ୍ତି, ସବୁ ସାଧାରଣ ଲୋକଙ୍କ ଭାଗ୍ୟ ସବୁବେଳେ ଏହିଭଳି। ଅସମତା ଓ ଅବହେଳାର ଯନ୍ତ୍ରଣା ସହି ପଦପଦବୀରେ ବଡ଼ ବୋଲାଉଥିବା ଲୋକମାନଙ୍କୁ ରାସ୍ତା ଛାଡ଼ିଦେବା ହିଁ ସେମାନଙ୍କ ରାଷ୍ଟ୍ର ପ୍ରୀତିର ଉଜ୍ଜ୍ୱଳ ସନ୍ତକ। ସେମାନଙ୍କ ବ୍ୟକ୍ତିଗତ ଜୀବନରେ ଯାହା ବି ମୂଲ୍ୟ ଦେବାକୁ ପଡୁ ପଛେ, ହସ୍ପିଟାଲ ପହଞ୍ଚିବା ପୂର୍ବରୁ କେହି ଆତ୍ମୀୟ ଶେଷନିଃଶ୍ୱାସ ତ୍ୟାଗ କରୁ ପଛେ, କି ଷ୍ଟେଶନ ପହଞ୍ଚିବା ପୂର୍ବରୁ ଟ୍ରେନ୍ ଛାଡ଼ିଦେଉ ; ତହିଁରେ ରାଷ୍ଟ୍ରର କି ଯାଏ ନା ରାଷ୍ଟ୍ର ଚଳାଉଥିବା ବଡ଼ଲୋକମାନଙ୍କର କି ଆସେ! ଅଥଚ ଯେଉଁ ବିଧିବ୍ୟବସ୍ଥାରେ ଆମ ଶାସନ ଚାଲୁଛି, ତାହାର ନାମ ରାଜତନ୍ତ୍ର ନୁହେଁ, ପ୍ରଜାତନ୍ତ୍ର! ଏଠାରେ ରାଜା, ମନ୍ତ୍ରୀ ବା ସାମନ୍ତଙ୍କର ନୁହେଁ, ସାଧାରଣ ଲୋକଙ୍କର କାଳେ ଅଖଣ୍ଡ କ୍ଷମତା! କେଜାଣି!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ବ୍ୟକ୍ତିନିଷ୍ଠ ଜୀବନସ୍ରଷ୍ଟା

**ବ୍ୟକ୍ତିତ୍ୱ**



ଏନି ଅର୍ନଡ

ଅକ୍ଟୋବର ୬। ନିଜ ରୋଷଶାଳାରେ ଥିବା ରେଡିଓ ପାଖକୁ ସେ ଗଲେ ଓ ତାହାକୁ ଖୋଲି ସେଦିନର ମୁଖ୍ୟ ଖବର କ'ଣ ଅଛି ବୋଲି ଶୁଣିବାକୁ ଚାହିଁଲେ। ପ୍ରଥମ ଖବର ଥିଲା–୨୦୨୨ ବର୍ଷର ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇବେ ଫରାସୀ ଲେଖିକା ଏନି ଅର୍ନାଡ। ଏହା ଶୁଣିବା ପରେ ସେ ଆତ୍ମବିଭୋର ହୋଇଗଲେ। ତାଙ୍କୁ ଅନୁଭବ ହୋଇଥିଲା ସେ ମରୁଭୂମିରେ ଏକଲା ଚାଲୁଛନ୍ତି। ଆକାଶ ତାଙ୍କ ସହ କଥା ହେଉଛି ଓ ସଫଳତା ବିଷୟରେ ସୂଚନା ଦେଉଛି। ଏକ ଚାନେଲକୁ ସାକ୍ଷାତ୍କାର ଦେଇ ଏନି ଏଭଳି ଭାବେ ଖୁସି ବ୍ୟକ୍ତ କରିଥିବା ବିଷୟ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚା ହେଉଛି। ଏଥିସହିତ ଯୁବ ଲେଖକଙ୍କ ପ୍ରତି ସେ ଯେଉଁ ବାର୍ତ୍ତା ଦେଇଛନ୍ତି, ତାହା ମଧ୍ୟ ସାହିତ୍ୟ ପରିମଣ୍ଡଳରେ ଏକ ଗୁଞ୍ଜରଣ ସୃଷ୍ଟି କରିଛି। ସେ ପରାମର୍ଶ ଦେଉଛନ୍ତି– 'କେବେ ହେଲେ ଚମତ୍କାର ଲେଖା ଲେଖିବାକୁ ଚେଷ୍ଟା କରିବ ନାହିଁ। ବରଂ ସହଜ ଓ ସର୍ବବୋଧଗମ୍ୟ ଲେଖିବା ସକାଶେ ଆଗ୍ରହୀ ହୁଅ'। ବ୍ୟକ୍ତିଗତ ଜୀବନର ଦୁଃଖ, ଜଞ୍ଜାଳ, ସମାଜର ସମସ୍ୟାକୁ ଅତି ସରଳ ଭାଷାରେ ପାଠିକାପାଠକଙ୍କ ନିକଟରେ ପହଞ୍ଚାଇବାରେ ସକ୍ଷମ ହୋଇଥିବାରୁ ୮୨ ବର୍ଷୀୟା ଏନି ଉତ୍ତରପିଢ଼ିକୁ ଏହିଭଳି ଭାବେ ସୃଜନକର୍ମରେ ଲୀନ ହେବାକୁ ଆହ୍ୱାନ ଦେଇଛନ୍ତି। ୧୯୦୧ରୁ ସାହିତ୍ୟ କ୍ଷେତ୍ରରେ ନୋବେଲ ଦିଆଯାଇ ଆସୁଥିବା ବେଳେ ଏନି ୧୭ତମ ମହିଳା ଭାବେ ଏଭଳି ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ଏଥିସହିତ ସେ ଫ୍ରାନ୍ସର ପ୍ରଥମ ମହିଳା ଭାବେ ସାହିତ୍ୟରେ ନୋବେଲ ପାଇବାର ଗୌରବ ଅର୍ଜନ କରିଛନ୍ତି।

ଫ୍ରାନ୍ସର ଲିଲିବୋନ୍‌ରେ ଜନ୍ମିତ ଏନି ଇଭେଟ୍‌ରେ ବଢ଼ିଥିଲେ। କାରଣ ସେହିଠାରେ ତାଙ୍କ ମାତାପିତା ଏକ କାଫେ ଓ ତେଜରାତି ଦୋକାନ ଚଳାଉଥିଲେ। ୧୯୬୦ରେ ସେ କିଛି ଅଭିଜ୍ଞତା ଅର୍ଜନ କରିବା ଲାଗି ଲଣ୍ଡନ ଚାଲିଯାଇଥିଲେ ଓ ସେଠାରେ 'ଅଉ ଫେର୍' (ଖାଦ୍ୟ, ଏକ କୋଠରି ଓ କିଛି ହାତଖର୍ଚ୍ଚ ଲାଗି ଜଣେ ବିଦେଶୀ ମହିଳା କୌଣସି ଘରୋଇ ବା ଶିଶୁଯତ୍ନ କାର୍ଯ୍ୟରେ ନିୟୋଜିତ ହେବା) ଭାବେ ସମୟ ବିତାଇଥିଲେ। ପରେ ସେ ଫ୍ରାନ୍ସ ଫେରିଆସି ରୋଆନ୍ ୟୁନିଭର୍ସିଟିରେ ପାଠ ପଢ଼ିଥିଲେ ଓ ପରବର୍ତ୍ତୀ ସମୟରେ ସ୍କୁଲ ଶିକ୍ଷୟିତ୍ରୀ ହୋଇଥିଲେ। ୧୯୭୧ରେ ସେ ଆଧୁନିକ ସାହିତ୍ୟରେ ଉଚ୍ଚଶିକ୍ଷା ଲାଭ କରିବା ପରେ କଲେଜରେ ଅଧ୍ୟାପନା କରିଥିଲେ। ସେ କଲେଜ ପଢୁଥିବାବେଳେ ସୃଜନମନସ୍କ ହୋଇଥିଲେ। ପାଣ୍ଡୁଲିପି ଧରି ପ୍ରକାଶକଙ୍କ ନିକଟରେ ପହଞ୍ଚିବା ପରେ ତାଙ୍କୁ ବିଦ୍ରୂପ କରାଯାଇଥିଲା। କମ୍ ବୟସରୁ ବେଶି ଉଚ୍ଚାକାଂକ୍ଷୀ ହୁଅ ନାହିଁ ବୋଲି କୁହାଯାଇଥିଲା। ଏତିକିରେ ସେ ଲେଖା ବନ୍ଦ କରିଦେଇଥିଲେ। ଯେତେବେଳେ ତାଙ୍କୁ ୩୦ ବର୍ଷ ବୟସ ହେଲା ଓ ବିବାହ କରି ଦୁଇ ସନ୍ତାନର ଜନନୀ ହେଲେ ସେତେବେଳେ ସେ ସ୍ୱତଃସ୍ଫୂର୍ତ୍ତ ଗଳ୍ପ ଓ ଉପନ୍ୟାସରେ ଶବ୍ଦ ପ୍ରସବ କରିଚାଲିଲେ। ଆଜି ୮୨ ବର୍ଷ ଯାଏ ସେହି ଧାରା ଜାରି ରହିଛି। ୧୯୭୪ରେ ତାଙ୍କ ସୃଷ୍ଟିର ପ୍ରଥମ ଭେଟି ଥିଲା– 'କ୍ଲିନ୍‌ଡ ଆଉଟ୍'। ଲେଖାଲେଖି କରିବା ବେଳେ ତାଙ୍କ ସ୍ୱାମୀ ଫିଲିପେ ଅର୍ନଡ ତାଙ୍କୁ ଉପହାସ କରୁଥିଲେ। ନିଜ ଲେଖାକୁ ଲୁଚାଇବାକୁ ଯାଇ ଏନି ଏକ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କରୁଥିବା ଛଳନା କରିଥିଲେ। କିନ୍ତୁ ଯେତେବେଳେ ତାହା ପୁସ୍ତକ ଆକାରରେ ପ୍ରକାଶ ପାଇଲା ସେଥିରେ ସ୍ୱାମୀ ରାଗିଯାଇ କହିଥିଲେ– ତୁମେ ଗୋପନରେ ଏକ ବହି ଲେଖିବାକୁ ସକ୍ଷମ ହୋଇଛ ମାନେ ତୁମେ ଦାମ୍ପତ୍ୟ ଜୀବନରେ ମୋତେ ଠକେଇ ଚାଲିଛ। ଏହା ପରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଫାଟ ହୋଇଥିଲା ଓ ତାହା ୧୯୮୦ରେ ବିଚ୍ଛେଦରେ ପରିଣତ ହୋଇଥିଲା। ବ୍ୟକ୍ତିଗତ ଜୀବନରେ ଏନି ଯନ୍ତ୍ରଣା ଦେଇ ଗତି କରୁଥିଲେ ମଧ୍ୟ ଫ୍ରାନ୍ସର ମହିଳାଙ୍କ ଦୁଃଖ, ସାମାଜିକ ଅବସୋସକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଥିଲେ। 'କ୍ଲିନ୍‌ଡ ଆଉଟ୍'ରେ ଜଣେ ଯୁବା ମହିଳାଙ୍କ ଜୀବନ ଓ ଗର୍ଭପାତକୁ ସେ ଯେଭଳି ବର୍ଣ୍ଣନା କରିଛନ୍ତି, ତାହା ତାଙ୍କ ଜୀବନ ସହ ସାମଞ୍ଜସ୍ୟ ରଖିଥାଏ ବୋଲି ସମୀକ୍ଷକ ମତ ଦେଇଥାଆନ୍ତି। ୧୯୯୭ରେ ପ୍ରକାଶିତ 'ଶେମ୍'ରେ ପିତା ତାଙ୍କ ମା'ଙ୍କୁ ମାରିଦେବାକୁ ଚାହୁଁଥିବା ବିଷୟରେ ବର୍ଣ୍ଣନା କରିଛନ୍ତି। ୧୨ ବର୍ଷ ବୟସରେ ସେ ଦେଖିଥିବା ଘରୋଇ ହିଂସାକୁ ଏଥିରେ ଏକ ସାମାଜିକ ସମସ୍ୟା ଭାବେ ଦର୍ଶାଇଛନ୍ତି। 'ହାପ୍‌ନିଂ'(୨୦୦୦)ରେ ଲେଖିକା ୧୯୬୩ ମସିହାରେ ବେଆଇନ ଗର୍ଭପାତ ପ୍ରକ୍ରିୟାରେ ହାତରେ ବୁଣିବା ସକାଶେ ଉଦ୍ଦିଷ୍ଟ ଥିବା ଲମ୍ବା କଣ୍ଟାକୁ କିଭଳି ବ୍ୟବହାର କରିଥିଲେ, ତାହାର ଏକ ବାସ୍ତବଧର୍ମୀ ଆଲେଖ୍ୟ ବାଢ଼ିଛନ୍ତି। ଏହି ଉପନ୍ୟାସକୁ ଅଡ୍ରି ଡିୱାନ ଫିଲ୍ମରେ ପରିଣତ କରିଥିଲେ, ଯେଉଁଥିରେ ଫ୍ରାନ୍ସର ମହିଳାମାନେ ସେମାନଙ୍କ ଅଭିଜ୍ଞତା ବଖାଣୁଥିବା ଦେଖାଇ ଦିଆଯାଇଥିଲା। ୨୦୦୧ରେ ପ୍ରକାଶିତ 'ଗେଟିଂ ଲଷ୍ଟ' ବିବାଦୀୟ ହୋଇଥିଲା। ସେଥିରେ ୧୯୮୮ରୁ ୧୯୯୦ ମଧ୍ୟରେ ଜଣେ ବିବାହିତ ସୋଭିଏଟ୍ କୂଟନୀତିଜ୍ଞଙ୍କ ସହ ଏନିଙ୍କ ସମ୍ପର୍କ ଥିବା ଭଳି ବର୍ଣ୍ଣନା ରହିଛି। ୨୦୦୮ରେ 'ଦି ଇୟର୍ସ' ପାଠକାର୍ପଣ ହୋଇଥିଲା, ଯାହା ଇଣ୍ଟରନ୍ୟାଶନାଲ ବୁକର ପୁରସ୍କାର ଚୟନ ତାଲିକାରେ ସନ୍ନିବେଶିତ ହୋଇଥିଲା। ଏହା ଫ୍ରାନ୍ସ ବାହାରେ ମଧ୍ୟ ଅଧିକ ଚର୍ଚ୍ଚିତ ହୋଇଥିଲା। ଏଥିରେ ଔପନ୍ୟାସିକା ଫ୍ରାନ୍ସ ପରବର୍ତ୍ତୀ ପିଢ଼ିର ସ୍ମୃତିକଥା ବଖାଣିଛନ୍ତି। ତେବେ ୨୦୧୬ରେ 'ଏ ଗର୍ଲସ ଷ୍ଟୋରୀ' ପ୍ରକାଶ ପାଇଥିଲା। ଏନିଙ୍କ ୫୦ ବର୍ଷ ତଳର ଯୌନ ଅଭିଜ୍ଞତା ଓ ତାହାର ପ୍ରଭାବ ସାରା ଜୀବନକୁ କିଭଳି ଆବୋରି ଯାଇଛି, ତାହା ଏଥିରେ ଅକ୍ଷରାଙ୍କିତ ହୋଇଛି।

ଏନିଙ୍କ ସାମଗ୍ରିକ ସାହିତ୍ୟ ଜଗତ ବ୍ୟକ୍ତିନିଷ୍ଠ ସୃଜନଶୀଳତାରେ ଭରପୂର। ପାଠକେ ତାଙ୍କ ପ୍ରତିଟି କୃତିରେ ଆତ୍ମଜୀବନୀମୂଳକ ବିଷୟକୁ ପାଇଥାଆନ୍ତି। କିନ୍ତୁ ଗୋଟିଏ ଉପନ୍ୟାସରୁ ଅନ୍ୟଟି ଭିନ୍ନ ଥିବା ତାଙ୍କ ସୃଜନକଳାର ବାହାଦୁରିକୁ ଦର୍ଶାଇଥାଏ ବୋଲି ସମାଲୋଚକମାନେ କହିଥାଆନ୍ତି। ସମ୍ଭବତଃ ସେଥିପାଇଁ ଏନିଙ୍କ ଲେଖା ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ସ୍ତରର ପାଠ୍ୟପୁସ୍ତକରେ ସ୍ଥାନିତ ହେବାର ଉପାଦାନ ରଖିପାରିଛି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବାଉଁଶ ନିର୍ମିତ ଏକ ସ୍କୁଲ ଅଛି ଯମୁନାକୂଳରେ। ଉତ୍ତରପ୍ରଦେଶ, ହରିୟାଣା, ବିହାର ଓ ମଧ୍ୟପ୍ରଦେଶରୁ ଆସି ଯମୁନାକୂଳରେ ରହୁଥିବା ଲୋକଙ୍କ ପିଲାମାନଙ୍କ ଶିକ୍ଷା ଲାଗି ଏହି ସ୍କୁଲ ଗଢ଼ିଛନ୍ତି ଦେବୀ ପାଲ୍ ଓ ଦୀପକ ଚୌଧୁରୀ। ବାହାରୁ ଆସୁଥିବା ଲୋକମାନେ ମୁଖ୍ୟତଃ ଯମୁନା ତଟବର୍ତ୍ତୀ ଅଞ୍ଚଳରେ ଚାଷ କରି ବଞ୍ଚୁଛନ୍ତି। ଉକ୍ତ ଅଞ୍ଚଳ ବନ୍ୟାପ୍ରବଣ ଓ ସେଠାରେ ସ୍ଥାୟୀ ସ୍କୁଲ ନିର୍ମାଣକୁ ପ୍ରଶାସନ ଅନୁମତି ଦେଉନଥିବାରୁ ଏହି ଦୁଇ ବନ୍ଧୁ ବାଉଁଶରେ ସ୍କୁଲ ନିର୍ମାଣ କରି ପିଲାଙ୍କୁ ପଢ଼ାଉଛନ୍ତି। ଏକତା ଫାଉଣ୍ଡେଶନ ସହଯୋଗରେ ସେମାନେ ଏହା କରିଛନ୍ତି। ଉକ୍ତ ସ୍କୁଲକୁ ଗୋଟିଏ ଜାଗାରୁ ଆଉ ଏକ ଜାଗାକୁ ମଧ୍ୟ ସ୍ଥାନାନ୍ତର କରାଯାଇପାରିବ ବୋଲି କହନ୍ତି ପାଲ୍। ଏହି ସ୍କୁଲର ନାମ ଶାରଦା ଯମୁନା ଖଦର ପାଠଶାଳା। ସ୍କୁଲ ପ୍ରତିଷ୍ଠା ହେବା ପରଠାରୁ ପିଲାମାନେ ଏବେ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଉକ୍ତ ସ୍କୁଲରେ ପ୍ରଥମେ ୫ ଜଣରୁ କମ୍ ପିଲା ପଢୁଥିଲେ। ଏବେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇ ପହଞ୍ଚିଛି ୨୫୦ରେ। ଦୁଇ ବନ୍ଧୁ ପାଲ୍ ଓ ଚୌଧୁରୀ ପିଲାମାନଙ୍କ ପାଇଁ ବାଉଁଶରେ ଏକ କମ୍ପ୍ୟୁଟର ସେଣ୍ଟର ଓ କମ୍ପିଟେଟିଭ ପରୀକ୍ଷା ଲାଗି କୋଚିଂ ସେଣ୍ଟର ଖୋଲିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୯ ଅକ୍ଟୋବର ୧୯୯୭**

- ଗୁପ୍ତଚର ବୃତ୍ତିରେ ଲିପ୍ତ ଥିବା ଅଭିଯୋଗରେ ଭାରତ ଓ ପାକିସ୍ତାନ ପରସ୍ପରର କୂଟନୀତିଜ୍ଞଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।
- ଟାଟା–ଉଲ୍‌ଫା ମାମଲାରେ ବିଶିଷ୍ଟ ଶିଳ୍ପପତିଙ୍କର ଟେଲିଫୋନ ଟ୍ୟାପିଂ କରାଯିବା ଘଟଣାର ତଦନ୍ତ ପାଇଁ କେନ୍ଦ୍ର ସରକାର ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।
- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଚାଲିଥିବା ମୋକଦ୍ଦମାକୁ ସ୍ଥଗିତ ରଖାଯିବା ନେଇ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥା କରିଥିବା ଆବେଦନକୁ ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଶୁଳ୍କ ହ୍ରାସ କରାଯାଉ

ମହାଶୟ,

ସମ୍ପ୍ରତି ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନରେ ଏକ ବଳକା ରାଜ୍ୟ ରୂପେ ପରିଗଣିତ। କିନ୍ତୁ କ୍ଷୋଭର ବିଷୟ, ରାଜ୍ୟବାସୀଙ୍କୁ ଅନ୍ୟ ରାଜ୍ୟ ତୁଳନାରେ ବହୁ ଅଧିକ ବିଦ୍ୟୁତ୍ ଶୁଳ୍କ ଦେବା ପାଇଁ ପଡୁଛି। ଏହାର ପ୍ରମୁଖ କାରଣ, ବିଦ୍ୟୁତ୍ ଯୋଗାଣ କ୍ଷେତ୍ରକୁ ଘରୋଇ କମ୍ପାନୀ ହାତକୁ ଟେକିଦେବା। ରାଜ୍ୟରେ ବିଦ୍ୟୁତ୍ ଯୋଗାଣ ସମସ୍ୟା ମଧ୍ୟ ଉତ୍କଟ ରୂପ ଧାରଣ କରିଛି। ଏହା ରାଜ୍ୟବାସୀଙ୍କ ପାଇଁ ଅନ୍ୟ ଏକ ସମସ୍ୟା ରୂପେ ଦେଖାଦେଇଛି। କିନ୍ତୁ ଏଥିପ୍ରତି ବିଦ୍ୟୁତ୍ ବିଭାଗ କୌଣସି ପ୍ରତିକ୍ରିୟା ରଖୁନାହିଁ। ସରକାର ମଧ୍ୟ ଉପଭୋକ୍ତାମାନଙ୍କ ପାଇଁ ବିଦ୍ୟୁତ୍ ଶୁଳ୍କ ହ୍ରାସ କରିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। କାରଣ ଓଡ଼ିଶାରେ ବିଦ୍ୟୁତ୍ ଶୁଳ୍କ ଘରୋଇ ଉପଭୋକ୍ତାମାନଙ୍କଠାରୁ ୟୁନିଟ୍ ପିଛା ୫ ଟଙ୍କା ୨୨ ପଇସା ଆଦାୟ କରାଯାଉଥିବା ବେଳେ ଏହାର ଜାତୀୟ ହାର ହେଉଛି ୫ଟଙ୍କା ୧୧ ପଇସା। ତେଣୁ ସରକାର ସାଧାରଣ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ହିତଦୃଷ୍ଟିରୁ ଧାର୍ଯ୍ୟ ବିଦ୍ୟୁତ୍ ଶୁଳ୍କକୁ ହ୍ରାସ କରିବା ଆବଶ୍ୟକ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୀରସ ନିପଟ ମରୁ
ବିରସ ପ୍ରକୃତି,
ଶୁଖତ୍ୟାଏ କଣ୍ଠ ମୋର,
ଜଳିଯାଏ ଧୃତି।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

**ସୁ–ଡୋ–କୁ**

| | | | | | | | | |
|---|---|---|---|---|---|---|---|---|
| 8 | | | 7 | | 3 | | | |
| 2 | | | | | | | 1 | |
| | | | 5 | 4 | | | 3 | 9 |
| | | | | | | | | |
| | | 5 | | | 1 | | | |
| 6 | | 8 | 9 | | | | | 4 |
| | 7 | | 4 | | 8 | | | 2 |
| | | | | | | 4 | | 8 |
| | | | | 3 | 5 | | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 6 | 5 | 9 | 1 | 7 | 4 |
| 7 | 6 | 1 | 8 | 4 | 2 | 3 | 5 | 9 |
| 5 | 9 | 4 | 7 | 3 | 1 | 6 | 8 | 2 |
| 9 | 1 | 2 | 4 | 8 | 3 | 7 | 6 | 5 |
| 6 | 3 | 8 | 2 | 7 | 5 | 9 | 4 | 1 |
| 4 | 7 | 5 | 1 | 9 | 6 | 8 | 2 | 3 |
| 3 | 8 | 9 | 5 | 6 | 4 | 2 | 1 | 7 |
| 2 | 5 | 7 | 9 | 1 | 8 | 4 | 3 | 6 |
| 1 | 4 | 6 | 3 | 2 | 7 | 5 | 9 | 8 |

ଗତ କାଲିର ଉତ୍ତର

## ୧୪ ଯାଏ ବର୍ଷା

ଭୁବନେଶ୍ୱର,୮।୧୦(ବ୍ୟୁରୋ): ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ବଙ୍ଗୋପସାଗରରୁ ଜଳୀୟବାଷ୍ପ ଓଡ଼ିଶା ମଧକୁ ଆସୁଥିବାରୁ ଆସନ୍ତା ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗି ରହିବ। ବିଶେଷ କରି ଦିନରେ ଅସରାଏ ଲେଖା ବର୍ଷା ହେବ। ଆସନ୍ତା ୧୭ରୁ ୨୦ ତାରିଖ ମଧରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ନେଇ ପାଣିପାଗ ବିଭାଗ ଆକଳନ କରୁଛି। ସ୍ୱାଭାବିକ ଭାବେ ଅକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ୍ ଅକ୍ଟୋବର ୧୦ ତାରିଖ ସୁଦ୍ଧା ମୌସୁମୀ ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଚଳିତ ବର୍ଷ ଏହା ସପ୍ତାହେ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିପାରେ। ମୌସୁମୀ ପ୍ରତ୍ୟାବର୍ତ୍ତନ ପର୍ବ ଆରମ୍ଭ ହୋଇ ନ ଥିବାରୁ ରାଜ୍ୟରେ ଶୀତ ଅନୁଭୂତ ହୋଇ ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨୨ରୁ ୨୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଛି। ସମୁଦ୍ର ପଟୁ ରାଜ୍ୟକୁ ପ୍ରଚୁର ଜଳୀୟ ବାଷ୍ପ ପ୍ରବେଶ କରିବା ଯୋଗୁ ବାୟୁ ମଣ୍ଡଳରେ ଆର୍ଦ୍ରତା ବଢ଼ିଯାଉଛି। ଏପରି କି କେତେକ ସ୍ଥାନରେ ଆର୍ଦ୍ରତା ୧୦୦ ପ୍ରତିଶତରୁ ଅଧିକ ରହୁଛି। ଏଥିଯୋଗୁ ରାଜ୍ୟରେ ବାୟୁମଣ୍ଡଳ ଉତ୍ତପ୍ତ ରହିବା ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧରେ ଟିଟିଲାଗଡ଼, ବରମୂଳ, ସିମିଳିଗୁଡ଼ା, କୋରାପୁଟ, ବଲାଙ୍ଗୀର, ଧରାକୋଟ, ଝୁମ୍ପୁରା, ପାରଳାଖେମୁଣ୍ଡି, ପଟାଙ୍ଗୀ, ଟିକରପଡ଼ାରେ ୩ ସେଣ୍ଟିମିଟର ଲେଖାଏ ବର୍ଷା ହୋଇଥିବା ବେଳେ ଡାବୁଗାଁ, ବନ୍ଧୁଗାଁ, ସେରଗଡ଼, କାମାକ୍ଷାନଗର, ପାଇକମାଳ, ବୁର୍ଲା, ସମ୍ବଲପୁର, ବରଗଡ଼, ମୋହନା ଆଦି ସ୍ଥାନରେ ୨ ସେଣ୍ଟିମିଟର ଲେଖାଏ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ଓଟିଇଟି ପାଇଁ ୧୦ରୁ ଆବେଦନ

କଟକ ଅଫିସ, ୮।୧୦: ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି)-୨୦୨୨ ଦ୍ୱିତୀୟ ପାଇଁ ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆବେଦନ ତାରିଖ ଘୋଷଣା କରାଯାଇଛି। ଆସନ୍ତା ୧୦ରୁ ୧୯ ତାରିଖ ମଧରେ ପରୀକ୍ଷାର୍ଥୀମାନେ ଆବେଦନ କରିପାରିବେ। ଏଥିପାଇଁ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ସମସ୍ତ ତଥ୍ୟ ଉପଲବ୍ଧ ରହିଛି। ପରୀକ୍ଷାର୍ଥୀମାନେ ଦୁଇଟି ପେପର(ପେପର-୧, ପେପର-୨) ପରୀକ୍ଷା ଦେବେ। ପ୍ରତି ପେପର ପରୀକ୍ଷା ପାଇଁ ୨ଘଣ୍ଟା ୩୦ ମିନିଟ୍ ସମୟ ମିଳିବ। ଏଥିରେ ବହୁ ବିକଳ୍ପ ପ୍ରଶ୍ନ ଉତ୍ତର(ଏମ୍‌ସିକ୍ୟୁ) ପଦ୍ଧତିରେ ପ୍ରଶ୍ନପତ୍ର ରହିବ ଏବଂ ଏଥିପାଇଁ କୌଣସି ମାଇନସ ମାର୍କିଂ ନାହିଁ। ପ୍ରତି ପ୍ରଶ୍ନପତ୍ରରେ ଦୁଇଟି ଭାଷା ରହିବ। ଦ୍ୱିତୀୟ ଭାଷା କେବଳ ଇଂଲିଶ ହୋଇଥିବାବେଳେ ପ୍ରଥମ ଭାଷା ପାଇଁ ଓଡିଆ, ତେଲୁଗୁ, ଉର୍ଦ୍ଦୁ, ବଙ୍ଗଳା ମଧରୁ ଯେକୌଣସି ଗୋଟିଏ ରହିବ।

## ବ୍ରଏଲର କୁକୁଡ଼ା ଚାଷୀ ପ୍ରତିନିଧି, ଇଣ୍ଟିଗ୍ରେଟର କମ୍ପାନୀ ଆଲୋଚନା ସ୍ଥଗିତ

ଭୁବନେଶ୍ୱର,୮।୧୦(ବ୍ୟୁରୋ): ଚୁକ୍ତିଭିତ୍ତିକ ବ୍ରଏଲର କୁକୁଡ଼ା ଚାଷୀଙ୍କ ପ୍ରତିନିଧି ଏବଂ ଇଣ୍ଟିଗ୍ରେଟର କମ୍ପାନୀ ପ୍ରତିନିଧିଙ୍କ ସହିତ ଅକ୍ଟୋବର ୧୦ରେ କୃଷି ଭବନଠାରେ ହେବାକୁ ଥିବା ଆଲୋଚନାକୁ ସ୍ଥଗିତ ରଖାଯାଇଛି। ଏ ନେଇ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧ ତାରିଖରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ କୃଷି ଭବନଠାରେ ବ୍ରଏଲର କୁକୁଡ଼ାଚାଷୀ ଏବଂ ଇଣ୍ଟିଗ୍ରେଟର କମ୍ପାନୀମାନଙ୍କ ମଧରେ କୁକୁଡ଼ାଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ଆଲୋଚନା କୁକୁଡ଼ା ଚାଷୀଙ୍କ ପ୍ରତିନିଧି ଓ ଇଣ୍ଟିଗ୍ରେଟର କମ୍ପାନୀର ପ୍ରତିନିଧିଙ୍କ ସହିତ ଅକ୍ଟୋବର ୧୦ ତାରିଖରେ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ସମୟ ମଧରେ ଇଣ୍ଟିଗ୍ରେଟର କମ୍ପାନୀମାନେ ନିଜ ନିଜ ବ୍ରଏଲର କୁକୁଡ଼ାଚାଷୀମାନଙ୍କ ସହିତ କ୍ଷେତ୍ର ସ୍ତରରେ ଆଲୋଚନା କରିବା ପାଇଁ ମଧ ମତ ପ୍ରକାଶ ପାଇଥିଲା। କିନ୍ତୁ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଜରୁରୀ କାର୍ଯ୍ୟକ୍ରମ ଯୋଗୁ ଆସନ୍ତା ସୋମବାର କୃଷି ଭବନଠାରେ ହେବାକୁ ଥିବା ଆଲୋଚନାକୁ ସ୍ଥଗିତ ରଖାଯାଇଛି।

# ହ୍ୱାଟ୍ସଆପ୍‌ର କ୍ଲୋନ୍ ଆପ୍‌ରେ ଗୁପ୍ତଚରଗିରି

### ଭାରତୀୟଙ୍କ ଉପରେ ନଜର



ନୂଆଦିଲ୍ଲୀ, ୮।୧୦

ହ୍ୱାଟ୍ସଆପ୍‌ର ଏକ କ୍ଲୋନ୍ ଆପ୍ଲିକେଶନ ବା ଅନ୍‌ଅଫିସିଆଲ ହ୍ୱାଟ୍ସଆପ୍ ଭର୍ସନ ଭାରତୀୟ ୟୁଜର୍ସଙ୍କ ଚାଟ୍ ଉପରେ ନଜର ରଖି ଗୁପ୍ତଚରଗିରି କରୁଛି। ସର୍ବାଧିକ ଆଣ୍ଡ୍ରଏଡ୍ ଟ୍ରୋଜନ୍ ଡିଟେକ୍ସନ୍ ଥିବା ଦେଶମଧରେ ଭାରତ ଥିବାବେଳେ ଏହି କ୍ଲୋନ୍ଡ୍ ଆପ୍ଲିକେଶନ ଅଡିଓ ଏବଂ ଭିଡିଓ ଜରିଆରେ ଭାରତୀୟ ୟୁଜର୍ସଙ୍କ ଉପରେ ନଜର ରଖୁଥିବା ସାଇବର-ସିକ୍ୟୁରିଟି ଫାର୍ମ ଇଏସ୍‌ଇଟି ଏହାର ରିପୋର୍ଟରେ କହିଛି। ଏହି ରିପୋର୍ଟ ଅନୁଯାୟୀ, ଗତ ଚାରି ମାସ ହେଲା ଆଣ୍ଡ୍ରଏଡ୍ ସ୍ପାଏୱେର୍ ଚିହ୍ନଟ ପଛରେ 'ଜିବି ହ୍ୱାଟ୍ସଆପ୍' (ହ୍ୱାଟ୍ସଆପ୍‌ର ଏକ ଲୋକପ୍ରିୟ କିନ୍ତୁ କ୍ଲୋନ୍ଡ ଥାର୍ଡ ପାର୍ଟି ଭର୍ସନ) ଥିଲା। ଏଭଳି ଆପ୍‌ଗୁଡ଼ିକରେ ଭିଡିଓ ଓ ଅଡିଓ ରେକର୍ଡିଂ ସହ ବିଭିନ୍ନ ଉପାୟରେ ୟୁଜର୍ସଙ୍କ ତଥ୍ୟ ତଥା ପ୍ରିଭେସି ହାସଲ କରିବା କ୍ଷମତା ରହିଛି। ଏହି କ୍ଲୋନ୍ ଆପ୍ ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ ନାହିଁ। ତେଣୁ ଅସଲି ହ୍ୱାଟ୍ସଆପ୍ ଭଳି ଏହାର ବିଧିବଦ୍ଧ ଯାଞ୍ଚ ହୋଇ ନ ଥାଏ। କ୍ଲୋନ୍ ଆପ୍‌ର ବିଭିନ୍ନ ଭର୍ସନ ୱେବ୍‌ସାଇଟ୍‌ରୁ ମିଳିଥାଏ। ଏହାକୁ ଡାଉନଲୋଡ୍ କରିବା ଫଳରେ ଅନେକ ସ୍ପାଏୱେର, ମାଲୱେର ସମ୍ପୃକ୍ତ ୟୁଜର୍ସଙ୍କ ଫୋନ୍‌କୁ ଆସିଯାଇଥାଏ ବୋଲି ରିପୋର୍ଟରେ କୁହାଯାଇଛି।

ଗତ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ସର୍ବବୃହତ୍ ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ (ଆଇଓଟି) ପ୍ରସୁତ 'ମୋଜି' ନାମକ ବଟ୍‌ନେଟ୍‌ରେ ଜିଓଲୋକେଶନ (ଭୂଅବସ୍ଥିତି) ଅନୁସାରେ ଭାରତ ୩୫% ସହ ଦ୍ୱିତୀୟସ୍ଥାନରେ ଥିବାବେଳେ ୫୩% ସହ ଚାଇନା ସର୍ବାଗ୍ରେ ରହିଛି। ଆକଳନ ଅନୁସାରେ, 'ମୋଜି' ବଟନେଟ ଅଟୋପାଇଲଟ୍ ମୋଡରେ ରହିଛି। ଏହାର ନିର୍ମାତା ୨୦୨୧ରେ ଗିରଫ ହେବା ପରଠାରୁ ଏହା ମାନବ ପର୍ଯ୍ୟବେକ୍ଷଣ ବିନା କାମ କରୁଛି। ରୁଷୀୟ ଆଇପି ଆଡ୍ରେସ୍ ରିମୋଟ ଡେସ୍କଟପ୍ ପ୍ରୋଟୋକଲ (ଆର୍‌ଡିପି) ଆକ୍ରମଣ ପାଇଁ ଅଧିକମାତ୍ରାରେ ଦାୟୀ ବୋଲି କୁହାଯାଇଛି।

## କୁଆଁର ପୂନେଇଁ ଉତ୍ସବରେ ଓଡ଼ିଆ ପରମ୍ପରାର ଝଲକ



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ କୁଆଁର ପୂନେଇଁ ଉତ୍ସବରେ ନୃତ୍ୟ ପରିବେଷଣ କରୁଛନ୍ତି ଦୁଇ ଶିଳ୍ପୀ ।

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଓଡ଼ିଶାର ପ୍ରଥା, ପରମ୍ପରା, ସଂସ୍କୃତିକୁ ନେଇ ନୃତ୍ୟ ମାଧମରେ ପାରମ୍ପରିକ ଢଙ୍ଗରେ ପାଳନ ହୋଇଛି କୁଆଁର ପୂନେଇଁ ଉତ୍ସବ। ଶନିବାର ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟାୟନ ପକ୍ଷରୁ ଏହି ଉତ୍ସବ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ନୃତ୍ୟ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ମର୍ଦ୍ଦଳ ବାଦକ ନିରଞ୍ଜନ ପାତ୍ର ଯୋଗ ଦେଇଥିଲେ। ସନ୍ଧ୍ୟାରେ ଓଡ଼ିଆ ପରମ୍ପରା ଅନୁସାରେ ଚଉଁରା ମୂଳେ ଦୀପ ଜାଳି ଜହ୍ନକୁ ଖଇ ଆଞ୍ଜୁଳା ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶୀ ନୃତ୍ୟ ମଙ୍ଗଳା ଚରଣରେ ଶିବ ସ୍ତୁତି ପରିବେଷିତ ହୋଇଥିଲା। ପରେ କୁଆଁର ପୁନେଇଁ ଜହ୍ନ ଗୋ.. ପାରମ୍ପରିକ ଗୀତରେ ନୃତ୍ୟଶିଳ୍ପୀ ଗାୟତ୍ରୀ ରଣବୀର ଓ ମନୋଜ ପ୍ରଧାନଙ୍କ ସୁନ୍ଦର ବେଶ ପରିପାଟୀ ସହ ଓଡ଼ିଶାର ପାରମ୍ପରିକ ନୃତ୍ୟ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଛୁଇଁଥିଲା। ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା ଲୋକ ନୃତ୍ୟ, ପଲ୍ଲୀ ନୃତ୍ୟ ଓ ଆଦିବାସୀ ନୃତ୍ୟ। ଶ୍ରଦ୍ଧାଞ୍ଜଳି ରାଉତ, ନୀଳାଦ୍ରି ମହାନ୍ତି, କୁନୁ ମହାରଣା, ମେଘନା ମହାନ୍ତି, ଭିଦିଶା ବସୁମଲ୍ଲିକ, ଭାନୁପ୍ରିୟା ଦାସ, ରୋହିଣୀ ସାମଲ, ଦେବଯାନୀ ଦାସ, ଅର୍ଚ୍ଚନା ମୁଦୁଲି ଏବଂ ସୌରଭ ମହାନ୍ତିଙ୍କ ଲୋକନୃତ୍ୟରେ ଦର୍ଶକ ବେଶ୍ ଆକର୍ଷିତ ହୋଇଥିଲେ। ବିଶ୍ୱଜିତ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁଶ୍ରୀ ଦୁର୍ଗାଚରଣ ରଣବୀର, କର୍ମକର୍ତ୍ତା ଧୀରେନ୍ଦ୍ର ପଟ୍ଟନାୟକ, ସତ୍ୟଜିତ ମହାନ୍ତି, ଅସିତ ବସୁମଲ୍ଲିକ, ଅର୍ଜୁନ ମୁଦୁଲି, ସୁରେଶ ମିଶ୍ର, ହରିହର ପଣ୍ଡା, ଖଗେଶ୍ୱର ଜୟପୁରିଆ, ଅମଲେଶ ଦାସ, ଅନନ୍ଦ ପାତ୍ର, ଅଜୟ ମହାପାତ୍ର, ଶେଷଦେବ ସାମଲ, ସୁଧାଂଶୁ ଶେଖର ସାହୁ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ଭୂମିକା ନିର୍ବାହ କରିଥିଲେ।

# ଜୟନ୍ତୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



ପୁରୁଣା ଭୁବନେଶ୍ୱର, ୮।୧୦(ଡି.ଏନ୍.ଏ.)

ଜାତୀୟ ମହିଳା କମିଶନର ପ୍ରଥମ ଅଧକ୍ଷା, ପୂର୍ବତନ ଏମ୍‌ପି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହଧର୍ମିଣୀ ଜୟନ୍ତୀ ପଟ୍ଟନାୟକଙ୍କ ଏକାଦଶାହ ଶନିବାର ଟଙ୍କପାଣି ରୋଡ୍‌ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଛି। ଏହି ଅବସରରେ ସେଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଜୟନ୍ତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୫-ଟି ସଚିବ ଭି.କେ.ପାଣ୍ଡିଆନ୍‌ଙ୍କ ସମେତ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବଡ଼ଚଣା ବିଧାୟକ ଅମର ଶତପଥୀ, ବଡ଼ମ୍ବା ବିଧାୟକ ଦେବୀ ମିଶ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ଦେବାଶିଷ ନାୟକ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଯୋଗଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱର୍ଗତା ଜୟନ୍ତୀଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ସମେତ ସମ୍ପର୍କୀୟମାନେ ମଧ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ୭ ଗୋରୁ ମୃତ




ଢେଙ୍କାନାଳ ଅଫିସ, ୮।୧୦

ଢେଙ୍କାନାଳ ଜିଲା କଣ୍ଟାବଣିଆ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ(ଏନ୍‌ଏଚ୍)ରେ ଶନିବାର ଭୋର୍ ସମୟରେ ଛାତିଥରା ଦୁର୍ଘଟଣା ଘଟିଛି। କୌଣସି ଏକ ଦ୍ରୁତଗାମୀ ଗାଡ଼ି ଧକ୍କାରେ ୭ ଗୋରୁଙ୍କ ମୃତ୍ୟୁ ଘଟିଛି। ତନ୍ମଧରେ ୩ ଗାଈ, ୩ ଷଣ୍ଢ ଏବଂ ଗୋଟିଏ ବଳଦ ରହିଛନ୍ତି। ମୃତ ଗୋରୁଙ୍କ ମାଲିକମାନେ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ପାଇ କଣ୍ଟାବଣିଆ ଥାନା ପୋଲିସ ପହଞ୍ଚି ମୃତଦେହ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ମାଲିକମାନେ ଗୁହାଳରେ ଗୋରୁଙ୍କୁ ନ ବାନ୍ଧି ଖୋଲାରେ ଛାଡ଼ି ଦେଉଛନ୍ତି। ସେମାନେ ପଲ ପଲ ହୋଇ ବ୍ୟସ୍ତବହୁଳ ୫୫ନଂ. ଜାତୀୟ ରାଜପଥରେ ରାତିରେ ଶୋଇରହୁଛନ୍ତି। ଶନିବାର ଭୋର୍ ସମୟରେ ଗୋରୁପଲ ରାସ୍ତାରେ ଶୋଇଥିବାବେଳେ ଏକ ଭାରିଯାନ ସେମାନଙ୍କ ଉପରେ ଚଢ଼ିଯାଇ ଫେରାର ହୋଇଯାଇଥିବା ଚର୍ଚ୍ଚା ହେଉଛି। ଘଟଣାସ୍ଥଳରେ ହିଁ ୭ ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବାକୁ ଉଦ୍ୟମ ଜାରି ରଖିଛି। ଅଞ୍ଚଳବାସୀ ମୃତ ଗୋରୁଗୁଡ଼ିକୁ ପୋତି ଦେଇଛନ୍ତି।

## ଭାରତ ଯୋଡ଼ୋ ରାଲିରେ କଂଗ୍ରେସର ଟାର୍ଗେଟ୍ | ଭାଜପା, ବିଜେଡି ମୁଦ୍ରାର ଦୁଇ ପାର୍ଶ୍ୱ

ଜୁନାଗଡ଼, ୮।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ହାଇସ୍କୁଲ ପଡ଼ିଆରେ ଶନିବାର କଂଗ୍ରେସର ଭାରତ ଯୋଡୋ ରାଲି ଓ ମହାସଭା ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଭବନରୁ ବାହାରି ହାଇସ୍କୁଲ ପଡ଼ିଆରେ ଶୋଭାଯାତ୍ରା ପହଞ୍ଚିବା ପରେ ମହାସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଅଧକ୍ଷତା କରିଥିଲେ। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ଏମ୍‌ପି ନକୁଳ ନାଏକ, ଏଆଇସିସି ସଦସ୍ୟା ମନୀଷା ତ୍ରିପାଠୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ସାହେବ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜିଲା ଯୁବ କଂଗ୍ରେସ ଉପ ସଭାନେତ୍ରୀ ମନ୍ଦାକିନୀ ବାଣୁଆ ପ୍ରମୁଖ ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରି ବର୍ଷିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ସରକାର 'ଅଚ୍ଛେ ଦିନ୍'ର ସ୍ୱପ୍ନ ଦେଖାଇ ଲୋକଙ୍କଠାରୁ ଭୋଟ ନେଇ ଶାସନକୁ ଆସିଥିଲା। ହେଲେ ବିଭିନ୍ନ କ୍ଷେତ୍ରରେ ଭାଜପା ସରକାର ଫେଲ୍ ମାରିଛି। ଭାଜପା ଓ ବିଜେଡି ମୁଦ୍ରାର ଦୁଇ ପାର୍ଶ୍ୱ ଭଳି କାମ କରୁଛନ୍ତି। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପରିବର୍ତ୍ତନ କରି ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସକୁ ଭୋଟ ଦେବାକୁ ଦଳୀୟ ନେତା ନିବେଦନ କରିଛନ୍ତି। ସେହିପରି ମମିତା ମେହେର ପ୍ରସଙ୍ଗରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ରାଜ୍ୟ ସରକାର ଓ ପୂର୍ବତନ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ଟାର୍ଗେଟ କରିଥିଲେ। ଏହି ସଭାରେ ଗୋଲାମୁଣ୍ଡାର ପୂର୍ବତନ ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଥିଲେ।




ଜୁନାଗଡ଼ରେ ଅନୁଷ୍ଠିତ କଂଗ୍ରେସ ମହାସଭାରେ ଦଳୀୟ ନେତୃବୃନ୍ଦ।

Ref: No.: SO/II/2022-23/79/456 Date: 07.10.2022

Startup Odisha

[2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar- 751024]

**Invitation of application for the Internship Programme of Startup Odisha (2022-23)**

No.h-13:- Startup Odisha invites applications from students/ scholars those who are pursuing or have completed their Graduation / Post Graduation for the "Internship Programme of Startup Odisha (2022-2023)" for a period of 6 months to 1 year at Startup Odisha, Bhubaneswar. Interested candidates may download details of advertisement and apply / register for the internship programme by visiting the official website of Startup Odisha- www.startupodisha.gov.in (career menu) from 09.10.2022. The last date to register / apply for the internship programme is 28.10.2022 by 11:59 P.M. The selection of the interns will be made on merit of academic performance, extra-curricular achievement, the presentation submitted in the application form and personal interview. The applicants are further advised to keep referring Startup Odisha website (www.startupodisha.gov.in) for any updates in reference to this advertisement.

Sd./- (Evangelist, STARTUP ODISHA)

OIPR-43007/11/0014/2223

**Government of Odisha**
**Higher Education Department**

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2022-23**

No.N-47:- Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
| --- | --- | --- |
| 1 | Availability of online Common Application Form (CAF) in the website www.samsodisha.gov.in | 13th Oct. 2022 (11:00 A.M.) |
| 2 | Last date of applying online CAF through www.samsodisha.gov.in | 19th Oct. 2022 (11:45 P.M.) |
| 3 | Publication of First Merit List in SAMS Portal | 27th Oct. 2022 (02:00 P.M.) |
| 4 | Reporting of Applicants at allotted institutions for taking admission | 28th Oct. 2022, 29th Oct. 2022 & 31st Oct. 2022 (5:00 P.M.) |
| 5 | Error Correction and Data updation of applicants selected in Phase-II Selection | 28th Oct. 2022, 29th Oct. 2022 & 31st Oct 2022 (7.00 P.M.) |
| 6 | Filling up of Slide-up Option Form online by admitted students | 28th Oct. 2022 to 1st Nov. 2022 (11:45 P.M.) |
| 7 | Publication of Second Merit List in SAMS Portal | 7th Nov. 2022 (02:00 P.M.) |
| 8 | Reporting of Applicants at allotted institutions for taking admission | 9th Nov.-2022 to 11th No. 2022 (5:00 P.M.) |
| 9 | Data updation of applicants selected in Phase-II Selection | 9th Nov. 2022 to 12th Nov. 2022 (5:00 P.M.) |
| 10 | Collection of Admission Fees at the respective HEIs (After completion of all phases of e-Admission Process for the session 2022-23) | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Please go through the detailed U.G. Phase-II Guidelines available in U.G. SAMS website (https://samsodisha.gov.in/ DegreeNew/index.aspx)

Sd./- Deputy Director
PTC Section

OIPR-11001/11/0035/2223

# ବାଲିଯାତ୍ରା: ପ୍ରଥମ ଦିନରେ ୬୨ ପ୍ଲଟ୍ ପଞ୍ଜୀକରଣ

■ ଆରମ୍ଭ ହେଲା ତାରଟଣା
■ ପ୍ରଥମଥର ପାଇଁ ପ୍ଲଟ୍ ନିଲାମ
■ ନିଲାମକୁ ମିଳିତ ମଞ୍ଚର ବିରୋଧ

କଟକ ଅଫିସ,୮।୧୦

କଟକ ବାଲିଯାତ୍ରା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବାରବାଟୀ ପ୍ୟାଲେସଠାରେ ଶନିବାରଠାରୁ ପ୍ଲଟ୍ ଆବଣ୍ଟନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଶନିବାର ପ୍ରଥମ ଦିନରେ ୬୨ଟି ପ୍ଲଟ୍ ନିଲାମ ନିମନ୍ତେ ପଞ୍ଜୀକରଣ ହୋଇଥିବା ଜଣାପଡିଛି। ସେହିପରି ପ୍ଲଟ୍ ପଞ୍ଜୀକରଣ ନିମନ୍ତେ ପ୍ରାୟ ୨୫୦ ଜଣ ବ୍ୟବସାୟୀ, ଅନୁଷ୍ଠାନ ଆବେଦନ କରିଛନ୍ତି। ରବିବାର ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି।

ବାଲିଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି। ତେଣୁ ଯଥେଷ୍ଟ ପୂର୍ବରୁ ଉଭୟ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ବିଦ୍ୟୁତ୍ ସରବରାହ ନିମନ୍ତେ ଖୁଣ୍ଟ ପଡ଼ି ତାର ଟଣା କାର୍ଯ୍ୟ କରାଯାଏ। ତଦନୁଯାୟୀ ଶନିବାର ବାଲିଯାତ୍ରା ତଳ ପଡ଼ିଆରେ ବିଦ୍ୟୁତ ଖୁଣ୍ଟରେ ତାର ଟଣା କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତବର୍ଷ ବାଲିଯାତ୍ରାକୁ ସ୍ୱଚ୍ଛ, ସୁନ୍ଦର ଓ ଭିଡ଼ମୁକ୍ତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲାପାଳ ଚୟନୀ କହିଛନ୍ତି, ସ୍ୱଚ୍ଛତାକୁ ଆଧାର କରି ପୃଷ୍ଠପୋଷକଙ୍କ ସମେତ ବ୍ୟବସାୟିକ ଅନୁଷ୍ଠାନ, ସଂଘ, ବ୍ୟବସାୟୀ ଏବଂ ଉଠା ଦୋକାନୀମାନଙ୍କୁ ପ୍ଲଟ୍ ଆବଣ୍ଟନ କରିବା ପାଇଁ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ବାଲିଯାତ୍ରାରେ ପ୍ଲଟ୍ ନିଲାମ କରାଯାଉଛି। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ମଳ କରାଯିବା ପାଇଁ ସମସ୍ତ ଉଦ୍ୟମ ଜାରି ରହିବ। ଏଥିସହ ସଂସ୍ଥାଗୁଡିକର ବ୍ରାଣ୍ଡିଙ୍ଗ ଏବଂ ସେମାନଙ୍କ ଉତ୍ପାଦକଗୁଡିକର ବଜାର ଚାହିଦା ବଢ଼ାଇବା ନିମନ୍ତେ ମଧ ପ୍ରୋତ୍ସାହିତ କରାଯିବ। ଏହା ଏକ ନୂତନ ପରମ୍ପରା ସୃଷ୍ଟି କରିବ ବୋଲି ମଧ ଚୟନୀ କହିଛନ୍ତି। ବାଲିଯାତ୍ରା ଦାୟିତ୍ୱରେ ଥିବା ଅନ୍ୟତମ ଅଧିକାରୀ ତଥା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସମେତ ତହସିଲଦାର, ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଏହି ପଞ୍ଜୀକରଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅପରପକ୍ଷରେ ଅଲ୍ ଓଡ଼ିଶା ଟେଣ୍ଟ ଆଣ୍ଡ ସପ୍ଲାୟର ଓନର୍ସ ଆସୋସିଏଶନ, କଟକ କ୍ଲଥ ଆଣ୍ଡ ଲାଇଟ୍ ସପ୍ଲାୟର୍ସ ଆସୋସିଏଶନ, ବାଲିଯାତ୍ରା ବ୍ୟବସାୟୀ ସଂଘ, ଦୋଳି ମହାସଂଘ, ମୀନାବଜାର ମହାସଂଘ ପ୍ରମୁଖ ନିଲାମ ବିରୋଧରେ ମିଳିତ ମଞ୍ଚ ଜରିଆରେ ପ୍ରତିବାଦ ଜଣାଇଛନ୍ତି। ବାଲିଯାତ୍ରା ବ୍ୟବସାୟୀ ମିଳିତ ମଞ୍ଚର ଆବାହକ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ନିଲାମ ପ୍ରକ୍ରିୟା ବନ୍ଦ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଏମ୍‌ପି, ବିଧାୟକ ଓ କଟକ ଜିଲାପାଳଙ୍କୁ ଲିଖିତ ପତ୍ର ପ୍ରେରଣ କରି ନିବେଦନ କରିଛନ୍ତି।


ବାଲିଯାତ୍ରା ପଡିଆରେ ବିଦ୍ୟୁତ୍ ଖୁଣ୍ଟରେ ତାର ଟଣାଯାଉଛି।

## ସଂକ୍ଷେପରେ

### ଆଜି ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ନୀତି



**ପୁରୀ ଅଫିସ,୮।୧୦:** ଶ୍ରୀମନ୍ଦିରରେ ରବିବାର କୁମାର ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବ। ଏହି ଅବସରରେ ସକାଳେ ଶ୍ରୀମନ୍ଦିର ଦ୍ୱାରଫିଟା ହୋଇ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି କରାଯିବ। ଅବକାଶ ଓ ଦୈନନ୍ଦିନ ନୀତି ସମାପନ ପରେ ମହାପ୍ରଭୁ ରାଧା ଦାମୋଦର ବେଶ ହେବେ। ଏହାପରେ ଗୋପାଳବଲ୍ଲଭ, ସକାଳଧୂପ ଓ ବାଲଧୂପ ଅନୁଷ୍ଠିତ ହେବ। ଭୋଗମଣ୍ଡପ ଓ ଅନ୍ୟାନ୍ୟ ନୀତି ସମାପନ ପରେ ଦ୍ୱିପ୍ରହର ଧୂପ ଅନୁଷ୍ଠିତ ହେବ। ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ନେଇ ଚକ୍ରରାଜ ସୁଦର୍ଶନଙ୍କୁ ପ୍ରଦାନ କରିବେ। ପରେ ଦଇତାପତି ସେବକମାନେ ରତ୍ନ ସିଂହାସନରୁ ସୁଦର୍ଶନଙ୍କୁ ଜଗମୋହନକୁ ବିମାନରେ ବିଜେ କରି ରୁନ୍ଧା କାର୍ଯ୍ୟ ସମ୍ପନ୍ନ ହେବା ସହ ବିଭିନ୍ନ ନୀତି ସମ୍ପନ୍ନ ହେବ। ବିମାନ ବଡୁ ସେବକମାନେ ସୁଦର୍ଶନଙ୍କୁ ବଡ଼ଦାଣ୍ଡ ଦେଇ ଲବଣିଖିଆ ପନ୍ତିଘର ନିକଟକୁ ନେଇଥିଲେ। ସେଠାରେ ପନ୍ତି ସମାପ୍ତ ହେଲା ପରେ କରତି ସାହି ଦେଇ ଶ୍ରୀସୁଦର୍ଶନ ଅଙ୍ଗୀରା ଆଶ୍ରମରେ ବିଜେ କରିବେ। ସେଠାରେ ପାରମ୍ପରିକ ନୀତି ସାରି ଶ୍ରୀସୁଦର୍ଶନ ଉଁଆସ ଦାଣ୍ଡରେ ଭୃଗୁ ଆଶ୍ରମ ଓ ହରଚଣ୍ଡୀ ସାହି ଯମେଶ୍ୱର ମନ୍ଦିର ନିକଟରେ ପଣ୍ଡୁ ଆଶ୍ରମରେ ବିଜେ କରିବେ। ସେଠାରେ ପନ୍ତି ସମାପ୍ତ ହେଲା ପରେ ହରଚଣ୍ଡୀ ସାହି ବାରବାଟୀ ଜାଗା ଦେଇ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରରେ ପହଞ୍ଚିବେ। ଦ୍ୱାର ନିକଟରେ ପତିମହାପାତ୍ର ବନ୍ଦପନା କଲା ପରେ ବାହୁଡା ବିଜେ କରି ରତ୍ନ ସିଂହାସନରେ ବିଜେ କରିବେ। ଏହାପରେ ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାସ୍ନାନ କରାଯିବ। ବେଶ ବଢ଼ିଲା ପରେ ସନ୍ଧ୍ୟା ଆଳତି ବଢ଼ି ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀ ସୁଦର୍ଶନ ଆଦି ଚାରିବାଡରେ ୪ପୂଜାପଣ୍ଡା ସନ୍ଧ୍ୟାଧୂପ ମଣୋହୀ କରାଇବେ।

### ମେଡ଼ିକାଲରୁ ଚୋରି: ୪ ଗିରଫ

**ଖୁଣ୍ଟୁଣୀ, ୮।୧୦(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ମାଧପୁରଠାରେ ଥିବା ଜିମ୍‌ସାର ମେଡିକାଲରୁ ଆଲୁମିନିୟମ ଚୋରି କରିବା ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ମାଧପୁର ଗ୍ରାମର ରଘୁନାଥ ନାଏକ, ନିବେଦନ ନାଏକ, ବିବେକାନନ୍ଦ ନାଏକ ଓ ଆଠଗଡ଼ ଥାନା ଦହିସରା ଗ୍ରାମର କଂସାବାସନ ବ୍ୟବସାୟୀ ଗୁଣନିଧି ସାହୁ। ସେମାନଙ୍କଠାରୁ ପୋଲିସ ୬ କେଜି ସାମଗ୍ରୀ ଜବତ କରିଥିବାବେଳେ ଅବଶିଷ୍ଟ ୬୪ କେଜି ସାମଗ୍ରୀକୁ ଗୁଣନିଧି ବିକ୍ରି କରିଦେଇଥିବା ପୋଲିସ ନିକଟରେ ପ୍ରକାଶ କରିଛି। ଗତ ୩୦ ତାରିଖ ରାତିରେ ମାଧପୁର ଗ୍ରାମର ଉପରୋକ୍ତ ୩ ଅଭିଯୁକ୍ତ ଉକ୍ତ ମେଡିକାଲରୁ ଆଲୁମିନିୟମ ସାମଗ୍ରୀ ଚୋରି କରି ନେଇ ଗୁଣନିଧିଙ୍କୁ ବିକ୍ରି କରିଥିଲେ। ଏ ସମ୍ପର୍କରେ ମେଡିକାଲର ମହା ପ୍ରବନ୍ଧକ ଭବାନୀ ପ୍ରସାଦ ମିଶ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୯/୨୨) ରୁଜୁ କରିଥିଲା। ଏଥିସହ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ, ଅଭିଯୁକ୍ତଙ୍କୁ ମାଡ଼

ପିପିଲି,୮।୧୦(ଡି.ଏନ୍.ଏ.)

ରାସ୍ତାରେ ନାବାଳିକାଙ୍କୁ ଛୁରି ଦେଖାଇ ଜଣେ ଯୁବକ ଅସଦାଚରଣ ଉଦ୍ୟମ କରୁଥିଲେ। ହେଲେ ଯୁବକ ଜଣଙ୍କ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ଲୋକେ ତାଙ୍କୁ ଉତ୍ତମ ମଧ୍ୟମ ଦେବା ପରେ ସମ୍ପୃକ୍ତ ଯୁବକ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିଲେ। ଉକ୍ତ ଯୁବତୀଙ୍କ ଆଙ୍ଗୁଠି କଟିଯାଇଥିବାରୁ ତାଙ୍କୁ ତୁରନ୍ତ ସାତଶଙ୍ଖ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ନାବାଳିକାଙ୍କ ଦାଦା ଶନିବାର ସାତଶଙ୍ଖ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ. ୫୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ନାବାଳିକାଙ୍କ ଘର ବଳଙ୍ଗା ଥାନା ଅଞ୍ଚଳରେ ହୋଇଥିବାବେଳେ କୁମାର ପୂନେଇଁ ପାଇଁ ଡ୍ରେସ୍ କିଣି ସାତଶଙ୍ଖ -ବଳଙ୍ଗା ରାସ୍ତାରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ବାଟରେ କୁମାରେଶ୍ୱର ଗ୍ରାମର ଏକ ପୋଖରୀ ନିକଟରେ ଏହି ଘଟଣା ଘଟିଥିଲା।


ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ସଚିବ ରାଜେଶ ବର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜଯୋଗୀ ବ୍ରହ୍ମାକୁମାର ବିଜୟ, ମାଉଣ୍ଟ ଆବୁର ରାଜଯୋଗୀ ସୁଧୀର, ବ୍ରହ୍ମାକୁମାର ପ୍ରଭାତ, ବ୍ରହ୍ମାକୁମାର ତ୍ରିନାଥ, ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଚିତା ଓ ନମିତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜଯୋଗୀ ସୁଧୀର ମାଉଣ୍ଟ ଆବୁରୁ ଆଣିଥିବା ପ୍ରସାଦ, ଈଶ୍ୱରୀୟ ଉପହାର ଓ ପତ୍ରିକା ପ୍ରଦାନ କରିବା ସହ ମାଉଣ୍ଟ ଆବୁ ଯିବାକୁ ନିମନ୍ତ୍ରଣ ଦେଇଥିଲେ।

## ରସୁଲଗଡ଼ ଓଭରବ୍ରିଜ୍‌ରେ ସିରିଜ ଦୁର୍ଘଟଣା

### କାର୍‌କୁ ପିଟିଲା ଟ୍ରକ୍, ଡ୍ରାଇଭର ଫେରାର

ଭୁବନେଶ୍ୱର,୮।୧୦ (ବ୍ୟୁରୋ)

ରସୁଲଗଡ଼ ଫ୍ଲାଏଓଭର ବ୍ରିଜ ଉପରେ ଶନିବାର ରାତି ପ୍ରାୟ ୯ ଟା ବେଳେ ସିରିଜ ଦୁର୍ଘଟଣା ଘଟିଛି । ଗୋଟିଏ କାର ପଛପଟକୁ ଏକ ଟ୍ରକ ଧକ୍କା ଦେବା ଫଳରେ କାର୍‌ଟି ସମ୍ମୁଖରେ ଠିଆ ହୋଇଥିବା ଅନ୍ୟ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। କାରଟି ଭାଙ୍ଗିରୁଜି ଯାଇଥିବା ବେଳେ ସେଥିରେ ଥିବା ୪ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର ଓ ଟ୍ରକ ଦୁଇଟିକୁ ଜବତ କରିଛି। କାର ମାଲିକ ଜିଜିପି କଲୋନିର ସ୍ମୃତିରଞ୍ଜନ ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, କାରଟି ବରମୁଣ୍ଡାରୁ ପଳାଶୁଣି ଆସୁଥିବା ବେଳେ ରସୁଲଗଡ ଓଭରବ୍ରିଜ ଉପରେ ଏକ ଟ୍ରକ ଛିଡ଼ା ହୋଇଥିଲା। ରାସ୍ତା ଭିଡ଼ ଥିବା ଯୋଗୁଁ କାରଟି ଆଗକୁ ଯାଇନପାରି ଉକ୍ତ ଟ୍ରକ ପଛରେ ଅଟକି ଯାଇଥିଲା। ଏହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଅନ୍ୟ ଏକ ଟ୍ରକ କାରକୁ ଧକ୍କା ଦେଇଥିଲା । ଫଳରେ କାରଟି ଆଗରେ ଠିଆ ହୋଇଥିବା ଟ୍ରକ ସହ ପିଟି ହୋଇ ଚେପା ହୋଇଯାଇଥିଲା। କାର ଭିତରେ ଥିବା ଜଣେ ମହିଳା ଓ ୨ ଶିଶୁଙ୍କ ସମେତ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି ।




## ୬ବର୍ଷିଆ ଠିକା ଅବଧିକୁ ମୂଳ ଚାକିରିରେ ମିଶାଯାଉ

### ପ୍ରାଥମିକ ବିଏଡ୍ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଟିଁଜିଟି ଶିକ୍ଷକଙ୍କୁ କ୍ରମାଗତ ଭାବେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦେଇ ସିଟି ଦରମା ଦିଆଯାଉଛି। ଏହାକୁ ବିରୋଧ କରି ଆସୁଛି ପ୍ରାଥମିକ ବିଏଡ୍ ଶିକ୍ଷକ ମହାସଂଘ। ସେହିଭଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗ୍ୟ ଶିକ୍ଷକ ମଣ୍ଡଳୀ ସୃଷ୍ଟି କରିବା ସହିତ ବିଜ୍ଞାପନ ଆଧାରରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଟିଁଜିଟି ଶିକ୍ଷକଙ୍କ ମୂଳ ଦରମା ୯୩୦୦ ଟଙ୍କା ଓ ଗ୍ରେଡ୍ ପେ' ୪୨୦୦ଟଙ୍କା ପ୍ରଦାନ କରିବା ସହ ୬ ବର୍ଷର ଠିକା ଚାକିରିକୁ ସମ୍ପୂର୍ଣ୍ଣ ଚାକିରି କାଳରେ ମିଶାଇବା ପାଇଁ ଶନିବାର ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମହାସଂଘ ଦାବି ରଖିଛି। ଭୁବନେଶ୍ୱରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହି ଅବସରରେ ୧୦୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଛି। ବୈଠକରେ ରାଜ୍ୟର ୩୦ ଜିଲାରୁ ୧୫୦ରୁ ଉର୍ଦ୍ଧ୍ୱ ଟିଁଜିଟି ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ମହାସଂଘ ସଭାପତି ଅଜୟ କୁମାର ଧଳ, ଯୁଗ୍ମ ସମ୍ପାଦକ ରୂପେଶ କୁମାର ସାହୁ, ମହାସଚିବ ଉମେଶ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଡ. ଦେବେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ଦାସ, ଉପସଭାପତି ଲଲାଟେନ୍ଦୁ ମହଲା, ସଂଗଠନ ସମ୍ପାଦକ କ୍ଷୀରୋଦ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦାବିଗୁଡ଼ିକ କାର୍ଯ୍ୟକାରୀ ନ କଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯିବା ସହ ଘୋଷଣା କରାଯାଇଛି।

## ଠେଙ୍ଗାପାଳି କରି ଚୋର ଜଗୁଛନ୍ତି ଗ୍ରାମବାସୀ

ବୋଲଗଡ଼,୮।୧୦(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ବୋଲଗଡ଼ ଏବଂ ବେଗୁନିଆ ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ବେଗୁନିଆ ଥାନା ତଥା ବୋଲଗଡ ବ୍ଲକ ଅଧୀନ ଧଳାପଥର ଫାଣ୍ଡି ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମରେ ଚୋରି ବଢ଼ିଚାଲିଥିବାରୁ ଗ୍ରାମବାସୀ ଠେଙ୍ଗାପାଳି କରି ଗ୍ରାମ ଜଗୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗ୍ରାମର ବିଭବ ମହାପାତ୍ରଙ୍କ ଘର କବାଟ ତାଲା ଭାଙ୍ଗି ବହୁ ମୂଲ୍ୟବାନ ଆସବାବପତ୍ର ଚୋରି ହୋଇଥିବା ଜଣାପଡିଛି।

ଅନୁରୂପଭାବେ ଅଗଷ୍ଟ ୮ରେ ନିରଞ୍ଜନ ମହାପାତ୍ର ଓ ବସନ୍ତ ମାହାପାତ୍ରଙ୍କ ଘର ତାଲା ଭାଙ୍ଗି ଚୋରି ହୋଇଥିବା ବେଳେ ସେପ୍ଟେମ୍ବର ୨ରେ ଗୋକୁଳାନନ୍ଦ ସାହୁଙ୍କ ଘରୁ, ୧୭ ତାରିଖରେ ନକୁଳ ସାହୁଙ୍କ ଘରୁ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିଲା। ସେହିପରି ନିକଟ ଆରିକମା ଗ୍ରାମରୁ ଗତ ୧୯ ତାରିଖରେ ଗ୍ରୀଲ ତାଡ଼ି ୫୦ ହଜାର ଟଙ୍କା ସହ ପ୍ରାୟ ୧୦ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଛି। ଗତ ୨୭ ତାରିଖରେ ସାନକୁମ୍ଭାରୀ ଗ୍ରାମରେ ଜଣଙ୍କ ଘରୁ ଟଙ୍କା ଓ ସୁନା ଓ ଅକ୍ଟୋବର୍ ୩ ରେ ୫୮ ନମ୍ବର ରାଜ୍ୟ ରାଜପଥର ଗେଡିଆପଲ୍ଲୀ ଛକ ନିକଟରୁ ଜନୈକ ବ୍ୟବସାୟୀଙ୍କୁ ଭୟଭୀତ କରାଇ ଲକ୍ଷାଧିକ ଟଙ୍କା ଲୁଟ ପରି ଘଟଣା ବୃଦ୍ଧି ପାଇଥିଲେ ମଧ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଚେଷ୍ଟା କରି ମଧ କୌଣସି ସୁରାକ ପାଇ ପାରିନାହିଁ। ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳତା ନେଇ ପୋଲିସ ଉପରୁ ସାଧାରଣ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଫଳରେ ଠଣାପଲ୍ଲୀ ଗ୍ରାମରେ ଠେଙ୍ଗାପାଳି ଆରମ୍ଭ ହୋଇଛି। ଗ୍ରାମବାସୀ ପାଳି କରି ଠେଙ୍ଗା ଧରି ରାତିରେ ଚୋର ଜଗୁଛନ୍ତି। ତୁରନ୍ତ ପୋଲିସ ପ୍ରଶାସନ ତତ୍ପରତା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଦେଶୀମଦରେ ୨ ମହଲା ଭର୍ତ୍ତି

ଟିଗିରିଆ, ୮।୧୦(ଡି.ଏନ.ଏ)

ଘର ଭିତରେ ଦେଶୀ ମଦ। ଯୁଆଡ଼େ ଦେଖିବ ସବୁଠି ବ୍ୟାରେଲ ଭର୍ତ୍ତି ରନ୍ଧା ମଦ ଓ ପୋଚ। ଏତେ ମାତ୍ରାରେ ମଦ ଦେଖି ଅବକାରୀ ବିଭାଗ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛି। ଦୁଇ ମହଲା ବିଶିଷ୍ଟ କୋଠାର ଘର ଭିତରେ ଆଖି ତରାଟି ଗଲା ଭଳି ଦେଶୀ ମଦ ଗଚ୍ଛିତ ରହିଛି। ଅଭିନବ ଉପାୟରେ ଗୁପ୍ତ କୋଠରି ଏବଂ ପାଣି ସମ୍ପ କରି ମହଜୁଦ ରଖାଯାଇଛି ହଜାର ହଜାର ଲିଟର ମଦ। ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଶନିବାର ଏସବୁକୁ ନଷ୍ଟ କରାଯାଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲା ଟିଗିରିଆ ବ୍ଲକ ଅନ୍ତର୍ଗତ ଭୀରୁଡ଼ା ଗ୍ରାମରେ।

ସୂଚନା ଅନୁଯାୟୀ, ଭୀରୁଡ଼ା ଗ୍ରାମରେ ଦେଶୀ ମଦ ରନ୍ଧାଯାଉଥିବା ଖବର ପାଇ କଟକ ଜିଲା ଅବକାରୀ ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ ସକାଳେ ଚଢ଼ାଉ କରିଥିଲା। ଜନୈକ ବ୍ୟକ୍ତିଙ୍କ ଘରେ ମହଜୁଦ ଥିବା ୧୭ ହଜାର ୪୩୦ ଲିଟର ପୋଚ ଓ ୧୭୧୫ ଲିଟର ରନ୍ଧା ଦେଶୀମଦ ଜବତ କରି ନଷ୍ଟ କରିଥିଲା। ଘର ନିକଟସ୍ଥ ବୁଦା ମୂଳ, ଘର ଭିତରେ ଓ ଛାତ ଉପରେ ଥିବା ଏକାଧିକ ମଦ ବ୍ୟାରେଲ ଜବତ କରିଥିଲା। ତେବେ ଚଢ଼ାଉ ପୂର୍ବରୁ ସୂଚନା ପାଇ ମଦ ପ୍ରସ୍ତୁତ କରୁଥିବା ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଫଳରେ ଅବକାରୀ ବିଭାଗ କାହାରିକୁ ଗିରଫ କରି ନ ପାରି ନିରାଶ ହୋଇ ଫେରିଆସିଛି। ସେହିପରି ଆଠଗଡ଼ ବ୍ଲକ ଅନ୍ତର୍ଗତ କୋରଗାଁରେ ମଧ ଚଢ଼ାଉ କରାଯାଇଥିଲା।

## ଧ୍ୟାନ ମନ୍ଦିର ଆଶ୍ରମରେ ପାର୍ବଣ ମହୋତ୍ସବ

ଭୁବନେଶ୍ୱର,୮।୧୦:



ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ପୁରୀର ପ୍ରସିଦ୍ଧ ତଥା ପରମ ପୂଜ୍ୟପଦ ସ୍ୱାମୀ ବ୍ରହ୍ମାନନ୍ଦ ମହାରାଜଙ୍କ ସ୍ମୃତିରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ ଧ୍ୟାନ ମନ୍ଦିର ଆଶ୍ରମ ପରିସରରେ ପାର୍ବଣ ମହୋତ୍ସବର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଧ୍ୟାନ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅକ୍ଟୋବର ୧ରୁ ୯ ପର୍ଯ୍ୟନ୍ତ ପାର୍ବଣ ପୂଜା ଧୁମଧାମରେ ପାଳନ ହେଉଛି। ଏପରିକି ଅକ୍ଟୋବର ୧ରୁ ୫ ପର୍ଯ୍ୟନ୍ତ ଦେବୀ ଦୁର୍ଗାଙ୍କର ଶ୍ରୀ ଶ୍ରୀ ଦୁର୍ଗାପୂଜା ରୀତିନୀତି ଓ ବିଧି ଅନୁଯାୟୀ ପାଳନ କରାଯାଇଥିଲା। ସେହିଭଳି ଆଜି (ଅକ୍ଟୋବର ୯) ମା' ଲକ୍ଷ୍ମୀଙ୍କର ଶ୍ରୀ ଶ୍ରୀ ଲକ୍ଷ୍ମୀପୂଜା ମଧ ରୀତିନୀତି ଅନୁସାରେ ପାଳନ ହେବ ବୋଲି ଟ୍ରଷ୍ଟର ସଭାପତି ଦିନେଶ କୁମାର ସେକ୍‌ସାରିଆ ମତବ୍ୟକ୍ତ କରିଛନ୍ତି। ସେହିପରି ଏଠାରେ ପାର୍ବଣ ବିଶେଷ କାର୍ଯ୍ୟକ୍ରମ ସ୍ୱାମୀ ବ୍ରହ୍ମାନନ୍ଦ ମହାରାଜଙ୍କ ସମାଧି ବେଦୀ ନିକଟରେ ଭଜନ ଓ କୀର୍ତ୍ତନ କରାଯାଉଛି ବୋଲି ଟ୍ରଷ୍ଟର ସମ୍ପାଦକ ଦେବବ୍ରତ ସରକାର କହିଛନ୍ତି। ଅପରପକ୍ଷରେ ପାର୍ବଣ ପାଇଁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ମହୋତ୍ସବରେ ଯୋଗ ଦେଇଥାନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ନିଆରା ଅନୁଭବ ଦେଲା ସୁର ତରଙ୍ଗ ମ୍ୟୁଜିକାଲ ନାଇଟ୍

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

ଗୀତ ଶୁଣିବା, ଗାଇବାରେ ମନ ଓ ଶରୀର ସୁସ୍ଥ ରୁହେ। ଏଥିପାଇଁ ଅନେକେ ଘରେ ଓ ବାହାରେ ଗୁଣୁଗୁଣୁ ହୋଇ ଗୀତ ଗାଇଥାନ୍ତି। ସେହିଭଳି ଆଉ କେହି ସାଙ୍ଗସାଥୀ ମେଳରେ ଗୀତ ଗାଇ ନିଜ ସହ ଅନ୍ୟମାନଙ୍କୁ ମନୋରଞ୍ଜନ ଦେଇଥାନ୍ତି। ଏମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ପଦାକୁ ଆଣିବା ସହ ଲୋକଙ୍କ ମନକୁ ହାଲ୍‌କାଫୁଲ୍‌କା ଅନୁଭବ ଦେବାକୁ ସୁର ତରଙ୍ଗ ପକ୍ଷରୁ ଶନିବାର ସୂଚନା ଭବନରେ ଆୟୋଜିତ ହୋଇଥିଲା ୫ମ ମ୍ୟୁଜିକାଲ ନାଇଟ୍। ଡ. ବିଶ୍ୱନାଥ ପଟ୍ଟନାୟକଙ୍କ 'ହେ ଆନନ୍ଦ ମୟ କୋଟି ଭୁବନ ପାଳକ...' ରୁ ଏହି ନିଆରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ୨୦ରୁ ଅଧିକ କଣ୍ଠଶିଳ୍ପୀ ବିଭିନ୍ନ ପ୍ରକାର ଓଡ଼ିଆ ତଥା ହିନ୍ଦୀ ଭଜନ ଓ ଚଳଚ୍ଚିତ୍ର ସଂଗୀତ ଗାନ କରି ଦର୍ଶକ ଓ ଶ୍ରୋତାଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ।

ଅତିଥି ଭାବେ ଶିକ୍ଷାବିତ ହିମାଂଶୁ ଶେଖର ପତି, ସ୍ୱର୍ଣ୍ଣ ହସ୍ପିଟାଲ ନିର୍ଦ୍ଦେଶକ ବିଧୂଭୂଷଣ ନାୟକ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ଶର୍ମା, ଦିଲୀପ ଦାଶ, ରୁଦ୍ର ସାମନ୍ତରାୟ, ଇଂ. ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପୀୟୂଷ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ସଂଯୋଜକ ପ୍ରିୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଭାବେ ପ୍ରତିଭା ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ।



ମ୍ୟୁଜିକାଲ ନାଇଟ୍‌ରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଣ୍ଠଶିଳ୍ପୀ, କଳାକାର ଓ ଅନ୍ୟମାନେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ଗୋପବନ୍ଧୁ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ୟୁନିଟ୍-୮, ସକାଳ ୮ଟା।
- ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ସମାଜବାଦୀ ପାର୍ଟି ପକ୍ଷରୁ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗୋପବନ୍ଧୁ ଛକ, ସକାଳ ୮ଟା ୩୦।
- ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ ବୈଷ୍ଣବ ପାଣିଙ୍କ ଟେଲିଭିଜନ ପ୍ରସାରଣ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ, ଗୋପବନ୍ଧୁ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ପୂର୍ବାହ୍ନ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଗୋପବନ୍ଧୁ ଛକ, ପୂର୍ବାହ୍ନ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୯ଟା।
- ଆର୍ଯ୍ୟ ସମାଜ ପକ୍ଷରୁ ଆର୍ଯ୍ୟ ଭୀର ଦଳ ଶିବିର, ମହର୍ଷି ଦୟାନନ୍ଦ ମାର୍ଗ, ଏ-୨୦, ଶହୀଦନଗର, ପୂର୍ବାହ୍ନ ୯ଟା।
- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ପକ୍ଷରୁ ଲୋକାର୍ପଣ ପର୍ବ ଓ କବିତା ପାଠୋତ୍ସବ, ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର, କାନନ ବିହାର, ଫେଜ୍-୨, ପୂର୍ବାହ୍ନ ୯ଟା ୧୫।
- ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀକୁ ସେବା ଦିବସ ଭାବେ ପାଳନ କରିବା ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସମିତି ପରିସର, ସେବା, ପ୍ଲଟ୍ ନଂ.-୪୧, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ପୂର୍ବାହ୍ନ ୯ଟା ୩୦।
- ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାର ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ସେମିନାର, କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ, ପୂର୍ବାହ୍ନ ୧୦ଟା।
- ଏଥେନା ବୁକ୍ସ ପକ୍ଷରୁ ପୁସ୍ତକ ପାଠକାର୍ପଣ ଉତ୍ସବ, କେଦାର ନାଥ ଗବେଷଣା ପ୍ରତିଷ୍ଠାନ, ବିନ୍ଦୁସାଗର, ପୂର୍ବାହ୍ନ ୧୧ଟା।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ୍ ସିଙ୍ଗିଂ ଟ୍ୟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ଦି ଆକୋ ସଭାକକ୍ଷ, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଅପରାହ୍ନ ୪ଟା।
- ମା' ଗଜଲକ୍ଷ୍ମୀ ପୂଜା ଉତ୍ସବ, ଆଦ୍ୟ ଜଗନ୍ନାଥ ନଗର, ମେନ୍‌ରେଡ ସାମନ୍ତରାୟ ମାର୍କେଟ୍ କମ୍ପ୍ଲେକ୍ସ ନିକଟ, ସନ୍ଧ୍ୟା ୬ଟା ୧୦।
- ମା' ଗଜଲକ୍ଷ୍ମୀ ପୂଜା ସମିତି, ଲକ୍ଷ୍ମୀସାଗର ଆନୁକୂଲ୍ୟରେ ୩୨ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ, ଲକ୍ଷ୍ମୀସାଗର ମେଳଣ ପଡିଆ, କଳସଯାତ୍ରା, ସନ୍ଧ୍ୟା ୭ଟା।
- ନାଟ୍ୟଧାରା କାର୍ଯ୍ୟକ୍ରମ ଓ ଓଡ଼ିଶା ନାଟ୍ୟ ସଂଘ ମୁଖପତ୍ର ସୂତ୍ରଧରର ଉନ୍ମୋଚନ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ହାଟ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

## ସାପ କାମୁଡ଼ାରେ ମହିଳା ଗୁରୁତର

ନିରାକାରପୁର, ୮।୧୦(ଡି.ଏନ୍.ଏ.): ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର ପାଟଣାରେ ସାପ କାମୁଡ଼ାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସଞ୍ଜୁକ୍ତା ସେଠୀ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# 'ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେବି'

## ଓସିଏସ୍‌ରେ କୃତକାର୍ଯ୍ୟ ହେଲେ ଦୃଷ୍ଟିବାଧିତ ପ୍ରସନ୍ନ



ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଅଲାଇଡ଼ିହ ଗ୍ରାମର ଦୃଷ୍ଟିବାଧିତ ପ୍ରସନ୍ନ କୁମାର ପଣ୍ଡା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା(ଓସିଏସ୍)ରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶୁକ୍ରବାର ପ୍ରକାଶ ପାଇଥିବା ଓସିଏସ୍ ପରୀକ୍ଷାରେ ମୋଟ୍ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେଥିରେ ପ୍ରସନ୍ନ ୨୬୬ ର୍ୟାଙ୍କ୍ ପାଇଛନ୍ତି। ସେ ଏବେ ବ୍ରହ୍ମପୁରସ୍ଥିତ ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତାର ଯାତ୍ରା ସମ୍ପର୍କରେ ପ୍ରସନ୍ନଙ୍କ କେଇପଦ କଥା।

● **ଓସିଏସ୍ ପାଇବା ପରେ କ'ଣ କହିବେ?**

ଖୁସି ଅନୁଭବ କରୁଛି। ପ୍ରଥମଥର ୨୦୧୯ରେ ଅକୃତକାର୍ଯ୍ୟ ହୋଇଥିଲି। ଏହା ମୋର ଦ୍ୱିତୀୟ ପ୍ରୟାସ। ସଫଳତା ମିଳିବ ବୋଲି ଆଶା ରହିଥିଲା। ଯେଉଁ ବିଭାଗ ମିଳିବ, ନିଷ୍ଠାର ସହ ଦାୟିତ୍ୱ ତୁଲାଇବି। ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଗୁରୁତ୍ୱ ଦେବି।

● **ପରୀକ୍ଷା ପାଇଁ କିଭଳି ପ୍ରସ୍ତୁତି କରିଥିଲେ?**

ଜେଏନ୍‌ୟୁରେ ପାଠପଢ଼ା ସହ ଓସିଏସ୍ ପାଇଁ ପ୍ରସ୍ତୁତି ଚଳାଇଥିଲି। ଏହା ବଡ଼ ଚ୍ୟାଲେଞ୍ଜ ରହିଥିଲା। ସମସ୍ତ ବାଧାବିଘ୍ନକୁ ପଛରେ ପକାଇ ଏହି ସଫଳତା ହାସଲ କରିଛି। ସାଧାରଣ ପିଲାଙ୍କ ଭଳି ପାଠ ପଢିବା ମୋ ପାଇଁ ବହୁତ କଷ୍ଟକର ଥିଲା। ତଥାପି ଏଥିଲାଗି ନିଜକୁ ପ୍ରସ୍ତୁତ କରିଥିଲି। ବହିକୁ ସ୍କାନ୍ କରି ହାର୍ଡକପିରୁ ସଫ୍ଟକପି କରିବା ପରେ ଶୁଣି ଶୁଣି ପଢ଼ିବା କଷ୍ଟକର। ଏଥିରେ ବହୁ ସମୟ ଲାଗେ। ରେକର୍ଡ କରି ବାରମ୍ବାର ଶୁଣି ଶୁଣି ମନେରଖିବା ମଧ୍ୟ ବହୁ କଷ୍ଟ। ଏଥିପାଇଁ ସଫଳତା ବିଳମ୍ବରେ ମିଳିଥାଏ। କଥାରେ ଅଛି କଠିନ ପରିଶ୍ରମ ସଫଳତା ଆଣେ, ଯାହା ମୋ ପକ୍ଷେ ସମ୍ଭବ ହୋଇଛି।

● **ସାକ୍ଷାତ୍‌କାର ଅନୁଭୂତି କିପରି ଥିଲା?**

ସାକ୍ଷାତ୍‌କାରରେ ୨୦ ମିନିଟ୍ ସମୟ ମିଳିଥିଲା। ୧୦ରୁ ୧୫ଟି ପ୍ରଶ୍ନ ପଚରା ଯାଇଥିଲା। ସେଥିରୁ ୨ରୁ ୩ଟି ଠିକ୍ ଉତ୍ତର ଦେଇପାରିନାହିଁ। ରାଜନୀତି ବିଜ୍ଞାନର ଛାତ୍ର ହୋଇଥିବାରୁ ରାଜନୀତି ସମ୍ପର୍କିତ ପ୍ରଶ୍ନ ପଚାରିଥିଲେ। ଭାରତୀୟ ରାଜନୀତି, ଜାତୀୟସ୍ତରୀୟ କେତେକ ପ୍ରସଙ୍ଗ, ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ପକ୍ଷରୁ ଦଳଗୁଡ଼ିକୁ ଦିଆଯାଉଥିବା ଗାଇଡ୍‌ଲାଇନ୍ ସମ୍ପର୍କରେ ପଚାରିଥିଲେ। ସାକ୍ଷାତ୍‌କାର ସନ୍ତୋଷଜନକ ରହିଥିଲା।

● **ଓଏଏସ୍ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ କ'ଣ କହିବେ?**

ଜଣେ ଦୃଷ୍ଟିହୀନ ବୋଲି କେବେ ନିଜକୁ ଅନ୍ୟଠାରୁ କମ୍ ବୋଲି ଭାବିନାହିଁ। ଭିନ୍ନକ୍ଷମତା, ବାଧାବିଘ୍ନ ସଫଳତାରେ ବାଧା ସୃଷ୍ଟି କରିପାରିବ ନାହିଁ। ଅଦମ୍ୟ ଇଚ୍ଛାଶକ୍ତି, ଦୃଢ଼ ମନୋବଳ, ଆତ୍ମବିଶ୍ୱାସ, କଠିନ ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ଅଭାବ ଅନଟନ, ଶାରୀରିକ ଭିନ୍ନକ୍ଷମତାକୁ ଖାତିର ନ କରି ଆଗକୁ ବଢ଼ିଲେ ସଫଳତା ପାଇପାରିବେ।

● **ସଫଳତାର ଶ୍ରେୟ କାହାକୁ ଦେବେ?**

ଏହି ସଫଳତା ପାଇଁ ପ୍ରଥମେ ମା'ବାପା, ପରିବାରବର୍ଗଙ୍କୁ ଶ୍ରେୟ ଦେବି। ଦୃଷ୍ଟିହୀନ ବୋଲି ଜାଣି ମଧ୍ୟ ମୋତେ କେବେ ହତାଦର କରିନାହାନ୍ତି। ପିଲାବେଳୁ ମୋର ଉପଯୁକ୍ତ ଲାଳନପାଳନ ସହ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ଯୋଗୁ ଆଜି ମୁଁ ଏହି ସ୍ଥାନରେ ପହଞ୍ଚି ପାରିଛି। ଦ୍ୱିତୀୟରେ ମୋତେ ସ୍କାଇପ୍ ଲେଖିବାରେ ସହଯୋଗ କରିଥିବା ବନ୍ଧୁ, ତୃତୀୟରେ ମୋ ପାଠପଢ଼ାରେ ସହଯୋଗ କରିଥିବା କୋଚିଂ ଇନ୍ଷ୍ଟିଚ୍ୟୁଟ୍ କର୍ତ୍ତୃପକ୍ଷ। ଭିନ୍ନକ୍ଷମମାନେ ଓସିଏସ୍ ପରୀକ୍ଷାରେ ଯୋଗଦାନ କରିପାରିବାର ସୁଯୋଗ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।



କଳାଶ୍ରମ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଗୁରୁ ଦକ୍ଷିଣା ଉତ୍ସବର ଉଦ୍‌ଯାପନ ଅବସରରେ ଗୁରୁ ଦିବାକର ମହାନ୍ତିଙ୍କୁ 'ଗୁରୁଦକ୍ଷିଣା ସମ୍ମାନ-୨୦୨୨'ରେ ସମ୍ମାନିତ କରାଯାଉଛି।

## ଗୁରୁ ଦିବାକର ମହାନ୍ତିଙ୍କୁ 'ଗୁରୁଦକ୍ଷିଣା ସମ୍ମାନ'

ଭୁବନେଶ୍ୱର,୮।୧୦(ବ୍ୟୁରୋ)

କଳାଶ୍ରମ ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ୩ଦିନ ଧରି ଚାଲିଥିବା ଗୁରୁ ଦକ୍ଷିଣା ଉତ୍ସବ-୨୦୨୨ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗୁରୁ ଦିବାକର ମହାନ୍ତିଙ୍କୁ 'ଗୁରୁଦକ୍ଷିଣା ସମ୍ମାନ-୨୦୨୨'ରେ ସମ୍ମାନିତ କରାଯାଇଛି। ସେହିଭଳି ଦୃଷ୍ଟିବାଧିତ ସିତାର ବାଦକ ଗୁରୁ ଭୀମସେନ ମହାରଣାଙ୍କୁ 'ସୃଜନଶୀଳ ସମ୍ମାନରେ ସମ୍ମାନିତ କରାଯାଇଛି। ମର୍ଦ୍ଦଳ ବାଦନରୁ ଆରମ୍ଭ ହୋଇଥିଲା ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସାଥୀଙ୍କ ମର୍ଦ୍ଦଳ ବାଦନ ପରିବେଶକୁ ବେଶ୍ ଗମ୍ଭୀର କରିଦେଇଥିଲା। ପରେ ଲୋକପ୍ରିୟ ରିଆଲିଟି ଶୋ' ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସର ଫାଇନାଲିଷ୍ଟ ତଥା ବିଶିଷ୍ଟ ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ କମଲେସ୍ ଭାଇ ପଟେଲଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା।

**ବିନା ଗୋଡ଼ରେ ନୃତ୍ୟ ସହ କୌଶଳ ପ୍ରଦର୍ଶନ କଲେ ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ କମଲେସ୍ ଭାଇ ପଟେଲ**



ଆସାମର ନୃତ୍ୟଶିଳ୍ପୀ ଜ୍ୟୋତିରୂପା ଓ ଆଞ୍ଚୋଲ ଶଙ୍କର ଦାସଙ୍କ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ବେଶ୍ ଆକର୍ଷଣୀୟ ଥିଲା। ଗୁରୁ ପବିତ୍ର କୁମାର ପ୍ରଧାନ ଓ ଶ୍ରୀଦତ୍ତା ଭୋଳ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଜ୍ଞା ନୃତ୍ୟାନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଗୀତରେ ନୃତ୍ୟ ଉପସ୍ଥାପିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ଅତିଥି ଭାବେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି, ୟୁସିସିଆଇ ଉପସଭାପତି ତାରିଣୀ ପ୍ରସାଦ ମିଶ୍ର, ସନ୍‌ସାଇନ ହସ୍ପିଟାଲ ନିର୍ଦ୍ଦେଶକ ଆୟୁଷକାନ୍ତ ମହାନ୍ତି, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ସୁଧୀର ରଞ୍ଜନ ମିଶ୍ର, କଳାଶ୍ରମ ସମ୍ପାଦକ ନିତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ଗୁରୁ ବିଜୟ ଦାଶ, ଶ୍ରୀ ଗୋବିନ୍ଦ, ବଂଶୀଧର ଦାସ, ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହୁକୁମଜନିତ ଜନସମାବେଶ ଏକ କୁସଂସ୍କାର

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଅନେକ ଲୋକ ତାଙ୍କ ଭିତରେ ଥିବା ମାନସିକ ଦୁର୍ବଳତା, ଅସହାୟତା, ସାମାଜିକ ନୈରାଶ୍ୟବୋଧକୁ ଦୂର କରିବାକୁ ଚାହାନ୍ତି। ସେଥିପାଇଁ ସେମାନେ କୁସଂସ୍କାରର ବଶବର୍ତ୍ତୀ ହୋଇଥାନ୍ତି। ସେମାନେ ହୁକୁମ ଦିଆଯାଉଥିବା ସ୍ଥାନକୁ ଯାଇ ସେଠାରେ ଖର୍ଚ୍ଚାନ୍ତ ହୋଇ ପ୍ରତାରିତ ହୁଅନ୍ତି। ହେଲେ ଏ ସବୁ ଅନ୍ଧବିଶ୍ୱାସ। ଏପରି ଅନ୍ଧବିଶ୍ୱାସରୁ ଦୂରେଇ ରହିବାକୁ ଥିଙ୍କର୍ସ କ୍ଲବ୍‌ର ୪୪ତମ ଆଭାସୀ ଆଲୋଚନାରେ ମତ ପ୍ରକାଶ ପାଇଛି। ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ପ୍ରଫେସର ଧନେଶ୍ୱର ସାହୁ ଯୋଗଦେଇ ଏଗୁଡ଼ିକୁ ସାଇକୋ ସୋମାଟିକ ଷ୍ଟ୍ରକ୍ଚର ଅଫ୍ ମିରାକିଲ୍‌ସ ବୋଲି କହିଛନ୍ତି। କମିଟି ଫର୍ ସାଇଣ୍ଟିଫିକ୍ ଇନ୍‌ଭେଷ୍ଟିଗେଶନ କ୍ଲେମ୍ସ ଫର୍ ପାରାନର୍ମାଲ୍ ସଂସ୍ଥା ଏ ସବୁ କାର୍ଯ୍ୟର ଅନୁସନ୍ଧାନ ଓ ପରୀକ୍ଷା କରିଥାଏ। ଲୋକଙ୍କ ସରଳତା ଯୋଗୁ ସେମାନେ ଭଣ୍ଡାମିର ଶିକାର ହୋଇଥାନ୍ତି ବୋଲି କ୍ଲବ୍‌ର ସଭାପତି କହିଥିଲେ। ସର୍ବଶ୍ରୀ ପ୍ରଭାତ ନନ୍ଦ, ଚିତ୍ତରଞ୍ଜନ ଶତପଥୀ, ଦିଲୀପ ମହାନ୍ତି, ବାଲ୍ମୀକି ନାୟକ, ନିମାଇଁ ସ୍ୱାଇଁ, ଡ. ରଜତ ଶତପଥୀ, ପ୍ରଫେସର ଉମାଶଙ୍କର ମିଶ୍ର ଓ ବହୁ ବରିଷ୍ଠ ନାଗରିକମାନେ ଏହି ଆଭାସୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବେଙ୍ଗାଲୁରୁର ବିଭୁଦତ୍ତ ମହାନ୍ତି ବୈଷୟିକ ପରିଚାଳନା କରିଥିଲେ। ଏହି ସମସ୍ତ ଆଲୋଚନାଗୁଡ଼ିକ ୟୁଟ୍ୟୁବରେ ଉପଲବ୍ଧ ରହିଛି। ଆଗାମୀ ଭାଗରେ 'ପିତା ମାତା ଓ କନ୍ୟା ସନ୍ତାନ' ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି।

## ମାଟିତଳ ଐତିହ୍ୟ ଲୋକଲୋଚନକୁ ଆଣିଲେ ମହତ୍ତ୍ୱ ବଢ଼ିବ

ଭୁବନେଶ୍ୱର, ୮।୧୦ (ବ୍ୟୁରୋ)

**ଇନ୍ଦିରାଗାନ୍ଧୀ ସ୍ମାରକୀ ପାଠାଗାର ପକ୍ଷରୁ ଆଲୋଚନାଚକ୍ର**

ଭୁବନେଶ୍ୱର ୟୁନିଟ ୯ ସ୍ୱାଧୀନତା ସଂଗ୍ରାମୀ ସଦନ ବୈକୁଣ୍ଠ ସାରଣୀ ସଭାଗୃହରେ ଇନ୍ଦିରା ଗାନ୍ଧୀ ସ୍ମାରକୀ ପାଠାଗାର ଆନୁକୂଲ୍ୟରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସ୍ୱତନ୍ତ୍ର ଅର୍ଥ ସଚିବ ଡକ୍ଟର କୃଷ୍ଣଚନ୍ଦ୍ର ବଢ଼ୁ ଯୋଗ ଦେଇଥିଲେ। ଗୌତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ 'ଏକାମ୍ର କ୍ଷେତ୍ରର ନବୀକରଣ' ଆଲୋଚନାଚକ୍ରକୁ ଆରମ୍ଭ କରିଥିଲେ। ରାଜ୍ୟ ସରକାର ପୁରୀ ମନ୍ଦିର ପରିକ୍ରମା ପରେ ଏବେ ଏକାମ୍ର କ୍ଷେତ୍ରର ନବୀକରଣ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଡକ୍ଟର ହରେକୃଷ୍ଣ ମହତାବଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରୁ ଲିଙ୍ଗରାଜ କ୍ଷେତ୍ରର ଉନ୍ନତି ଆରମ୍ଭ ହୋଇଛି। ଏବେ ରାଜ୍ୟ ସରକାର ନବୀକରଣ କରୁଛନ୍ତି। ଏହି ନବୀକରଣ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ସମ୍ପର୍କରେ କାହା ପାଖରେ କୌଣସି ସୂଚନା ନାହିଁ। ମାତ୍ର ନବୀକରଣ ନାଁରେ ମନ୍ଦିର ଚାରିପାଖ ଭଙ୍ଗାଯାଉଛି। ଖନନ ବେଳେ ମାଟି ତଳେ ବହୁ ପୁରାତନ ମନ୍ଦିର ଆବିଷ୍କାର ହେଉଛି। ପ୍ରତ୍ନତତ୍ତ୍ୱ ବିଭାଗ ଏ ଦିଗରେ ଦୃଷ୍ଟି ଦେଉନାହିଁ। ମାଟି ତଳେ ଆଉ କ'ଣ ଅଛି ତାହା ଆଧୁନିକ ଜ୍ଞାନ କୌଶଳରେ ପରଖି ତାହା ଲୋକ ଲୋଚନକୁ ଆଣିଲେ ପ୍ରକୃତରେ ଐତିହ୍ୟର ମହତ୍ତ୍ୱ ବଢ଼ିପାରନ୍ତା। ଏକାମ୍ର କ୍ଷେତ୍ରର ନବୀକରଣରେ ଏହାସବୁ ଆକର୍ଷଣ କେନ୍ଦ୍ର ହୋଇପାରନ୍ତା ବୋଲି ବଢ଼ୁ କହିଛନ୍ତି। ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର କହିଲେ, ପୁରୀ ପ୍ରୋଜେକ୍ଟ ପରେ ଏକାମ୍ର ପ୍ରୋଜେକ୍ଟ ରାଜ୍ୟ ସରକାର ହାତକୁ ଆଣିଛନ୍ତି। ଏକାମ୍ର କ୍ଷେତ୍ର ପ୍ରକଳ୍ପରେ ଆମେ କେବଳ ଭଙ୍ଗା ରୁଜା ଦେଖୁଛୁ। ଏ ପର୍ଯ୍ୟନ୍ତ କୌଣସି ନିର୍ମାଣ ହୋଇନାହିଁ। ଲୋକେ ଏଏସ୍‌ଆଇ ମତ ଚାହୁଁଛନ୍ତି, ଯେହେତୁ ଏହା ଐତିହାସିକ କରିଡର, ଏହାର ରକ୍ଷଣାବେକ୍ଷଣ ଓ ସ୍ଥାୟିତ୍ୱ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସରକାର ବହୁ ଐତିହାସିକ ସ୍ଥାନ ଭାଙ୍ଗିଦେଲେ। ସେସବୁ ଥାଇ ମଧ୍ୟ ଏକାମ୍ର କ୍ଷେତ୍ରର ଉନ୍ନତି କରାଯାଇପାରିଥାନ୍ତା। ମାଟି ତଳେ କ'ଣ ଐତିହ୍ୟ ଅଛି ଓ ମନ୍ଦିର ଚାରି ପାର୍ଶ୍ୱରେ କ'ଣ ଐତିହାସିକ ତଥ୍ୟ ଅଛି ତାହାର ରିପୋର୍ଟ ଦେବାକୁ ଗାନ୍ଧୀନଗରର ଆଇଆଇଟିକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ରିପୋର୍ଟ ମିଳିପାରିନାହିଁ। ସରକାର ସମସ୍ତ ଐତିହାସିକ ତଥ୍ୟକୁ ଦୃଷ୍ଟିରେ ରଖି ଏକାମ୍ର କ୍ଷେତ୍ରର ନବୀକରଣ କରନ୍ତୁ। ପୁରୁଣା ଐତିହ୍ୟକୁ ଭାଙ୍ଗି ନୂତନ କୋଠା କି ପ୍ରାସାଦ କଲେ ପୁରୁଣା ଭାବ ଆଉ ସହଜରେ ଆଧ୍ୟାତ୍ମିକତାକୁ ସ୍ପର୍ଶ କରିପାରିବେନି ବୋଲି ମିଶ୍ର କହିଥିଲେ। ଅନୁଷ୍ଠାନର ସଭ୍ୟ ସନ୍ତୋଷ କୁମାର ପତି ଧନ୍ୟବାଦ ଦେଇଥିଲ।

## ହାତୀ ଆକ୍ରମଣରେ ଚାଷୀ ମୃତ

ଭଞ୍ଜନଗର,୮।୧୦(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସୀ ରେଞ୍ଜ କ୍ଷେତମୁଣ୍ଡାଳୀ ଗ୍ରାମରେ ହାତୀ ଆକ୍ରମଣରେ ଚାଷୀ ପବିତ୍ର ସାହୁ(୪୦)ଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଶନିବାର ରାତିରେ ଏକ ହାତୀପଲ କ୍ଷେତମୁଣ୍ଡାଳୀ ଅଞ୍ଚଳରେ ଧାନ ଫସଲ ଖାଉଥିଲେ। ଏହା ଜାଣି ଚାଷୀମାନେ ହାତୀଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରିବାବେଳେ ହାତୀପଲ ସେମାନଙ୍କୁ ପାଲଟା ଗୋଡ଼ାଇ ଥିଲେ। ଏହି ସମୟରେ ହାତୀଙ୍କ ହାବୁଡ଼ରେ ପବିତ୍ର ପଡ଼ିଯିବାରୁ ତାଙ୍କୁ ହାତୀ ଦଳି ଦେଇଥିଲା। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ପବିତ୍ରଙ୍କୁ ଭଞ୍ଜନଗର ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡିଏଫ୍‌ଓ ସୁଦର୍ଶନ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଓସିଏସ୍ ପରୀକ୍ଷାଫଳ

## ୨୮୬ ର୍ୟାଙ୍କ୍‌ରେ ଲିପିଲିପ୍ସା ପ୍ରିୟଦର୍ଶିନୀ

ଭୁବନେଶ୍ୱର,୮।୧୦



ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଶୁକ୍ରବାର ୨୦୨୦ବର୍ଷର ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଭୁବନେଶ୍ୱର ନିବାସୀ ଲିପିଲିପ୍ସା ପ୍ରିୟଦର୍ଶିନୀ ୨୮୬ତମ ର୍ୟାଙ୍କ୍‌ରେ ରହିଛନ୍ତି। ସେ ୩ୟ ପ୍ରୟାସରେ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ନବୋଦୟ ବିଦ୍ୟାଳୟ ପୁରୀରୁ ଦଶମ ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିଲେ। ସେବେଠାରୁ ସେ ପ୍ରଶାସନିକ ଅଧିକାରୀ ହେବା ପାଇଁ ମନରେ ଆଶା ବାନ୍ଧି ଉଭୟ ଉଚ୍ଚଶିକ୍ଷା ଓ ପ୍ରଶାସନିକ ପରୀକ୍ଷାର ପ୍ରାରମ୍ଭିକ ପ୍ରସ୍ତୁତି କରୁଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ଲିପିଲିପ୍ସା ଓୟୁଏଟିରୁ ଉଚ୍ଚଶିକ୍ଷା ସାଙ୍ଗକୁ ସୋଆ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି.(ପ୍ଲାଣ୍ଟ ପାଥୋଲୋଜି)ର ଛାତ୍ରୀ ମଧ୍ୟ ଅଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ବାପା, ମା, ଭାଇ ଭଉଣୀ ଓ ଶିକ୍ଷକଶିକ୍ଷୟିତ୍ରୀ ଏବଂ ସାଙ୍ଗସାଥୀମାନଙ୍କୁ ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ହେବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି ଲିପିଲିପ୍ସା କହିଛନ୍ତି।

## 'ବାପାଙ୍କ ସ୍ୱପ୍ନ ପୂରଣ କରିପାରିଛି'

ଟାଙ୍ଗୀ(ଖୋର୍ଦ୍ଧା), ।୧୦(ଡି.ଏନ୍.ଏ.)

ବାପା ଥିଲେ ଜଣେ ଚାଷୀ। ତାଙ୍କ ବିୟୋଗ ପରେ ଆର୍ଥିକ ଅନଟନ ମଧ୍ୟରେ ପରିବାର ସଂଘର୍ଷ କରୁଥିବା ବେଳେ ବିନା କୋଚିଂ ଏବଂ ଦ୍ୱିତୀୟ ପ୍ରୟାସରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଓରଡ଼ ଗ୍ରାମର ଈପ୍‌ସିତା ବଳିୟାରସିଂହ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ମୋଟ୍ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଏଥିରେ ଈପ୍ସିତା ୧୭୩ ନମ୍ବର ର୍ୟାଙ୍କ୍‌ରେ ରହିଛନ୍ତି। ଈପ୍‌ସିତା କୁହନ୍ତି, ବାପା ପ୍ରକାଶ ବଳିୟାରସିଂହ ଝିଅ ଦିନେ ବଡ଼ ଅଫିସର ହେବା ପାଇଁ ସ୍ୱପ୍ନ ଦେଖିବା ସହ ପ୍ରେରଣା ଦେଇଆସୁଥିଲେ। ବାପାଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଦିନକୁ ୮ ଘଣ୍ଟା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲି। ମା' ପ୍ରକାଶିନୀ ବଳିୟାରସିଂହ, ସାନଭାଇ ଅଭିଜିତ୍, ସମ୍ପର୍କୀୟ ଭାଇ ଆଲୋକ ଚହଟରାୟ ଏବଂ ବନ୍ଧୁଙ୍କ ସହଯୋଗ ପ୍ରେରଣା ଯୋଗାଇଥିଲା। ସେ +୩ ନାରୁଣୀ କଲେଜରୁ ପଦାର୍ଥ ବିଜ୍ଞାନ ଅନର୍ସରେ ପାସ୍ କରିବା ପରେ ଭୁବନେଶ୍ୱର ନଳିନୀଦେବୀ ମହିଳା ଶିକ୍ଷକ ପ୍ରଶିକ୍ଷଣ କଲେଜରୁ ବିଏଡ୍ ପାସ୍ କରିଛନ୍ତି। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ କହିଛନ୍ତି।



ଈପ୍‌ସିତା ବଳିୟାରସିଂହ

## 'ନିଷ୍ଠାର ସହ ଦାୟିତ୍ୱ ତୁଲାଇବି'

ଖୋର୍ଦ୍ଧା ଅଫିସ, ୮।୧୦

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍)ରେ ୧୫୧ ର୍ୟାଙ୍କ୍‌ରେ ରହିଛନ୍ତି ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ବଡ଼ନଇରୀ ଗ୍ରାମର ବିଶ୍ୱଜିତ୍ ଦାସ। ବାପା ବିଜୟ ଦାସଙ୍କ ବିୟୋଗ ପରେ ଭାଙ୍ଗି ନ ପଡ଼ି ନିଜ ଅଧ୍ୟବସାୟ ଜାରି ରଖିଥିଲେ ବିଶ୍ୱଜିତ୍। କଠିନ ପରିଶ୍ରମ ବଳରେ ସ୍ନାତକ, ସ୍ନାତକୋତ୍ତର ପରେ ଓସିଏସ୍ ପରୀକ୍ଷା ଲାଗି ଅଣ୍ଟା ଭିଡ଼ିଥିଲେ। ତେବେ ଦୃଢ଼ ମନୋବଳ, ଇଚ୍ଛାଶକ୍ତି ଏବଂ ନିରନ୍ତର ପ୍ରୟାସ ଫଳରେ ସେ ଓସିଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଗ୍ରାମ ପାଇଁ ସୁନାମ ଆଣିଛନ୍ତି। ବିଶ୍ୱଜିତ କୁହନ୍ତି, ସବୁ ଅସୁବିଧା ସତ୍ତ୍ୱେ ପରିବାର, ସମ୍ପର୍କୀୟଙ୍କ ପ୍ରେରଣା, ଶିକ୍ଷକଙ୍କ ଉତ୍ସାହ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଛି। ନିଷ୍ଠାପୂର୍ବକ ଲୋକଙ୍କ ସେବା କରିବା ସହ ଦାୟିତ୍ୱ ତୁଲାଇବି ବୋଲି ସେ କହିଛନ୍ତି।



ବିଶ୍ୱଜିତ୍ ଦାସଙ୍କୁ ସମ୍ପର୍କୀୟ ଶୁଭେଚ୍ଛା ଜଣାଉଛନ୍ତି।

## ୯ମ ସ୍ଥାନରେ ବିବେକାନନ୍ଦ

ସାଲେପୁର,୮।୧୦(ଡି.ଏନ୍.ଏ.)



ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ୨୦୨୦ ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ୩୯୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି କ୍ରମରେ ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ମାଛୁଆଡି ଗ୍ରାମର ପୂର୍ବତନ ସାମରିକ କର୍ମଚାରୀ ସଦାଶିବ ଷଡ଼ଙ୍ଗୀଙ୍କ ଦ୍ୱିତୀୟ ପୁତ୍ର ବିବେକାନନ୍ଦ ୯ମ ସ୍ଥାନ ଅଧିକାର କରିଛନ୍ତି। ବାପା, ମା, ଭାଇ, ବନ୍ଧୁବାନ୍ଧବ ଓ ଶିକ୍ଷକମାନଙ୍କ ଆଶୀର୍ବାଦ ଓ ପ୍ରେରଣାରୁ ସେ ଏହି ସଫଳତା ପାଇଥିବା କହିଛନ୍ତି। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଏମ୍‌ଏସ୍‌ସି ଅଧ୍ୟୟନ କରୁଥିବାବେଳେ ଦୈନିକ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। କୌଣସି କୋଚିଂ ନେଇନାହିଁ। ପ୍ରଥମ କରି ଏହି ସଫଳତା ମୁଁ ପାଇଛି। ଆଗକୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ଏଥିରେ ମଧ୍ୟ ସଫଳତା ପାଇବାକୁ ଆଶା ରଖିଛି। ଭବିଷ୍ୟତରେ ନିଷ୍ଠାପର ଭାବେ ଓଡ଼ିଶା ଜନସାଧାରଣଙ୍କ ସେବା କରିବେ ବୋଲି ବିବେକାନନ୍ଦ କହିଛନ୍ତି।

## ଗରିବଙ୍କ ସେବା ପ୍ରାଥମିକତା ହେବ: ଚିରଞ୍ଜୀବ

ଟିଗିରିଆ, ୮।୧୦(ଡି.ଏନ୍.ଏ)



ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ଗ୍ରାମର ଚିରଞ୍ଜୀବ ସିଂ ସଫଳତା ପାଇ ୧୫୦ତମ ସ୍ଥାନରେ ରହିଛନ୍ତି। ସୂର୍ଯ୍ୟକାନ୍ତି ସିଂ ଓ ଜୟକୃଷ୍ଣ ସିଂଙ୍କ ସୁପୁତ୍ର ଚିରଞ୍ଜୀବ ଏବେ ମୁମ୍ବାଇସ୍ଥିତ ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ସେ ପ୍ରତିଦିନ ଏହି ପରୀକ୍ଷା ପାଇଁ ୬ରୁ ୭ଘଣ୍ଟା ପରିଶ୍ରମ କରୁଥିଲେ। ଗରିବଙ୍କ ସେବା ତାଙ୍କର ପ୍ରାଥମିକତା ରହିବ ବୋଲି କହିଛନ୍ତି।

# ହୋଟେଲରେ ଡିଲ୍ ବେଳର ଭିଡିଓ ଭାଇରାଲ

## ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା

### ମୁହଁ ଖୋଲୁନି ପୋଲିସ, ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ



ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଟଙ୍କା ପାଇଁ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ତଥା ପୋଲିସ ଅଧିକାରୀଙ୍କୁ ମାୟା ଜାଲରେ ଫସାଇ ବ୍ଲାକ୍‌ମେଲିଂ କରୁଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗଙ୍କ ଗୁମର ଫିଟିବାରେ ଲାଗିଛି। ବଡ଼ବଡ଼ିଆ ଲୋକଙ୍କୁ ଗୁପ୍ତ କୋଠରିକୁ ଡାକି ସେଠାରେ ଭିଡିଓ କରି ପରବର୍ତ୍ତୀ ସମୟରେ କିପରି ମୋଟା ଅଙ୍କର ଟଙ୍କା ରୋଜଗାର କରି ସେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ ତାହା ଜଣାପଡ଼ିବାର ଦିନକ ପରେ ଶନିବାର ଆଉ ଏକ ଭିଡ଼ିଓ ସାମ୍ନାକୁ ଆସିଛି। ଅର୍ଚ୍ଚନା ଏବେ ଜେଲରେ ଥିବାବେଳେ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଅଟକ ରଖି ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।

ଭାଇରାଲ ହେଉଥିବା ଭିଡିଓରେ ଅର୍ଚ୍ଚନାଙ୍କ ସହ ଜଣେ ଯୁବତୀ ଏବଂ ଜଣେ ପୁରୁଷ ଏକ ହୋଟେଲରେ ବସି ଡିଲ୍ କରୁଥିବା ଦେଖିବାକୁ ମିଳିଛି। ଏହି ଭାଇରାଲ୍ ଭିଡିଓରେ ଜଣେ ପୁରୁଷ ଆଠ ଦିନ ଦରକାର ନାହିଁ ବୋଲି କହୁଥିବାବେଳେ ସେଠାରେ ଉପସ୍ଥିତ ଥିବା ଅର୍ଚ୍ଚନା ୪ଦିନ ଦରକାର କି କହୁଥିବା ସ୍ୱର ଶୁଣିବାକୁ ମିଳିଛି । ତା'ପରେ ପୁରୁଷ ଜଣକ କହୁଛନ୍ତି, ୪ ଦିନ ବି ଦରକାର ନାହିଁ । କିଛି ସମୟର କଥାବାର୍ତ୍ତା ପରେ ଯୁବତୀ ଜଣକ ଭାଇଙ୍କ ସହିତ କ୍ଲିୟର କଥା ହୁଅ, ତା' ପରେ ତୋ ସହ ଫାଇନାଲ ଡିସିସନ୍ ବୋଲି କହୁଛନ୍ତି। ପରେ କର୍ନରକୁ ନେଇ କଥା ହେବା କି, କିଛି ଦେଖାଇବାର କଥା ଅର୍ଚ୍ଚନା କହୁଛନ୍ତି। ତା'ପରେ ପାଖରେ ବସିଥିବା ଯୁବତୀଙ୍କ ସହିତ ଅର୍ଚ୍ଚନା ସେହି ସ୍ଥାନରୁ ଉଠି ଚାଲି ଯାଉଛନ୍ତି । ତେବେ ରହସ୍ୟମୟୀ ଅର୍ଚ୍ଚନା କେଉଁ ପ୍ରସଙ୍ଗରେ କଥା ହେଉଥିଲେ ? ତାଙ୍କ ପାଖରେ ବସିଥିବା ପୁରୁଷ ଓ ଯୁବତୀ ଜଣକ କିଏ ? କ'ଣ ଡିଲ୍ ହେଉଥିଲା ସେମାନଙ୍କ ସହ ? କାହା ଛତ୍ରଛାୟା ତଳେ ରହି ଏତେଗୁଡିଏ ଟଙ୍କା କେଉଁଠି ହାତେଇଲେ ? ଏଥିରେ ଆଉ କାହାର ସଂପୃକ୍ତି ଅଛି ? ରହସ୍ୟମୟୀଙ୍କ କ୍ରାଇମ୍ ସିଣ୍ଡିକେଟରେ କେଉଁ ବଡ଼ବଡ଼ିଆଙ୍କ ହାତ ରହିଛି ? ଏହିଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଠୁଥିବା ବେଳେ ପୋଲିସ କମିଶନରଙ୍କ ଠାରୁ ଆରମ୍ଭ କରି ଡିସିପି, ଖଣ୍ଡଗିରି ଥାନାର ଆଇଆଇସିଙ୍କ ପର୍ଯ୍ୟନ୍ତ ସମସ୍ତେ ଘଟଣାକୁ ନେଇ ମୁହଁ ଖୋଲୁ ନାହାନ୍ତି, ଯାହାକି ନିରପେକ୍ଷ ତଦନ୍ତ ନେଇ ସନ୍ଦେହ ସୃଷ୍ଟି କରିଛି। ରାଜଧାନୀରେ ଅନେକ ସମ୍ବେଦନଶୀଳ ଘଟଣାରେ ପୋଲିସ ପ୍ରେସ୍‌ମିଟ କରି ସୂଚନା ଦେଇଆସୁଥିବା ବେଳେ ଏହି ଘଟଣାକୁ ୨ ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ ଠିକ୍ ସୂଚନା ନଦେବା ତାକୁ ନେଇ କଳ୍ପନାଜଳ୍ପନା ଚାଲିଥିବାବେଳେ ବୁଦ୍ଧିଜୀବୀ ମହଲରେ ଏହାକୁ ନିନ୍ଦା କରାଯାଇଛି । ଏହି ଘଟଣାରେ ଅନେକ ବଡ଼ବଡ଼ିଆ ଲୋକ ସମ୍ପୃକ୍ତ ଥିବାରୁ ପୋଲିସ ସେମାନଙ୍କୁ ଘଣ୍ଟ ଘଉଡ଼ାଥିବା କୁହାଯାଉଛି। ଅପରପକ୍ଷରେ ବିଜେଡି ସହିତ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଫଟୋକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ଜଗବନ୍ଧୁ ବିଜେଡି ସହିତ କାମ କରୁଥିବା ନିଜ ଫେସ୍‌ବୁକ ଆକାଉଣ୍ଟରେ ଲେଖିଥିବାରୁ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଉଭୟ ଭାଜପା ଓ କଂଗ୍ରେସ। ବଡ଼ବଡ଼ିଆ ଏବଂ ରାଜନୈତିକ ଲୋକ ସମ୍ପୃକ୍ତ ଥିବାରୁ ପୋଲିସ ଉପରେ ନିଶ୍ଚିତ ଭାବରେ ଚାପ ପଡୁଥିବା ସନ୍ଦେହ କରାଯାଉଛି ବୋଲି ଭାଜପା ଜିଲା ସଭାପତି ବାବୁ ସିଂ ଗଣମାଧ୍ୟମଙ୍କୁ କହିଛନ୍ତି ।

### ବ୍ଲାକ୍‌ମେଲ୍ ସହ ନିଶା ଲିଙ୍କ୍

ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ କେବଳ ବଡ଼ ବଡ଼ିଆ ଲୋକଙ୍କୁ ନିଜ ଜାଲରେ ଫସାଇ ବ୍ଲାକ୍‌ମେଲ୍ କରୁ ନ ଥିଲେ ବରଂ ନିଶା କାରବାର ମଧ୍ୟ କରୁଥିବା କୁହାଯାଉଛି। ତେଣୁ ନିଜର କଳା ସାମ୍ରାଜ୍ୟ ବିଷୟରେ କାଳେ କିଏ ଜାଣିଦେବ, ସେନେଇ ନିଜ ଘରର ଚାରିପାର୍ଶ୍ୱ ସିସିଟିଭି ନଜରରେ ରଖାଯାଉଥିଲା। ଯଦି କେହି ଅଜଣା ବ୍ୟକ୍ତି ଆସୁଥିଲେ ସେଠାରେ ନିୟୋଜିତ ଥିବା ଜଗୁଆଳି ଆସିଥିବା ବ୍ୟକ୍ତିଙ୍କୁ ତନତନ କରି ପଚାରୁଥିଲେ। ଏହାପରେ ଜଗୁଆଳି ଜଣଙ୍କ ଅର୍ଚ୍ଚନାଙ୍କ ବିଳାସପୂର୍ଣ୍ଣ ଘର ଭିତରକୁ ପ୍ରବେଶ ଅନୁମତି ଦେଉଥିଲେ। ଏନେଇ ଖଣ୍ଡଗିରି ଓ ନୟାପଲ୍ଲୀ ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ସତ୍ତ୍ୱେ କୌଣସି ପୋଲିସ ଅଧିକାରୀ ମୁହଁ ଖୋଲୁ ନାହାନ୍ତି।

### ପୋଲିସ ହେପାଜତରେ ଜଗବନ୍ଧୁ

ଏକାଧିକ ନେତା, ପ୍ରଯୋଜକ, ପ୍ରଶାସନିକ ଅଧିକାରୀ, ବଡ଼ବଡ଼ ବ୍ୟବସାୟୀଙ୍କୁ ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ କରିବା ଅଭିଯୋଗରେ ଅର୍ଚ୍ଚନା ନାଗଙ୍କୁ ପୋଲିସ ବିଳାସପୂର୍ଣ୍ଣ ଘରୁ ଉଠାଇଆଣିଥିଲା। ହେଲେ ଘରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ନ ଥିବାରୁ ପୋଲିସ ତାଙ୍କୁ ଧରିପାରି ନ ଥିଲା। ଗିରଫ ହେବା ଭୟରେ ଜଗବନ୍ଧୁ କେଉଁଆଡେ ଚାଲିଯାଇଥିଲେ ବୋଲି କୁହାଯାଉଛି। ସେ କେଉଁଆଡ଼େ ଗଲେ ତାକୁ ନେଇ ନାନା ପ୍ରକାର ଆଲୋଚନା ଚାଲିଥିବାବେଳେ ସେ କୁଆଡ଼େ ଯାଇନାହାନ୍ତି ବରଂ ପୋଲିସ ହେପାଜତରେ ଅଛନ୍ତି। ତାଙ୍କୁ ଏକ ଅଜ୍ଞାତ ସ୍ଥାନରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।



ସେହିପରି ଯେଉଁ ମହିଳା ଏପରି କରିଛନ୍ତି ସେ ବିଜେଡି ନେତ୍ରୀ ଥିଲେ। ତେଣୁ ଶାସକ ଦଳ ଦୁର୍ନୀତି ପଇସା କୁଆଡ଼େ ନେବେ ଏପଟେ ଖର୍ଚ୍ଚ କରୁଥିବା କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅର୍ଚ୍ଚନାଙ୍କୁ ଜେରାବେଳେ ପୋଲିସ ବହୁ ତଥ୍ୟ ହାସଲ କରିବା ସହ ତାଙ୍କ ନିକଟରୁ ଏକ ପେନ୍‌ଡ୍ରାଇଭ, ଲାପ୍‌ଟପ୍ ଏବଂ ମୋବାଇଲ ଜବତ କରିଥିବାବେଳେ କୌଣସି ସୂଚନା ନ ଦେବା ଘଟଣାକୁ ଅଧିକ ରହସ୍ୟାବୃତ କରୁଛି।

ସୂଚନାନୁସାରେ ବ୍ଲାକ୍‌ମେଲ ଅଭିଯୋଗରେ ଗୁରୁବାର ସତ୍ୟବିହାରରୁ ଅର୍ଚ୍ଚନାଙ୍କୁ ପୋଲିସ ଉଠାଇ ମହିଳା ଥାନାରେ ରଖି ପଚରାଉଚରା ପରେ ଶୁକ୍ରବାର କିଭଳି ଘଟଣା ଲୋକଲୋଚନକୁ ନ ଆସିବ ତରବରିଆ ଭାବେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଧିକ ତଦନ୍ତ ଲାଗି କମିଶନରେଟ୍ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବ ବୋଲି ଚର୍ଚ୍ଚା ହେଉଥିବାବେଳେ ଡିସିପି ପ୍ରତୀକ ସିଂଙ୍କୁ ଏନେଇ ପଚାରିବାକୁ ଚେଷ୍ଟା କରୁଥିଲେ ହେଁ କୌଣସି ସୂଚନା ମିଳୁନାହିଁ। ଅପରପକ୍ଷରେ ମହିଳା ବ୍ଲାକ୍‌ମେଲର ରାଜଧାନୀ ଖଣ୍ଡଗିରି ଥାନା ଅନ୍ତର୍ଗତ ସତ୍ୟବିହାରରେ ଆଲିସାନ୍ ଘର ତିଆରି କରିଛନ୍ତି। ଆଉ ସେହି ଘରେ ରହିଛି ଆଖି ଖୋସି ହୋଇଗଲା ଭଳି ଆସବାବପତ୍ର। ଲକ୍ଷାଧିକ ଟଙ୍କାର ପଲଙ୍କ, ସୋଫା ଆଉ ଫର୍ନିଚର ରହିବା ସହ ବିଳାସପୂର୍ଣ୍ଣ ଗାଡ଼ି ମଧ୍ୟ ରହିଛି । ଏକାଧିକ ବିଳାସପୂର୍ଣ୍ଣ କାର୍ ମଧ୍ୟ ରହିଛି। ସେହିପରି ଡେଭିଡସନ ବାଇକ୍ ପାଖରେ ଘୋଡ଼ା, ନଖରାରେ ଫାର୍ମ ହାଉସ ଓ କାର୍ ଶୋରୁମ୍ ରହିଥିବା ଜଣାପଡିଛି। ଓକିଲାତି ପେସା କରି କମ୍ ଦିନରେ ଏତେ ଟଙ୍କା ଅର୍ଚ୍ଚନା କେଉଁଠୁ ଆଣିଲେ ତାକୁ ନେଇ ଏବେ ସବୁଠି ଚର୍ଚ୍ଚା ଲାଗି ରହିଛି।





### ଗାଁରେ ଆଜବେଷ୍ଟସ ରାଜଧାନୀରେ ମହଲ

ବିଳାସପୂର୍ଣ୍ଣ ଜୀବନ ବିତାଉଥିବା ଅର୍ଚ୍ଚନା ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁଙ୍କ ବାଲେଶ୍ୱର ଜିଲା ଜଳେଶ୍ୱର ନେଉଆ ପଞ୍ଚାୟତ ବାଉଁଶବାଣୀ ଗାଁରେ ରହିଛି ପୁରୁଣା ଆଜେବେଷ୍ଟସ ଘର। ରାଜଧାନୀରେ ମହଲ୍ ସଦୃଶ ଘର ସମ୍ପତ୍ତି ଥିଲେ ମଧ୍ୟ ଜଗବନ୍ଧୁଙ୍କ ପରିବାର ରହୁଛନ୍ତି ଭଙ୍ଗା ଘରେ । ୧୫ ବର୍ଷ ତଳେ ବାପାଙ୍କ ସହ ମିଶି ଜଗବନ୍ଧୁ ଏକ ତେଜରାତି ଦୋକାନ ଦେଇଥିଲେ। ୪ବର୍ଷ ତଳେ ସେ କଳାହାଣ୍ଡିର ଅର୍ଚ୍ଚନାଙ୍କୁ ପ୍ରେମ ବିବାହ କରିବା ପରେ ପରିବାର ସହ ସମ୍ପର୍କ ଛିନ୍ନ କରି ରାଜଧାନୀ ଚାଲି ଆସିଥିଲେ ବୋଲି ଜଗବନ୍ଧୁଙ୍କ ଭାଇ ବୈକୁଣ୍ଠ ଚାନ୍ଦ କହିଛନ୍ତି। ଏଠାରେ ଜଗବନ୍ଧୁ ଏକ ସେକେଣ୍ଡ ହ୍ୟାଣ୍ଡ କାର ଶୋ'ରୁମ କରି ଚଳୁଥିଲେ। ହେଲେ ୪ ବର୍ଷ ମଧ୍ୟରେ ସତ୍ୟବିହାରରେ ଏକ ରାଜମହଲ ଭଳି ଘର କରିବା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ହାତେଇଛନ୍ତି। ତେବେ ଏତେ ସମ୍ପତ୍ତିର ମାଲିକାନା କିପରି ହେଲେ ତାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି ।

### ଧନୀ ବ୍ୟକ୍ତିଙ୍କୁ ଟାର୍ଗେଟ କରୁଥିଲେ ଅର୍ଚ୍ଚନା

ଲୋକଙ୍କୁ ବିଭିନ୍ନ ଆଳରେ ବ୍ଲାକ୍‌ମେଲିଂ କରି କୋଟି କୋଟି ଟଙ୍କା ହାତେଇଥିବା ଅର୍ଚ୍ଚନା ନାଗଙ୍କ କାରନାମା ଧୀରେ ଧୀରେ ଲୋକଲୋଚନକୁ ଆସୁଛି। ସୋସିଆଲ୍ ମିଡିଆଠାରୁ ଆରମ୍ଭ କରି ହ୍ୱାଟ୍ସଆପ୍‌ରେ କିପରି ସେ ଜାଲ ବିଛାଉଥିଲେ ତାହା ଏବେ ଜଣାପଡ଼ିଛି। ମିଠା ମିଠା କଥା କହି ପ୍ରଥମେ ଅର୍ଚ୍ଚନା ସମ୍ପର୍କ ଯୋଡ଼ିବାକୁ ଉଦ୍ୟମ କରୁଥିଲେ ଆଉ ପରବର୍ତ୍ତୀ ସମୟରେ ବଡ଼ ବଡ଼ ଲୋକଙ୍କୁ କିପରି ମୋହରା ବନାଉଥିଲେ ତାହା ଏବେ ଭାଇରାଲ ହେଉଛି। ଅର୍ଚ୍ଚନା କିଭଳି ମେସେଞ୍ଜର ଚାଟ୍ ମାଧ୍ୟମରେ ବିଭିନ୍ନ ପ୍ରକାର ବାହାନା କରି ଧନୀ ବ୍ୟକ୍ତିଙ୍କୁ ଫାଶରେ ପକାଇ ଟଙ୍କା ମାଗୁଥିଲେ ତାହା ଚାଟ୍‌ରୁ ଜଣାପଡିଛି ।

### କାହା ଅଭିଯୋଗ ଆଧାରରେ ଅର୍ଚ୍ଚନା ଗିରଫ

ବ୍ଲାକ୍‌ମେଲିଂ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଅର୍ଚ୍ଚନା ନାଗଙ୍କୁ ଗିରଫ କରିଥିବା କୁହାଯାଉଥିବା ବେଳେ କାହା ଅଭିଯୋଗ ଆଧାରରେ ପୋଲିସ ଗିରଫ କରିଛି ସେନେଇ କୌଣସି ସୂଚନା ଦେଉନାହିଁ। ଅପରପକ୍ଷରେ ଘଟଣା ଦିନକୁ ଦିନ ରହସ୍ୟ ହେବାରେ ଲାଗିଛି। ଯଦି ଏସମ୍ପର୍କରେ ପୋଲିସ ମୁହଁ ଖୋଲନ୍ତା ତାହେଲେ ଅର୍ଚ୍ଚନା କେଉଁ କେଉଁମାନଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ, କାହାଠୁ ମୋଟା ଅଙ୍କର ଟଙ୍କା ଆଦାୟ କରୁଥିଲେ ଏସମସ୍ତ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ୱୟଂ



@ ସାନ୍



@ ବିଭୂତି



@ ପ୍ରଦୀପ



@ ସୂର୍ଯ୍ୟକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନନ୍ଦନକାନନରେ ସଫାରି କର୍ମଚାରୀ-ପର୍ଯ୍ୟଟକ ଗଣ୍ଡଗୋଳ

ବାରଙ୍ଗ,୮।୧୦(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସଫାରି ବସ୍‌କୁ ନେଇ ପୁଣି ବିବାଦ ଦେଖାଦେଇଛି। ଠିକାଦାର ଟେଣ୍ଡର ସମୟରେ ହୋଇଥିବା ସର୍ତ୍ତ ଖିଲାପ କରି ବିନା କାଗଜପତ୍ରରେ ଯାତ୍ରା କରିବା ଓ ଅନେକ ସମୟରେ ପର୍ଯ୍ୟଟକଙ୍କୁ ମାଡ଼ ମାରିବା ଆଦି ଘଟଣା ଘଟିଥିବାବେଳେ ଏବେ ପୁଣି ସଫାରିରେ ବସିବାରେ ବିଳମ୍ବକୁ ନେଇ ପର୍ଯ୍ୟଟକ ଓ ସଫାରି କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ସହ ବିବାଦ ଦେଖାଦେଇଛି। ପରେ ପୋଲିସ ହସ୍ତକ୍ଷେପ ପରେ ଆପୋସ ସମାଧାନ ହୋଇଛି। ପ୍ରକାଶ ଯେ, ଶନିବାର ୧୩ଜଣ ବଙ୍ଗୀୟ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିଲେ। ସଫାରିରେ ବୁଲିବା ପାଇଁ ସେମାନେ ପ୍ରଥମେ ସଫାରି ଟିକେଟ କାଟି ଧାଡିରେ ଛିଡାହୋଇ ବସ୍‌କୁ ଅପେକ୍ଷା କରିଥିଲେ। ପ୍ରାୟ ଦେଢଘଣ୍ଟା କାଳ ଅପେକ୍ଷା କରିବା ପରେ ସଫାରି ବୁଲିବା ପାଇଁ ସୁଯୋଗ ମିଳି ନ ଥିଲା। ଏହାକୁ ନେଇ ସଫାରି କର୍ମଚାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସଫାରି କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ଠେଲାପେଲା କରିଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରି ଆପୋସ ସମାଧାନ କରିଥିଲା। ପରେ ପର୍ଯ୍ୟଟକମାନେ ସଫାରି ବସରେ ବସି ବୁଲିବାକୁ ଯାଇଥିଲେ। ଏ ନେଇ ନନ୍ଦନକାନନ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରୁ ସାମାନ୍ୟ ପାଟିତୁଣ୍ଡ ହୋଇଥିଲା। ଖବର ପାଇ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଛି।

# ୧୪ରୁ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଆସନ୍ତା ୧୪ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ରକ୍ତ ଭଣ୍ଡାର କର୍ମଚାରୀ। ବାରମ୍ବାର ଦାବି ଜଣାଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ରକ୍ତ ଭଣ୍ଡାର କର୍ମଚାରୀଙ୍କ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘ ପକ୍ଷରୁ ଶନିବାର ଏହି ଚେତାବନୀ ଦିଆଯାଇଛି। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ସାମାଜିକ ସୁରକ୍ଷା, ପେନ୍‌ସନ ସହ ଅନ୍ୟ ରାଜ୍ୟର କର୍ମଚାରୀମାନେ ପାଉଥିବା ଆନୁଷଙ୍ଗିକ ସୁବିଧାକୁ ପୂରଣ ନ କଲେ ଆଗାମୀ ଦିନରେ ରକ୍ତଭଣ୍ଡାରରେ ଅଚଳାବସ୍ଥା ସୃଷ୍ଟି ହେବ। ଏ ନେଇ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ଆଜି ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା: ଭୁବନେଶ୍ୱର ୟୁନିଟ୍-୧ ହାଟ ରାସ୍ତାପାର୍ଶ୍ୱରେ ବିକ୍ରି ପାଇଁ ରହିଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।



ଗଜଲକ୍ଷ୍ମୀ ପୂଜା ପରିପ୍ରେକ୍ଷୀରେ ଶନିବାର ଭୁବନେଶ୍ୱର ୟୁନିଟ୍-୧ ହାଟ ସମ୍ମୁଖ ମୁଖ୍ୟ ରାସ୍ତାରେ ହୋଇଥିବା ଟ୍ରାଫିକ୍ ଜାମ୍। ଏଥିରେ ଏକ ଆମ୍ବୁଲାନ୍ସ ମଧ୍ୟ ଫସିଯାଇଛି (ବୃତ୍ତଚିହ୍ନିତ)।

## ସଂକ୍ଷେପରେ

### ଫିଫା ମହିଳା ବିଶ୍ୱକପ୍‌ର ପ୍ରଥମ ଟିକେଟ ପାଇବେ ପ୍ରେମଲତା



**ପାରାଦୀପ,୮।୧୦ (ସ୍ୱ.ପ୍ର.):** ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସରକାରୀ ସ୍ୱାସ୍ଥ୍ୟକର୍ମୀ ପ୍ରେମଲତା ବାରିକଙ୍କୁ କେନ୍ଦ୍ର ସରକାର ଚଳିତ ଫିଫା ମହିଳା ବିଶ୍ୱକପ୍‌ର ପ୍ରଥମ ଟିକେଟ ଦେବାପାଇଁ ଚିଠି କରିଛନ୍ତି। ଆସନ୍ତା ୧୧ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ମରକ୍କୋ ବ୍ରାଜିଲ ମ୍ୟାଚର ପ୍ରଥମ ଟିକେଟ ପ୍ରେମଲତା ପାଇବେ। ଏନେଇ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ପାଖରୁ ଚିଠି ମିଳିଛି ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରେମଲତା ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଓଡ଼ିଶାର ଏକମାତ୍ର ସ୍ୱାସ୍ଥ୍ୟକର୍ମୀ ଭାବେ ୨୦୨୧ରେ ରାଷ୍ଟ୍ରପତି ପୁରସ୍କାର ମିଳିଥିଲା।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଏସିଡ୍ ମାଡ଼

**କଟକ ଅଫିସ,୮।୧୦:** କଟକ ଜିଲା ଲାଲବାଗ ଥାନା ଅଧୀନ ବାଲୁବଜାର ଅଞ୍ଚଳର ସତ୍ୟବାନ୍ ସାହୁ(୨୦)ଙ୍କୁ ଶନିବାର ଏସିଡ୍ ମାଡ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସତ୍ୟବାନ୍‌ଙ୍କୁ ଚିକିତ୍ସା ପାଇଁ ସିଟି ହସ୍ପିଟାଲ ପଠାଇଛି। ଆଇଆଇସି ରବିନାରାୟଣ ଭଞ୍ଜଙ୍କ ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାଲୁବଜାର ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସତ୍ୟବାନ୍‌ଙ୍କୁ ରଙ୍ଗ କାମ କରୁଥିବା ଜଣେ ଯୁବକ ଏସିଡ୍ ମାଡ଼ କରିଥିଲେ। ଫଳରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଛି। ରିପୋର୍ଟ ଲେଖାଯିବାବେଳକୁ ଥାନାରେ ଏ ନେଇ ଅଭିଯୋଗ ହୋଇନାହିଁ। ତେବେ ଅଭିଯୋଗ ହେଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭଞ୍ଜ କହିଛନ୍ତି।

### ଏମ୍‌କେସିଜିରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୮।୧୦:** ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଜଣେ ବିଚାରାଧୀନ ବନ୍ଦୀ (ୟୁଟିପି)ଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପୁରୁଣା ଗୋଛାବାଡ଼ି ଗ୍ରାମର ଡୁଙ୍ଗେଇ ବେହେରା (୬୦)। ବୈଦ୍ୟନାଥପୁର ଥାନା ପୋଲିସ ମୃତଦେହ ଜବତ କରିଛି। ମୃତକଙ୍କ ପରିବାର ସଦସ୍ୟ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରିଛି। ପରେ ପୋଲିସ ନଂ. ୫୫୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଡୁଙ୍ଗେଇ ଜଗନ୍ନାଥପ୍ରସାଦରେ ହୋଇଥିବା ଏକ ହତ୍ୟା ମାମଲାରେ ଗିରଫ ହୋଇଥିବା ବେଳେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଜଣଙ୍କ ୨୦୧୮ ଅଗଷ୍ଟ ୧୯ରୁ ଭଞ୍ଜନଗର ଉପକାରାଗାରରେ ୟୁଟିପି ଭାବେ ଥିଲେ। ଶୁକ୍ରବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଗୁରୁତର ଥିବା ଜଣାପଡିବା ପରେ ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ନେଇ ଡାକ୍ତର ଘୋଷଣା କରିଥିଲେ।

### ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା

**ଚିତ୍ରକୋଣ୍ଡା,୮।୧୦(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତ ଶିମିଳିପଦର ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଯୋଡ଼ାମ୍ବ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶିମିଳିପଦର ଗ୍ରାମର ସବନା ଖିଲ (୫୦) ସ୍ତ୍ରୀ ବୁଦ୍ରୀ ଖିଲ (୪୦)ଙ୍କ ପାଇଁ କାନ ଏବଂ ନାକ ପାଇଁ କିଛି ସୁନା ଗହଣା କରି ଦେଇଥିଲେ। ମାତ୍ର ଏହି ସୁନାଗହଣା କେଉଁଠି ପଡି ହଜିଯାଇଥିଲା। ସବନା ସ୍ତ୍ରୀଙ୍କ ନାକ ଓ କାନରେ ଗହଣା ନ ଥିବା ଦେଖି ବିରକ୍ତି ହୋଇଥିଲେ। ତେବେ ହଜିଗଲା ତ ହଜିଗଲା ସବୁବେଳେ ସେ କଥା କେତେ କହୁଛ ବୋଲି ବୁଦ୍ରୀ କହିଥିଲେ। ଏହାକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ କଥା କଟାକଟି ହୋଇ ଝଗଡା ଲାଗିଥିଲା। ଏଥିରେ ସବନା ରାଗିଯାଇ ୫ ତାରିଖ ରାତି ୮ଟାରେ ବୁଦ୍ରୀଙ୍କୁ ଦରଲାବେଢାରୁ ଶିମିଳିପଦର ଜଙ୍ଗଲକୁ ନେଇ ପଥରରେ ଛେଚି ହତ୍ୟା କରିଥିଲେ। ୬ତାରିଖ ସକାଳେ ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ବୁଦ୍ରୀଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମ ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଯୋଡ଼ାମ୍ବ ଥାନା ଅଧିକାରୀ ତାଣ୍ଡି ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। କେସ ନମ୍ବର ୦୭/୨୨। ବୁଦ୍ରୀଙ୍କ ସ୍ୱାମୀ ସବନାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି।

# ଲାଠିରେ ବ୍ୟାପିଲା ଝାଡ଼ାବାନ୍ତି

## ୩୭ ଆକ୍ରାନ୍ତ, ଜଳ ଯୋଗାଣ ବନ୍ଦ

**ବ୍ରହ୍ମପୁର ଅଫିସ,୮।୧୦**

ଗଞ୍ଜାମ ଜିଲାରେ ଗତ କିଛିମାସ ହେଲା ଲଗାଣ ବର୍ଷା ଜାରି ରହିଛି। ଫଳରେ ଜିଲାର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି ଗ୍ରାମରେ ଗତ ୧ ତାରିଖଠାରୁ ଝାଡ଼ାବାନ୍ତି ବ୍ୟାପିଛି । ୩୭ଜଣ ଶିଶୁ, ମହିଳା ଓ ବୃଦ୍ଧ ଏବେ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ତରଫରୁ ଗାଁକୁ ଯୋଗାଣ ହେଉଥିବା ପାଇପ୍ ପାଣି ବ୍ୟବହାର ପରେ ବହୁ ଗ୍ରାମବାସୀ ଆକ୍ରାନ୍ତ ହୋଇଥିଲେ। ସେଠାକାର ପରିସ୍ଥିତି ଜଟିଳ ହେବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଲାଠି ଗାଁରେ ପହଞ୍ଚି ରୋଗୀଙ୍କ ଚିକିତ୍ସା କରିଛନ୍ତି। ଏହା ସହିତ ଗାଁକୁ ପାଇପ୍ ଜଳ ଯୋଗାଣ ବନ୍ଦ କରାଯାଇଥିବା ଏଡିଏମ୍ଓ ଡା. ଆର୍. ଜଗଦୀଶ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହାସହିତ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ବ୍ଲକରେ କାମ କରୁଥିବା ସମସ୍ତ ସ୍ୱାସ୍ଥ୍ୟ ଟିମ୍ ୨୪ ଘଣ୍ଟିଆ ଆଲର୍ଟ ରହିବାକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଦିଗପହଣ୍ଡି ବ୍ଲକ ଭୀଷ୍ମଗିରିରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଖବର ଆସିବା ପରେ ସେଠାକୁ ଏକ ଟିମ୍ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଡା. ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରାୟ ୧୧ଜଣ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ଲାଠି ଗାଁର କିଛି ଲୋକ ଗତ ୧ ତାରିଖରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ଗାଁର ବିଭିନ୍ନ ସାହିକୁ ଝାଡ଼ାବାନ୍ତି ବ୍ୟାପିଥିଲା। ପ୍ରତିଦିନ କିଛି କିଛି ଲୋକ ଝାଡ଼ାବାନ୍ତି ସମସ୍ୟା ନେଇ ଲାଠି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମା ଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଲାଠି ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ରୋଗୀଙ୍କ ଚିକିତ୍ସା କରିଥିଲା। ଲାଠି ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁଡ଼ାଖଣ୍ଡି ବ୍ଲକର ମେଡିକାଲ ଟିମ୍ ରହିଛନ୍ତି। ଗତ ୧ତାରିଖରୁ ଏଯାବତ ୩୭ ଜଣ ଆକ୍ରାନ୍ତ ହୋଇଥିବା ଡା. ପଟ୍ଟନାୟକ କହିଛନ୍ତି। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଦୁଇଜଣ ଲାଠି ସ୍ୱାସ୍ଥ୍ୟକେନ୍ଦ୍ର ଡାଇରିଆ ୱାର୍ଡରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ଲାଠି ଗାଁର ବିଭିନ୍ନ ଘରକୁ ପାଇପ୍ ଯୋଗେ ପାଣି ଯୋଗାଣ ହେଉଛି। ବିଭିନ୍ନ ସ୍ଥାନରେ ପାଇପ୍ ଫାଟିବାରୁ ପାଣି ପ୍ରଦୂଷିତ ହେଉଛି। ସେହି ପାଣି ବ୍ୟବହାର କରିବା ଦ୍ୱାରା ଝାଡ଼ାବାନ୍ତି ବ୍ୟାପିଥିବା ଡା. ପଟ୍ଟନାୟକ କହିଛନ୍ତି। ଲୋକମାନେ ଏ ଦିଗରେ ଅଧିକ ସଚେତନ ରହିବା ପାଇଁ ମାଇକ ଯୋଗେ ପ୍ରଚାର କରାଯାଉଛି ବୋଲି ଲାଠି ସରପଞ୍ଚ ରାଧାମୋହନ ସେଠୀ କହିଛନ୍ତି।



**ଏବେ ଯତ୍ନ ନେବାର ବେଳ:** ପୁରୀ ଜିଲା ପିପିଲି ବାଇପାସ୍ ପାର୍ଶ୍ୱ ଏକ ଧାନ କ୍ଷେତରେ ଚାଷୀମାନେ ସାର ପକାଉଛନ୍ତି।

# ୩୯ ଲକ୍ଷ ହାତେଇ ଫେରାର

## ମହିଳା ଆକାଉଣ୍ଟାଣ୍ଟଙ୍କ କଳାକାରନାମା

**ଭବାନୀପାଟଣା,୮।୧୦(ସ୍ୱ.ପ୍ର.)**

### ଜାଣିପାରିଲାନି ଶିକ୍ଷା ବିଭାଗ



ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ମହିଳା ଆକାଉଣ୍ଟାଣ୍ଟଙ୍କ କଳାକାରନାମା ସାମ୍ନାକୁ ଆସିଛି। ସମ୍ପୃକ୍ତ ଆକାଉଣ୍ଟାଣ୍ଟ ଶିକ୍ଷକଙ୍କ ଦରମା ବାବଦ ପ୍ରାୟ ୩୯ ଲକ୍ଷରୁ ଅଧିକ ଟଙ୍କା ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ବିଇଓ ଠାକୁର ସାହୁ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା କର୍ମଚାରୀ ଜଣକ ଅଫିସରେ ସ୍କୁଟି ରଖି ଫେରାର ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଏହି ମହିଳା ଜଣକ ହେଲେ ଭବାନୀପାଟଣା ବିଇଓ ଅଫିସରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିବା ଶୁଚିସ୍ମିତା ସୁଆର। ସେ ଜଣେ ଅସ୍ଥାୟୀ କର୍ମଚାରୀ। ଏକ୍ସକ୍ୟାଡର ଶିକ୍ଷକଙ୍କ ଗୋଟିଏ ମାସର ଦରମା ଓ ଅନ୍ୟାନ୍ୟ ବାବଦ ପ୍ରାୟ ୩୯ ଲକ୍ଷ ୩୦ ହଜାର ୪୬୮ ଟଙ୍କା ପିଏଫ୍ଏମ୍ଏସ୍ ଜରିଆରେ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରି ହଡ଼ପ କରିଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଭବାନୀପାଟଣା ସଦର ବ୍ଲକରେ ୧୭୧ ଜଣ ଏକ୍ସ କ୍ୟାଡର ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୧ଜଣ ଓଟିଇଟି ପାସ୍ କରିଥିବା ଯୋଗୁ ମାସକୁ ୩୬ ହଜାର ୬୪ ଟଙ୍କା ଦରମା ଓ ୧୫୦ ଶିକ୍ଷକ ଓଟିଇଟି ପାସ୍ କରି ନ ଥିବାରୁ ମାସକୁ ୩୩ ହଜାର ୨୦ ଟଙ୍କା ଦରମା ପାଇଥାନ୍ତି। ଗତ ସେପ୍ଟେମ୍ବର ମାସର ସମୁଦାୟ ୫୭ ଲକ୍ଷ ୧୦ ହଜାର ୩୪୪ ଟଙ୍କା ଦରମା ବକେୟା ରହିଥିଲା। ୯ ଜଣ ଶିକ୍ଷକ ଅଫିସ୍ ଯାଇ ଦରମା ପାଇଁ ଅଡ଼ି ବସିବା ପରେ ସେମାନଙ୍କୁ ଚେକ୍ ମାଧ୍ୟମରେ ୩ ଲକ୍ଷ ୧ ହଜାର ୨୨୪ ଟଙ୍କା ଦରମା ବାବଦରେ ପ୍ରଦାନ କରାଯାଇଥିଲା। ତେବେ ପିଏଫ୍ଏମଏସ୍ ଜରିଆରେ ଦରମା ନ ଦେଇ ଚେକ୍ ମାଧ୍ୟମରେ ଟଙ୍କା ପ୍ରଦାନ କରିବା ଘଟଣା ତଦନ୍ତସାପେକ୍ଷ। ସେହିପରି ଏତେ ବଡ଼ କେଳେଙ୍କାରୀ ପରେ ବି ବିଇଓ କାର୍ଯ୍ୟାଳୟ ଅଧିକାରୀ କିଭଳି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ମହିଳା କର୍ମଚାରୀ ଶୁଚିସ୍ମିତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରେ ମାତ୍ର ୭୯ ହଜାର ଟଙ୍କା ଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ପକ୍ଷରୁ ଏକ ମାମଲା (ନଂ.୪୩୧/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଆଇଆଇସି ପ୍ରଦୀପ ଧରୁଆ ସୂଚନା ଦେଇଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ଜିଲା ଶିକ୍ଷା ବିଭାଗ ଉପରେ କୌଣସି ଲଗାମ ନ ଥିବାରୁ ଏପରି ଘଟଣା ଘଟିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ୩ ମାସ ମିଳିନି କଳାକାର ଭତ୍ତା

**ଭଞ୍ଜନଗର,୮।୧୦(ଡି.ଏନ.ଏ)**

### ଚିନ୍ତାରେ ଗଞ୍ଜାମ ଜିଲାର ୧୮ଶହ ପରିବାର

ଗଞ୍ଜାମ ଜିଲାର ପ୍ରାୟ ୧୮ଶହ କଳାକାରଙ୍କୁ ୩ ମାସ ହେଲା କଳାକାର ଭତ୍ତା ମିଳିନାହିଁ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ପାଉଥିବା ଏହି କଳାକାରମାନଙ୍କ ପରିବାର ଏବେ ଚିନ୍ତାରେ ଅଛନ୍ତି।

ଗତ ଜୁଲାଇରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନଙ୍କୁ ଲାଇଫ୍ ସାର୍ଟିଫିକେଟ ସମେତ ଅନ୍ୟାନ୍ୟ କିଛି ପ୍ରମାଣପତ୍ର ମଗାଯାଇଥିଲା। ପ୍ରମାଣପତ୍ର ସଂଗ୍ରହ ପ୍ରକ୍ରିୟା ସରିବା ପରେ ରାଜ୍ୟ ସରକାର ସିଧା କଳାକାରମାନଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥାନ୍ତେ। ପ୍ରମାଣପତ୍ର ଶତପ୍ରତିଶତ ସଂଗ୍ରହ ହୋଇପାରୁନାହିଁ। ତେଣୁ ଭତ୍ତା ବଣ୍ଟନ ପ୍ରକ୍ରିୟା ବିଳମ୍ବ ହେଉଥିବା ଅନୁମାନ କରାଯାଉଛି। ଗଞ୍ଜାମ ଜିଲାରେ ୧୮ଶହ ହିତାଧିକାରୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୭ଶହ ଲାଇଫ୍ ସାର୍ଟିଫିକେଟ ଦାଖଲ କରିଥିବା ଜଣାପଡ଼ିଛି। ୨୦୧୮ରେ ଜିଲାର ପ୍ରାୟ ୪ ହଜାର କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ଦେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ସେ ସମୟରେ ରାଜସ୍ୱ ନିରୀକ୍ଷକମାନେ ଆନ୍ଦୋଳନ କରୁଥିବା ଯୋଗୁ ଅନେକ କଳାକାର ବାର୍ଷିକ ଆୟ ପ୍ରମାଣପତ୍ର ଯୋଗାଡ଼ କରିପାରି ନ ଥିଲେ। ତେଣୁ ପ୍ରାୟ୨୧ଶହ ଆବେଦନ ପଡ଼ିଥିଲା। ସେଥିମଧ୍ୟରୁ କେତେକ ଆବେଦନରେ ତ୍ରୁଟି ଓ ଅନ୍ୟାନ୍ୟ କାରଣ ଯୋଗୁ ନାକଚ ହୋଇଯାଇଥିଲା। ଶେଷରେ ୧୮ଶହରୁ ଉର୍ଦ୍ଧ୍ୱ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ବଳକା ୨୨ଶହ କଳାକାରଙ୍କୁ ନୂଆ ଭତ୍ତା ଦେବାପାଇଁ ଯୋଜନା ଚାଲିଛି। ଏ ନେଇ ଆବେଦନ ପ୍ରକ୍ରିୟା ମଧ୍ୟ ସରିଛି। ଜିଲାରେ ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ କଳାକାର ଭତ୍ତା ପାଇଁ ଆବେଦନ କରିଛନ୍ତି। ଅନ୍ୟପଟେ ଜିଲାରେ ଦୁଃସ୍ଥ କଳାକାର ଭତ୍ତା ମଧ୍ୟ ଶତାଧିକ ଲୋକ ପାଉଛନ୍ତି। ସେମାନଙ୍କ ଭତ୍ତା ଟଙ୍କା ଇତିମଧ୍ୟରେ ଆସିଥିବା ଜଣାପଡ଼ିଛି। ଭଞ୍ଜନଗର ବ୍ଲକ ଲମ୍ଫେଇର ବରିଷ୍ଠ କଳାକାର ସୁବାସ ଚନ୍ଦ୍ର ବେହେରା କହିଛନ୍ତି, ଭତ୍ତା ଆସି ନ ଥିବାରୁ ଚଳିବାରେ ଅସୁବିଧା ହେଉଛି। ସରକାର ତୁରନ୍ତ ଟଙ୍କା ପ୍ରଦାନ କଲେ ଭଲ ହୁଅନ୍ତା। ଏନେଇ ଜିଲା କଳାକାର ସଂଘ ଉପସଭାପତି ସନ୍ତୋଷ ପାଢ଼ୀ କହିଛନ୍ତି, ଆସନ୍ତା ସପ୍ତାହରେ ପୁରୁଣା ସମସ୍ତ ପ୍ରାୟ ୧୮ଶହ କଳାକାରଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି ଚାଲିଛି। ଚଳିତଥର ଜିଲା କାର୍ଯ୍ୟାଳୟ ପକ୍ଷରୁ ଭତ୍ତା ଦିଆଯିବ। ଏପଟେ ଅନେକ ସମୟରେ ଯୋଗ୍ୟ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ତେଣୁ ଭତ୍ତା ପାଇଁ ନୂଆ କଳାକାର ଚିହ୍ନଟ ସମୟରେ କଳାକାରଙ୍କ ବୟସକୁ ଦେଖି ଦକ୍ଷତା ମପାଯିବା ଯୋଜନା ଅଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଚୟନ ଶିବିର ହେବ ବୋଲି ପାଢ଼ୀ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ଚାପୁଡ଼ା ମାରିଲେ ଧାରଣାରତ ଯୁବତୀ

## ପ୍ରେମିକଙ୍କ ଘର ଆଗରେ ଧାରଣା ଘଟଣା

**ବ୍ରହ୍ମପୁର ଅଫିସ,୮।୧୦**

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଦେଶୀବେହେରା ସାହିରେ ଥିବା ପ୍ରେମିକ କେ. ଦିନେଶଙ୍କ ଘର ଆଗରେ ତାଙ୍କ ପ୍ରେମିକା କେ.ଦୀପିକା ତାଙ୍କ ଶିଶୁର ପିତୃତ୍ୱ ପରିଚୟ ନେଇ ଅଗଷ୍ଟ ୨ରୁ ଧାରଣାରେ ବସିଛନ୍ତି। ଶନିବାର ଜଣେ ମହିଳା ଉକ୍ତ ଧାରଣାସ୍ଥଳକୁ ଯାଇ ଧାରଣାରେ ବସିଥିବା କେ.ଦୀପିକାଙ୍କୁ କିଛି ପଚାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ସମ୍ପୃକ୍ତ ମହିଳାଙ୍କୁ ଚାପୁଡ଼ା ମାରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। କିନ୍ତୁ ଏନେଇ କାହାରି ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ସେଠାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ମୁତୟନ ରହିଥିବା ମଧ୍ୟ ସେ କହିଛନ୍ତି। ଉକ୍ତ ମାମଲା କୋର୍ଟରେ ବିଚାରାଧୀନ ଥିବା ଯୋଗୁ ପୋଲିସ ଶାନ୍ତି ବଜାୟ ରଖିବାକୁ କହୁଛି।

# ଚିକେନ୍ ନ ଦେବାରୁ ମା’ଙ୍କୁ ପିଟି ହତ୍ୟା: ପୁଅ ଅଟକ

**ଭଞ୍ଜନଗର,୮।୧୦(ଡି.ଏନ୍.ଏ)**



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ରାତିରେ ଚିକେନ ଖାଇବାକୁ ନ ଦେବାରୁ ମା’ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ପୁଅ। ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଗଜାପଦର ଗ୍ରାମରେ ଶୁକ୍ରବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ଜଣଙ୍କ ହେଲେ ତ୍ରିବେଣୀ ନାୟକ। ଶନିବାର ସକାଳେ ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପୁଅ ସନା ନାୟକଙ୍କୁ ଅଟକ ରଖିଛି।

ସନା ଅଧିକାଂଶ ସମୟରେ ନିଶାସକ୍ତ ହୋଇ ସ୍ତ୍ରୀ ଓ ମା’ଙ୍କୁ ମାରଧର କରନ୍ତି। କିଛିମାସ ହେଲା ସ୍ତ୍ରୀ ତାଙ୍କ ବାପଘରକୁ ଚାଲିଯାଇ ଥିବା ବେଳେ ମା’ ତ୍ରିବେଣୀ ମଧ୍ୟ ନିର୍ଯାତନା ସହି ନ ପାରି ନବରଙ୍ଗପୁରରେ ତାଙ୍କ ଦିଅରଙ୍କ ଘରେ ରହୁଥିଲେ। ୪ ଦିନ ତଳେ ତ୍ରିବେଣୀ ଗାଁକୁ ଆସିଥିଲେ। ଶୁକ୍ରବାର ରାତିରେ ସନା ନିଶାସକ୍ତ ଅବସ୍ଥାରେ ଘରକୁ ଆସି ମା’ଙ୍କୁ ଅଣ୍ଡା କିମ୍ବା ଚିକେନ୍ ଆଣି ଦେବାକୁ କହିଥିଲେ। ତେବେ ବର୍ଷା ଲାଗି ରହିବାରୁ ତ୍ରିବେଣୀ ବାହାରକୁ ଯାଇ ପାରି ନ ଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସନା ତାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ସନ୍ଦେହ କରାଯାଉଛି। ଏନେଇ ତାରସିଂ ଥାନାରେ ନଂ.୩୨୧/୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ପି.କେ. ଦାସ ସୂଚନା ଦେଇଛନ୍ତି।

# ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବହିଷ୍କୃତ

## ଜାଲ୍ ଜାତିଗତ ପ୍ରମାଣପତ୍ରରେ ଚାକିରି

**ଜଗତ୍‌ସିଂହପୁର ଅଫିସ, ୮।୧୦**

ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ସିଆର୍‌ପିଏଫ୍ (ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ)ରେ କନ୍‌ଷ୍ଟେବଲ ଭାବେ ନିଯୁକ୍ତି ପାଇଥିବା ଜଗତ୍‌ସିଂହପୁର ଜିଲାର ଜଣେ ବ୍ୟକ୍ତି ଚାକିରିରୁ ବହିଷ୍କୃତ ହୋଇଛନ୍ତି। ସେ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବେଗୁନିଆ କୋର୍କର ଗ୍ରାମର ପ୍ରଭାତ କୁମାର ନାୟକ। ସିଆର୍‌ପିଏଫ୍ ରାଜସ୍ଥାନ ସେକ୍ଟର ପୋଲିସ ଆଇଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ଡିଆଇଜିପି (ଆଡମିନ୍) କେ. ଥୋମାସ ଜବ୍ ଅଭିଯୋଗକାରୀ ବୋଗୁନିଆ ଗ୍ରାମର ଜ୍ୟୋତିରଞ୍ଜନ ନାୟକଙ୍କୁ ୨୭।୯।୨୨ରେ ଚିଠି ନଂ.ସିଆଇଭି-୧୭୨୦୨୧-ଆର୍ଏସ୍-ଏଡିଏମ୍-୩ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, ୨୮।୭।୨୧ରେ ଜ୍ୟୋତିଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ପ୍ରଭାତ (୧୬୩ ବିଏନ୍ ସିଆର୍‌ପିଏଫ୍, ନଂ. ୧୧୫୦୪୧୮୯୨ ସିଟି/ଜିଡି)ଙ୍କ ଜାତିଗତ ପ୍ରମାଣପତ୍ର ଉପରେ ବିଭାଗୀୟ ତଦନ୍ତ ହୋଇଥିଲା। ନିଯୁକ୍ତି ସମୟରେ ସେ ଦାଖଲ କରିଥିବା ଜାତିଗତ ପ୍ରମାଣପତ୍ରର ତନଖି କରାଯାଇଥିଲା। ତଦନ୍ତ ପାଇଁ ତିର୍ତ୍ତୋଲ ତହସିଲଦାରଙ୍କୁ ଚିଠି କରାଯାଇଥିଲା। ତାଙ୍କ ପକ୍ଷରୁ ୧୬।୨।୨୨ରେ ଚିଠି ସଂଖ୍ୟା ୪୨୨ରେ ଯାଞ୍ଚ ସୂଚନା ମିଳିବା ପରେ ସତ୍ୟ ପଦାକୁ ଆସିଛି। ଜ୍ୟୋତିଙ୍କ ଅଭିଯୋଗ ସତ୍ୟ ଥିବା ଜଣାପଡ଼ିଛି। ତା’ପରେ ଠିକ ଭାବେ ବିଭାଗୀୟ ତଦନ୍ତ ପରେ ପ୍ରଭାତଙ୍କୁ ସିଆର୍‌ପିଏଫ୍ ୧୬୩ ବିଏନ୍ କମାଣ୍ଡାଣ୍ଟ ୧୫।୯।୨୨ରେ ଚାକିରିରୁ ବହିଷ୍କାର କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀ ଜ୍ୟୋତି କହିଛନ୍ତି, ସେ ୨୮।୭।୨୧ରେ ନୂଆଦିଲ୍ଲୀସ୍ଥିତ ସିଆର୍‌ପିଏଫ୍ ମୁଖ୍ୟାଳୟ ଡିଜିଙ୍କୁ ମିଥ୍ୟା ଜାତିଗତ ପ୍ରମାଣପତ୍ର ବଳରେ ପ୍ରଭାତ ଚାକିରି କରିଥିବା ନେଇ ଅଭିଯୋଗ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ, ସିଆର୍‌ପିଏଫ୍ କନ୍‌ଷ୍ଟେବଲ ପ୍ରଭାତ ଜମ୍ମୁ ଓ କାଶ୍ମୀରରେ ଚାକିରି କରିଛନ୍ତି। ପାଖାପାଖି ୫ରୁ ୭ ବର୍ଷ ହେବ ସେ ଦେଶର ବିଭିନ୍ନ ସ୍ଥାନରେ କାମ କରିଛନ୍ତି। ମାତ୍ର ନିଯୁକ୍ତି ପୂର୍ବରୁ ପ୍ରଭାତ ଜାତିଗତ ପ୍ରମାଣପତ୍ର ଦେଉଥିବା ଅଧିକାରୀଙ୍କୁ ପ୍ରଭାବିତ କରି ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ପ୍ରମାଣପତ୍ର ହାସଲ କରିଥିଲେ। ଏହାପରେ ସଂରକ୍ଷିତ ବର୍ଗର ଦର୍ଶାଇ ନିଯୁକ୍ତି ପାଇଥିଲେ। ବାସ୍ତବରେ ସେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ (ଏସ୍ଇବିସି)ର ହୋଇଥିଲେ ସୁଦ୍ଧା ଏସ୍‌ସି ସାର୍ଟିଫିକେଟ୍ ବଳରେ ସିଆର୍‌ପିଏଫ୍‌ରେ ନିଯୁକ୍ତି ପାଇଛନ୍ତି। ଜାଲ ଜାତିଗତ ପ୍ରମାଣପତ୍ର ସମ୍ପର୍କରେ ପ୍ରଭାତଙ୍କୁ ପଚାରିବାରୁ ସେ ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେଇ ଚାକିରି ଚାଲିଯିବାରୁ ଆର୍ଥିକ ଓ ସାମାଜିକସ୍ତରରେ ପ୍ରଭାବିତ ହୋଇଥିବା କହିଛନ୍ତି।

# ଆମାଜନ୍‌ରେ ୬୦୦ ବର୍ଷର ଗଛ

**ୱାଶିଂଟନ୍, ୮।୧୦**



- ବୃକ୍ଷ ସନ୍ଧାନ ପାଇଁ ୩ ବର୍ଷର ଅଭିଯାନ
- ୨୦୧୯ରେ ସାଟେଲାଇଟ ଫଟୋରେ ଚିହ୍ନଟ ହୋଇଥିଲା

ଦକ୍ଷିଣ ଆମେରିକାରେ ଅବସ୍ଥିତ ବିଶ୍ୱର ବୃହତ୍ ରେନ୍ ଫରେଷ୍ଟରୁ ବିଶେଷଜ୍ଞମାନେ ସବୁଠାରୁ ବିଶାଳ ବୃକ୍ଷ ଠାବ କରିଛନ୍ତି। ଏହି ବୃକ୍ଷର ସନ୍ଧାନ ପାଇଁ ପ୍ରାୟ ୩ ବର୍ଷ ପୂର୍ବରୁ ଅଭିଯାନ ଆରମ୍ଭ ହୋଇଥିଲା। ଏଥିଲାଗି ପାଖାପାଖି ୫ଟି ଯୋଜନା କରାଯାଇଥିବାବେଳେ ଦୁଇ ସପ୍ତାହର କଠିନ ଟ୍ରେକ୍ (ପର୍ବତାରୋହଣ କରିବା) ବିଶେଷଜ୍ଞମାନଙ୍କୁ କରିବାକୁ ପଡ଼ିଛି।

ଆମାଜନ୍ ଜଙ୍ଗଲରେ ଥିବା ୪୦୦ରୁ ୬୦୦ ବର୍ଷ ପୁରୁଣା ଏହି ବୃକ୍ଷର ଉଚ୍ଚତା ୮୮.୫ ମିଟର, ଯାହାର ସାଇଣ୍ଟିଫିକ୍ ନାମ ଡିନିଜିଆ ଏକ୍ସସେଲସା। ଏହାର ସନ୍ଧାନ ପାଇଁ ରିସର୍ଚ୍ଚରମାନେ ବୋଟ୍ ଯୋଗେ ୨୫୦ କି.ମି. ଦୂର ଯାତ୍ରା କରିଥିବାବେଳେ ଚାଲିକରି ପ୍ରାୟ ୨୦ କି.ମି. ଦୁର୍ଗମ ଜଙ୍ଗଲ ଅତିକ୍ରମ କରିବାକୁ ପଡ଼ିଥିଲା। ଏହା ପୂର୍ବରୁ ବ୍ରାଜିଲର ଉତ୍ତରାଞ୍ଚଳରେ ଥିବା ଇରାଟାପୁରୁ ରିଭର୍ ନେଚର୍ ରିଜର୍ଭରେ ଏକ ବିରାଟ କ୍ୟାନୋପି ବୃକ୍ଷ ଠାବ କରାଯାଇଥିଲା।

୨୦୧୯ରେ ପ୍ରଥମେ ସାଟେଲାଇଟ୍ ଇମେଜ୍‌ର ଥ୍ରୀ-ଡି ମ୍ୟାପିଙ୍ଗ୍ ପ୍ରୋଜେକ୍ଟ ଜରିଆରେ ଆମାଜନ୍ ଜଙ୍ଗଲରୁ ଏହି ବିଶାଳ ବୃକ୍ଷ ଦୃଷ୍ଟିଗୋଚର ହୋଇଥିଲା। ସେହିବର୍ଷ ପରିବେଶବିତ୍‌ଙ୍କ ଏକ ଦଳ ଓ ସ୍ଥାନୀୟ ଗାଇଡ୍ ଡିନିଜିଆ ବୃକ୍ଷ ସନ୍ଧାନରେ ବାହାରିଥିଲେ। କିନ୍ତୁ ୧୦ ଦିନର ଅଭିଯାନରେ ଟିମ୍ ମେମ୍ବର ଅସୁସ୍ଥ ହୋଇପଡ଼ିଥିଲେ ଓ ଅଭିଯାନରୁ ଓହରି ଜଙ୍ଗଲରୁ ଫେରିଆସିଥିଲେ। ଆମାପା ଏବଂ ପାରା ଅଞ୍ଚଳରେ ଅବସ୍ଥିତ ଜାରି ଘାଟି ରିଜିଅନ୍‌ରେ ବିଶେଷଜ୍ଞମାନଙ୍କ ଦ୍ୱାରା ୩ଟି ଅଭିଯାନ କରାଯାଇଥିଲେ ହେଁ ସେଗୁଡ଼ିକ ସଫଳ ହୋଇ ପାରି ନ ଥିଲା। ବିଶାଳ ଗଛ ଅନ୍ୱେଷଣରେ ରିସର୍ଚ୍ଚରମାନଙ୍କୁ ବ୍ରାଜିଲ୍‌ର ଉଚ୍ଚତମ ନଟ୍ ଟ୍ରିର ସନ୍ଧାନ ମିଳିଥିଲା ଯାହାର ଉଚ୍ଚତା ଥିଲା ୬୬ ମିଟର।

ଏହି ଟ୍ରିପ୍‌କୁ ସଫଳ କରିବାରେ ଇଞ୍ଜିନିୟର ଡିଇଗୋ ଅରମାଣ୍ଡୋ ସିଲ୍‌ଭାଙ୍କ ବଡ଼ ଭୂମିକା ରହିଛି। ବୃକ୍ଷ ବାବଦରେ ଅଧିକ ତଥ୍ୟ ସଂଗ୍ରହ କରିବା ନେଇ ଏହା ମୂଳରୁ ମାଟି, ପତ୍ର ଓ ଅନ୍ୟ ନମୁନା ସବୁ ସଂଗ୍ରହ କରାଯାଇଥିବା ସିଲ୍‌ଭା କହିଛନ୍ତି। ୧୯ ଜଣିଆ ସନ୍ଧାନକାରୀ ଟିମ୍‌ର ଜଣେ ସଦସ୍ୟଙ୍କୁ ବିଷାକ୍ତ ବୁଢ଼ିଆଣୀ କାମୁଡ଼ି ଥିବା କୁହାଯାଉଛି।

ଜଙ୍ଗଲରେ ଥିବା ଅନ୍ୟ ବିଶାଳକାୟ ବୃକ୍ଷମାନ ବାୟୁମଣ୍ଡଳରୁ ପ୍ରଚୁରମାତ୍ରାରେ ଅଙ୍ଗାରକାମ୍ଳ ଗ୍ରହଣ କରୁଥିବାବେଳେ ଏହା ଜଳବାୟୁ ପରିବର୍ତ୍ତନ ପରି ସମସ୍ୟାରୁ ରକ୍ଷା କରିବ। ଆମାଜନ୍ ଜଙ୍ଗଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି, ଯାହାର କାରଣ ହେଉଛି ଜଙ୍ଗଲ କ୍ଷୟ। ଆମାଜନ୍‌ରେ ୩ ବର୍ଷ ମଧ୍ୟରେ ବାର୍ଷିକ ବୃକ୍ଷକାଟ ୭୫% ବୃଦ୍ଧି ପାଇଛି।

## ବିକ୍ରି ହେବ ଆଇଡିବିଆଇ ଅଂଶଧନ

**ନୂଆଦିଲ୍ଲୀ:** ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଫଳରେ ଉକ୍ତ ବ୍ୟାଙ୍କର ମୋଟ ୬୦.୭୨% ଅଂଶଧନ ବିକ୍ରି ହେବ ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ଏଲ୍ଆଇସିର ୩୦.୨୪% ଏବଂ ସରକାରଙ୍କ ୩୦.୪୮% ଅଂଶଧନ ବିକ୍ରି ହେବ ବୋଲି କୁହାଯାଉଛି। ବିଶେଷକରି କେନ୍ଦ୍ର ସରକାର ଏବଂ ଏଲ୍ଆଇସିର ମିଳିତ ୬୦.୭୨% ର ଅଂଶଧନ ବିକ୍ରି ହେବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ଉକ୍ତ ବ୍ୟାଙ୍କରେ ଏଲ୍ଆଇସିର ୪୯.୨୪% ଏବଂ କେନ୍ଦ୍ର ସରକାରଙ୍କର ୪୫.୪୮%ର ଅଂଶଧନ ରହିଛି। ବ୍ୟାଙ୍କର ବର୍ତ୍ତମାନ ଶେୟାର ମୂଲ୍ୟ ୬୦.୭୨% ଅଂଶଧନରେ ମୂଲ୍ୟ ୨୭,୮୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି।

# ତୈଳ କ୍ରୟକୁ ନେଇ ନୀତି ସ୍ପଷ୍ଟ କରିଛି ଭାରତ

ନୂଆଦିଲ୍ଲୀ,୮।୧୦

ଅଶୋଧିତ ତୈଳ ଉତ୍ପାଦନ ହ୍ରାସ ସାଙ୍ଗକୁ ତେଲ ଦର ବୃଦ୍ଧି କରିବାକୁ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଘୋଷଣା କରିଛନ୍ତି। ଏପରିକି ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଓପେକ୍ ପ୍ଲସ୍ ରାଷ୍ଟ୍ରର ମିଳିତ ଘୋଷଣା ପରେ ଭାରତ ମଧ୍ୟ ତା'ର ନୀତି ସମ୍ପର୍କରେ ସ୍ପଷ୍ଟ କରିଛି। ଏପରିକି ବର୍ତ୍ତମାନ ମଧ୍ୟ ସୁଯୋଗ ହାତଛଡ଼ା କରିନାହିଁ ବୋଲି ଭାରତ ମତବ୍ୟକ୍ତ କରିଛି। ବିଶେଷକରି ଓପେକ୍ ପ୍ଲସ୍‌ର ନିଷ୍ପତ୍ତି ଅନୁଯାୟୀ ଦିନକୁ ଦୁଇ ନିୟୁତ ବ୍ୟାରେଲ ତୈଳ ହ୍ରାସ କରିବାକୁ ଘୋଷଣା କରିବା ପରେ ଭାରତ ମଧ୍ୟ ରୁଷିଆ ଭଳି ଦେଶରୁ ତୈଳ ଆମଦାନୀ କରିବାର ପସନ୍ଦକୁ ପୁନରାବୃତ୍ତି କରିପାରେ ବୋଲି କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀ ଶନିବାର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ



ହରଦୀପ ସିଂ ପୁରୀ

କରି କହିଛନ୍ତି। ସେହିଭଳି ମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ ୱାଶିଂଟନ୍ ଡିସିଠାରେ ସାମ୍ବାଦିକମାନଙ୍କୁ ଉପରୋକ୍ତ ବିଷୟରେ ବିସ୍ତୃତ ମତବ୍ୟକ୍ତ କରିବା ସହ ଓପେକ୍ ପ୍ଲସ୍ ତୈଳ ଉତ୍ପାଦନ ହ୍ରାସ, ଶକ୍ତିର ବିବିଧତା–ଇକ୍ୱିଟି ଇନ୍‌ଫ୍ୟୁଜନ୍, ବାୟୋ ଇନ୍ଧନ ସହ ଭାରତ କିପରି ସନ୍ତୁଳିତ ହେବ ସେ ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ପ୍ରଦାନ

### ରୁଷିଆ ସମେତ ଅନ୍ୟ ଉତ୍ପାଦାନକାରୀ ରାଷ୍ଟ୍ର ଠାରୁ ତୈଳ କ୍ରୟ କରିପାରେ ଭାରତ

କରିଛନ୍ତି ଏବଂ ଭାରତ ସରକାରଙ୍କ ସ୍ପଷ୍ଟ ନୀତି ନେଇ ଅନେକ ପ୍ରସଙ୍ଗ ଉପରେ ସେ ସ୍ପଷ୍ଟ କରିଛନ୍ତି। ଏପରିକି ମିଶ୍ରଣ ଏବଂ ସବୁଜ ହାଇଡ୍ରୋଜେନ ବିଶ୍ୱର ଥିବା ଶକ୍ତିର ଆବଶ୍ୟକତା ସହ ଓପେକ୍ ଉତ୍ପାଦନ ହ୍ରାସର ଆବଶ୍ୟକତା ସମ୍ପର୍କରେ ମଧ୍ୟ ମନ୍ତ୍ରୀ କହିଛନ୍ତି। ସେହିପରି ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଭାରତ ପରି ଦେଶ ଉପରେ ଏହା କିଭଳି ପ୍ରଭାବ ପକାଇପାରେ, ସେ ବିଷୟରେ ମଧ୍ୟ ପୁରୀ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ତୈଳ ରପ୍ତାନି କରୁଥିବା ଦେଶ ତଥା ଆମେରିକାରୁ ଆମଦାନୀକୁ ସନ୍ତୁଳିତ କରିବା ପ୍ରସଙ୍ଗରେ ପୁରୀ କହିଛନ୍ତି, ଯଦି ତୁମେ ତୁମର ନୀତି ବିଷୟରେ ସ୍ପଷ୍ଟ, ଅର୍ଥାତ୍ ତୁମେ ଶକ୍ତି ସୁରକ୍ଷା, ଶକ୍ତି ସୁଲଭତା ଉପରେ ବିଶ୍ୱାସ କରୁଛ ତା' ହେଲେ ଯେଉଁଠାରୁ ଆବଶ୍ୟକ କରନ୍ତି ସେହି ସ୍ଥାନରୁ କିଣନ୍ତୁ । ସେହିପରି ଭାରତ ଏ ସମସ୍ତ ଘଟଣା ସମ୍ପର୍କରେ କିପରି ବୁଝାମଣା କରିବ ସେ ନେଇ ମଧ୍ୟ ଏକ ବିଶେଷଜ୍ଞ ଦଳ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ କିଛି ମାସ ମଧ୍ୟରେ ୧.୬ ବିଲିୟନ ଡଲାର ଇକ୍ୱିଟି ଇନ୍‌ଫ୍ୟୁଜନ୍ କରିଥିଲୁ। ଆଫ୍ରିକାର ସମ୍ପତ୍ତି ଉପରେ ଆମେ ଦୃଷ୍ଟି ରଖିଛୁ ବୋଲି ପୁରୀ ସ୍ପଷ୍ଟ କରିଛନ୍ତି। ତୈଳ ରପ୍ତାନି କରୁଥିବା ଦେଶଗୁଡ଼ିକ କ୍ରେତା ଆବଶ୍ୟକ କରନ୍ତି, କାରଣ ସେମାନଙ୍କୁ ବଜାରରେ ସେମାନଙ୍କର ଉତ୍ପାଦ ବିକ୍ରୟ କରିବାକୁ ପଡ଼ିବ ବୋଲି ପୁରୀ ମତବ୍ୟକ୍ତ କରିଛନ୍ତି।

## ଷ୍ଟାର୍ଟଅପ୍‌କୁ ମିଳିବ ବନ୍ଧକମୁକ୍ତ ଋଣ

ନୂଆଦିଲ୍ଲୀ,୮।୧୦

ସରକାର ଷ୍ଟାର୍ଟଅପ୍ କ୍ଷେତ୍ରକୁ ବଢ଼ାଇବା ସହ ଏଥିପ୍ରତି ସବୁ ବର୍ଗଙ୍କୁ ଆକୃଷ୍ଟ କରାଇବା ଲାଗି ବିଭିନ୍ନ ସୁବିଧା ପ୍ରଣୟନ କରିଛନ୍ତି। ବିଶେଷକରି ଦେଶରେ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ଯେଭଳି ସହଜରେ ଋଣ ମିଳିପାରିବ ସେ ନେଇ ମଧ୍ୟ ସରକାର ଅନେକ ବ୍ୟବସ୍ଥା କରୁଛନ୍ତି। ଏପରିକି ବିନା କୌଣସି ବନ୍ଧକରେ ସେମାନଙ୍କୁ ଋଣ ଯୋଗାଇଦେବା ଲାଗି ମଧ୍ୟ ସରକାର ସେମାନଙ୍କୁ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ପରିସରଭୁକ୍ତ କରିଛନ୍ତି। ସେହିଭଳି ଶିଳ୍ପ ପ୍ରୋତ୍ସାହନ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ (ଡିପିଆଇଆଇଟି) ବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ମଧ୍ୟ ବିଜ୍ଞପ୍ତି ଜାରି କରାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତି ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ଗୋଟିଏ ସଂସ୍ଥାକୁ ସର୍ବାଧିକ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଗ୍ୟାରେଣ୍ଟି ସୁବିଧା ପ୍ରଦାନ କରାଯାଇପାରିବ ବୋଲି ଜଣାପଡିଛି।

## ଆଜି ଜୀ ସାର୍ଥକରେ 'ନବଦୁର୍ଗା'




ଭୁବନେଶ୍ୱର,୮।୧୦

ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଚଳିତ ପାର୍ବଣ ଅବସରରେ ଦର୍ଶକମାନଙ୍କୁ ମା'ଙ୍କର ମହିମା ସମ୍ପର୍କରେ ଅବଗତ କରାଇବା ପାଇଁ ରବିବାର ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ନବଦୁର୍ଗା'ର ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ବିଶେଷକରି ମା' ଦଶଭୁଜା ଦୁର୍ଗା ସୃଷ୍ଟିକୁ ରକ୍ଷା କରିବାକୁ ଧରାପୃଷ୍ଠରେ ଅବତରଣ କରିଛନ୍ତି। ଏପରିକି ବିଭିନ୍ନ ରୂପରେ ଅବତାର ନେଇ ମା' ଭକ୍ତଙ୍କୁ ଦର୍ଶନ ଦେବା ସହ ମନସ୍କାମନା ମଧ୍ୟ ପୂରଣ କରିଥାନ୍ତି। ଅପରପକ୍ଷରେ ଜୀ ସାର୍ଥକରେ ପ୍ରସାରିତ ହେଉଥିବା ବିଭିନ୍ନ ଧାରାବାହିକୀର ନାରୀ ଚରିତ୍ରମାନେ 'ନବଦୁର୍ଗା' ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଅକ୍ଟୋବର ୯ ତାରିଖ ସନ୍ଧ୍ୟା ୬ ଟା୩୦ ମିନିଟ୍‌ରେ ଜୀ ସାର୍ଥକରେ 'ନବଦୁର୍ଗା' ପ୍ରସାରିତ ହେବ ବୋଲି ଚ୍ୟାନେଲ ପକ୍ଷରୁ ସୂଚନା ଦିଆଯାଇଛି। ପବିତ୍ର ପାର୍ବଣ ମାସରେ ଜୀ ସାର୍ଥକର ଏଭଳି ଏକ ନିଆରା ପ୍ରୟାସକୁ ସବୁ ମହଲରେ ପସନ୍ଦ କରୁଥିବା ବେଳେ ଏହାର ଟ୍ରେଲର ମଧ୍ୟ ବେଶ୍ ଉଚ୍ଚ ପ୍ରଶଂସିତ ହୋଇଛି।

## ଟାଟା ପାୱାର ପକ୍ଷରୁ ପରିବେଶ ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୮।୧୦

ଦେଶର ପ୍ରମୁଖ ଘରୋଇ ସଂସ୍ଥା (କମ୍ପାନୀ) ଟାଟା ପାୱାର ପକ୍ଷରୁ ପ୍ରଥମ ଥର ପାଇଁ ପରିବେଶ ସମ୍ପର୍କିତ 'ଆକ୍ଟ ଫର୍ ବାୟୋ ଡାଇଭର୍ସିଟି କନ୍‌କ୍ଲେଭ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଜାତୀୟସ୍ତର କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୯ଟି ରାଜ୍ୟର ଅକ୍ଷୟ ଶକ୍ତି କାର୍ଯ୍ୟ କ୍ଷେତ୍ରରେ ସବୁଜ ପରିବ୍ୟବସ୍ଥାର ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ କମ୍ପାନୀ ଦୋହରାଇଛି। ସେହିଭଳି କମ୍ପାନୀ ତା'ର କାର୍ଯ୍ୟ କ୍ଷେତ୍ରରେ ସବୁଜ ଜମି ପରିବ୍ୟବସ୍ଥାର ପରିଚାଳନା ପାଇଁ ୩ ସୂତ୍ରୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେବ ବୋଲି ଜଣାପଡ଼ିଛି। ବିଶେଷକରି ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବା ସମେତ ପରିବ୍ୟବସ୍ଥାରେ ସନ୍ତୁଳନ ବଜାୟ ରଖିବା ସହ ନିରନ୍ତର ଜୀବନଜୀବିକା ପ୍ରତି ଯୋଗଦାନ କରିବ। ଏପରିକି ପୁଣେର ଭାରତୀ ବିଦ୍ୟାପୀଠ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏନ୍‌ଭାଇରନମେଣ୍ଟ ଏଜୁକେସନ ଆଣ୍ଡ୍ ରିସର୍ଚ୍ଚ ସହଯୋଗିତା କରିଥିବା ପ୍ରଥମ ଧରଣର ସର୍ବେକ୍ଷଣ ପରେ ଏହି ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ସେହିପରି ମଧ୍ୟପ୍ରଦେଶର ନିମୁଚରେ ଥିବା କମ୍ପାନୀର ଅକ୍ଷୟ ଶକ୍ତି କାର୍ଯ୍ୟ କ୍ଷେତ୍ରରେ ଏହି ପରୀକ୍ଷାମୂଳକ ସର୍ବେକ୍ଷଣ କରାଯାଇଥିଲା। ଏ ସମ୍ପର୍କରେ ଟାଟା ପାୱାରର ଏମ୍‌ଡି ଓ ସିଇଓ ଡ. ପ୍ରବୀର ସିହ୍ନା କହିଛନ୍ତି, ଜୈବ ବିବିଧତାର ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ଏକ ନିରନ୍ତର ଭବିଷ୍ୟତ ଲକ୍ଷ୍ୟ ହାସଲ ଲାଗି ଦାୟିତ୍ୱବାନ ପଦକ୍ଷେପର ପ୍ରସାର ଲାଗି ସର୍ବପ୍ରଥମ 'ଆକ୍ଟ ଫର୍ ବାୟୋଡାଇଭର୍ସିଟି କନ୍‌କ୍ଲେଭ୍' ଆୟୋଜନ କରି ଟାଟା ପାୱାର ଗର୍ବିତ ମନେକରୁଛି। ଆମ ପରିଚାଳନାର ମୂଳ କେନ୍ଦ୍ରରେ ପରିବେଶ ପ୍ରତି ସଜାଗ ରହିବା ସଦାସର୍ବଦା ରହିଛି।




ଭାରତ ବଜାରରେ ପ୍ରିମିୟମ ବ୍ରାଣ୍ଡ୍‌ର କାର୍ 'ମର୍ସିଡିଜ୍–ବେଞ୍ଜ୍'ର ମେଡ୍ ଇନ୍ ଇଣ୍ଡିଆ–ଇକ୍ୟୁଏସ୍୫୮୦ ୪ମାଟିକ୍‌ର ରୋଲ୍ ଆଉଟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କମ୍ପାନୀର 'ପ୍ରଥମ ବିଳାସପୂର୍ଣ୍ଣ ଇଭି' ଗାଡ଼ିର ଉନ୍ମୋଚନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଏମ୍‌ବି ଇଣ୍ଡିଆର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପୁଣେର ଚାକାନଠାରେ ଥିବା ମର୍ସିଡିଜ୍–ବେଞ୍ଜ୍ ଇଣ୍ଡିଆ ପ୍ଲାଣ୍ଟରୁ ଇକ୍ୟୁଏସ୍୫୮୦ ୪ମାଟିକ୍‌ର ରୋଲ୍ ଆଉଟ କରାଯାଉଛି।

## ବେଦାନ୍ତ ପକ୍ଷରୁ 'ରାଷ୍ଟ୍ରୀୟ ପୋଷଣ ମାସ'

ଭୁବନେଶ୍ୱର,୮।୧୦

ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ନିକଟରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ମା'ମାନଙ୍କୁ ସୁସ୍ଥ ଅଭ୍ୟାସ ସାଙ୍ଗକୁ ସୁଷମ,ସନ୍ତୁଳିତ ଓ ସ୍ୱଦେଶୀ ଖାଦ୍ୟର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ୧୨୫ ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହୋଇଥିଲା ଓ ଏଥିରେ ୨୦୦୦ରୁ ଅଧିକ ମହିଳା ଓ ଶିଶୁ ସାମିଲ ହୋଇଥିଲେ। ଅଙ୍ଗନୱାଡି କର୍ମଚାରୀ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ସଦସ୍ୟଙ୍କ ଜରିଆରେ ସ୍ଥାନୀୟ ଗୋଷ୍ଠୀଙ୍କୁ ପୋଷଣ ଉପରେ ବିଭିନ୍ନ ପରାମର୍ଶ ଦେବା ସହ ଶିଶୁ, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲା। ସେହିପରି ଆଶା ଓ ଏଏନ୍‌ଏମ୍ କର୍ମଚାରୀଙ୍କ ସହାୟତାରେ ଗର୍ଭବତୀମାନଙ୍କ ପାଇଁ ପରୀକ୍ଷାର ମଧ୍ୟ ଆୟୋଜନ କରାଯାଇଥିଲା। ପରିଶେଷରେ କମ୍ପାନୀ ଦ୍ୱାରା 'ପୋଷଣ ବାଟିକା' ବା ପୋଷଣ ବଗିଚା ସୃଷ୍ଟି କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ ଝାରସୁଗୁଡ଼ାର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ କ୍ଷୁଧା ନିବାରଣ ଓ କୁପୋଷଣ ବିରୋଧରେ ବିଶ୍ୱସ୍ତରୀୟ ଅଭିଯାନ ସହ ସାମିଲ ଅଛୁ। ଉତ୍ତମ ଅଭ୍ୟାସ ବଳରେ ଆମେ ଏହି ସମସ୍ୟା ଦୂରକରିପାରିବା। ବିଶେଷକରି ପୋଷଣ ମାସ ପାଳନ ଅବସରରେ ଆମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପୋଷଣ ଉପରେ ସଚେତନ କରାଉଛୁ। ଆଶାକରୁ ଆମର ଏହି ଅଭିଯାନ ଦ୍ୱାରା ପରିବାର ଲୋକମାନଙ୍କ ଭିତରେ ଉପଯୁକ୍ତ ସଚେତନତା ସୃଷ୍ଟି ହୋଇପାରିବ।

## ଫୁର୍‌ସତ୍

## ୧୫ ମିନିଟ୍‌ର ଟ୍ରିପ୍ ପାଇଁ ୩୨ ଲକ୍ଷ




ୱାଶିଂଟନ୍

ଇଂଲଣ୍ଡର ୨୨ ବର୍ଷୀୟ ଓଲିଭର କାପଲାନ ହାଇଡ୍‌ରୁ ଗ୍ରେଟର ମାଞ୍ଚେଷ୍ଟର ଯିବା ଲାଗି ଏକ ଉବର କ୍ୟାପ୍ ବୁକ୍ କରିଥିଲେ। ୬.୪ କି.ମି ଦୂର ଅତିକ୍ରମ ପାଇଁ ପାଖାପାଖି ୧୫ ମିନିଟ ସମୟ ଲାଗିଥିଲା। ସାଙ୍ଗକୁ ଭେଟିବା ପାଇଁ ଯାଇଥିବା ଓଲିଭର ପରଦିନ ଜାଣିବାକୁ ପାଇଥିଲେ ଯେ, ଉବର ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩୨ ଲକ୍ଷ ଟଙ୍କା ନେବାକୁ ଚେଷ୍ଟା କରିଥିଲା। ଅର୍ଥାତ୍ ୧୫ ମିନିଟ୍‌ର ଟ୍ରିପ୍ ପାଇଁ ଉବର ତାଙ୍କୁ ୩୨ ଲକ୍ଷ ଟଙ୍କା ପୈଠ ପାଇଁ କହିଥିଲା। ଓଲିଭର ତାଙ୍କ ପ୍ରତ୍ୟେକ ଉବର ଟ୍ରିପ ପିଛା ୯୦୦ରୁ ହଜାରେ ଟଙ୍କା ଖର୍ଚ୍ଚ କରୁଥିବା ସେ କହିଛନ୍ତି। ସାଙ୍ଗଙ୍କ ସହ ପାର୍ଟି କରି ପରଦିନ ଫୋନ୍ ମେସେଜ୍ ଚେକ୍ କରିବା ସମୟରେ ସେ ଦେଖିଥିଲେ, ୧୫ ମିନିଟ ଟ୍ରିପ୍ ପାଇଁ ଉବର ତାଙ୍କଠାରୁ ୩୨ ଲକ୍ଷ ଟଙ୍କା ଚାର୍ଜ କରିଛି। ଏହାପରେ ସେ ତୁରନ୍ତ ଉବର ହେଲ୍ପ ସେଣ୍ଟରକୁ ଫୋନ୍ କରି ଏ ବିଷୟରେ ଜଣାଇଥିଲେ। କର୍ତ୍ତୃପକ୍ଷ ଖବର ବାବଦରେ ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଥିଲେ। ଓଲିଭର ଗ୍ରେଟର ମାଞ୍ଚେଷ୍ଟରର ଆଷ୍ଟୋନ ଅଣ୍ଡର ଲାଇନ୍ ଯାଇଥିଲେ। ଅଷ୍ଟ୍ରେଲିଆର ଆଡିଲେଡରେ ସମାନ ନାମରେ ଏକ ସ୍ଥାନ ରହିଛି, ଯାହା ଇଂଲଣ୍ଡରୁ ୧୬୦୦୦ କି.ମି ଦୂର। ଏ ନେଇ ଭୁଲ୍ ବୁଝାମଣା ହେବା କାରଣରୁ ୩୨ ଲକ୍ଷର ବିଲ୍ ତିଆରି ହୋଇଥିବା ଉବର ହେଲ୍ପ ଲାଇନ୍ ପକ୍ଷରୁ କୁହାଯାଇଥିଲା। ତେବେ ଓଲିଭରଙ୍କ ଆକାଉଣ୍ଟରେ ଏତେମାତ୍ରାରେ ଟଙ୍କା ନ ଥିବା କାରଣରୁ ଉବର ୩୨ ଲକ୍ଷ ତାଙ୍କ ଆକାଉଣ୍ଟରୁ ନେଇପାରି ନ ଥିବା ସେ କହିଛନ୍ତି।

### ୫୮ ମିଲିୟନ୍ ଡଲାରରେ ନିଲାମ ହେଲା ବିରଳ ହୀରା



**ହଂକଂ:** ହଂକଂରେ ୱିଲିୟମ୍‌ସନ୍ ପିଙ୍କ ବା ଗୋଲାପି ହୀରା ୫୭.୭ ମିଲିୟନ୍ ଡଲାରରେ ନିଲାମ ହୋଇଛି। ୧୧.୧୫ କ୍ୟାରେଟ୍‌ର ଏହି ବିରଳ ହୀରାକୁ ଫ୍ଲୋରିଡାରର ଜଣେ ବ୍ୟକ୍ତି କିଣିଛନ୍ତି। ନିଲାମି କାର୍ଯ୍ୟକ୍ରମରେ ଏହା ଥିଲା ଦ୍ୱିତୀୟ ବୃହତ୍ତମ ଗୋଲାପି ହୀରା। ବିଶ୍ୱରେ ମିଳୁଥିବା ରତ୍ନପଥର ଭିତରୁ ଗୋଲାପି ହୀରା ଦୁର୍ଲଭ କହିଲେ ଚଳେ। ୨୦୧୭ରେ ଗୋଲାପି ରଙ୍ଗର ସିଟିଏଫ୍ ପିଙ୍କ ଷ୍ଟାର ପ୍ରଥମ କରି ନିଲାମ ହୋଇଥିଲା, ଯାହାକୁ ୭୧.୨ ମିଲିୟନ୍ ଡଲାର ଦେଇ ଜଣେ ବ୍ୟକ୍ତି କିଣିଥିଲେ।

## ଇତିହାସ ରଚିଲେ ନୋରା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଡାନ୍ସିଂ ଶୋ' ଜଜ୍ ଭାବେ ଜଣାଶୁଣା ନୋରା ଫତେହିଙ୍କ ଏକ ନୂଆ ଗୀତ ରିଲିଜ୍ ହୋଇଛି। ଫିଫା ୱାର୍ଲ୍ଡ କପ୍ ପାଇଁ ତିଆରି ହୋଇଥିବା 'ଲାଇଟ୍ ଦ ସ୍କାଏ'ରେ ନୋରାଙ୍କୁ ତାଙ୍କ ପ୍ରଶଂସକମାନେ ଦେଖିପାରିବେ। ସେ ହେଉଛନ୍ତି ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ଯିଏ, ଫିଫାରେ ସାମିଲ ହୋଇ ଇତିହାସ ରଚିବାକୁ ଯାଉଛନ୍ତି। ୱାର୍ଲ୍ଡ କପ୍ ପାଇଁ ଇଂଲିଶ, ଫ୍ରେଞ୍ଚ, ସ୍ପାନିସ୍ ଏବଂ ଆରବିକ୍ ଭାଷାରେ ଗୀତ ଲେଖାଯାଇଛି। ବିଭିନ୍ନ ଦେଶର କଳାକାର ଏହି ଗୀତରେ ଅଭିନୟ କରିବେ। ଚଳିତ ବର୍ଷ ଆରବ କଣ୍ଟ୍ରି ଫିଫା ୱାର୍ଲ୍ଡକପ୍‌ର ଆୟୋଜନ କରୁଛି। ମରକୋ– କାନାଡିଆନ୍ ଅଭିନେତ୍ରୀ ଭାବେ ମଧ୍ୟ ନୋରା ଜଣାଯାନ୍ତି। ଏହି ଗୀତର ପ୍ରଯୋଜନା ଭାର ରେଡ୍‌ୱାନ୍ ନେଇଥିବାବେଳେ ଏହାପୂର୍ବରୁ କଲୋମ୍ବିଆନ୍ ସିଙ୍ଗର ଶକିରାଙ୍କୁ ନେଇ ୱାକା ୱାକା ଓ ଲାଲା ଗୀତ ପ୍ରସ୍ତୁତ କରିଥିଲା ଏହି ସଂସ୍ଥା। ୨୦୨୦ରେ ନୋରା ପ୍ୟାରିସ୍‌ରେ ଅନୁଷ୍ଠିତ ଲୋଲିମ୍ପିଆ ବ୍ରୁନୋ କୋକ୍ୱାଟ୍ରିକ୍ସ ସମାରୋହରେ ଭାରତ ପକ୍ଷରୁ ଭାଗ ନେଇଥିଲେ। ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ଡ୍ୟାନ୍ସ ଦିୱାନେ ଜୁନିୟର୍‌ର ଜଜ୍ ଭାବେ ସେ କାର୍ଯ୍ୟ କରୁଛନ୍ତି । ନିକଟରେ ରିଲିଜ୍ ହୋଇଥିବା 'ଥ୍ୟାଙ୍କ ଗଡ୍' ଫିଲ୍ମର ଏକ ଗୀତରେ ଏହି ବୋଲ୍ଡ ନାୟିକାଙ୍କୁ ଦେଖିବାକୁ ମିଳିଥିଲା।

## ଡିଜିଟାଲ ଯୁଗରେ ବି ଚିଠିର ଗୁରୁତ୍ୱ




### ବିଶ୍ୱ ଡାକ ଦିବସ

ଏବେ ଡିଜିଟାଲର ଯୁଗ। ଆଖି ପିଛୁଳାକେ ପୃଥିବୀର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଖବର ପଠାଯାଇ ପାରୁଛି। ଇଣ୍ଟରନେଟ ଖବର ଆଦାନ ପ୍ରଦାନର ମାଧ୍ୟମକୁ ଅଧିକ ସହଜ କରିଛି। ହେଲେ ଏବେ ମଧ୍ୟ ଚିଠିର ଗୁରୁତ୍ୱ ରହିଛି। ବର୍ତ୍ତମାନ ବହୁ ସଂଖ୍ୟକ ଲୋକ ଚିଠିରେ ଭାବର ଆଦାନ ପ୍ରଦାନ କରିଥା'ନ୍ତି। ଭାବର ଆଦାନ ପ୍ରଦାନରେ ଚିଠିର ଗୁରୁତ୍ୱକୁ ଉପଲବ୍ଧ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୯ରେ ବିଶ୍ୱ ଡାକ ଦିବସ ପାଳନ କରାଯାଇଥାଏ। ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ ୧୮୭୪ରେ ସ୍ୱିଜରଲାଣ୍ଡରେ ଆରମ୍ଭ ହୋଇଥିଲା। ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ ପକ୍ଷରୁ ବିଶ୍ୱ ଯୋଗାଯୋଗ ବିପ୍ଳବର ଆରମ୍ଭ କରାଯାଇଥିଲା, ଯାହାକି ସମଗ୍ର ବିଶ୍ୱରେ ଅନ୍ୟମାନଙ୍କୁ ଚିଠି ଲେଖିବାକୁ ପ୍ରୋତ୍ସାହିତ କରିଥାଏ। ପରବର୍ତ୍ତୀ ସମୟରେ ବିଶ୍ୱ ଡାକ ଦିବସ ୧୯୬୯ରେ ଆରମ୍ଭ ହୋଇଥିଲା। ସେହି ଦିନଠାରୁ, ବିଶ୍ୱର ବିଭିନ୍ନ ଦେଶ ଡାକସେବାର ଗୁରୁତ୍ୱକୁ ଉପଲବ୍ଧି କରିବାକୁ ଏହି ଦିବସ ପାଳନ କରିଥା'ନ୍ତି। କେତେକ ଦେଶରେ ଏହି ଦିବସ ପାଳନ ଅବସରରେ ଡାକଘରଗୁଡ଼ିକରେ ସ୍ୱତନ୍ତ୍ର ଷ୍ଟାମ୍ପ ସଂଗ୍ରହ ପ୍ରଦର୍ଶନୀ ଆୟୋଜନ କରାଯାଇଥାଏ।

## ପଜଲ୍ ସଂଗ୍ରହ କରି ରେକର୍ଡ

**ବର୍ଲିନ୍:** ଜର୍ମାନର ଜଣେ ବ୍ୟକ୍ତି ରୁବିକ୍ସ କ୍ୟୁବ୍ ସଂଗ୍ରହ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ବାଭାରିଆର ୪୦ ବର୍ଷୀୟ ଫ୍ଲୋରିଆନ୍ କାଷ୍ଟେନ୍‌ମେରଙ୍କ ପସନ୍ଦ ରୋଟେଟିଂ ପଜଲ୍ ସଂଗ୍ରହ କରିବା ବିଶ୍ୱର ବିଭିନ୍ନ ସ୍ଥାନରୁ ପାଖାପାଖି ୧,୫୧୯ଟି ପଜଲ ସଂଗ୍ରହ କରିପାରିଛନ୍ତି କାଷ୍ଟେନ୍‌ମେର। ତାଙ୍କ ପାଖରେ ବର୍ଗାକାରଠାରୁ ଆରମ୍ଭ କରି ଘର ଏବଂ ଫଳ ଆକାରର ପଜଲ୍ ରହିଥିବା କୁହାଯାଉଛି। ପଜଲ୍ ପାଇଁ ସେ ଏକ ସ୍ୱତନ୍ତ୍ର କୋଠରି ତିଆରି କରିଛନ୍ତି। ପଜଲ ରଖିବା ପାଇଁ ଏବେ ଘରେ ଜାଗା କମ୍ ପଡ଼ିବା କଥା ମଧ୍ୟ ସେ କହିଛନ୍ତି। ଏଥିସହ ଏ ପ୍ରକାର ଅସୁବିଧା ତାଙ୍କ ରୁଚିରେ କୌଣସି ପ୍ରକାର ବାଧା ସୃଷ୍ଟି କରିପାରିବ ନାହିଁ ବୋଲି କାଷ୍ଟେନ୍‌ମେର କହିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସ୍ଥାନୀତ କରିବା ପରେ କାଷ୍ଟେନ୍‌ମେରଙ୍କ ପରିବାର ଓ ବନ୍ଧୁ ବର୍ଗ ତାଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ କାଷ୍ଟେନ୍‌ମେର ବେଶ୍ ଉତ୍ସାହିତ ଥିବା କହିଛନ୍ତି।



# ପଏଣ୍ଟ ବାଣ୍ଟିଲେ ପଲ୍‌ଟନ, ପାଇରେଟ୍ସ

## ପ୍ରୋ କବାଡ଼ି ଲିଗ୍

**ବେଙ୍ଗାଲୁରୁ,୮।୧୦(ପି.ଟି.)**

ପ୍ରୋ କବାଡ଼ି ଲିଗ୍‌ର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଅସଲମ ଇମାନଦାରଙ୍କ ଦମଦାର ପ୍ରଦର୍ଶନ ସହିତ ପୁନେରୀ ପଲଟନ ଓ ପାଟନା ପାଇରେଟ୍ସ ମଧ୍ୟରେ ଖେଳାଯାଇଥିବା ମୁକାବିଲା ୩୪–୩୪ ରେ ଶେଷ ହୋଇଛି। ଅସଲମଙ୍କ ପ୍ରଦର୍ଶନ ବଳରେ ପ୍ରଥମ ରାଉଣ୍ଡରେ ପଲଟନ ୭ ପଏଣ୍ଟରେ ଆଗୁଆ ରହିଥିଲା। ତେବେ ରେଡର ସଚିନଙ୍କ ପ୍ରଦର୍ଶନ ବଳରେ ପାଇରେଟ୍ସ ପ୍ରତ୍ୟାବର୍ତ୍ତନ କରିଥିଲା। ଅଲଙ୍କାର ପାଟିଲଙ୍କ ଟ୍ୟାକେଲର ରୋହିତ ଗୁଲିଆ ଆଉଟ ହେବା ସହିତ ପ୍ରଥମ ହାଫର ସ୍କୋର ୨୩–୧୬ ରହିଥିଲା। ତେବେ ପ୍ରତ୍ୟାବର୍ତ୍ତନ କରିବା ସହିତ ମ୍ୟାଚର ୨୭ ତମ ମିନିଟରେ ପାଟନା ପାଇରେଟ୍ସ ଦଳ ପୁଣେକୁ ଅଲଆଉଟ କରିଥିଲା। ଏହା ସହିତ ଦଳ ୨୬–୨୪ରେ ପହଞ୍ଚିଥିଲା। ପଲଟନ୍ ପକ୍ଷରୁ ଆକାଶ ସିନ୍ଦେ ଓ ଅସଲମଙ୍କ ରେଡ୍ ମ୍ୟାଚକୁ ୩୦–୩୦କୁ ଆଣିଥିଲା। ଏହାପରେ ଉଭୟ ଦଳ ରକ୍ଷଣାତ୍ମକ ଖେଳ ଖେଳିବା ସହିତ ପଏଣ୍ଟ ବାଣ୍ଟିଥିଲେ। ସେହିପରି ଗୁଜରାଟ ଜାଏଣ୍ଟ୍ସ ଓ ତାମିଲ ଥାଲାଇଭାସ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ ୩୧–୩୧ରେ ଶେଷ ହୋଇଛି। ପ୍ରଥମ ଦୁଇ ମ୍ୟାଚ ଅମୀମାଂସିତ ହେବା ପରେ ଅନ୍ତିମ ମ୍ୟାଚରେ ବିଜୟୀ ହୋଇଥିଲା ହରିୟାଣା ଷ୍ଟିଲର୍ସ। ୪୧–୩୩ରେ ବେଙ୍ଗଲ ୱାରିୟର୍ସକୁ ପରାସ୍ତ କରିଥିଲା ଦଳ। ଏହି ମ୍ୟାଚ ପରେ ଦବଙ୍ଗ ଦିଲ୍ଲୀ, ହରିୟାଣା ଷ୍ଟିଲର୍ସ,ବେଙ୍ଗାଲୁରୁ ବୁଲ୍ସ ଓ ୟୁପି ଯୋଦ୍ଧା ୫ ପଏଣ୍ଟ ସହିତ ପ୍ରଥମ ୪ ସ୍ଥାନରେ ରହିଛନ୍ତି। ରବିବାର ଜୟପୁର ପିଙ୍କ ପାନ୍ଥର୍ସ–ପାଟନା ପାଇରେଟ୍ସ, ତେଲୁଗୁ ଟାଇଟନ୍ସ–ବେଙ୍ଗଲ ୱାରିୟର୍ସ ଓ ପୁନେରୀ ପଲଟନ–ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଖେଳାଯିବ।



ପୁନେରୀ ପଲଟନ ଓ ପାଟନା ପାଇରେଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# କିଟ୍–କିସ୍ ନିକଟରୁ ହାରିଲା କାଜାଖସ୍ତାନ



ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କାଜାଖସ୍ତାନ ଦଳକୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର,୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ସମଗ୍ର ବିଶ୍ୱରେ ହକିର ହବ୍ ପାଲଟିଛି ଓଡ଼ିଶା। ହକିର ଉନ୍ନତ ଭିତ୍ତିଭୂମି ପାଇଁ ଅନ୍ତର୍ଜାତୀୟ ଦଳଗୁଡିକ ମଧ୍ୟ ଓଡ଼ିଶାକୁ ଅଭ୍ୟାସ ପାଇଁ ବାଛୁଛନ୍ତି। ଏହି କ୍ରମରେ ପ୍ରଥମ ଦଳ ଭାବରେ କାଜାଖସ୍ତାନ ୧୬ ବର୍ଷରୁ କମ୍ ଦଳ ଓଡ଼ିଶାରେ ୭ଦିନିଆ ପ୍ରଶିକ୍ଷଣ ଶିବିର କରିବା ସହିତ ଅଭ୍ୟାସ ମ୍ୟାଚ ମଧ୍ୟ ଖେଳିଛି। ହାଇପର୍ଫମାନ୍ସ ସେଣ୍ଟର(ଏଚ୍‌ପିସି) ସହିତ ପ୍ରଥମ ଅଭ୍ୟାସ ମ୍ୟାଚ ଖେଳିଥିବା ବେଳେ ଶନିବାର କିଟ୍–କିସ୍ ଦଳ ସହିତ ଏହାର ଅଭ୍ୟାସ ମ୍ୟାଚ୍ ଖେଳିଛି। କଳିଙ୍ଗ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚକୁ ୪–୨ ବ୍ୟବଧାନରେ କିଟ୍–କିସ୍ ଦଳ ଏହି ମ୍ୟାଚକୁ ଜିତି ନେଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଓଡ଼ିଶା ହକି ସଂଘ ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିର ଓ ମ୍ୟାଚ ଆୟୋଜନ କରାଯାଇଥିଲା। ଏହି ମ୍ୟାଚ ସମାପ୍ତ ହେବା ପରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କାଜାଖସ୍ତାନ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତର୍ଜାତୀୟ ଦଳଗୁଡିକ ଅଭ୍ୟାସ ପାଇଁ ଓଡ଼ିଶାକୁ ବାଛିବା ଅତ୍ୟନ୍ତ ଗର୍ବର ବିଷୟ। ଏହା ଦ୍ୱାରା ଆମ ଖେଳାଳିଙ୍କୁ ମଧ୍ୟ ଅନ୍ତର୍ଜାତୀୟ ଅଭିଜ୍ଞତା ମିଳିବ ବୋଲି ତିର୍କୀ କହିଥିଲେ। ରାଜ୍ୟରେ ହକି ଭିତ୍ତିଭୂମିରେ କାଜାଖସ୍ତାନ ଦଳ ସନ୍ତୋଷ ପ୍ରକାଶ କରିବା ସହିତ ଭବିଷ୍ୟତରେ ଓଡ଼ିଶା ଗସ୍ତ କରିବା ନେଇ ମତ ରଖିଛି।

# ଓଡ଼ିଶା ପ୍ରଥମେ ସିକିମକୁ ଭେଟିବ

## ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ

**ଭୁବନେଶ୍ୱର,୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଅନୁଷ୍ଠିତ ହେବ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ। ଏହି ଟୁର୍ନାମେଣ୍ଟ ପାଇଁ ୧୬ ଜଣିଆ ଓଡ଼ିଶା ଦଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଶନିବାର ଅପରାହ୍ନରେ ଯାତ୍ରା କରିଛି। ୧୧ ତାରିଖରେ ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚରେ ସିକିମକୁ ଭେଟିବ। ଅଭିଷେକ ରାଉତଙ୍କୁ ଏହି ଦଳର ନେତୃତ୍ୱ ପ୍ରଦାନ କରାଯାଇଥିବା ବେଳେ ଆଶୀର୍ବାଦ ସ୍ୱାଇଁ ଓ ସୁଜିତ ଲେଙ୍କା ଉଇକେଟ କିପର ଭାବରେ ଅଛନ୍ତି। ହଂକଂ ପକ୍ଷରୁ ଖେଳିଥିବା ଅଂଶୁମାନ ରଥଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି। ଓଡ଼ିଶା ଦଳ ସିକିମ ବିପକ୍ଷରେ ୧୧, ତାମିଲନାଡୁ ବିପକ୍ଷରେ ୧୨, ବେଙ୍ଗଲ ବିପକ୍ଷରେ ୧୪, ଚଣ୍ଡିଗଡ଼ ବିପକ୍ଷରେ ୧୬, ଝାଡ଼ଖଣ୍ଡ ବିପକ୍ଷରେ ୨୦ ଓ ଛତିଶଗଡ଼ ବିପକ୍ଷରେ ୨୨ ତାରିଖରେ ଏହାର ସମସ୍ତ ମ୍ୟାଚ ଖେଳିବ। ଆର୍. ଶ୍ରୀକାନ୍ତଙ୍କୁ ଦଳର କୋଚ୍ କମ୍ ମ୍ୟାନେଜର ଘୋଷଣା କରାଯାଇଛି। ପୂର୍ବତନ ଅଧିନାୟକ ନଟରାଜ ବେହେରା(ବ୍ୟାଟିଂ କୋଚ), ଗୌତମ ଗୋପାଳ (ଫିଲ୍ଡିଂ କୋଚ୍), ରୋନି ଚାଟାର୍ଜୀ(ଫିଜିଓ), ପୂର୍ଣ୍ଣେନ୍ଦୁ ଜେନା (ଏସ୍ ଆଣ୍ଡ ସି କୋଚ୍), ସୁଚିସ୍ମିତା ମଲିକ୍(ମାସ୍ୟୁର), ଶାରଦା ପ୍ରସନ୍ନ ବିଶ୍ୱାଳ(ଭିଡିଓ ଆନାଲିଷ୍ଟ), ସତବୀର ସିଂ ରିଆର(ମ୍ୟାନେଜର) ଓ ପ୍ରଭଞ୍ଜନ ମଲ୍ଲିକ(ପର୍ଯ୍ୟବେକ୍ଷକ) ପ୍ରମୁଖ ସପୋର୍ଟ ଷ୍ଟାଫ୍ ଭାବରେ ରହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଏହି ଟୁର୍ନାମେଣ୍ଟର ସଫଳତା କାମନା କରିଛନ୍ତି।

# ସେମିଫାଇନାଲରେ ଓଡ଼ିଶା

## ନ୍ୟାଶନାଲ ଗେମ୍ସ ବିଚ୍ ଭଲିବଲ୍

**ଭୁବନେଶ୍ୱର, ୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ସୁରଟସ୍ଥିତ ଡୁମାସ୍ ବିଚ୍‌ରେ ୩୬ତମ ନ୍ୟାଶନାଲ ଗେମ୍ସର ବିଚ୍ ଭଲିବଲ ଇଭେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ ଓଡ଼ିଶା ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ମହିଳା ଦଳ ତେଲଙ୍ଗାନା ଓ କେରଳକୁ ପରାସ୍ତ କରି ନିଜ ପୁଲ୍‌ରେ ପ୍ରଥମ ସ୍ଥାନରେ ରହି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା। କ୍ୱାର୍ଟରଫାଇନାଲରେ ଦଳ ୨–୦ (୨୧–୧୬ ଓ ୨୧–୧୧)ରେ ପଣ୍ଡିଚେରୀକୁ ପରାସ୍ତ କରିଥିଲା। ଶିବାନୀ ପ୍ରିୟଦର୍ଶିନୀ ଓ ମୋନାଲିସା ପାତ୍ର ଓଡ଼ିଶା ଦଳର ସଦସ୍ୟା ରହିଥିବା ବେଳେ ସୁଧାଂଶୁ ଭୂଷଣ ମିଶ୍ର କୋଚ୍ ଦାୟିତ୍ୱରେ ରହିଛନ୍ତି।



# ହର୍ଷଦାଙ୍କୁ ବ୍ରୋଞ୍ଜ ପଦକ

## ଏସିଆନ ୱେଟ୍‌ଲିଫ୍ଟିଂ ଚାମ୍ପିୟନଶିପ୍

**ମାନାମା, ୮।୧୦ (ପି.ଟି.)**

ଭାରତର ଉଦୀୟମାନ ୱେଟ୍‌ଲିଫ୍ଟର ହର୍ଷଦା ଗରୁଡ୍ ଏଠାରେ ଚାଲିଥିବା ଏସିଆନ ୱେଟ୍‌ଲିଫ୍ଟିଂ ଚାମ୍ପିୟନଶିପ୍‌ର ମହିଳା ୪୫କେଜି ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ୧୮ ବର୍ଷୀୟା ୱେଟ୍ ଲିଫ୍ଟର ଅଣ ଅଲିମ୍ପିକ କାଟେଗୋରିରେ ମୋଟ ୧୫୨କେଜି ଓଜନ (୬୮କେଜି+୮୪କେଜି) ଉଠାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭିଏତ୍‌ନାମର ଖୋଙ୍ଗ୍ ମାଇ ଫୁଅଙ୍ଗ୍ ୧୬୬ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଇଣ୍ଡୋନେସିଆର ସିତି ନାଫିସାତୁଲ ହାରିରୋ ୧୬୨କେଜି (୭୧କେଜି+୯୧କେଜି) ଉତ୍ତୋଳନ କରି ରୌପ୍ୟ ଜିତିଥିଲେ। ସୂଚନାଯୋଗ୍ୟ, ଜୁଲାଇରେ ଅନୁଷ୍ଠିତ ଏସିଆନ ୟୁଥ୍ ଓ ଜୁନିୟର ୱେଟ୍‌ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ହର୍ଷଦା ଯେତିକି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ, ଏଠାରେ ସେ ତା'ଠାରୁ ୫ କେଜି କମ୍ ଓଜନ ଉଠାଇଥିଲେ। ଏହା ପୂର୍ବରୁ ମେ' ମାସରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ମହିଳା ୱେଟଲିଫ୍ଟର ଭାବେ ସ୍ୱର୍ଣ୍ଣ ଜିତି ହର୍ଷଦା ଇତିହାସ ସୃଷ୍ଟି କରିଥିଲେ। ସେ ଆହୁରି ମଧ୍ୟ ସ୍ନାଚ ବିଭାଗରେ ୬୮କେଜି ଉଠାଇ ଏକ ବ୍ରୋଞ୍ଜ ପଦକ ପାଇଥିଲେ।

## ଜାତୀୟ-ଅନ୍ତର୍ଜାତୀୟ

# ୨ ଦିନ ମଧ୍ୟରେ ସାକ୍ଷୀଙ୍କ ବୟାନ ରେକର୍ଡ କର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୮।୧୦(ପି.ଟି.):** କୌଣସି ଅପରାଧିକ ମାମଲାରେ ସାକ୍ଷୀଙ୍କ ବୟାନ ରେକର୍ଡ ଏବଂ ଏହାର ଯାଞ୍ଚ କାର୍ଯ୍ୟ ସେହି ଦିନ କିମ୍ବା ପରଦିନ ସୁଦ୍ଧା ଶେଷ କରିବାକୁ ହେବ। ବୟାନ ରେକର୍ଡକୁ ଦୀର୍ଘଦିନ ପର୍ଯ୍ୟନ୍ତ ଅଟକାଇ ରଖିବାର କୌଣସି କାରଣ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ହତ୍ୟା ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ ୨ ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର କରିଥିବାବେଳେ ଏହାକୁ ଖାରଜ କରିବା ଲାଗି ସୁପ୍ରିମକୋର୍ଟରେ ୨ଟି ପିଟିଶନ ଦାଏର ହୋଇଥିଲା। ପ୍ରତିପକ୍ଷର ଜଣେ ସାକ୍ଷୀଙ୍କ ବୟାନ ରେକର୍ଡ ଲାଗି ପୋଲିସକୁ ୩ ମାସ ଲାଗିଥିବା ସର୍ବୋଚ୍ଚ ଅଦାଲତ ଜାଣିବାକୁ ପାଇଥିଲେ। ଏତେଦିନ ସମୟ ନେବାର କାରଣ କ'ଣ ବୋଲି ଜଷ୍ଟିସ ଅଜୟ ରାସ୍ତୋଗୀ ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

# ଆୟର୍ଲାଣ୍ଡ ଗ୍ୟାସ୍ ଷ୍ଟେଶନରେ ବିସ୍ଫୋରଣ: ୯ ମୃତ

**ଲଣ୍ଡନ,୮।୧୦:** ଆୟର୍ଲାଣ୍ଡର ଏକ ଗ୍ୟାସ୍ ଷ୍ଟେଶନରେ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। କାଉଣ୍ଟି ଡୋନେଗାଲ୍‌ର ୪୦୦ ଜନସଂଖ୍ୟା ବିଶିଷ୍ଟ ଏକ ଗ୍ରାମରେ ଥିବା ଆପଲ୍‌ଗ୍ରୀନ୍ ସର୍ଭିସ ଷ୍ଟେଶନରେ ଶୁକ୍ରବାର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି। ଡୋନେଗାଲ ଏବଂ ସାରା ଦେଶ ପାଇଁ ଏହା ଏକ କଳା ଦିବସ ବୋଲି ଇରିଶ ପ୍ରଧାନମନ୍ତ୍ରୀ ମିଚେଲ ମାର୍ଟିନ୍ କହିଛନ୍ତି।

# ଭିନ୍ନକ୍ଷମଙ୍କୁ ଗୋଇଠା ମାରି ସରପଞ୍ଚ ନିଲମ୍ବିତ

**ମେହବୁବ୍‌ନଗର,୮।୧୦:** ତେଲଙ୍ଗାନାର ମେହବୁବ୍‌ନଗର ଜିଲାରେ ଜଣେ ଭିନ୍ନକ୍ଷମ ଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ଗୋଇଠା ମାରିଥିବା ସରପଞ୍ଚଙ୍କୁ ନିଲମ୍ବନ କରାଯାଇଛି। ଶ୍ରମିକ ଜଣକ ମଜୁରୀ ଟଙ୍କା ମାଗିବାରୁ ସରପଞ୍ଚ କୋସ୍‌ଗି ଶ୍ରୀନିବାସୁଲୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଦେବା ସହ ଗୋଇଠା ମାରିଥିଲେ। ଏହାର ଭିଡିଓ ଶୁକ୍ରବାର ଭାଇରାଲ ହେବା ପରେ ଜିଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଥିସହିତ ସରପଞ୍ଚଙ୍କ ବିରୋଧରେ ପୋଲିସ ୩ଟି ମାମଲା ରୁଜୁ କରିଛି।

# ମହିଳାଙ୍କ ପେଟରେ ୫ ବର୍ଷ ଥିଲା କଇଁଚି

**ଥିରୁଭାନନ୍ତପୁରମ୍,୮।୧୦**



■ ଅସ୍ତ୍ରୋପଚାର ପରେ ଭୁଲିଯାଇଥିଲେ ଡାକ୍ତର
■ ଯାଞ୍ଚ ନିର୍ଦ୍ଦେଶ ଦେଲେ କେରଳ ସ୍ୱାସ୍ଥ୍ୟମନ୍ତ୍ରୀ

ଅସ୍ତ୍ରୋପଚାର ପରେ ଜଣେ ପ୍ରସୂତିଙ୍କ ପେଟରେ କଇଁଚି ଛାଡ଼ିଦେଲେ ଡାକ୍ତର। ପ୍ରାୟ ୫ ବର୍ଷ ଧରି ଯନ୍ତ୍ରଣା ସହିଲେ ମହିଳା। ଡାକ୍ତର ଦେଖାଉଥିଲେ, ଔଷଧ ମଧ୍ୟ ଖାଉଥିଲେ। ହେଲେ ଯନ୍ତ୍ରଣାର କାରଣ ଜଣାପଡୁ ନ ଥିଲା। ଏପରିକି ତାଙ୍କୁ କିଡ୍‌ନୀ ରୋଗ କିମ୍ବା କ୍ୟାନ୍‌ସର ହୋଇଥିବା ମଧ୍ୟ ସେ ଆଶଙ୍କା କରୁଥିଲେ। କୌଣସି ଚିକିତ୍ସାରେ ତାହା ନ କମିବାରୁ ଶେଷରେ ଜଣେ ଡାକ୍ତର ସମ୍ପୃକ୍ତା ମହିଳାଙ୍କୁ ବଡି ସ୍କାନ୍ କରିବା ପାଇଁ ପରାମର୍ଶ ଦେବା ପରେ ତାଙ୍କ ପେଟ ଯନ୍ତ୍ରଣାର ପ୍ରକୃତ କାରଣ ଜଣାପଡ଼ିଥିଲା। ପେଟରେ କଇଁଚି ରହିଯାଇଥିବାରୁ ସେ ଏପରି ଅନୁଭବ କରୁଥିଲେ ବୋଲି ଜାଣିବା ପରେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସମ୍ପୃକ୍ତା ମହିଳା। ଘଟଣା ଚର୍ଚ୍ଚାକୁ ଆସିବା ପରେ କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଘଟଣାର ତଦନ୍ତ ପରେ ରିପୋର୍ଟ ଦାଖଲ ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରିପୋର୍ଟ ଅନୁସାରେ, ଗତ ସେପ୍ଟେମ୍ବର ୧୭ରେ କୋଝିକୋଡ ମେଡିକାଲ କଲେଜରେ ଅସ୍ତ୍ରୋପଚାର ଜରିଆରେ ୩୦ ବର୍ଷୀୟା ହର୍ଶିନାଙ୍କ ପେଟରୁ ଏକ କଇଁଚି ବାହାର କରାଯାଇଛି। ୨୦୧୭ ନଭେମ୍ବରରେ ସେ ତାଙ୍କ ତୃତୀୟ ସନ୍ତାନ ଜନ୍ମ ଲାଗି କୋଝିକୋଡ ମେଡିକାଲ କଲେଜରେ ଅପରେଶନ୍ କରାଇଥିଲେ। କିଛିଦିନ ପରେ ସେ ଶିଶୁକୁ ନେଇ ଘରକୁ ଫେରିଥିଲେ। ପରେ ତାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭୂତ ହେଲା। ପେଟ ଯନ୍ତ୍ରଣା ନେଇ ନାନା ପ୍ରକାର ଔଷଧ ଖାଇଥିଲେ ସୁଦ୍ଧା ତାଙ୍କ ରୋଗ ଭଲ ହୋଇ ନ ଥିଲା। ଏକାଧିକ ବର୍ଷ ପେଟରେ କଇଁଚି ରହିବା ଫଳରେ ଶରୀରରେ ୟୁରିନ୍ ଇନ୍‌ଫେକ୍ସନ ହେବା ଆରମ୍ଭ ହେଲା। କଇଁଚି ପାକସ୍ଥଳୀରୁ ଖସି ପରିସ୍ରା ଥଳିରେ ଅଟକିଯାଇଥିଲା। ଯନ୍ତ୍ରଣା ବଢ଼ିବା ଆରମ୍ଭ ହେବା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ବଡି ସ୍କାନ୍ କରିଥିଲେ। ରିପୋର୍ଟରୁ ପେଟରେ ଏକ ଧାତବ ପଦାର୍ଥ ଥିବା ଜଣାପଡ଼ିଥିଲା। ଏହାପରେ ହର୍ଶିନାଙ୍କ ଅସ୍ତ୍ରୋପଚାର କରାଯାଇ ପେଟରୁ କଇଁଚି ବାହାର କରାଯାଇଥିଲା। ଏ ନେଇ ହର୍ଶିନା ଉଭୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତ ପରେ ଘଟଣା ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଥିବା କୋଝିକୋଡ ମେଡିକାଲ କଲେଜ କର୍ତ୍ତୃପକ୍ଷ କହିଛନ୍ତି।

# ପାକ୍ ମନ୍ତ୍ରୀଙ୍କୁ ଅପହରଣ

## ସର୍ତ୍ତ ରଖି ଛାଡ଼ିଲେ ଆତଙ୍କବାଦୀ

**ଇସ୍‌ଲାମାବାଦ, ୮।୧୦**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାକିସ୍ତାନ ତେହରିକ୍–ଇ–ଇନ୍‌ସାଫ୍(ପିଟିଆଇ)ର ଜଣେ ବରିଷ୍ଠ ମନ୍ତ୍ରୀ ଅବାଇଦୁଲ୍ଲା ବୈଗ୍‌ଙ୍କୁ ଆତଙ୍କବାଦୀମାନେ ଶୁକ୍ରବାର ଅପହରଣ କରିନେଇଥିଲେ। ଗିଲ୍‌ଗିଟ୍–ବାଲ୍‌ଟିସ୍ତାନ ଅଞ୍ଚଳରେ ତେହେରିକ୍–ଇ–ତାଲିବାନ୍‌ର ଆତଙ୍କବାଦୀମାନେ ତାଙ୍କୁ କେତେକ ଦାବି ପୂରଣ ସର୍ତ୍ତରେ ଶନିବାର ମୁକ୍ତ କରିଛନ୍ତି। ଏକ ଭିଡିଓ କ୍ଲିପ୍‌ରେ ବୈଗ୍ କହିଛନ୍ତି, ସେ ଇସ୍‌ଲାମାବାଦରୁ ଗିଲ୍‌ଗିଟ୍ ଯାଉଥିବା ସମୟରେ ଆତଙ୍କବାଦୀମାନେ ତାଙ୍କୁ ଅପହରଣ କରିନେଇଥିଲେ। ନାଙ୍ଗା ପର୍ବତ ଅଞ୍ଚଳରେ ବିଦେଶୀ ନାଗରିକଙ୍କୁ ହତ୍ୟା ଏବଂ ଅନ୍ୟ କେତେଜଣ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜେଲ୍‌ଦଣ୍ଡ ଭୋଗୁଥିବା ଦୋଷୀ ତଥା ସେମାନଙ୍କ ସାଥୀଙ୍କୁ ମୁକୁଳାଇବା ପାଇଁ ଅପହରଣକାରୀ ଦାବି କରିଥିଲେ। ଏଥିସହ ଦେଶରେ ସମ୍ପୂର୍ଣ୍ଣ ଭାବେ ଇସ୍‌ଲାମିକ ଆଇନ ଲାଗୁ ଏବଂ ମହିଳାଙ୍କୁ ଖେଳ ଓ ଅନ୍ୟ ସାମାଜିକ କାର୍ଯ୍ୟରୁ ଦୂରେଇ ରଖିବାକୁ ମଧ୍ୟ ସେମାନେ ସର୍ତ୍ତ ରଖିଥିବା ଜଣାପଡ଼ିଛି।



ଅବାଇଦୁଲ୍ଲା ବୈଗ୍

# ୟୁକ୍ରେନ୍ ଯୁଦ୍ଧ ପାଇଁ ନୂଆ କମାଣ୍ଡର ନିଯୁକ୍ତ କଲା ରୁଷିଆ

**ମସ୍କୋ, ୮।୧୦**



ୟୁକ୍ରେନ୍‌ରେ ରୁଷିଆର ସୈନ୍ୟ ଅଭିଯାନ ଦୁର୍ବଳ ହେଉଥିବା ନେଇ ରୁଷୀୟ ସେନା ସମାଲୋଚିତ ହେବା ପରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶନିବାର ନୂଆ କମାଣ୍ଡର ନିଯୁକ୍ତ କରିଛନ୍ତି। ୟୁକ୍ରେନ୍‌ରେ ସ୍ୱତନ୍ତ୍ର ମିଲିଟାରି ଅପରେଶନକୁ ଆଗେଇନେବା ପାଇଁ ସେରେଗି ସୁରୋଭିକିନ୍‌ଙ୍କୁ କମାଣ୍ଡର ନିଯୁକ୍ତ କରାଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସାଇବେରିଆରେ ଜନ୍ମିତ ୫୫ ବର୍ଷୀୟ ସୁରୋଭିକିନ୍‌ଙ୍କର ୯୦ ଦଶକରେ ତାଜିକିସ୍ତାନ ଏବଂ ଚେଚନ୍ୟା ଯୁଦ୍ଧବେଳର ସାମରିକ ଅଭିଜ୍ଞତା ରହିଛି। ସେ ଅଦ୍ୟାବଧି କେବଳ ଦକ୍ଷିଣ ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟଙ୍କ ନେତୃତ୍ୱ ନେଉଥିଲେ।

# ବାଂଲାଦେଶରେ ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍

**ଢାକା,୮।୧୦**

ବାଂଲାଦେଶର ଏକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଛି। ଝେନାଇଦା ଜିଲା ଅନ୍ତର୍ଗତ ଦୌଟିୟା ଗ୍ରାମରେ ଥିବା କାଳୀ ମନ୍ଦିରରେ ଶୁକ୍ରବାର ରାତିରେ ୨ ଜଣ ଦୁର୍ବୃତ୍ତ ପ୍ରବେଶ କରି ମୂର୍ତ୍ତିକୁ ଭାଙ୍ଗିଦେଇଥିଲେ। ସେମାନେ କାଳୀ ମୂର୍ତ୍ତିଙ୍କ ମୁଣ୍ଡକୁ ଅଧା କିଲୋମିଟର ଦୂରରେ ଫିଙ୍ଗିଦେଇଥିଲେ। ବାଂଲାଦେଶରେ ୧୦ ଦିନିଆ ଦୁର୍ଗାପୂଜା ଉତ୍ସବ ବିନା ଗଣ୍ଡଗୋଳରେ ଶେଷ ହୋଇଥିବାବେଳେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଘଟଣା ଦୁର୍ଭାଗ୍ୟଜନକ ବୋଲି ଢାକା ୟୁନିଭର୍ସିଟି ପ୍ରଫେସର ତଥା ବାଂଲାଦେଶ ପୂଜା ଉତ୍ସବ ପରିଷଦର ସାଧାରଣ ସମ୍ପାଦକ ଚାନ୍ଦନାଥ ପୋଦ୍ଦାର କହିଛନ୍ତି।



'କର୍‌ବା ଚୌଥ' ଏବଂ 'ଦୀପାବଳି' ପୂର୍ବରୁ ଜମ୍ମୁରେ ଦୀପ ଓ ମାଟି କଳସୀ ବିକୁଛନ୍ତି ୨ ଜଣ ମହିଳା।

# ଶିବସେନା ନାଁ, ଚିହ୍ନ ବ୍ୟବହାର ମନା





ଉଦ୍ଧବ ଠାକ୍‌ରେ ଏକନାଥ ଶିନ୍ଦେ

**ନୂଆଦିଲ୍ଲୀ,୮।୧୦**

ପ୍ରକୃତ ଶିବସେନା ଦାବି ନେଇ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନରେ ସେମାନେ ଦଳର ନାଁ କିମ୍ବା ନିର୍ବାଚନୀ ଚିହ୍ନ 'ଧନୁତୀର' ବ୍ୟବହାର କରିପାରିବେ ନାହିଁ। ନିର୍ବାଚନ କମିଶନ (ଇସି) ଶନିବାର ଏକ ଅନ୍ତରୀଣ ନିର୍ଦ୍ଦେଶନାମାରେ ଏହା କହିଛନ୍ତି। ସୋମବାର ଅପରାହ୍ନ ୧ଟା ସୁଦ୍ଧା ଉଭୟ ଗୋଷ୍ଠୀ ସେମାନଙ୍କ ଦଳ ପାଇଁ ୩ଟି

### ଅନ୍ଧେରୀ ଇଷ୍ଟ ଉପନିର୍ବାଚନ
### ନୂଆ ଚିହ୍ନ ବାଛିବାକୁ ୨ ଗୋଷ୍ଠୀଙ୍କୁ କହିଲେ ଇସି

ଲେଖାଏ ବିକଳ୍ପ ନାମ ପ୍ରସ୍ତାବ ଦେବା ସହ ଦଳୀୟ ଚିହ୍ନ ବାଛିବା ଲାଗି ଇସି କହିଛନ୍ତି।

ଅନ୍ଧେରୀ ଇଷ୍ଟ ଆସନରେ ନଭେମ୍ବର ୩ରେ ହେବାକୁ ଯାଉଥିବା ବିଧାନସଭା ଉପନିର୍ବାଚନ ଲାଗି ଶିନ୍ଦେ ଗୋଷ୍ଠୀ ଧନୁତୀର ଚିହ୍ନ ଦାବି କରିଥିଲେ। ତେବେ ଏକନାଥ ଓ ତାଙ୍କ ସମର୍ଥକ ବିଧାୟକମାନେ ସ୍ୱେଚ୍ଛାକୃତ ଭାବେ ଶିବସେନା ଛାଡ଼ିଥିବାରୁ ସେମାନେ ଦଳୀୟ ଚିହ୍ନ ଧନୁତୀର ଦାବି କରିପାରିବେ ନାହିଁ ବୋଲି ଠାକ୍‌ରେ ଦିନକ ପୂର୍ବରୁ ନିର୍ବାଚନ କମିଶନଙ୍କୁ ଜଣାଇଥିଲେ। ଶିବସେନାରେ ବିଭାଜନ ପରେ ଭାଜପା ସମର୍ଥନରେ ଏକନାଥ ଶିନ୍ଦେ ସରକାର ଗଢ଼ିଥିବାବେଳେ ତାଙ୍କ ପଛରେ ସଂଖ୍ୟାଧିକ ଦଳୀୟ ବିଧାୟକ ଓ ଏମ୍‌ପିଙ୍କ ସମର୍ଥନ ରହିଛି। ତେଣୁ ତାଙ୍କ ଗୋଷ୍ଠୀକୁ ପ୍ରକୃତ ଶିବସେନା ଭାବେ ସ୍ୱୀକୃତି ଦେବା ସହ ଧନୁତୀର ଚିହ୍ନ ପ୍ରଦାନ ଲାଗି ଶିନ୍ଦେ ଦାବି କରୁଥିଲେ। ଅନ୍ୟପକ୍ଷରେ ଶିନ୍ଦେ ଗୋଷ୍ଠୀ ବିଧାୟକମାନଙ୍କ ବିରୋଧରେ ଅଯୋଗ୍ୟ ଘୋଷଣା ଆବେଦନ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଥିବାରୁ ସେମାନଙ୍କୁ ଦଳର ସଦସ୍ୟ ଭାବେ ଗଣାଯିବା ଉଚିତ ନୁହେଁ ବୋଲି ଠାକ୍‌ରେ ଗୋଷ୍ଠୀ ଯୁକ୍ତି ଦର୍ଶାଇଥିଲେ। ଉପନିର୍ବାଚନର ସମସ୍ତ ପଦକ୍ଷେପକୁ ଦ୍ୱନ୍ଦ୍ୱ ଓ ବିବାଦ ମୁକ୍ତ କରିବା କମିଶନଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଇସିଙ୍କ ନିଷ୍ପତ୍ତି ଆମକୁ ମର୍ମାହତ କରିଛି ବୋଲି ଶିବସେନା ଏମ୍‌ପି ଅନିଲ ଦେଶାଇ କହିଛନ୍ତି। ଏଥିରେ ଆମ୍ଭେମାନେ ଦୁଃଖିତ ଓ କ୍ଷୁବ୍ଧ ବୋଲି ଅନ୍ୟତମ ନେତା ଚନ୍ଦ୍ରକାନ୍ତ ଖଇରେ କହିଛନ୍ତି।

# ନୂଆ ଅଧ୍ୟକ୍ଷ ଗାନ୍ଧୀ ପରିବାରର ରିମୋଟ କଣ୍ଟ୍ରୋଲ ହେବେ ନାହିଁ: ରାହୁଲ

**ତୁରୁଭେକେରେ,୮।୧୦**

କଂଗ୍ରେସର ପରବର୍ତ୍ତୀ ଅଧ୍ୟକ୍ଷ ଗାନ୍ଧୀ ପରିବାର ଦ୍ୱାରା ରିମୋଟ କଣ୍ଟ୍ରୋଲ ହେବେ ବୋଲି କେତେକ ମହଲରେ ସମାଲୋଚନା କରାଯାଉଥିବା ଖବରକୁ ଦଳର ନେତା ରାହୁଲ ଗାନ୍ଧୀ ଶନିବାର ଖଣ୍ଡନ କରିଛନ୍ତି। ଉଭୟ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଶଶୀ ଥରୁର ସୁପ୍ରତିଷ୍ଠିତ ଓ ଉତ୍ତମ ବୁଝାମଣାର ବ୍ୟକ୍ତିତ୍ୱ। ସେମାନେ କଦାପି ଗାନ୍ଧୀ ପରିବାର ଦ୍ୱାରା ନିୟନ୍ତ୍ରିତ ହୋଇପାରିବେ ନାହିଁ। ଏଭଳି ଶବ୍ଦ ବ୍ୟବହାର କରିବା ସେମାନଙ୍କ ପ୍ରତି ଅପମାନ ବୋଲି ବୋଲି ରାହୁଲ କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରା ଅବସରରେ କର୍ନାଟକର ତୁରୁଭେକେରେଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରାହୁଲ କହିଥିଲେ, ବେରୋଜଗାରୀ, ଦରଦାମ୍ ବୃଦ୍ଧି ଏବଂ ଅସମାନତାରେ ଅତିଷ୍ଠ ଲକ୍ଷ ଲକ୍ଷ ଲୋକେ ଏହି ଯାତ୍ରାରେ ତାଙ୍କ ସହ ସାମିଲ ହୋଇଛନ୍ତି।

ରାହୁଲ କହିଛନ୍ତି, ସେ ତପସ୍ୟାରେ ବିଶ୍ୱାସ କରନ୍ତି ଏବଂ ଭାରତ ଯୋଡ଼ୋ ଯାତ୍ରା ଜରିଆରେ ଲୋକମାନଙ୍କ ସହ ଯୋଗାଯୋଗରେ ରହିବାକୁ ଚାହୁଁଛନ୍ତି। ୩,୫୦୦ କିଲୋମିଟର ବ୍ୟାପୀ ଏହି ପଦଯାତ୍ରା କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ପରିକ୍ରମା କରିବ। ସମାଜରେ ଘୃଣା ଓ ହିଂସା ପ୍ରସାର କରିବା ଜାତୀୟତା ବିରୋଧୀ କାର୍ଯ୍ୟ ଏବଂ ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ରାହୁଲ କହିଛନ୍ତି। ଇତିହାସ ଓ ପରମ୍ପରାକୁ ବିକୃତ କରୁଥିବା ନୂଆ ଶିକ୍ଷାନୀତିକୁ ଆମେ ବିରୋଧ କରି ଶିକ୍ଷା ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଚାହୁଁଛୁ ବୋଲି ସେ କହିଥିଲେ। ଭାଜପା-ଆର୍‌ଏସ୍‌ଏସ୍ ଦେଶକୁ ବିଭାଜନ କରିବାକୁ ଯୋଜନା ଚଳାଇଥିବାବେଳେ ଲୋକଙ୍କୁ ଏକାଠି କରିବା ଲାଗି ଭାରତ ଯୋଡ଼ୋ ଯାତ୍ରା କରାଯାଉଥିବା ରାହୁଲ କହିଛନ୍ତି।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ଶନିବାର କର୍ନାଟକର ତୁମାକୁରୁ ଜିଲାରେ ଜଣେ ପୂଜକ ରାହୁଲ ଗାନ୍ଧୀଙ୍କୁ ତିଳକ ଲଗାଉଛନ୍ତି।

# ୧୪୪ ଆସନ ଉପରେ ଭାଜପାର ଫୋକସ୍

**ନୂଆଦିଲ୍ଲୀ,୮।୧୦**

୨୦୨୪ ଲୋକ ସଭା ନିର୍ବାଚନକୁ ଆଉ ପାଖାପାଖି ୨ ବର୍ଷ ଥିବାବେଳେ ଶାସକ ଭାଜପା କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। ୨୦୧୯ ନିର୍ବାଚନରେ ଦଳ ଯେଉଁ ୧୪୪ଟି ଆସନରେ ପରାଜିତ ହୋଇଥିଲା, ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଅନେକ କେନ୍ଦ୍ରମନ୍ତ୍ରୀଙ୍କୁ ଉକ୍ତ ନିର୍ବାଚନ ମଣ୍ଡଳୀ ଗସ୍ତ କରି ଭାଜପା କର୍ମୀ ଓ ବିଭିନ୍ନ ବର୍ଗର ଲୋକଙ୍କ ସହ ବୈଠକ କରିବା ଲାଗି କୁହାଯାଇଛି। ଉକ୍ତ ଆସନଗୁଡ଼ିକରେ ଦଳୀୟ ସ୍ଥିତିରେ ଉନ୍ନତି ଉପରେ ନଜର

### ମେଗା ରାଲି କରିବେ ମୋଦି



ରଖିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏହାବ୍ୟତୀତ ଉକ୍ତ ୧୪୪ ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମେଗା ରାଲି କରିବା ପାଇଁ ଦଳ ଯୋଜନା କରିଛି।

ଗତ ମାସରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ କରି ଉପରୋକ୍ତ ନିର୍ବାଚନମଣ୍ଡଳୀଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ। ଗତ କିଛି ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟରେ ୩୦ଟି ପ୍ରକଳ୍ପର ଶିଳାନ୍ୟାସ କଲେଣି। ୨୦୧୯ ସାଧାରଣ ନିର୍ବାଚନରେ ମୋଟ ୫୪୩ ଆସନରୁ ଭାଜପା ୩୦୩ ଆସନରେ ବିଜୟୀ ହୋଇଥିଲା।

# ଶୈଳେଶ ଦାନିଙ୍କ ଉପରୁ ନିଲମ୍ବନ ହଟାଇଲା ବିଜେଡି

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ବିଜେଡି ନେତା ଶୈଳେଶ ଦାନିଙ୍କ ଉପରୁ ନିଲମ୍ବନ ହଟାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଲମ୍ବନ ଉଠାଯାଇଥିବା ଶନିବାର ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦାନିଙ୍କୁ ୨୦୨୧ ଅକ୍ଟୋବରରେ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ବିଜେଡିରୁ ନିଲମ୍ବନ କରାଯାଇଥିଲା।

# କଂସ ବଂଶଜଙ୍କୁ ଶେଷ କରିବି : କେଜରିୱାଲ

**ଅହମଦାବାଦ,୮।୧୦**

ଗୁଜରାଟର କେତେକ ପ୍ରମୁଖ ସହରରେ ଏଏପି ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କୁ ହିନ୍ଦୁ ବିରୋଧୀ ବୋଲି କୁହାଯାଇ ପୋଷ୍ଟର-ବ୍ୟାନର ଲଗାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲ ଗୁଜରାଟରେ ତାଙ୍କ ବିରୋଧରେ ଲଗାଯାଇଥିବା ହିନ୍ଦୁ ବିରୋଧୀ ପୋଷ୍ଟରର ଜବାବ ଦେଇଛନ୍ତି। ବଡୋଦରାରେ ଶନିବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତ,ଜନ୍ମାଷ୍ଟମୀରେ ମୋର ଜନ୍ମ। ମତେ କଂସ ବଂଶଜଙ୍କୁ ଧ୍ୱଂସ କରିବା ପାଇଁ ଭଗବାନ ପଠାଇଛନ୍ତି । ମୁଁ ଏହାକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବି। ମୋ ବିରୋଧରେ ଲଗାଯାଇଥିବା ପୋଷ୍ଟର ଦ୍ୱାରା ଭଗବାନଙ୍କୁ ଅପମାନିତ କରାଯାଇଛି। ଏଭଳି କରିଥିବା ଲୋକେ କଂସଙ୍କ ବଂଶଜ। ସେମାନଙ୍କୁ ନଷ୍ଟ କରିବା ପାଇଁ ମୁଁ ହନୁମାନଙ୍କ ଭକ୍ତଭାବେ ଜନ୍ମ ହୋଇଛି। ମୋର ଗୁଜରାଟ ଗସ୍ତକୁ ନେଇ କେତେକ ଅସହିଷ୍ଣୁ ଏଭଳି ପୋଷ୍ଟର ଲଗାଇଛନ୍ତି କହିବା ସହ ସେ 'ଜୟ ଶ୍ରୀରାମ' ଧ୍ୱନିମଧ୍ୟ ଦେଇଥିଲେ।

**୧୩ତମ ଜନ୍ମବାର୍ଷିକୀ**



ସ୍ନେହାଶ୍ରୀ (ତିତିଲି)
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୋର ୧୩ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ସାଇବାବାଙ୍କ ନିକଟରେ ଏତିକି କାମନା କରୁଛୁ ଯେ, ତୋର ଚଳାପଥ କୁସୁମିତ ହେଉ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
-:ଶୁଭେଚ୍ଛା ସହ:- ଅଜା, ଆଈ, ମମି, ଶ୍ରୀରାମ ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା ଓ ଇଶାନ୍।
ଧ-୭୩୭୨୩

# ଧାମନଗର:ଛିଡୁନି ଅଙ୍କକଷା



ସ୍ୱର୍ଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜ ଗାଁ ବୁଲି ଲୋକଙ୍କୁ ଭେଟୁଛନ୍ତି।

**ଭଦ୍ରକ ଅଫିସ/ ଧାମନଗର, ୮।୧୦ (ଡି.ଏନ.ଏ)**

ଧାମନଗର ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜନୈତିକ ପାଣିପାଗ ସରଗରମ ହୋଇଛି। ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଏହି ଆସନକୁ ନିଜ ଅକ୍ତିଆରକୁ ନେବାକୁ ପୂରା ଦମ ଲଗାଇବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଚୟନ କରି ନ ଥିବା ବେଳେ ଭାଜପା ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜଙ୍କୁ ଦଳ ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ହୋଇଥିବା କୁହାଯାଉଛି । ତେବେ ଏହି ଆସନରେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବା ନେଇ ଚର୍ଚ୍ଚା ଜୋର ଧରିଛି। ରାଜନୈତିକ ବିଶ୍ଳେଷକଙ୍କ କହିବା କଥା, ବିଜେଡି ଏହି ଆସନକୁ ନିଜ ସପକ୍ଷରେ ନେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବ। ଗତ ୫ଟି ବିଧାନସଭା ଉପନିର୍ବାଚନରେ ବିଜେଡି ସମସ୍ତ ସିଟ୍ ନିଜ କବ୍‌ଜାରେ ରଖିଥିବା ବେଳେ ଭାଜପା ହାତରେ ଥିବା ବାଲେଶ୍ୱର ସଦର ଭଳି ଧାମନଗର ସିଟ୍‌କୁ ଭାଜପାଠାରୁ ଛଡାଇ ନେବାକୁ ଯୋଜନା ପ୍ରସ୍ତୁତ କରିଛି। ବାଲେଶ୍ୱର ସଦର ଉପନିର୍ବାଚନରେ ଭାଜପା ବିଧାୟକ ମଦନ ମୋହନ ଦତ୍ତଙ୍କ ବିୟୋଗ ପରେ ତାଙ୍କ ପୁତ୍ର ମାନସ ଦତ୍ତ ଅନୁକମ୍ପା ଭୋଟ ହାସଲ କରିବାରେ ବିଫଳ ହୋଇଥିଲେ। ଦଳୀୟ ଅବହେଳା ଯୋଗୁ ଭାଜପା ହାତରୁ ସେହି ସିଟ୍ ବିଜେଡି କରାୟତ୍ତ କରିଥିବା ନେଇ ସେତେବେଳେ ଚର୍ଚ୍ଚା ହୋଇଥିଲା। ଭୁଲ ରଣନୀତି ଯୋଗୁ ୨୦୧୯ ସାଧାରଣ ନିର୍ବାଚନରେ ୨୩ଟି ସିଟ୍‌ରୁ ଭାଜପା ୨୨କୁ ଖସି ଯାଇଛି। ଏବେ ଭାଜପା ପାଇଁ ସମାନ ପରିସ୍ଥିତି

### ସୂର୍ଯ୍ୟବଂଶୀଙ୍କ ପାଇଁ ଅନୁକମ୍ପା ବିକଳ୍ପ

ସୃଷ୍ଟି ହୋଇଛି। ଧାମନଗର ପାଇଁ ସ୍ୱର୍ଗତ ବିଷ୍ଣୁଙ୍କ ଅନୁକମ୍ପା ଭୋଟ ସୂର୍ଯ୍ୟବଂଶୀଙ୍କ ପାଇଁ ଏକମାତ୍ର ବିକଳ୍ପ। ସୂର୍ଯ୍ୟବଂଶୀ ଯଦି ଭାଜପା ପ୍ରାର୍ଥୀ ହୁଅନ୍ତି ତେବେ ଦଳ ତରଫରୁ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ ନା ବାଲେଶ୍ୱର ସଦର ଭଳି ପରିସ୍ଥିତି ଭୋଗିବାକୁ ପଡ଼ିବ ସେ ନେଇ ଚର୍ଚ୍ଚା ଚାଲିଛି।

ଧାମନଗର ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଭାଜପା, ବିଜେଡି ଓ କଂଗ୍ରେସ ଏଯାଏ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ପ୍ରାର୍ଥୀ ଚୟନ ନେଇ ଅଙ୍କକଷା ଚାଲିଛି। ବିଭିନ୍ନ ଦଳ ପକ୍ଷରୁ ସ୍ଥାନୀୟ ନେତା ଓ କର୍ମୀଙ୍କୁ ନେଇ ଘନଘନ ବୈଠକ ଚାଲିଛି। ସ୍ୱର୍ଗତ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭାଜପା ପ୍ରାର୍ଥୀ କରିବା ନିଶ୍ଚିତ ବୋଲି ଦଳୀୟ କର୍ମୀ ମହଲରେ ଚର୍ଚ୍ଚା ଚାଲିଥିବା ବେଳେ ଏଯାଏ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ନାହିଁ। ଅପରପକ୍ଷେ ସୁରଜ ଦଶହରାଠାରୁ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କୁ ଭେଟିବା ଆରମ୍ଭ କରି ଦେଇଛନ୍ତି। ସୁରଜଙ୍କ ପ୍ରତି ଧାମନଗର ଲୋକଙ୍କ ସମବେଦନା ମଧ୍ୟ ରହିଛି। ଅନ୍ୟପକ୍ଷେ ବିଜେଡି ଏହି ଆସନକୁ ଦଖଲ କରିବା ପାଇଁ ଗୋଟିଚାଳନା ଆରମ୍ଭ କରିଥିବା ବେଳେ ଏଯାଏ ଦଳୀୟ ପ୍ରାର୍ଥୀ କିଏ ହେବେ, ତାହା ଘୋଷଣା କରାଯାଇନାହିଁ। ବିଜେଡି ପୁରୁଣାଙ୍କୁ ପ୍ରାର୍ଥୀ କରିବ ନା ନୂଆ ମୁହଁ ନେଇ ଉପନିର୍ବାଚନ ବୈତରଣୀ ପାରି ହେବ ସେନେଇ ମାନସମନ୍ଥନ କରୁଛି। ଆଶାୟୀ ସଂଖ୍ୟା ବଢୁଥିବାରୁ ପ୍ରାର୍ଥୀ ମନୋନୟନ ନେଇ ଅଡୁଆ ବଢୁଛି । ୨୦୧୯ରେ ଦଳୀୟ ପ୍ରାର୍ଥୀ ରାଜେନ୍ଦ୍ର ଦାସ ପରାଜିତ ହେବା ପରେ ଧାମନଗର ଆସନକୁ ନେଇ ଦଳ ଚିନ୍ତାରେ ରହିଛି। ଅନୁକମ୍ପା ଭୋଟକୁ ପ୍ରତିହତ କରିବା ପାଇଁ ବିଜେଡି ଯୋଜନା ପ୍ରସ୍ତୁତ କରୁଛି। ଦଳୀୟ ନେତୃତ୍ୱ ଓ ଜିଲାର ୪ ବିଧାୟକଙ୍କ ମଧ୍ୟରେ ଘନ ଘନ ବୈଠକ ଚାଲିଥିବା ବେଳେ ଗୋଇନ୍ଦା ତଥ୍ୟକୁ ତର୍ଜମା କରାଯାଉଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଓ ମୁକ୍ତିକାନ୍ତ ମଣ୍ଡଳ ପୁରୁଣା ମୁହଁ ଥିବା ବେଳେ ନୂଆ ମୁହଁ ଭାବେ ସଞ୍ଜୟ ଦାସ ଓ ଶରତ ଦାସ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ଧାମନଗର ରାଜନୀତିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନର ଅଧ୍ୟକ୍ଷାଙ୍କ ସ୍ୱାମୀ ଅଶୋକ ନାୟକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଧାମନଗରରେ ବିଜେଡିର ବିଧାୟକ ନ ଥିଲେ ମଧ୍ୟ ସେ ପଞ୍ଚାୟତ ସମିତିର ମଙ୍ଗ ଧରି ଅଘୋଷିତ କ୍ଷମତାରେ ରହିଛନ୍ତି। ଅପରପକ୍ଷେ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଚୟନ ନେଇ ଅଙ୍କକଷା ଆରମ୍ଭ କରିଦେଇଛି। କଂଗ୍ରେସର ୩ ଜଣିଆ ବରିଷ୍ଠ ନେତୃମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଆସି ଧୂଷୁରି ବାହାରବିଲଠାରେ ଦଳୀୟ ସ୍ଥିତି ପରଖିଛନ୍ତି। ଉକ୍ତ ଟିମ୍‌ରେ ଆସିଥିବା ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ବେହୁରିଆ ପ୍ରମୁଖ ଧାମନଗର କଂଗ୍ରେସ ଦଳର ବହୁ ବରିଷ୍ଠ ନେତା ଓ କର୍ମୀମାନଙ୍କ ସହ ଦଳର ପ୍ରାର୍ଥିତ୍ୱ ନେଇ ଆଲୋଚନା କରିଛନ୍ତି। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଏବଂ ୨୦୧୯ରେ ଏମ୍‌ପି ପ୍ରାର୍ଥୀ ହୋଇଥିବା ତାଙ୍କ ଝିଅ ମଧୁମିତାଙ୍କ ସମେତ ୩ରୁ ୪ଜଣ ଆଶାୟୀଙ୍କୁ ନେଇ ଆଲୋଚନା ଚାଲିଛି। ତେବେ ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ବୋଲି ଜିଲା ସଭାପତି ସୁବ୍ରତ ଦାସ କହିଛନ୍ତି।

# ତେଜସ୍ୱୀଙ୍କୁ ଟାର୍ଗେଟ କଲେ ପ୍ରଶାନ୍ତ କିଶୋର

**ପାଟନା,୮।୧୦**

ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ତାଙ୍କ ରାଜ୍ୟବ୍ୟାପୀ 'ପଦଯାତ୍ରା' ସମୟରେ ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଟାର୍ଗେଟ କରିଛନ୍ତି। ବିହାର ପଶ୍ଚିମ ଚମ୍ପାରଣ ଜିଲାରେ ଶୁକ୍ରବାର ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରଶାନ୍ତ କହିଛନ୍ତି, ନବମ ପାସ୍ କରିଥିବା ତେଜସ୍ୱୀ କେବଳ ଲାଲୁ ପ୍ରସାଦ ଯାଦବଙ୍କ ପୁଅ ହୋଇଥିବାରୁ ତାଙ୍କୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କରାଯାଇଛି। ଯେଉଁମାନଙ୍କ ବାପା ମୁଖ୍ୟମନ୍ତ୍ରୀ କିମ୍ବା ଉପମୁଖ୍ୟମନ୍ତ୍ରୀ ବା ବିଧାୟକ ସେମାନଙ୍କ ପିଲାମାନେ ନବମ ଫେଲ୍ ହୋଇଥିଲେ ମଧ୍ୟ ସେମାନଙ୍କୁ ଚାକିରି ମିଳିଯିବ। ତେଣୁ ଏବେ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଦରକାର। ଯଦି ସାଧାରଣ ଲୋକ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନିର୍ବାଚିତ କରିପାରିବେ ତେବେ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଲୋକଙ୍କୁ ଘରକୁ ଫେରାଇ ଆଣିବାକୁ ସେ ଚେଷ୍ଟା କରିବେ ବୋଲି କହିଥିଲେ। ପ୍ରଶାନ୍ତ ୩ଟି ଲକ୍ଷ୍ୟ ନେଇ ପଦଯାତ୍ରା ଆରମ୍ଭ କରିଥିବା କହିଥିଲେ। ସେଗୁଡ଼ିକ ହେଲା ସମାଜର ବିଭିନ୍ନ ବର୍ଗରେ ରହିଥିବା ଉଚିତ ଲୋକଙ୍କୁ ଚିହ୍ନଟ କରିବା ସହ

### ଲାଲୁଙ୍କ ପୁଅ ବୋଲି ତେଜସ୍ୱୀ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି



ପ୍ରଶାନ୍ତ କିଶୋର

ସେମାନଙ୍କୁ କମନ୍ ଡେମୋକ୍ରାଟିକ ପ୍ଲାଟଫର୍ମକୁ ଆଣିବା, ପଞ୍ଚାୟତ ଏବଂ ସହରରେ ଥିବା ମୌଳିକ ସମସ୍ୟାକୁ ଚିହ୍ନଟ କରି ସେଗୁଡ଼ିକର ସମାଧାନ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ଏବଂ ଆସନ୍ତା ୧୫ବର୍ଷ ମଧ୍ୟରେ ବିହାରରେ ୧୦ଟି ପ୍ରମୁଖ କ୍ଷେତ୍ରର ବିକାଶ କରାଇ ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା। ଆଉ ସେହି ଲକ୍ଷ୍ୟ ପୂରଣ ପାଇଁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ପ୍ରଶାନ୍ତ କହିଛନ୍ତି।

CLASSIFIED DISPLAY
MORE SPACE ' SAME PRICE
TARIFF GST 5%

NATIONAL FINANCE
DIWALI DHAMAKA LOAN
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ ।
2% interest 40% discount under all Government schemes
9126461403

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ**



୰ରମାକାନ୍ତ ମହାନ୍ତି
ଗ୍ରାମ/ପୋ- ଶୁକ୍ଳେଶ୍ୱର, ଜିଲ୍ଲା- କଟକ
ଆବିର୍ଭାବ-୧୫।୦୫।୧୯୩୭
ତିରୋଧାନ- ୧୯।୧୦।୨୦୨୧
ବାପା, ଚାହୁଁ ଚାହୁଁ ଦୀର୍ଘ ଏକ ବର୍ଷ ବିତିଗଲା, ତୁମ୍ଭର ଅନୁପସ୍ଥିତି ଆମ୍ଭମାନଙ୍କ ଜୀବନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହା ଅପୂରଣୀୟ। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ। ତୁମ୍ଭେ ଯେଉଁଠି ବି ଥାଅ ତୁମର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସଦାସର୍ବଦା ରହିଥାଉ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୧୭୩୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



୰ଅଭିଷେକ ମହାନ୍ତି (ରିକି)
ସାଇନିମାଇଁ ରେସିଡେନ୍ସି, ଦକ୍ଷିଣକାଳୀ, ଢେଙ୍କାନାଳ
ଆବିର୍ଭାବ-୦୬।୦୪।୧୯୮୪/ ତିରୋଧାନ- ୦୯।୧୦।୨୦୨୦
(କାହିଁକିରେ ସମୟ ତୁ ହୋଇଲୁ ନିଷ୍ଠୁର, ଶୁଖୁନାହିଁ ପିତାମାତା ଲୋତକର ଧାର। ଅବେଳରେ ଟାଣି ନେଲୁ ହୃଦୟର ମଣି, ଶୂନ୍ୟ ହୃଦୟ କାନ୍ଦୁଛି ବାହୁନି ବାହୁନି)
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା, ରିକି ତୋର ଅନୁପସ୍ଥିତିରେ ସବୁ କିଛି ନୀରବ ମର୍ମାହତ, ଏକ ଅପୂରଣୀୟ ଆଘାତର ଶୂନ୍ୟସ୍ଥାନ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବାପା: ଆଲୋକ, ମାମି: ସୁପ୍ରିୟା, ପତ୍ନୀ: ଅମ୍ରିତା, ପୁଅ: ଆଭିକ, ସାନଭାଇ: ଅଭିନବ, ଭାଇବୋହୂ: ଅତାସୀ ଏବଂ ସମସ୍ତ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ ।
ଧ-୭୪୦୨୦

**୨୪ତମ ଶ୍ରାଦ୍ଧ ଦିବସ**



ସ୍ୱର୍ଗତ ବାଜ ପୃଷ୍ଟି
ଜନ୍ମ: ୨୨।୧୧।୧୯୧୬
ତିରୋଧାନ: ୦୬।୧୦।୧୯୯୮
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର: ଶରତ ପୃଷ୍ଟି, ପୁତ୍ରବଧୂ: ନିୟତି ପୃଷ୍ଟି, ନାତି: ସଞ୍ଜୟ ପୃଷ୍ଟି, ବୋହୂ: ଅମିତା ପୃଷ୍ଟି, ଅଜୟ ପୃଷ୍ଟି, ବୋହୂ: ପୂର୍ଣ୍ଣିମା ପୃଷ୍ଟି ।
ଧ-୧୭୨୭

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



୰ଯଶୋଦାନନ୍ଦ ମହାନ୍ତି
ବଇଣ୍ଡା, ଅନୁଗୋଳ
ଆବିର୍ଭାବ: ୧୭।୦୯।୧୯୩୭
ତିରୋଧାନ: ୨୪।୧୦।୨୦୧୮
ଆପଣଙ୍କ ଦୃଷ୍ଟିରେ ପାରିବାରିକ ସତ୍‌ସଙ୍ଗ ଦ୍ୱାରା ପରସ୍ପର ଭିତରେ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଦୟା, ଆଦର୍ଶ ଓ ପ୍ରତିବଦ୍ଧତା, ଆତ୍ମୀୟସ୍ୱଜନମାନଙ୍କୁ ସୁସମ୍ପର୍କରେ ବାନ୍ଧିରଖେ। ସେହି ପ୍ରେରଣା ସର୍ବଦା ଆମମାନଙ୍କୁ ପ୍ରେରଣା ଦେଇଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କଠାରେ ବିନମ୍ର ପ୍ରାର୍ଥନା।
ସ୍ନେହର: କ୍ଷୀରୋଦ ବାସିନୀ ମହାନ୍ତି, ପୁତ୍ର: ରଣଜିତ୍, ବିଶ୍ୱଜିତ୍, ଜ୍ଞାନଜିତ୍, ସଞ୍ଜିତ, ଅଜିତ, ସ୍ମିତା, ପଟ୍ଟନାୟକ ପରିବାରବର୍ଗ ଏବଂ ସତ୍‌ସଙ୍ଗ ମା'ଓ ଗୁରୁଭାଇମାନେ ।
ଧ-୧୭୨୮




# ଫେକ୍ ଜବ୍ ଅଫର

**ଜବ୍ ଆଶାୟୀ ପ୍ରାର୍ଥୀ ଯେକୌଣସି ଜବ୍ ଅଫର୍ ପାଇଲେ ତାହା ଯେପରି ହାତଛଡ଼ା ନ ହୋଇଯାଉ ସେହି ଲକ୍ଷ୍ୟରେ ତୁରନ୍ତ ଆପ୍ଲାଏ କରିବାକୁ ପଛାନ୍ତି ନାହିଁ। ହେଲେ କେବେକେବେ ଏହା ଯେ ସେମାନଙ୍କୁ ଠକିବାର ଏକ ମାୟାଜାଲ, ତାହା ସେମାନେ ବୁଝିବା ବେଳକୁ ହୋଇସାରିଥାଏ ବିଳମ୍ବ। ଆଉ ଏମିତିରେ ମୁଣ୍ଡରେ ହାତ ରଖି ପଶ୍ଚାତ୍ତାପ କରିବା ଛଡ଼ା ନ ଥାଏ କିଛି ଉପାୟ। ତେଣୁ ଜବ୍ ପାଇବା ଆଳରେ ଯେପରି ଠକାମିର ଶିକାର ନ ହେବେ, ସେଥିପାଇଁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...**



### କେମିତି ହୁଏ ଠକେଇ...

ଜବ୍ ଆଶାୟୀ ପ୍ରାର୍ଥୀ ଯେକୌଣସି ଜବ୍ ଅଫର୍ ପାଇଲେ ତାହା ଯେପରି ହାତଛଡା ନ ହୋଇଯାଉ ସେହି ଲକ୍ଷ୍ୟରେ ତୁରନ୍ତ ଆପ୍ଲାଏ କରିବାକୁ ପଛାନ୍ତି ନାହିଁ। ହେଲେ କେବେକେବେ ଏହା ସେମାନଙ୍କୁ ଠକିବାର ମାଧ୍ୟମ ସାଜିଥାଏ, ସେ ଦିଗରେ ସେମାନେ ସତର୍କ ନ ଥାନ୍ତି। ହ୍ୟାକର୍‌ମାନେ ଠକେଇ କିଭଳି କରନ୍ତି, ଜାଣିରଖନ୍ତୁ ସେ ସମ୍ପର୍କରେ...

❖ସର୍ବପ୍ରଥମେ ସେମାନେ ମନ୍‌ଷ୍ଟର, ନୌକ୍ରି ଡଟ୍ କମ୍, ଟାଇମ୍ସ ଜବ୍, ଲିଙ୍କ୍‌ଡ ଇନ୍, ସାଇନ୍ ଭଳି ପ୍ରତିଷ୍ଠିତ ବିଭିନ୍ନ ରିକ୍ରୁଟ୍‌ମେଣ୍ଟ ସାଇଟ୍‌ରୁ ଜବ୍ ଆଶାୟୀ ପ୍ରାର୍ଥୀମାନଙ୍କର ପ୍ରୋଫାଇଲ୍ ସଂଗ୍ରହ କରିଥା'ନ୍ତି।

❖ବିଭିନ୍ନ କମ୍ପାନୀ ନାମରେ ଫେକ୍ ଆକାଉଣ୍ଟ ଖୋଲି ଜବ୍ ଖୋଜୁଥିବା ଯୁବତୀଯୁବକଙ୍କୁ ମେଲ୍ କରିଥା'ନ୍ତି। ନିଜକୁ ଜବ୍ କନ୍‌ସଲ୍‌ଟାଣ୍ଟ ଭାବେ ପରିଚୟ ଦେଇଥା'ନ୍ତି ଏବଂ ଉକ୍ତ ଜବ୍ କେବଳ ଆପଣ ହିଁ ପାଇବେ ବୋଲି ବିଶ୍ୱାସ ଯୋଗାଇଥା'ନ୍ତି।

❖ପ୍ରାର୍ଥୀଙ୍କୁ ବ୍ୟାଙ୍କ୍ ଟ୍ରାନ୍ସଫର ଜରିଆରେ ସିକ୍ୟୁରିଟି ଫି, ରେଜିଷ୍ଟ୍ରେଶନ୍ ଫି, ଇଣ୍ଟରଭ୍ୟୁ ଫି ଆଦି ଜମା କରିବାକୁ କହିଥା'ନ୍ତି।

❖ଯୁବତୀଯୁବକମାନଙ୍କୁ ଭ୍ରମିତ କରିବା ଲାଗି ସେମାନେ ନାମୀଦାମୀ କମ୍ପାନୀ, ଜବ୍ ପୋର୍ଟାଲ୍ ଏମିତିକି ସରକାରୀ ବିଭାଗଗୁଡ଼ିକର ମଧ୍ୟ ଡୁପ୍ଲିକେଟ୍ ୱେବ୍‌ସାଇଟ୍ କରିଥା'ନ୍ତି। ସେଥିରେ ଜବ୍ ଅଫର ପୋଷ୍ଟ କରି ବିଭିନ୍ନ ଖର୍ଚ୍ଚ ଆଳରେ ଟଙ୍କା ଲୁଟିଥା'ନ୍ତି।

❖ଅଫ୍‌ଲାଇନ୍ ବଦଳରେ ଅନ୍‌ଲାଇନ୍ କିମ୍ବା ଫୋନ୍‌ରେ ଇଣ୍ଟରଭ୍ୟୁ ନେବାକୁ କହିଥା'ନ୍ତି ଏବଂ ନକଲି ଆପଏଣ୍ଟମେଣ୍ଟ ଲେଟର ପଠାଇଥା'ନ୍ତି।

❖କେହି କେହି ଠକ କଲେଜ୍, ୟୁନିଭର୍ସିଟି ଆଦିକୁ ଯାଇ ଭଲ ଭଲ କମ୍ପାନୀର ଏଜେଣ୍ଟ ଭାବେ ନିଜର ପରିଚୟ ଦେଇଥା'ନ୍ତି। କ୍ୟାମ୍ପସ୍ ସିଲେକ୍ସନ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଜବ୍ ଯୋଗାଇ ଦେବା ଲାଗି କହି ସେମାନଙ୍କ ନାମ, ଫୋନ୍ ନମ୍ବର ଆଦି ଡିଟେଲ୍ସ ସଂଗ୍ରହ କରିନିଅନ୍ତି। ସେମାନଙ୍କୁ ଯୋଗାଯୋଗ କରି ଭଲ ଜବ୍ କରାଇଦେବାର ପ୍ରଲୋଭନ ଦେଇ ଟଙ୍କା ଲୁଟି ଥାଆନ୍ତି।

### ଏମାନେ କ'ଣ କୁହନ୍ତି



**ବିଶ୍ୱରଞ୍ଜନ ମହାନ୍ତି**(ତାଳଚେର)– ମୋର ଜଣେ ଘନିଷ୍ଠ ବନ୍ଧୁ ଆର୍ଥିକ ପରିସ୍ଥିତି ଦୁର୍ବଳ ହୋଇଥିବାରୁ ପାଠପଢ଼ା ସହ ନିଜର ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ପାର୍ଟଟାଇମ୍ ଜବ୍ ଖୋଜୁଥିଲା। ଖବରକାଗଜରୁ ଏକ ଘରୋଇ ସଂସ୍ଥାର ବିଜ୍ଞପ୍ତି ଦେଖି ଯୋଗାଯୋଗ କରି ଜଏନ୍ କରିଥିଲା, କାର୍ଯ୍ୟ କରିବାର ଦୁଇ–ତିନି ମାସ ପରେ ଦରମା ନ ମିଳିବାରୁ ଜାଣିଲା ଯେ ସଂସ୍ଥାର ନିଜସ୍ୱ ସ୍ଥାୟୀ ଭିତ୍ତିଭୂମି ନାହିଁ। ସଂପୃକ୍ତ ବ୍ୟକ୍ତିବିଶେଷ ମିଥ୍ୟା ପ୍ରଲୋଭନ ଦେଖାଇ ଚାକିରି ପାଇଁ ଆଶାୟୀ ଯୁବତୀଯୁବକଙ୍କୁ ସେମାନଙ୍କ ପାଇଁ କାମ କରାଇ ଲୁଟୁଛନ୍ତି। ତେଣୁ ସମସ୍ତଙ୍କୁ ଏ ଦିଗରେ ସଚେତନ ହେବା ଦରକାର। କୌଣସି ସ୍ଥାନରେ ଚାକିରି କରିବା ପୂର୍ବରୁ ଉକ୍ତ ସଂସ୍ଥା ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ କରନ୍ତୁ ଏବଂ ଚାକିରି ପାଇବା ଆଶାରେ ଟଙ୍କା ଦେଇ ଠକାମିର ଶିକାର ହୁଅନ୍ତୁ ନାହିଁ।



**ପ୍ରଣୟ ଠାକୁର ମହାପାତ୍ର**(ଖୋର୍ଦ୍ଧା)– ଭଲ ଜବ୍‌ଟିଏ ପାଇବାକୁ କିଏ ବା ନ ଚାହେଁ। ସେଥିପାଇଁ ଅନେକ କଷ୍ଟ କରିବାକୁ ହୁଏ। ହେଲେ କେବେକେବେ ଫେକ୍ ଅଫର୍ ବା ଦଲାଲଙ୍କ ହାବୁଡେ ପଡି ଠକାମିର ଶିକାର ହେବାକୁ ପଡିଥାଏ। ଗତ ବର୍ଷ ବିଭିନ୍ନ ସ୍ଥାନରେ ଜବ୍ ପାଇଁ ଆପ୍ଲାଏ କରିଥିଲି। କେତେକ ଲୋକାଲ ସହିତ ଲଣ୍ଡନ୍‌ର ଏକ କମ୍ପାନୀ ପକ୍ଷରୁ ମଧ୍ୟ ଜବ୍ ଅଫର ଆସିଥିଲା। ମେଲ୍‌ରେ ଲେଖାଥିଲା ମାସିକ ଦରମା ପ୍ରାୟ ୮ ଲକ୍ଷ। ଉକ୍ତ କମ୍ପାନୀର ଏଜେଣ୍ଟଙ୍କ ସହ କଥା ହେବାରୁ ସେମାନେ ପ୍ରଥମ ୬ ମାସ ଅନ୍‌ଲାଇନ୍‌ରେ କାମ କରିବାକୁ କହିଲେ। ସେଥିପାଇଁ ଦରମା ପଠାଇବାକୁ ବ୍ୟାଙ୍କ୍ ଡିଟେଲ୍ସ ସହ ଭିସା ପାଇଁ ଏକ ଲକ୍ଷ ଟଙ୍କା ସିକ୍ୟୁରିଟି ମନି ଡିପୋଜିଟ୍ କରିବାକୁ କହିଲେ। ସନ୍ଦେହ ଉପୁଜିବାରୁ ଜଣେ ଏକ୍ସପର୍ଟଙ୍କ ପରାମର୍ଶ ନେଇ କମ୍ପାନୀ ବିଷୟରେ ଜାଣିବାକୁ ଚେଷ୍ଟା କଲି ଏବଂ ତାହା ଏକ ଫେକ୍ ମେଲ୍ ବୋଲି ମଧ୍ୟ ବୁଝିପାରିଲି। ମୋ ମତରେ ସଭିଏଁ ଏଭଳି ଫେକ୍ ଜବ୍ ପ୍ରତି ସତର୍କ ରହିଲେ ଠକେଇ ଧୀରେ ଧୀରେ କମିପାରିବ।

### ହୁଅନ୍ତୁ ସତର୍କ:

❖ବର୍ତ୍ତମାନ ହ୍ୟାକର୍‌ମାନେ ଇ–ମେଲ୍ ଜରିଆରେ ଫେକ୍ ଜବ୍ ଅଫର ଦେଇ ଅନେକଙ୍କୁ ଲୁଟୁଥିବାର ଦେଖିବାକୁ ମିଳୁଛି। ତେଣୁ ଇ–ମେଲ୍‌କୁ କୌଣସି ଜବ୍ ଅଫର ଆସିଲେ ତୁରନ୍ତ ଆପ୍ଲାଏ କରି ନିଜର ପର୍ସନାଲ୍ ଡାଟା ଦେବାର ଭୁଲ ଆଦୌ କରନ୍ତୁ ନାହିଁ। ପ୍ରଥମେ ଭଲ ଭାବେ ଦେଖନ୍ତୁ ତାହା ଏକ ଠିକ୍ ତଥା ରେଜିଷ୍ଟର୍ଡ ଆଇଡି କି ନୁହେଁ। କାରଣ ଅନେକ ନାମୀଦାମୀ କମ୍ପାନୀ ନାଁରେ ସାମାନ୍ୟ ସ୍ପେଲିଙ୍ଗ୍ ଭୁଲ୍ ଥିବା ଡୋମେନ୍ ନେମ୍ ଅବା ଇ–ମେଲ୍ ଆଡ୍ରେସ୍‌ରେ ଆସୁଥିବା ଜବ୍ ଅଫର ଦେଖିଲେ ଯେ କେହିବି ଧୋକା ଖାଇଯିବେ। ତେଣୁ ଏଥିପ୍ରତି ସତର୍କ ରହିବା ସହ କେବଳ କମ୍ପାନୀର ନିଜସ୍ୱ କ୍ୟାରିୟର୍ ପେଜ୍‌କୁ ଯାଇ ଆବେଦନ କରନ୍ତୁ।

❖ଯଦି ବିଦେଶୀ କମ୍ପାନୀରେ କୌଣସି ଜବ୍ ପାଇଁ ଆପ୍ଲାଏ କରୁଛନ୍ତି, ତେବେ ସିଧାସଳଖ ଯୋଗାଯୋଗ କରନ୍ତୁ। କାରଣ କୌଣସି ଏଜେଣ୍ଟଙ୍କ ମାଧ୍ୟମରେ ଗଲେ ଆପଣ ଠକାମିର ଶିକାର ହୋଇପାରନ୍ତି।

❖କୌଣସି ଜବ୍ ପାଇଁ ଯଦି ଆପଣଙ୍କୁ ଆବଶ୍ୟକତାଠାରୁ ଖୁବ୍ ଅଧିକ ପ୍ୟାକେଜ୍ ଦିଆଯିବାକୁ କୁହାଯାଏ, ତେବେ ଜାଣିରଖନ୍ତୁ ଏହା ଆପଣଙ୍କୁ ଠକିବାର ଚାଲ୍ ହୋଇପାରେ। ବିଶେଷକରି କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବତୀଯୁବକଙ୍କୁ ବାହାର ରାଜ୍ୟ ବା ଦେଶରେ ଅଧିକ ଦରମାରେ ଚାକିରି କରାଇଦେବା, ରହିବା, ଖାଇବା ମାଗଣା ଭଳି ଲୋଭ ଦେଖାଇ ଦଲାଲ୍‌ମାନେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଥିବାର ଅନେକ ଘଟଣା ନଜିର ରହିଛି। ଏଥିପ୍ରତି ସତର୍କ ରୁହନ୍ତୁ।

❖ଯଦି କୌଣସି ଜଣାଶୁଣା କମ୍ପାନୀ ଜବ୍ ଦେବା ପୂର୍ବରୁ ସିକ୍ୟୁରିଟି, ରେଜିଷ୍ଟ୍ରେଶନ୍, ଡକ୍ୟୁମେଣ୍ଟ ଭେରିଫିକେଶନ୍ ଇତ୍ୟାଦି ଲାଗି ଟଙ୍କା ମାଗୁଛନ୍ତି ତେବେ ତାହା ଫେକ୍। କାରଣ କୌଣସି କମ୍ପାନୀ ଜବ୍ ଦେବା ଲାଗି ଟଙ୍କା ମାଗି ନ ଥା'ନ୍ତି। ଏ କ୍ଷେତ୍ରରେ କମ୍ପାନୀର ପଞ୍ଜୀକୃତ ଲ୍ୟାଣ୍ଡଲାଇନ୍ ନମ୍ବରକୁ କଲ୍ କରି ମେଲ୍ କିମ୍ବା ଟେଲିଫୋନ୍ ଯୋଗେ ଆପଣଙ୍କୁ ଯୋଗାଯୋଗ କରିଥିବା ବ୍ୟକ୍ତି ସମ୍ପର୍କରେ ସତ୍ୟାସତ୍ୟ ଯାଞ୍ଚ କରିନେବା ଆବଶ୍ୟକ।

❖ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି କେହି ଜବ୍ ଦେବା ପୂର୍ବରୁ ଆପଣଙ୍କ ବ୍ୟାଙ୍କ୍ ଡିଟେଲ୍ସ, ଆଧାରକାର୍ଡ ଭଳି ପର୍ସନାଲ୍ ଡାଟା ମାଗେ ତେବେ ସତର୍କ ରୁହନ୍ତୁ। ନଚେତ୍ ଏହାଦ୍ୱାରା ହ୍ୟାକର୍‌ଙ୍କୁ ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ଚୋରି କରିବା ସହଜ ହୋଇଯିବ।





## ଏ ସପ୍ତାହର ପ୍ରଶ୍ନ

୧– ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ........... ସହରରେ ମହିଳାଙ୍କ ପାଇଁ ହର୍‌ଷ୍ଟାର୍ଟ ନାମରେ ଏକ ଷ୍ଟାର୍ଟଅପ୍ ଯୋଜନାର ଶୁଭାରମ୍ଭ କରିଛନ୍ତି ?
୨– ପିଏମ୍‌କେଭିୱାଇର ଫୁଲ୍‌ଫର୍ମ ................ ?
୩– ହ୍ୟୁମାନଏଡ୍ ରୋବୋଟ୍ ଅପ୍ଟିମସ୍ .............. କମ୍ପାନୀ ପ୍ରସ୍ତୁତ କରିଛି ?
୪– ନିକଟରେ ଉଦ୍‌ଘାଟିତ ହୋଇଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ....... ଠାରୁ ....... ପର୍ଯ୍ୟନ୍ତ ଚଳାଚଳ କରିବ ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟଗିରି .................... ?

## ଗତ ଥରର ଉତ୍ତର

୧ ଝାଡ଼ଖଣ୍ଡ
୨ ବ୍ରାଣ୍ଡେଡ୍ ରୟାଲ
୩ ରାମସେବକ ଶର୍ମା
୪ ଅକ୍ଟୋବର ୨୩
୫ ଏଲିଶା ଓଟିସ

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ଶେଖ୍ ୟାକୁବ୍, ଗୋପ


ନରେଶ କୁମାର କର, ହାଇଦ୍ରାବାଦ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

### ଜାଣନ୍ତୁ ଦୁନିଆ

## ସ୍କୁଲ୍

**ବିଦ୍ୟାର ମନ୍ଦିର ହେଉଛି ବିଦ୍ୟାଳୟ। ଯେଉଁଠି ଶିକ୍ଷା ଗ୍ରହଣ କରି ବିଦ୍ୟାର୍ଥୀଟିଏ ବଡ଼ ମଣିଷ ହେବାର ସ୍ୱପ୍ନ ଦେଖେ। ତେବେ ପୃଥିବୀର ଅଧିକାଂଶ ସ୍ଥାନରେ ଛୋଟ ବଡ଼ ଅନେକ ସ୍କୁଲ ରହିଛି। ଆସନ୍ତୁ ଜାଣିବା ସେମାନଙ୍କ ମଧ୍ୟରୁ ସ୍ୱତନ୍ତ୍ର କେତୋଟି ସ୍କୁଲ୍ ସମ୍ପର୍କରେ...**



➤ଚାଇନାର ଚେଙ୍ଗ୍‌ଡୁଠାରେ ରହିଛି ପୃଥିବୀର ସର୍ବପୁରାତନ ସ୍କୁଲ୍, ଯାହାର ନାମ ଶିଶି ହାଇସ୍କୁଲ୍। ଏହି ସ୍କୁଲ୍ ୧୪୧–୧୪୩ ମସିହା ବେଳକୁ ଆରମ୍ଭ ହୋଇଥିଲା। ୧୯୦୨ ମସିହାରେ ଏହାକୁ ଆଧୁନିକୀକରଣ କରାଯାଇଥିଲା।

➤ପୃଥିବୀର ସବୁଠୁ ଉଚ୍ଚତମ ସ୍କୁଲ୍ ରହିଛି ତିବ୍ବତର ଫୁମା ଚାଙ୍ଗଥାଙ୍ଗ୍‌ରେ। ଏହା ସମୁଦ୍ରପତନଠାରୁ ପ୍ରାୟ ୫,୩୭୫ ମିଟର ଅର୍ଥାତ୍ ପୃଥିବୀର ଉଚ୍ଚତମ ଗିରିଶୃଙ୍ଗ ଏଭରେଷ୍ଟର ବେସ୍ କ୍ୟାମ୍ପଠାରୁ ୨୦୦ ମିଟର ଉଚ୍ଚତାରେ ଅବସ୍ଥିତ।

➤ବାଂଲାଦେଶରେ ଅଧିକାଂଶ ସମୟରେ ବନ୍ୟା ହେଉଥିବାରୁ ସେଠାରେ ପ୍ରାୟ ୧୦୦ରୁ ଅଧିକ ଭାସମାନ ସ୍କୁଲ୍ ବା ଡଙ୍ଗା ଉପରେ ସ୍କୁଲ ରହିଛି। ତେବେ ଏହି ସ୍କୁଲ୍‌ଗୁଡିକ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ବେଳେ ସେଥିରେ ପାଠାଗାର ଏବଂ ଇଣ୍ଟରନେଟ୍‌ର ବ୍ୟବସ୍ଥା ମଧ୍ୟ ରହିଛି।

➤ପୃଥିବୀର ସର୍ବାଧିକ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍କୁଲ୍ ରହିଛି ଆମ ଦେଶରେ। ଉତ୍ତର ପ୍ରଦେଶ ରାଜ୍ୟର ଲକ୍ଷ୍ନୌଠାରେ ଥିବା ଏହି ସିଟି ମଣ୍ଟେଶ୍ୱରୀ ସ୍କୁଲ୍‌କୁ ପ୍ରତିଦିନ ୫୬ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପଢ଼ିବାକୁ ଆସନ୍ତି, ଯେଉଁଥିପାଇଁ ଏହି ସ୍କୁଲ୍‌ର ନାମ ୨୦୧୯ ମସିହାରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡରେ ସ୍ଥାନ ପାଇଛି।

➤ଇଟାଲୀରେ ଥିବା ଟ୍ୟୁରିନ୍‌ରେ ରହିଛି ପୃଥିବୀର ସବୁଠୁ ଛୋଟ ସ୍କୁଲ୍। ୨୦୧୪ ମସିହାରେ ଏହି ସ୍କୁଲ୍‌ରେ ମାତ୍ର ଜଣେ ଶିକ୍ଷକ ଏବଂ ଜଣେ ଛାତ୍ର ହିଁ ଥିଲେ।

➤ଫିଲିପାଇନ୍ସରେ ରହିଛି ଏକ ବଟଲ୍ ସ୍କୁଲ୍। ନାଁ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ତେବେ ଏହି ସ୍କୁଲ୍‌ର ଏପରି ନାମକରଣ କରାଯିବାର କାରଣ ହେଉଛି ଏହା ପ୍ରାୟ ୯୦୦୦ଟି ପୁନଃ ବ୍ୟବହାରଯୋଗ୍ୟ ପପ୍ ବୋତଲରେ ନିର୍ମାଣ କରାଯାଇଛି। ଏହି ବୋତଲକୁ ମଜଭୁତ କରିବା ଲାଗି ନଡ଼ା, ବାଲି ଏବଂ ସିମେଣ୍ଟ ବ୍ୟବହାର କରାଯାଇଛି।

# କୁଆଁରପୂନେଇଁ ସଜ



**କୁଆଁରପୂନେଇଁ ଦିନ ଝିଅମାନେ ନୂଆ ପୋଷାକ ପିନ୍ଧି ସଜେଇ ହୁଅନ୍ତି। ସକାଳୁ ଆଞ୍ଜୁଳିଟେକା ଏବଂ ସନ୍ଧ୍ୟାରେ ଚାନ୍ଦପୂଜା କରି ସାଙ୍ଗସାଥୀଙ୍କ ମେଳରେ ବେଶ୍ ମଜାମସ୍ତି କରନ୍ତି। ଆଉ ଏମିତିରେ ପରସ୍ପର ଭିତରେ କାହା ପୋଷାକ କେତେ ସୁନ୍ଦର ତାକୁ ନେଇ ହୁଏ ଚର୍ଚ୍ଚା। ତେଣୁ କୁଆଁରପୂନେଇଁରେ କେଉଁ ପୋଷକ ପିନ୍ଧିଲେ ଆଟ୍ରାକ୍ଟିଭ୍ ଲାଗିବେ, ଜାଣିରଖନ୍ତୁ କିଛି ଫ୍ୟାଶନ୍ ଟିପ୍ସ...**

★ଶାଢ଼ି କୁମାରପୂନେଇଁ ଲୁକ୍‌କୁ ବେଶ୍ ଆକର୍ଷଣୀୟ କରିଥାଏ। ଆପଣ ଚାହିଁଲେ ଫ୍ୟାନ୍ସି କିମ୍ବା ବିଭିନ୍ନ ପ୍ରକାରର ଟ୍ରାଡିସିନାଲ୍ ଶାଢ଼ି ଟ୍ରାଏ କରିପାରିବେ। ଏହା ସହ ଡିଜାଇନର ବ୍ଲାଉଜ୍ ଏବଂ ବେଲ୍‌ଟ ପିନ୍ଧି ଫ୍ୟାଶନେବଲ୍ ଲାଗିବେ।

★ଯଦି ଶାଢ଼ି ପିନ୍ଧିବେ ଭାବିଛନ୍ତି, ହେଲେ ଏହାକୁ କ୍ୟାରି କରିବା ଅସୁବିଧା ହେଉଛି, ତେବେ ଶାଢ଼ି ଗାଉନ୍ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ସେତିକି ସହଜ ମଧ୍ୟ।

★ବର୍ତ୍ତମାନ ଫ୍ୟୁଜନ୍ ଫ୍ୟାଶନ ଜମାନାରେ ଶାଢ଼ି ସହ ପ୍ୟାଣ୍ଟର ଫୁଜନ୍ ବେଶ୍ ଷ୍ଟାଇଲିଶ୍ ଲାଗୁଛି। ସୁନ୍ଦର ବର୍ଡ଼ର ଥିବା ସିଲ୍କ ଶାଢ଼ି ସହ ଷ୍ଟ୍ରେଟ୍ ପ୍ୟାଣ୍ଟ ପିନ୍ଧନ୍ତୁ। ଏହା ଆପଣଙ୍କୁ ମଡର୍ନ ଲୁକ୍ ଦେବ। ଏହା ସହ ମ୍ୟାଚିଂ କରି ଆପଣ ନେକ୍‌ଲେକ୍ସ ଓ ଇଅର ରିଂ ବି ପିନ୍ଧିପାରିବେ। ଫେଷ୍ଟିଭ୍ ଲୁକ୍ ଦବାପାଇଁ ଚାହୁଁଥିଲେ ଶାଢ଼ି ସହ ଆପଣ ଆଙ୍କେଲ୍ ଲେନ୍ଥ ଜିନ୍ସ ଟ୍ରାଏ କରିପାରିବେ। ଜିନ୍ସ ସହ ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ମଧ୍ୟ ପିନ୍ଧି ପାରିବେ।

★ଲଙ୍ଗ୍ କୁର୍ତ୍ତୀ କିମ୍ବା ମ୍ୟାକ୍ସି ଡ୍ରେସ୍ ସହିତ ପ୍ଲାଜୋ ପିନ୍ଧିଲେ ମଡର୍ନ ଲାଗିବେ। ଏହା ସହ ଏଥିନିକ୍ ଜୁଏଲେରୀ ଅଧିକ ଟ୍ରେଣ୍ଡି ଲୁକ୍ ଦେବ।

★ବର୍ତ୍ତମାନ ଫ୍ୟାଶନ୍ ଟ୍ରେଣ୍ଡରେ ଆଫ୍‌ଗାନୀ ସାଲ୍‌ୱାର୍ ବେଶ୍ ଚର୍ଚ୍ଚାରେ ଅଛି। ଆପଣ ଚାହିଁଲେ ଏହା ସହ ଶର୍ଟ କୁର୍ତ୍ତୀ କିମ୍ବା ଡିଜାଇନର ଟପ୍ସ ପିନ୍ଧି ପାରିବେ। ଏଭଳି ଗେଟ୍‌ଅପ୍ ସାଙ୍ଗକୁ ବଡ ହ୍ୟାଙ୍ଗିଙ୍ଗ୍ ଇୟରରିଂ, ଚୁଡି ଏବଂ ପଏଣ୍ଟେଡ୍ ବା ୱେଜ୍ ହିଲ୍ ଚପଲ ଟ୍ରାଏ କରନ୍ତୁ ଷ୍ଟାଇଲିଶ୍ ଲାଗିବେ।

★ଯଦି ଆପଣ ମଡର୍ନ ଲୁକ୍ ସାଙ୍ଗକୁ ଟ୍ରାଡିସିନାଲ୍ ଦେଖାଯିବାକୁ ଚାହୁଁଛନ୍ତି, ତେବେ ଲାଟେଷ୍ଟ ଟ୍ରେଣ୍ଡ ସାଜିଥିବା ସିଗାରେଟ୍ ପ୍ୟାଣ୍ଟ ଟ୍ରାଏ କରନ୍ତୁ। ଏହା ସହ ଫ୍ରଣ୍ଟ କଟ ଲଙ୍ଗ୍ କୁର୍ତ୍ତୀ ଭଲ ମାନିବ। ଆପଣ ଚାହିଁଲେ ଏହି ଡ୍ରେସ୍ ସହ ଏଥିନିକ୍ କିମ୍ବା ଡିଜାନର ବିଡ୍ସ ଜୁଏଲେରି ପିନ୍ଧିପାରିବେ।

★ ସେହିଭଳି ଧୋତି ପ୍ୟାଣ୍ଟ ସାଙ୍ଗକୁ ଫ୍ରଣ୍ଟ କଟ୍ କୁର୍ତ୍ତୀ, ଶର୍ଟ ହେଭି ୱର୍କ କୁର୍ତ୍ତୀ ଏବଂ ଏଥିନିକ୍ ଜୁତି, ଚଙ୍କି ଜୁଏଲେରିର ଫ୍ୟୁଜନ୍ ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ।

★ଆପଣ ଚାହିଁଲେ ଅନାରକଲି ଗାଉନ୍, ଫ୍ଲୋର୍ ଲେନ୍ଥ ଅନାରକଲି, ଆସିମେଟ୍ରିକାଲ ଅନାରକଲି ମଧ୍ୟ ବାଛିପାରିବେ। ଏହା ସହ ହାଇ ହିଲ୍ ଏବଂ ପୋଲ୍‌କି କିମ୍ବା କୁନ୍ଦନ ଜୁଏଲେରି ପିନ୍ଧି ଆକର୍ଷଣୀୟ ଲାଗିପାରିବେ।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୯ ଅକ୍ଟୋବର, ୨୦୨୨ Bhubaneswar, Sunday, October 9/2022



ଫିଫା ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ ପୂର୍ବରୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ଫୁଟବଲ ଆରେନାରେ ଅଭ୍ୟାସରତ ଆମେରିକୀୟ ଦଳ।

# ପଙ୍କଜ ଆଡଭାନୀଙ୍କୁ ୨୫ତମ ବିଶ୍ୱ ଟାଇଟଲ

କୁଆଲାଲମ୍ପୁର, ୮।୧୦ (ପି.ଟି.)



ଟ୍ରଫି ସହ ପଙ୍କଜ ଆଡଭାନୀ।

ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ତାଙ୍କ କ୍ୟାରିୟରର ୨୫ତମ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍ ୧୫୦ ଅପ୍ ଫର୍ମାଟ ବିଲିୟାର୍ଡ୍ସ ଫାଇନାଲରେ ସେ ନିଜ ଦେଶର ସୌରଭ କୋଠାରୀଙ୍କୁ ୪-୦ରେ ହରାଇ ଦେଇଛନ୍ତି। ମୁକାବିଲାରେ କୋଠାରୀ ମାତ୍ର ୭୨ ପଏଣ୍ଟ ସ୍କୋର କରିଥିବା ବେଳେ ଆଡଭାନୀ ୬୦୦ରୁ ଅଧିକ ପଏଣ୍ଟ ଅର୍ଜନ କରିଥିଲେ। ସେ କ୍ରମାଗତ ଭାବେ ୫ଥର ବିଶ୍ୱ ଟାଇଟଲ ବଜାୟ ରଖିପାରିଛନ୍ତି। କରୋନା ମହାମାରୀ ଯୋଗୁ ଏହି ଇଭେଣ୍ଟ ୩ ବର୍ଷ ବ୍ୟବଧାନରେ ଆୟୋଜିତ ହୋଇଥିଲା। ଗତଥର ଏହା ୨୦୧୯ରେ ହୋଇଥିଲା। ଆଡଭାନୀ କହିଛନ୍ତି, କ୍ରମାଗତ ୫ଥର ବିଶ୍ୱ ଟାଇଟଲ ଜିତିବା ତାଙ୍କର ଏକ ସ୍ୱପ୍ନ ଥିଲା। ତାହା ସାକାର ହୋଇଥିବାରୁ ସେ ଖୁବ୍ ଆନନ୍ଦିତ। ଏହା ପୂର୍ବରୁ ୧୨ ମାସ ପୂର୍ବେ ସେ କାତାରରେ ଅନୁଷ୍ଠିତ ଆଇବିଏସ୍ଏଫ୍ ୬-ରେଡ୍ ସ୍ନୁକର ବିଶ୍ୱକପ୍‌ରେ ଟାଇଟଲ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ପ୍ରଥମ ଥର ଆଇବିଏସ୍ଏଫ୍ ବିଶ୍ୱ ଟାଇଟଲ ହାସଲ କରିବା ଲାଗି ଯେଉଁ ଆଶା ରଖିଥିଲେ ତାହା ଅଧୁରା ରହିଯାଇଥିଲା। ପ୍ରତିଯୋଗିତାରେ ଭାରତର ଏସ୍. ଶ୍ରୀକ୍ରିଷ୍ଣା ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଆଜି ଦ୍ୱିତୀୟ ଦିନିକିଆ

# ଭାରତ ପାଇଁ କର ବା ମର ସ୍ଥିତି

ରାଞ୍ଚି,୮।୧୦(ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ପାଇଁ କର ବା ମର ପରିସ୍ଥିତି। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲାରେ ପରାଜିତ ହେବା ପରେ ରାଞ୍ଚିରେ ଭାରତ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିବ। ଏହି ମ୍ୟାଚକୁ ଜିତିବା ସହିତ ସିରିଜକୁ ବରାବର ସ୍ଥିତିକୁ ଆଣିବା ଲକ୍ଷ୍ୟରେ ରହିବ ଶିଖର ଧାୱନଙ୍କ ନେତୃତ୍ୱାଧୀନ ଭାରତ। ଅଲରାଉଣ୍ଡର ଦୀପକ ଚହର ଆହତ ହେବା ଭାରତ ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ଆଭେଶ ଖାଁ ଓ ମହମ୍ମଦ ସିରାଜଙ୍କ ବୋଲିଂ ଆଶାନୁରୂପ ହୋଇ ପାରିନାହିଁ। ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ଭାରତୀୟ ଦଳକୁ ଡାକରା ପାଇଥିବା ପେସର ମୁକେଶ କୁମାରଙ୍କୁ ମଧ୍ୟ ଏକ ସୁଯୋଗ ମିଳିପାରେ। ବୋଲିଂ ସନ୍ତୁଳନକୁ ନେଇ ଭିଭିଏସ୍ ଲକ୍ଷ୍ମଣଙ୍କ ପାଇଁ ଆତ୍ମଚିନ୍ତନର ଆବଶ୍ୟକତା ରହିଛି। ଗୁରୁବାର ମ୍ୟାଚରେ ଭାରତୀୟ ଟପ୍ ଅର୍ଡର ବ୍ୟାଟରଙ୍କ ପ୍ରଦର୍ଶନ ସବୁଠାରୁ ନୈରାଶ୍ୟଜନକ ରହିଥିଲା। ତେବେ ଶ୍ରେୟସ୍ ଆୟରଙ୍କ ଅର୍ଦ୍ଧଶତକ ଭାରତ ପାଇଁ ଏକ ସକାରାତ୍ମକ ଦିଗ ରହିଥିଲା। ଶର୍ଟ ବଲ ବିପକ୍ଷରେ ଦୁର୍ବଳ ପ୍ରଦର୍ଶନ କରୁଥିବା ତଥା ପେସ୍ ବୋଲିଂ ବିପକ୍ଷରେ ଦୁର୍ବଳ ଷ୍ଟ୍ରାଇକ୍ ରେଟ ପାଇଁ ସମାଲୋଚିତ ହେଉଥିବା ଆୟର କାଉଣ୍ଟର ଆଟାକ କରି ବ୍ୟାଟିଂ କରିଥିଲେ। ଧୂଆଁଧାର ଅର୍ଦ୍ଧଶତକ ସହିତ ସେ ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଅନ୍ୟ ପକ୍ଷରେ ଉଇକେଟକିପର ସଞ୍ଜୁ ସାମସନଙ୍କ ବ୍ୟାଟିଂ କିନ୍ତୁ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ସାମସନ ୬୩ ବଲରୁ ୮୬ ରନ୍ କରିବା ସହିତ ଏକ ଅସମ୍ଭବ ପରିସ୍ଥିତିରୁ ଭାରତକୁ ବିଜୟ ଆଡ଼କୁ ନେଇ ଯାଇଥିଲେ। ଦୀର୍ଘ ୭ ବର୍ଷ ଧରି ଭାରତୀୟ ଦଳରେ ନିଜ ସ୍ଥାନ ପକ୍କା କରିବାରେ ବିଫଳ ହୋଇଥିବା ସାମସନ ଏହି ଇନିଂସରେ ପରିପକ୍ୱତାର ନିଦର୍ଶନ ଦେଖାଇଥିଲେ। ଦୁଇ ସ୍ପିନର ରବି ବିଷ୍ଣୋଇ ଏବଂ କୁଲଦୀପ୍ ଯାଦବ ଭଲ ବୋଲିଂ କରିଥିଲେ ହେଁ ଇନିଂସର ଶେଷ ଆଡ଼କୁ ବିଷ୍ଣୋଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଓପନର ଶିଖର ଧାୱନ ଓ ଶୁବମନ ଗିଲ୍ ନିଜ ସ୍ଥାନ ସୁରକ୍ଷିତ କରିବାକୁ ପ୍ରୟାସ କରିବେ। ଅନ୍ୟପକ୍ଷରେ ପ୍ରଥମ ଦିନିକିଆରେ ଧିମା ଇନିଂସ ପରେ ଋତୁରାଜ ଗାଏକ୍ୱାଡ କିମ୍ବା ଇଶାନ କିଶନଙ୍କ ସ୍ଥାନରେ ରଜତ ପାଟିଦାରଙ୍କୁ ସୁଯୋଗ ମିଳିପାରେ। ନ୍ୟୁଜିଲାଣ୍ଡ ଏ’ ବିପକ୍ଷ ସିରିଜରେ ପାଟିଦାର ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ଡେଭିଡ ମିଲର କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ଅନ୍ୟ ପକ୍ଷରେ ତାଙ୍କୁ ଭରପୂର ସହଯୋଗ କରିଥିଲେ ହେନରିକ୍ କ୍ଲାସେନ୍। ବିଫଳ ହେଉଥିବା ଅଧିନାୟକ ଟେମ୍ବା ବାଭୁମାଙ୍କ ନିକଟରୁ ଦଳ ଏକ ବଡ ଇନିଂସ ଆଶା କରିବ। ସ୍ପିନ ବିଭାଗରେ କେଶବ ମହାରାଜ ଚମତ୍କାର ଫର୍ମରେ ଥିବା ବେଳେ ଟାବରେଜ୍ ସାମସିଙ୍କଠାରୁ ସମାନ ପ୍ରଦର୍ଶନ ଆଶା କରିବ ଦଳ। ରାଞ୍ଚିର ପିଚ୍ ବ୍ୟାଟରଙ୍କୁ ସୁହାଉଥିବା ବେଳେ ଟସ୍ ଜିତିବା ଦଳ ପ୍ରଥମେ ବୋଲିଂ କରିବାର ସମ୍ଭାବନା ରହିବ।





ଅଭ୍ୟାସ ଅବସରରେ ଶ୍ରେୟସ୍ ଆୟର ଓ ରବି ବିଷ୍ଣୋଇ।

## ଚହରଙ୍କ ସ୍ଥାନରେ ସୁନ୍ଦର

**ରାଞ୍ଚି, ୮।୧୦ (ପି.ଟି.):** ଦକ୍ଷିଣ ଆଫ୍ରିକା ବିପକ୍ଷ ଅବଶିଷ୍ଟ ଦୁଇ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ବିସିସିଆଇ ସିନିୟର ସିଲେକ୍ସନ କମିଟି ଶନିବାର ଆଘାତପ୍ରାପ୍ତ ଦୀପକ ଚହରଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ଭାରତୀୟ ଦଳରେ ସାମିଲ କରିଛି। ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଏଠାରେ ରବିବାର ଖେଳାଯିବ। ୩ ମ୍ୟାଚ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗୁଆ ରହିଛି। ସୂଚନାଯୋଗ୍ୟ, ଇନ୍ଦୋରଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ରେ ଖେଳୁଥିବା ବେଳେ ଚହରଙ୍କ ପିଠିରେ ଆଘାତ ଲାଗିଥିଲା। ଲକ୍ଷ୍ନୌଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ତାଙ୍କୁ ଭାରତର ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇ ନ ଥିଲା। ସେ ବର୍ତ୍ତମାନେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଯିବେ। ସେଠାରେ ସେ ଏକ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ରହିବେ। ୨୩ ବର୍ଷୀୟ ୱାଶିଂଟନ ତାଙ୍କ ଯୁବ କ୍ୟାରିୟରରେ ଅନେକ ଆଘାତଜନିତ ସମସ୍ୟାରେ ରହିଛନ୍ତି। ସେ ଶେଷଥର ପାଇଁ ଏକ ଅନ୍ତର୍ଜାତୀୟ ଦିନିକିଆ ଗତ ଫେବୃୟାରୀରେ ଖେଳିଥିଲେ। ୱାଶିଂଟନ ଭାରତ ତରଫରୁ ୪ ଟେଷ୍ଟ, ୪ ଅନ୍ତର୍ଜାତୀୟ ଦିନିକିଆ ଓ ୩୧ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

# ଭାରତର ହ୍ୟାଟ୍ରିକ୍ ବିଜୟ

ଅଲ୍ ଖୋବାର (ସୌଦି ଆରବ), ୮।୧୦ (ପି.ଟି.)

**୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ**

ଚଳିତ ୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ ୨୦୨୩ କ୍ୱାଲିଫାୟର୍ସ ପ୍ରତିଯୋଗିତାରେ ଭାରତ ୪-୧ ଗୋଲରେ ମ୍ୟାନମାରକୁ ପରାସ୍ତ କରିଛି। ଦଳର ଏହା ହେଉଛି କ୍ରମାଗତ ତୃତୀୟ ବିଜୟ। ଶୁକ୍ରବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଅଧିନାୟକ ଭାନ୍‌ଲାଲପେକା ଗୁଇଟେ ଓ ଫରୱାର୍ଡ ଥାଙ୍ଗ୍‌ଲାଲସୋନ୍ ଗାଙ୍ଗ୍‌ଟେ ୨ଟି ଲେଖାଏ ଗୋଲ ଦେଇଥିଲେ। ମ୍ୟାନମାର ପକ୍ଷରୁ ହୁ ୱାଇ ୟାନ ଗୋଟିଏ ଗୋଲ ଦେଇଥିଲେ। ଭାରତ ରବିବାର ଏହାର ପରବର୍ତ୍ତୀ ମ୍ୟାଚ ଆୟୋଜକ ସୌଦି ଆରବକୁ ଭେଟିବ।




# ନ୍ୟାଶନାଲ ସପୋର୍ଟର୍ସ ଗ୍ରୁପ୍ ଘୋଷିତ

ଭୁବନେଶ୍ୱର, ୮।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

ଓଡ଼ିଶା ଟୁରିଜମ୍, ହିରୋ ମୋଟୋକର୍ପ, ଏନ୍‌ଟିପିସି ଲିମିଟେଡ, ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଏବଂ ୟୁନାଇଟେଡ୍ ଫସ୍‌ଫରସ ଲିମିଟେଡ୍ (ୟୁପିଏଲ)କୁ ଶୁକ୍ରବାର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ନ୍ୟାଶନାଲ ସପୋର୍ଟର୍ସ ଗ୍ରୁପ୍ ଘୋଷଣା କରାଯାଇଛି। ଏହି ଅବସରରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେ, ଫିଫା ଡାଇରେକ୍ଟର ଅଫ୍ ୟୁଥ୍ ଟୁର୍ନାମେଣ୍ଟ୍ସ ଜେମି ୟାରଜା ଓ ଏଆଇଏଫ୍ଏଫ୍ ସେକ୍ରେଟାରୀ ଜେନେରାଲ ଶାଜି ପ୍ରଭାକରନ ପ୍ରମୁଖ ଉପସ୍ଥିତ ଥିଲେ। ଘୋଷଣା ବେଳେ ଉପସ୍ଥିତ ଥିବା ଓଡ଼ିଶା ଟୁରିଜମ୍, ହିରୋ ମୋଟୋକର୍ପ, ଏନ୍‌ଟିପିସି ଲିମିଟେଡ ଓ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆର ପ୍ରତିନିଧିମାନେ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଦ୍ୱିବାର୍ଷିକୀ ୟୁଥ୍ ଟୁର୍ନାମେଣ୍ଟ ଭୁବନେଶ୍ୱର, ଗୋଆ ଓ ନଭି ମୁମ୍ବାଇରେ ଆୟୋଜନ ହେଉଥିବାରୁ ସେମାନଙ୍କର ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶା ଟୁରିଜମ୍‌ର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ କହିଥିଲେ, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ଦ୍ୱାରା ଆମର ବିବିଧତା ଓ ଅନନ୍ୟ ଆତିଥେୟ ପ୍ରଦାନ କରିବାର ସୁଯୋଗ ପ୍ରଦାନ କରିଛି।

## ବଧିର କ୍ରିକେଟ: ଫାଇନାଲରେ ଭାରତ

**ଅଜମନ (ୟୁଏଇ), ୮।୧୦ (ପି.ଟି.):** ଭାରତର ବଧିର କ୍ରିକେଟ ଦଳ ଡିଫ୍ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ ଟି୨୦ ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଏଠାରେ ଶନିବାର ଅନୁଷ୍ଠିତ କ୍ୱାଲିଫାୟର-୧ରେ ଭାରତ ୭ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତୀୟ ଦଳ ଏହା ପୂର୍ବରୁ ବାଂଲାଦେଶ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସେମାନଙ୍କର ସମସ୍ତ ୩ ରାଉଣ୍ଡ ରବିନ ଲିଗ୍ ମ୍ୟାଚରେ ବିଜୟ ଲାଭ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ମାତ୍ର ୧୦୦ରନ କରିଥିଲା। ଜବାବରେ ଭାରତ ୧୫.୫ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଭାରତର ଟପ୍ ସ୍କୋରର ସାଇ ଆକାଶ ୩୬ ରନ କରିଥିଲେ। ବୋଲରମାନଙ୍କ ମଧ୍ୟରେ କୁଲ୍‌ଦୀପ ସିଂ ୩ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।




# ଭାରତ ସେମିଫାଇନାଲରେ



ପ୍ରଥମ ଉଇକେଟରେ ୯୬ ରନର ପାର୍ଟନରଶିପ୍ ଅବସରରେ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା।

ସିଲ୍‌ହେଟ୍, ୮।୧୦(ପି.ଟି.)

**ମହିଳା ଟି୨୦ ଏସିଆ କପ୍**

ବାଂଲାଦେଶକୁ ୫୯ରନରେ ପରାସ୍ତ କରିବା ପରେ ଭାରତ ଏଠାରେ ଚାଲିଥିବା ମହିଳା ଟି୨୦ ଏସିଆ କପ୍ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଶେଫାଳୀ ବର୍ମାଙ୍କଠାରୁ ଆଉଥରେ ମ୍ୟାଚ ବିଜୟୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସେ ୪୪ବଲ୍‌ରେ ଆକର୍ଷଣୀୟ ୫୫ ରନ କରିଥିଲେ। ଗତ ପାକିସ୍ତାନ ବିପକ୍ଷ ପରାଜୟ ମ୍ୟାଚରେ ଖରାପ ବ୍ୟାଟିଂ କରିଥିବା ଭାରତର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଶେଫାଳି ଓ କାମଚଳା ଅଧିନାୟିକା ସ୍ମୃତି ମନ୍ଧାନା (୩୮ ବଲ୍‌ରୁ ୪୭ରନ) ଓପନିଂ ଯୋଡ଼ିରେ ୯୬ରନ ସଂଗ୍ରହ କରି ଦଳର ବ୍ୟାଟିଂ ମୂଳଦୁଆ ପକାଇଥିଲେ। ଅନ୍ୟତମ ସଫଳ ବ୍ୟାଟର ଜେମିମା ରୋଡ୍ରିଗୁଏଜ ୨୪ ବଲ୍‌ରୁ ୩୫ ରନ କରି ଅପରାଜିତ ରହିଥିଲେ। ଭାରତ ୫ ଉଇକେଟ ବିନିମୟରେ ୧୫୯ ରନ କରିଥିଲା। ଜବାବରେ ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୦୦ ରନ କରିବାରେ ସମର୍ଥ ହୋଇଥିଲା। ଫାର୍ଗାନ ହକ୍ (୪୦ ବଲ୍‌ରୁ ୩୦) ଓ ମୁର୍ଶିଦା ଖାତୁନ (୨୫ବଲ୍‌ରୁ ୨୧) ପ୍ରଥମ ୯ ଓଭରରେ ଓପନିଂ ଯୋଡ଼ିରେ ମାତ୍ର ୪୫ ରନ ଯୋଗ କରିଥିଲେ। ଭାରତର ଟାଇଟ୍ ବୋଲିଂ ଯୋଗୁ ବାଂଲାଦେଶ ଏହି ମ୍ୟାଚରେ ବିଜୟ ହାସଲ ପାଇଁ ଚେଷ୍ଟା କରି ନ ଥିଲା। ଭାରତର ସ୍ନେହ ରାଣା ତାଙ୍କ ୩ ଓଭର ବୋଲିଂରେ ୧୭ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଦୀପ୍ତି ଶର୍ମା ୧୩ ରନ ବିନିମୟରେ ୨ଟି ଏବଂ ଶେଫାଳୀ ତାଙ୍କ ଲେଗ୍‌ବ୍ରେକ୍‌ରେ ୧୦ରନ ବିନିମୟରେ ୨ ଉଇକେଟ ସଫଳତା ପାଇଥିଲେ। ରାଉଣ୍ଡ ରବିନ ପର୍ଯ୍ୟାୟରେ ଭାରତ ଆଉ ଗୋଟିଏ ମ୍ୟାଚ ଖେଳିବାକୁ ବାକି ରହିଥିବା ବେଳେ ୫ଟି ଗେମ୍‌ରୁ ୮ ପଏଣ୍ଟ ସହ ୭ଟି ଦଳକୁ ନେଇ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ଗୁରୁତର

**ନିରାକାରପୁର, ୮।୧୦(ଡି.ଏନ୍.ଏ.):** ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର ପାଟଣାରେ ସାପ କାମୁଡ଼ାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସଞ୍ଜୁକ୍ତା ସେଠୀ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଶନିବାର ସକାଳେ ସଞ୍ଜୁକ୍ତା ଫୁଲ ତୋଳୁଥିବା ବେଳେ ହଠାତ୍ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। କିଛି ସମୟ ପରେ ତାଙ୍କ ମୁଣ୍ଡ ବୁଲାଇବାରୁ ପରିବାର ଲୋକେ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରିଥିଲେ।

### ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ବୋଲଗଡ଼, ୮।୧୦(ଡି.ଏନ୍.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ରାଜସୁନାଖଳା ବସ୍‌ଷ୍ଟାଣ୍ଡ ନିକଟରେ ଶନିବାର ଏକ ବୋଲେରୋ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଖଙ୍ଗୁରିଆ ଗ୍ରାମର ଫୁପୁ ରାଉତ(୩୫)। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ବୋଲେରୋଟି ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ରାଜସୁନାଖଳା ବସ୍‌ଷ୍ଟାଣ୍ଡ ନିକଟରେ ବିପରୀତ ପଟୁ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଦୁଇଜଣଙ୍କ ମଧ୍ୟରୁ ଫୁପୁ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଚୂଡ଼ା ଗ୍ରାମର ବିଭୁପ୍ରସାଦ ରାଉତ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରିଥିଲେ।

### ଆୟୁର୍ବେଦିକ୍ କର୍ମଶାଳା

**କୃଷ୍ଣପ୍ରସାଦ, ୮।୧୦(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଅଁଳ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୧୮ତମ ବାର୍ଷିକ ଅବସରରେ ପୁରାତନ ପ୍ରାକୃତିକ ଆୟୁର୍ବେଦିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ଥାନ ମାଉଣ୍ଟଆବୁ ମୁଖ୍ୟାଳୟର ବ୍ରହ୍ମାକୁମାର ନରେଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିନା ମେଡିସିନରେ କିଭଳି ପ୍ରାକୃତିକ ଉପାୟରେ ଚିକିତ୍ସା କରାଯାଇପାରିବ ସେ ନେଇ ସଚେତନ କରାଇଥିଲେ। ଏଥିସହ ଗୀତା ପାଠଶାଳା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟା କାଜଲ ଦଳେଇ, କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ସୁଜ୍ଞାନୀ ମହାରଣା ପ୍ରମୁଖ ଯୋଗଦେଇଥିଲେ। ମାଲୁଦ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀ ବାସନ୍ତୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବାଲୁଗାଁ ଈଶ୍ୱରୀୟ ବିଦ୍ୟାଳୟର ବ୍ରହ୍ମାକୁମାର ପ୍ରଶାନ୍ତ, ପଦ୍ମଚରଣ, ଧୁଶାସନ, ମନୋଜ ସାହୁ, ଲକ୍ଷ୍ମୀଚରଣ ପ୍ରଧାନ, ରଙ୍କନାଥ ବିଶ୍ୱାଳ, ଲୋଚନ ବିଶ୍ୱାଳଙ୍କ ସମେତ ବଡ଼ଅଁଳ ଈଶ୍ୱରୀୟ ବିଦ୍ୟାଳୟର ଭଉଣୀଭାଇମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହାତିଆସୁଣୀ ପୀଠର ଉନ୍ନତୀକରଣ କରାଯାଉ

**ବୋଲଗଡ଼, ୮।୧୦(ଡି.ଏନ୍.ଏ.)**



ରାଜ୍ୟ ସରକାର ବିଭିନ୍ନ ପୀଠର ପୁନରୁଦ୍ଧାର ଏବଂ ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ବି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ସାଗରଗାଁ ଗ୍ରାମରେ ଥିବା ହାତିଆସୁଣୀ ପୀଠ ଅବହେଳିତ ଅବସ୍ଥାରେ ରହିଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ପୀଠର ଉନ୍ନତୀକରଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି। ସୂଚନାଥାଉ କି, ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ଏହି ହାତିସୁଆଣୀ ପୀଠଟି ବହୁ ପ୍ରାଚୀନ। ପ୍ରାୟ ୯୦୦ ବର୍ଷ ପୂର୍ବେ ପ୍ରତିଷ୍ଠିତ ମା' ହସ୍ତିନୀଙ୍କ ଏହି ପୀଠ। ଏଠାରେ ମାନସିକ କଲେ ପୂର୍ଣ୍ଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି।

ସେଥିପାଇଁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ବିଶେଷକରି ଶୀତଦିନେ ଏଠାରେ ଲୋକଙ୍କ ଭିଡ଼ ବେଶି ହୋଇଥାଏ। ପ୍ରାକୃତିକ ପରିବେଶ, ଭୋଜି କରିବା ସହ ମା'ଙ୍କ ଦର୍ଶନ, ସେଲ୍ଫି ନେବା ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ଆକର୍ଷଣ କେନ୍ଦ୍ର ପାଲଟିଛି। ଏହା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇ ନ ଥିଲେ ମଧ୍ୟ ନିକଟତମ ପର୍ଯ୍ୟଟନସ୍ଥଳୀ ଆରିକମା ଗ୍ରାମର ମା' କୋଶଳାଶୁଣୀ ଏବଂ ମା' କୀଚକେଶ୍ୱରୀ ଦେବୀଙ୍କ ସହିତ ଏହି ହସ୍ତିନୀ ଦେବୀଙ୍କ ସମ୍ପର୍କ ରହିଥିବା ଅଞ୍ଚଳର ଜନସାଧାରଣଙ୍କଠାରୁ ଶୁଣିବାକୁ ମିଳିଥାଏ। ହାତିଆସୁଣୀ ପୀଠର ଉନ୍ନତୀକରଣ, ଗମନାଗମନ, ପାନୀୟଜଳ ଓ ଆଶ୍ରୟ ପାଇଁ ପକ୍କାଘରର ଆବଶ୍ୟକତା ରହିଛି। ସ୍ଥାନୀୟ ଅଞ୍ଚଳବାସୀ ପୀଠର ଉନ୍ନତୀକରଣ ପାଇଁ ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇବା ପରେ ପଞ୍ଚାୟତ ପକ୍ଷରୁ କିଛି କାର୍ଯ୍ୟ କରାଯାଇଛି। ତେବେ ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିଲେ ଏହି ପୀଠ ପର୍ଯ୍ୟଟନସ୍ଥଳ ଭାବେ ମାନ୍ୟତା ପାଇବା ସହ ଅଞ୍ଚଳର ବିକାଶରେ ସହାୟକ ହୋଇପାରନ୍ତା। ଏଥିପ୍ରତି ଜିଲା ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେବାକୁ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ରଥ, ଶିକ୍ଷାବିତ୍ ମହାଦେବ ପାଟ୍ଟଯୋଶୀ, ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବିଭିନ୍ନ ଦାବି ନେଇ ଏଏପିର ଧାରଣା




**କୃଷ୍ଣପ୍ରସାଦ,୮।୧୦(ଡି.ଏନ୍.ଏ.)**

ବିଭିନ୍ନ ଦାବି ନେଇ ଶନିବାର ସାତପଡ଼ା ଚିଲିକା କୂଳରେ ବ୍ରହ୍ମଗିର ନିର୍ବାଚନ ମଣ୍ଡଳୀ ଆମ ଆଦମୀ ପାର୍ଟି (ଏଏପି) ପକ୍ଷରୁ ଧାରଣା ଆରମ୍ଭ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଦୁଇ ଭସାପୋଲ ସଚଳ କରିବା, ଘରୋଇ ଡଙ୍ଗାକୁ ସ୍ୱତନ୍ତ୍ର ରଙ୍ଗ କରି ଯାତ୍ରୀଭଡ଼ାର ଏକ ସୂଚନା ଫଳକ ଲଗାଇବା, ପୁରୀ ଏବଂ ଭୁବନେଶ୍ୱରରୁ ସାତପଡ଼ାକୁ ମୋ ବସ ଚଳାଚଳ, ପ୍ରତିଦିନ ସାତପଡ଼ାରେ ଥିବା କର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ରହିବା ଆଦି ଦାବି ରହିଛି। ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜିଲାପାଳ, ଚିଲିକା ଉନ୍ନୟନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ତହସିଲଦାର, ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେବା ଯାଏ ଧାରଣାରେ ବସି ରହିବେ ବୋଲି ଆବାହକ ଶ୍ୟାମଳେନ୍ଦୁ ପ୍ରଧାନ, ଯୁଧିଷ୍ଠିର ବାରିକ କହିଛନ୍ତି। ଗଣେଶ ପ୍ରଧାନ, ମିଥୁନ ବେହେରା, ରମେଶ ବେହେରା, ଗଙ୍ଗାଧର ସାହୁ, ବାସୁଦେବ ମଳିକ, ମନୋଜ ସାହୁ ପ୍ରମୁଖ ସେମାନଙ୍କୁ ସମର୍ଥନ କରି ଦାବିପତ୍ର ଦେଇଛନ୍ତି।

# ବିବାଦୀୟ ଜମିରୁ ଗଛ କାଟି ନେବା ପାଇଁ ମସୁଧା

**ବେଗୁନିଆ,୮।୧୦(ଡି.ଏନ.ଏ.)**

ବେଗୁନିଆ ତହସିଲ କୁରାଡିଲୋ ଆର୍‌ଆଇ କାର୍ଯ୍ୟାଳୟ ଅଧୀନ ନୀଳକଣ୍ଠପୁର ମୌଜାର ସ୍ଥିତବାନ ଜମିରେ ପ୍ରାୟ ୭ହଜାରରୁ ଅଧିକ ୟୁକାଲ ପଟାସ ଗଛ ରହିଛି। ତେବେ ଉକ୍ତ ଗଛକୁ ସୁରକ୍ଷା ଦେବା ପାଇଁ ବେଗୁନିଆ ତହସିଲଦାର ନିଜ ହାତକୁ ନେଇଥିଲେ। ହେଲେ ଏହି ଗଛକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ବଳପୂର୍ବକ କାଟି ନେବା ପାଇଁ ମସୁଧା ଚଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଜିଲା ପ୍ରଶାସନ ଏହାକୁ ରୋକିବା ପାଇଁ ଦିନିଆରୀ ଗାଁର ଲିଜ୍‌ଧାରୀଙ୍କ ପକ୍ଷରୁ ଦାବି ହେଉଛି। ଅଭିଯୋଗ ଅନୁସାରେ, ନୀଳକଣ୍ଠପୁର ମୌଜାର ପ୍ଲଟ ନଂ.୯୩୪ ୧୭ଏକର ଜମିରେ ୭ ହଜାରରୁ ଅଧିକ ୟୁକାଲ ପଟାସ ଗଛ ରହିଛି। ଏହି ଜମିରେ ବୃକ୍ଷରୋପଣ ପରେ ଦିନିଆରୀ ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଗୋଟିଏ ଗୋଷ୍ଠୀ ଗଛ ଲାଗିଥିବା ଅଞ୍ଚଳକୁ ସରକାରୀ ଜମି କହୁଥିବା ବେଳେ ଅନ୍ୟ ଗୋଷ୍ଠୀ ତଥା ଲିଜ୍ ଧାରୀମାନେ ନିଜ ଜମି ବୋଲି ଦାବି କରିଥିଲେ। ଲୁଚାଛପାରେ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ୫ବର୍ଷ ତଳେ ବଳପୂର୍ବକ ୯୪୭ଟି ଗଛ କାଟି ପକାଇଥିଲେ। ଏହା ଜଣା ପଡ଼ିବା ପରେ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଘଟଣାସ୍ଥଳରେ ଜିଲା ପ୍ରଶାସନ ଓ ବେଗୁନିଆ ତହସିଲଦାର ପହଞ୍ଚି ଉକ୍ତ ଜମିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୪୪ ଧାରା ଜାରି କରିଥିଲେ। ବିବାଦୀୟ ଜମିକୁ ଡିମାରକେଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ସହ କଟା ଯାଇଥିବା ଗଛକୁ ନିଲାମ କରାଯାଇ ୨ଲକ୍ଷ ୩୦ ହଜାର ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ହେଲେ ଉକ୍ତ ଜମିକୁ ପ୍ରବେଶ ନିଷେଧ, ଅବାଧ ପ୍ରବେଶ କଲେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଫଳକ ଲାଗାଯାଇଥିଲା। ମାତ୍ର ଅସାଧୁ ଗୋଷ୍ଠୀ ପୁଣି ସକ୍ରିୟ ହୋଇଛନ୍ତି। ରାତିରେ ଗଛ କାଟି ନେବା ପାଇଁ ମସୁଧା ଚଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

**ଅନୁପ୍ରବେଶ ନିଷେଧ ଫଳକ ଲଗାଇଥିଲା ପ୍ରଶାସନ**




# ରାମ ନାଟକ ପ୍ରତିଯୋଗିତା

**ନିରାକାରପୁର, ୮।୧୦(ଡି.ଏନ୍.ଏ.)**

ଜଙ୍କିଆ ଥାନା ଅଧୀନ ଗୋଳବାଇ ପଞ୍ଚାୟତ ସ୍ଥିତ ମା' ଭଗବତୀ ମେଳନ ପଡ଼ିଆରେ ଶ୍ରୀରଘୁନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ରାମନାଟକ ପ୍ରତିଯୋଗିତା ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି। ବିଜେଡି ମହିଳା ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହ ସାରସ୍ୱତ ସାଧକ କବି ବାଙ୍କା ଦାସଙ୍କ ଆତ୍ମଜୀବନୀ ଏବଂ ଅମରକୃତି ଉପରେ ବକ୍ତବ୍ୟ ରଖିଥିଲେ। ରଘୁନାଥ ନାଟ୍ୟ ସଂସଦର କର୍ମକର୍ତ୍ତା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ବାପାଙ୍କ ସ୍ୱପ୍ନ ପୂରଣ କରିପାରିଛି'

**ଟାଙ୍ଗୀ(ଖୋର୍ଦ୍ଧା), ୮।୧୦(ଡି.ଏନ୍.ଏ.)**



ଈପ୍‌ସିତା ବଳିୟାରସିଂହ

ବାପା ଥିଲେ ଜଣେ ଚାଷୀ। ତାଙ୍କ ବିୟୋଗ ପରେ ଆର୍ଥିକ ଅନଟନ ମଧ୍ୟରେ ପରିବାର ସଂଘର୍ଷ କରୁଥିବା ବେଳେ ବିନା କୋଚିଂ ଏବଂ ଦ୍ୱିତୀୟ ପ୍ରୟାସରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଓରଡ଼ ଗ୍ରାମର ଈପ୍‌ସିତା ବଳିୟାରସିଂହ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ମୋଟ୍ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଏଥିରେ ଈପ୍ସିତା ୧୭୩ ନମ୍ବର ର୍‍ୟାଙ୍କ୍‌ରେ ରହିଛନ୍ତି। ଈପ୍‌ସିତା କୁହନ୍ତି, ବାପା ପ୍ରକାଶ ବଳିୟାରସିଂହ ଝିଅ ଦିନେ ବଡ଼ ଅଫିସର ହେବା ପାଇଁ ସ୍ୱପ୍ନ ଦେଖିବା ସହ ପ୍ରେରଣା ଦେଇଆସୁଥିଲେ। ବାପାଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଦିନକୁ ୮ ଘଣ୍ଟା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲି। ମା' ପ୍ରକାଶିନୀ ବଳିୟାରସିଂହ, ସାନଭାଇ ଅଭିଜିତ୍, ସମ୍ପର୍କୀୟ ଭାଇ ଆଲୋକ ଚହଟରାୟ ଏବଂ ବନ୍ଧୁଙ୍କ ସହଯୋଗ ପ୍ରେରଣା ଯୋଗାଇଥିଲା। ସେ +୩ ନାଚୁଣୀ କଲେଜରୁ ପଦାର୍ଥ ବିଜ୍ଞାନ ଅନର୍ସରେ ପାସ୍ କରିବା ପରେ ଭୁବନେଶ୍ୱର ନଳିନୀଦେବୀ ମହିଳା ଶିକ୍ଷକ ପ୍ରଶିକ୍ଷଣ କଲେଜରୁ ବିଏଡ୍ ପାସ୍ କରିଛନ୍ତି। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ। ସମାଜର ତଳସ୍ତରରେ ଥିବା ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

# ଠେଙ୍ଗାପାଳି କରି ଚୋର ଜଗୁଛନ୍ତି ଗ୍ରାମବାସୀ

**ବୋଲଗଡ଼,୮।୧୦(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ବୋଲଗଡ଼ ଏବଂ ବେଗୁନିଆ ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ବେଗୁନିଆ ଥାନା ତଥା ବୋଲଗଡ ବ୍ଲକ ଅଧୀନ ଧଳାପଥର ଫାଣ୍ଡି ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମରେ ଚୋରି ବଢ଼ିଚାଲିଥିବାରୁ ଗ୍ରାମବାସୀ ଠେଙ୍ଗାପାଳି କରି ଗ୍ରାମ ଜଗୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗ୍ରାମର ବିଭବ ମହାପାତ୍ରଙ୍କ ଘର କବାଟ ତାଲା ଭାଙ୍ଗି ବହୁ ମୂଲ୍ୟବାନ ଆସବାବପତ୍ର ଚୋରି ହୋଇଥିବା ଜଣାପଡିଛି। ଅନୁରୂପଭାବେ ଅଗଷ୍ଟ ୮ରେ ନିରଞ୍ଜନ ମହାପାତ୍ର ଓ ବସନ୍ତ ମାହାପାତ୍ରଙ୍କ ଘର ତାଲା ଭାଙ୍ଗି ଚୋରି ହୋଇଥିବା ବେଳେ ସେପ୍ଟେମ୍ବର ୨ରେ ଗୋକୁଳାନନ୍ଦ ସାହୁଙ୍କ ଘରୁ, ୧୭ ତାରିଖରେ ନକୁଳ ସାହୁଙ୍କ ଘରୁ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିଲା। ସେହିପରି ନିକଟ ଆରିକମା ଗ୍ରାମରୁ ଗତ ୧୯ ତାରିଖରେ ଗ୍ରୀଲ ତାଡ଼ି ୫୦ ହଜାର ଟଙ୍କା ସହ ପ୍ରାୟ ୧୦ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଛି। ଗତ ୨୭ ତାରିଖରେ ସାନକୁମ୍ଭାରୀ ଗ୍ରାମରେ ଜଣଙ୍କ ଘରୁ ଟଙ୍କା ଓ ସୁନା ଓ ଅକ୍ଟୋବର୍ ୩ ରେ ୫୮ ନମ୍ବର ରାଜ୍ୟ ରାଜପଥର ଗେଡିଆପଲ୍ଲୀ ଛକ ନିକଟରୁ ଜନୈକ ବ୍ୟବସାୟୀଙ୍କୁ ଭୟଭୀତ କରାଇ ଲକ୍ଷାଧିକ ଟଙ୍କା ଲୁଟ ପରି ଘଟଣା ବୃଦ୍ଧି ପାଇଥିଲେ ମଧ୍ୟ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଚେଷ୍ଟା କରି ମଧ୍ୟ କୌଣସି ସୁରାକ ପାଇ ପାରିନାହିଁ। ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳତା ନେଇ ପୋଲିସ ଉପରୁ ସାଧାରଣ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଫଳରେ ଠଣାପଲ୍ଲୀ ଗ୍ରାମରେ ଠେଙ୍ଗାପାଳି ଆରମ୍ଭ ହୋଇଛି। ଗ୍ରାମବାସୀ ପାଳି କରି ଠେଙ୍ଗା ଧରି ରାତିରେ ଚୋର ଜଗୁଛନ୍ତି। ତୁରନ୍ତ ପୋଲିସ ପ୍ରଶାସନ ତତ୍ପରତା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଗୁରୁ ଦିବାକର ମହାନ୍ତିଙ୍କୁ 'ଗୁରୁ ଦକ୍ଷିଣା ସମ୍ମାନ'

**ଭୁବନେଶ୍ୱର, ୮।୧୦(ବ୍ୟୁରୋ)**

କଳାଶ୍ରମ ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ୩ଦିନ ଧରି ଚାଲିଥିବା ଗୁରୁ ଦକ୍ଷିଣା ଉତ୍ସବ-୨୦୨୨ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗୁରୁ ଦିବାକର ମହାନ୍ତିଙ୍କୁ 'ଗୁରୁ ଦକ୍ଷିଣା ସମ୍ମାନ-୨୦୨୨'ରେ ସମ୍ମାନିତ କରାଯାଇଛି। ସେହିଭଳି ଦୃଷ୍ଟିବାଧିତ ସିତାର ବାଦକ ଗୁରୁ ଭୀମସେନ ମହାରଣାଙ୍କୁ 'ସୃଜନଶୀଳ ସମ୍ମାନରେ ସମ୍ମାନିତ କରାଯାଇଛି। ମର୍ଦ୍ଦଳ ବାଦନରୁ ଆରମ୍ଭ ହୋଇଥିଲା ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସାଥୀଙ୍କ ମର୍ଦ୍ଦଳ ବାଦନ ପରିବେଶକୁ ବେଶ୍ ଗମ୍ଭୀର କରିଦେଇଥିଲା। ପରେ ଲୋକପ୍ରିୟ ରିଆଲିଟି ଶୋ' ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସର ଫାଇନାଲିଷ୍ଟ ତଥା ବିଶିଷ୍ଟ ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ କମଲେସ୍ ଭାଇ ପଟେଲଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ପଙ୍କଜ ଲୋଚନ ମହାନ୍ତି, ତାରିଣୀ ପ୍ରସାଦ ମିଶ୍ର, ଆୟୁଷକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# 'ନିଷ୍ଠାର ସହ ଦାୟିତ୍ୱ ତୁଲାଇବି'

**ଖୋର୍ଦ୍ଧା ଅଫିସ, ୮।୧୦**



ବିଶ୍ୱଜିତ୍ ଦାସଙ୍କୁ ସମ୍ପର୍କୀୟ ଶୁଭେଚ୍ଛା ଜଣାଉଛନ୍ତି।

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍) ୨୦୨୦ ଫଳ ପ୍ରକାଶ ପାଇଛି। ମୋଟ୍ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୧୫୧ ର୍‍ୟାଙ୍କ୍‌ରେ ରହିଛନ୍ତି ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ବଡ଼ନଇରୀ ଗ୍ରାମର ବିଶ୍ୱଜିତ୍ ଦାସ। ବାପା ବିଜୟ ଦାସଙ୍କ ବିୟୋଗ ପରେ ଭାଙ୍ଗି ନ ପଡ଼ି ନିଜ ଅଧ୍ୟବସାୟ ଜାରି ରଖିଥିଲେ ବିଶ୍ୱଜିତ୍। କଠିନ ପରିଶ୍ରମ ବଳରେ ସ୍ନାତକ, ସ୍ନାତକୋତ୍ତର ପରେ ଓସିଏସ୍ ପରୀକ୍ଷା ଲାଗି ଅଣ୍ଟା ଭିଡ଼ିଥିଲେ। ତେବେ ଦୃଢ଼ ମନୋବଳ, ଇଚ୍ଛାଶକ୍ତି ଏବଂ ନିରନ୍ତର ପ୍ରୟାସ ଫଳରେ ସେ ଓସିଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଗ୍ରାମ ପାଇଁ ସୁନାମ ଆଣିଛନ୍ତି। ବିଶ୍ୱଜିତ କୁହନ୍ତି, ସବୁ ଅସୁବିଧା ସତ୍ତ୍ୱେ ପରିବାର, ସମ୍ପର୍କୀୟଙ୍କ ପ୍ରେରଣା, ଶିକ୍ଷକଙ୍କ ଉତ୍ସାହ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଛି। ନିଷ୍ଠାପୂର୍ବକ ଲୋକଙ୍କ ସେବା କରିବା ସହ ଦାୟିତ୍ୱ ତୁଲାଇବି ବୋଲି ସେ କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଗ୍ରାମରେ ଖୁସିର ଲହରି ଖେଳିଯାଇଛି।

# ଆଜି ପୂଜା ପାଇବେ ଗଜଲକ୍ଷ୍ମୀ

**ଖୋର୍ଦ୍ଧା ଅଫିସ,୮।୧୦**



ସମବାୟ ବ୍ୟାଙ୍କ ଛକ ରୋଡ୍‌କୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

ରବିବାର କୁମାର ପୂର୍ଣ୍ଣିମା ଉତ୍ସବ। ଦୁଇବର୍ଷ କୋଭିଡ୍ କଟକଣା ପରେ ଭକ୍ତଙ୍କ ଗହଣରେ ପୂଜା ପାଇବେ ମା' ଗଜଲକ୍ଷ୍ମୀ। ଏଥିପାଇଁ ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇଉଠିଛି। ସାତଦିନ ବ୍ୟାପୀ ପୂଜା ଏଠାରେ ଆଡ଼ମ୍ବରରେ ପାଳିତ ହୋଇଥାଏ। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରୁଣା ବସଷ୍ଟାଣ୍ଡର ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ହେଉଛି ସର୍ବ ପୁରାତନ। ପରବର୍ତ୍ତି ସମୟରେ ଅନ୍ୟ ପୂଜା କମିଟି ପକ୍ଷରୁ ପୂଜା ଆୟୋଜନ କରାଯାଉଛି। ଗୁରୁଜଙ୍ଗ ଦ୍ୱାରିକା ନଗର ଗଜଲକ୍ଷ୍ମୀ ପୂଜା କମିଟି, କାହ୍ନୁ ସାଗର ପୋଖରୀ ନିକଟ ପରିଡା ମାର୍କେଟ କମ୍ପ୍ଲେକ୍ସ ଗଜଲକ୍ଷ୍ମୀ ପୂଜା କମିଟି, ପୁରୁଣା ବସଷ୍ଟାଣ୍ଡ ଏନ୍‌ଏସି ମାର୍କେଟ ବ୍ୟବସାୟୀ ସଂଘ, ନୟାଗଡ଼ ରୋଡ ଗଜଲକ୍ଷ୍ମୀ ପୂଜା କମିଟି, ଔଷଧ ବ୍ୟବସାୟୀ ସଂଘ ନୂଆ ମେଡିକାଲ ରୋଡ, ଭାଲିଆବାଡି ଗଜଲକ୍ଷ୍ମୀ ପୂଜା କମିଟି, ନୂଆ ବସଷ୍ଟାଣ୍ଡ ନିକଟ ମା'ବାଟମଙ୍ଗଳା ଶ୍ରମିକ ସଂଘ, କଣ୍ଟା ଛକ ବ୍ୟବସାୟୀ ସଂଘ, ପଲ୍ଲା ହାଟ ବ୍ୟବସାୟୀ ସଂଘ, ମଧୁସୂଦନ ମାର୍ଗ ବ୍ୟବସାୟୀ ସଂଘ, ଦିବ୍ୟଜ୍ୟୋତି ବ୍ୟବସାୟୀ ସଂଘ, ନୂଆ ବସଷ୍ଟାଣ୍ଡ ମ୍ୟୁନିସିପାଲିଟି ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ, ଦିବ୍ୟାସା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ ସଂଘ, ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନିକଟ(ନୂଆ ବସଷ୍ଟାଣ୍ଡ ରୋଡ) ସଦ୍‌ଭାବନା ବ୍ୟବସାୟୀ ସଂଘ, ମହାବୀର ଟ୍ୟାକ୍ସି ସଂଘ, ପଦ୍ମାଳୟା ବ୍ୟବସାୟୀ ସଂଘ, ମା'ବରୁଣେଇ ଟାଟା ଏସି ସଂଘ, ଗାନ୍ଧୀ ମାର୍କେଟ ବ୍ୟବସାୟୀ ସଂଘ, ବାପୁଜୀ ବ୍ୟବସାୟୀ ସଂଘ, ପଞ୍ଚସଖା ପରିବା ବ୍ୟବସାୟୀ ସଂଘ, ମହାଲକ୍ଷ୍ମୀ ପରିବା ବ୍ୟବସାୟୀ ସଂଘ, ସୁନ୍ଦରୀବର ବ୍ୟବସାୟୀ ସଂଘ, କାମନା ମନ୍ଦିର ନିକଟ ଉପର ସାହି ଗଜଲକ୍ଷ୍ମୀ ପୂଜା କମିଟି, କାମନାବର ଗଜଲକ୍ଷ୍ମୀ ପୂଜା କମିଟି, ଠେଙ୍ଗାହାଟ ସାଗରକନ୍ୟା ଗଜଲକ୍ଷ୍ମୀ ପୂଜା କମିଟି, ଶାଗୁଆନୀ ବଗିଚା ଗଜଲକ୍ଷ୍ମୀ ପୂଜା କମିଟି, ଗଡଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜା କମିଟି, ମୁକୁନ୍ଦପ୍ରସାଦ ଗଜଲକ୍ଷ୍ମୀ ପୂଜା କମିଟି, ମେନରୋଡ ବ୍ୟବସାୟୀ ସଂଘ, ଟ୍ରାଫିକ ଛକ ଗଜଲକ୍ଷ୍ମୀ ପୂଜା କମିଟି, ପୁରୁଣା ମେଡିକାଲ ରୋଡ ବ୍ୟବସାୟୀ ସଂଘ ଏବଂ ଗୋପବନ୍ଧୁ ବ୍ୟବସାୟୀ ସଂଘ ପକ୍ଷରୁ ମଧ୍ୟ ଗଜଲକ୍ଷ୍ମୀ ପୂଜା ପାଳନ ହୋଇଥାଏ।

# ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେବି: ପ୍ରସନ୍ନ

**ଖୋର୍ଦ୍ଧା ଅଫିସ/ବାଣପୁର, (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଅଲାଇଡ଼ିହ ଗ୍ରାମର ଦୃଷ୍ଟିବାଧିତ ପ୍ରସନ୍ନ କୁମାର ପଣ୍ଡା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା(ଓସିଏସ୍)ରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶୁକ୍ରବାର ପ୍ରକାଶ ପାଇଥିବା ଓସିଏସ୍ ପରୀକ୍ଷାରେ ମୋଟ୍ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେଥିରେ ପ୍ରସନ୍ନ ୨୬୬ ର୍‍ୟାଙ୍କ୍ ପାଇଛନ୍ତି। ସେ ଏବେ ବ୍ରହ୍ମପୁରସ୍ଥିତ ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତାର ଯାତ୍ରା ସମ୍ପର୍କରେ ପ୍ରସନ୍ନଙ୍କ କେଇପଦ କଥା।



● **ଓସିଏସ୍ ପାଇବା ପରେ କ'ଣ କହିବେ?**

ଖୁସି ଅନୁଭବ କରୁଛି। ପ୍ରଥମଥର ୨୦୧୯ରେ ଅକୃତକାର୍ଯ୍ୟ ହୋଇଥିଲି। ଏହା ମୋର ଦ୍ୱିତୀୟ ପ୍ରୟାସ। ସଫଳତା ମିଳିବ ବୋଲି ଆଶା ରହିଥିଲା। ଯେଉଁ ବିଭାଗ ମିଳିବ, ନିଷ୍ଠାର ସହ ଦାୟିତ୍ୱ ତୁଲାଇବି। ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବି।

● **ପରୀକ୍ଷା ପାଇଁ କିଭଳି ପ୍ରସ୍ତୁତି କରିଥିଲେ?**

ଜେଏନ୍‌ୟୁରେ ପାଠପଢ଼ା ସହ ଓସିଏସ୍ ପାଇଁ ପ୍ରସ୍ତୁତି ଚଳାଇଥିଲି। ଏହା ବଡ଼ ଚ୍ୟାଲେଞ୍ଜ ରହିଥିଲା। ସମସ୍ତ ବାଧାବିଘ୍ନକୁ ପଛରେ ପକାଇ ଏହି ସଫଳତା ହାସଲ କରିଛି। ସାଧାରଣ ପିଲାଙ୍କ ଭଳି ପାଠ ପଢିବା ମୋ ପାଇଁ ବହୁତ କଷ୍ଟକର ଥିଲା। ତଥାପି ଏଥିଲାଗି ନିଜକୁ ପ୍ରସ୍ତୁତ କରିଥିଲି। ବହିକୁ ସ୍କାନ୍ କରି ହାର୍ଡକପିରୁ ସଫ୍ଟକପି କରିବା ପରେ ଶୁଣି ଶୁଣି ପଢ଼ିବା କଷ୍ଟକର। ଏଥିରେ ବହୁ ସମୟ ଲାଗେ। ରେକର୍ଡ କରି ବାରମ୍ବାର ଶୁଣି ଶୁଣି ମନେରଖିବା ମଧ୍ୟ ବହୁ କଷ୍ଟ। ଏଥିପାଇଁ ସଫଳତା ବିଳମ୍ବରେ ମିଳିଥାଏ। କଥାରେ ଅଛି କଠିନ ପରିଶ୍ରମ ସଫଳତା ଆଣେ, ଯାହା ମୋ ପକ୍ଷେ ସମ୍ଭବ ହୋଇଛି।

● **ସାକ୍ଷାତ୍‌କାର ଅନୁଭୂତି କିପରି ଥିଲା?**

ସାକ୍ଷାତ୍‌କାରରେ ୨୦ ମିନିଟ୍ ସମୟ ମିଳିଥିଲା। ୧୦ରୁ ୧୫ଟି ପ୍ରଶ୍ନ ପଚରା ଯାଇଥିଲା। ସେଥିରୁ ୨ରୁ ୩ଟି ଠିକ୍ ଉତ୍ତର ଦେଇପାରିନାହିଁ। ରାଜନୀତି ବିଜ୍ଞାନର ଛାତ୍ର ହୋଇଥିବାରୁ ରାଜନୀତି ସମ୍ପର୍କିତ ପ୍ରଶ୍ନ ପଚାରିଥିଲେ। ଭାରତୀୟ ରାଜନୀତି, ଜାତୀୟସ୍ତରୀୟ କେତେକ ପ୍ରସଙ୍ଗ, ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ପକ୍ଷରୁ ଦଳଗୁଡ଼ିକୁ ଦିଆଯାଉଥିବା ଗାଇଡ୍‌ଲାଇନ୍ ସମ୍ପର୍କରେ ପଚାରିଥିଲେ। ସାକ୍ଷାତ୍‌କାର ସନ୍ତୋଷଜନକ ରହିଥିଲା।

● **ଓଏଏସ୍ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ କ'ଣ କହିବେ?**

ଜଣେ ଦୃଷ୍ଟିହୀନ ବୋଲି କେବେ ନିଜକୁ ଅନ୍ୟଠାରୁ କମ୍ ବୋଲି ଭାବିନାହିଁ। ଭିନ୍ନକ୍ଷମତା, ବାଧାବିଘ୍ନ ସଫଳତାରେ ବାଧା ସୃଷ୍ଟି କରିପାରିବ ନାହିଁ। ଅଦମ୍ୟ ଇଚ୍ଛାଶକ୍ତି, ଦୃଢ଼ ମନୋବଳ, ଆତ୍ମବିଶ୍ୱାସ, କଠିନ ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ଅଭାବ ଅନଟନ, ଶାରୀରିକ ଭିନ୍ନକ୍ଷମତାକୁ ଖାତିର ନ କରି ଆଗକୁ ବଢ଼ିଲେ ସଫଳତା ପାଇପାରିବେ।

● **ସଫଳତାର ଶ୍ରେୟ କାହାକୁ ଦେବେ?**

ଏହି ସଫଳତା ପାଇଁ ପ୍ରଥମେ ମା'ବାପା, ପରିବାରବର୍ଗଙ୍କୁ ଶ୍ରେୟ ଦେବି। ଦୃଷ୍ଟିହୀନ ବୋଲି ଜାଣି ମଧ୍ୟ ମୋତେ କେବେ ହତାଦର କରିନାହାନ୍ତି। ପିଲାବେଳୁ ମୋର ଉପଯୁକ୍ତ ଲାଳନପାଳନ ସହ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ଯୋଗୁ ଆଜି ମୁଁ ଏହି ସ୍ଥାନରେ ପହଞ୍ଚି ପାରିଛି। ଦ୍ୱିତୀୟରେ ମୋତେ ସ୍କାଇପ୍ ଲେଖିବାରେ ସହଯୋଗ କରିଥିବା ବନ୍ଧୁ, ତୃତୀୟରେ ମୋ ପାଠପଢ଼ାରେ ସହଯୋଗ କରିଥିବା କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ କର୍ତ୍ତୃପକ୍ଷ। ଭିନ୍ନକ୍ଷମମାନେ ଓସିଏସ୍ ପରୀକ୍ଷାରେ ଯୋଗଦାନ କରିପାରିବାର ସୁଯୋଗ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୧୦।୨୦୨୨

| | |
|---|---|
| ୬,୦୮,୨୫୩ ଟଙ୍କା | |
| ସୁନା | ୫୦ ମିଲି ଗ୍ରାମ |
| ରୁପା | ୧୩.୪୦୦ ଗ୍ରାମ |

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ସୁବିଧା ମିଳୁ

ପୁରୀ ଅଫିସ,୮।୧୦: ବରିଷ୍ଠ ନାଗରିକ ଜୀବନର ଶେଷ ସମୟରେ ଶାନ୍ତିରେ ବଞ୍ଚିବାକୁ ଇଚ୍ଛା କରନ୍ତି। ତାଙ୍କର ଜୀବନଯାପନ ପାଇଁ ସ୍ୱତନ୍ତ୍ର ସୁବିଧା ଯୋଗାଇଦେବା ହେଉଛି ସମାଜର କର୍ତ୍ତବ୍ୟ। ତେଣୁ ସରକାର ଏହି ଦିଗକୁ ଧ୍ୟାନଦେଇ ପଦକ୍ଷେପ ନେବା ଦରକାର ବୋଲି ପୁରୀସ୍ଥିତ ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘ ଦାବି କରିଛି। ଶନିବାର ଅବକାଶ ଭବନରେ ଅନୁଷ୍ଠିତ ବୈଠକରେ ଏସମ୍ପର୍କରେ ଆଲୋଚନା ହୋଇଛି। ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ଦାବି ଅନୁସାରେ, ୬୦ ଓ ୮୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମାଗଣା ଚିକିତ୍ସା ସବୁ ଅଞ୍ଚଳରେ ଦିଆଯାଉ। ସେହିପରି ରେଳଷ୍ଟେଶନ, ବସଷ୍ଟାଣ୍ଡ ଆଦି ବିଭିନ୍ନ ସ୍ଥାନରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଲାଇନ ରହୁ, ବସ୍ ଏବଂ ଟ୍ରେନ ଯାତ୍ରାରେ ୫୦ପ୍ରତିଶତ ଛାଡ଼, ଟୋଲ ଗେଟ୍‌ରେ ସ୍ୱତନ୍ତ୍ର ପାସ୍ ହେଉ, ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାରରେ ଯିବା ବ୍ୟବସ୍ଥା ହେଉ, ପ୍ରତ୍ୟେକ ଜିଲାରେ ବରିଷ୍ଠ ନାଗରିକଙ୍କୁ ଫିଜିଓଥେରାପି ଚିକିତ୍ସା ଦିଆଯାଉ। ଏ ନେଇ ସରକାର ଏକ ଭ୍ରାମ୍ୟମାଣ ଫିଜିଓଥେରାପି ଚିକିତ୍ସାର ଆୟୋଜନ କରିବାକୁ ସଂଘ ଅନୁରୋଧ କରିଛି ।

### ଗାଦିବ୍ରହ୍ମ ମଠ ମହନ୍ତଙ୍କ ପରଲୋକ

ଡେଲାଙ୍ଗ,୮।୧୦(ଡି.ଏନ୍.ଏ.)- ପ୍ରସିଦ୍ଧ ବେନୁପଡ଼ା ଗାଦିବ୍ରହ୍ମ ମଠର ମହନ୍ତ ଦାଶରଥି ଦାସ ମହାରାଜଙ୍କ(୬୫)ର ମଠ ପରିସରରେ ଶନିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ କିଛି ମାସ ହେଲା ମଧୁମେହ ରୋଗରେ ପୀଡ଼ିତ ଥିଲେ। ସେ ଶନିବାର ଚଳପ୍ରଚଳ କରୁଥିବାବେଳେ ଅପରାହ୍ନ ୨ଟାରେ ଅସୁସ୍ଥତା ଅନୁଭବ କରିଥିଲେ। ପରେ ଡାକ୍ତର ପହଞ୍ଚି ମହନ୍ତଙ୍କୁ ଚିକିତ୍ସା କରିଥିଲେ। ସନ୍ଧ୍ୟା ୬ଟାରେ ତାଙ୍କର ପରଲୋକ ଘଟିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଶ୍ରଦ୍ଧାଳୁମାନେ ଯାଇ ମହାରାଜଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାକ୍ଷୀଗୋପାଳସ୍ଥିତ ଅଲସା ଗ୍ରାମରେ ଜନ୍ମଗ୍ରହଣ କରିଥିବା ସନ୍ଥ ଦାଶରଥି ଯୁବାବସ୍ଥାରୁ ମଠରେ ଶିଷ୍ୟତ୍ୱ ଗ୍ରହଣ କରି ସେବାପୂଜାରେ ନିଜକୁ ନିୟୋଜିତ ରଖିଥିଲେ। ସେ ୨୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବେନୁପଡ଼ା ମଠର ମହନ୍ତ ଭାବେ ସେବା ଓ ଗାଦିବ୍ରହ୍ମଙ୍କ ମହିମା ବାର୍ତ୍ତା ପ୍ରଚାର କରିଆସୁଥିଲେ। ମଠର ପାରମ୍ପରିକ ନୀତି ସମ୍ପନ୍ନ ହେବା ପରେ ମଠ ପରିସର ଶ୍ମଶାନରେ ଶେଷକୃତ୍ୟ ସମ୍ପାଦନ କରାଯିବ। ପୁରୀ ଜିଲାରେ ଏହି ମଠରେ ମହାତ୍ମ୍ୟ ଜଗନ୍ନାଥ ମନ୍ଦିର ସହିତ ଜଡ଼ିତ ରହିଛି।

# ହବିଷିଆଳିଙ୍କ ସୁରକ୍ଷିତ ରହଣି ବ୍ୟବସ୍ଥାକୁ ଗୁରୁତ୍ୱ

**ପୁରୀ ଅଫିସ,୮।୧୦:**



ହବିଷିଆଳିଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ ।

### ନିୟୋଜିତ ଅଧିକାରୀ, ସ୍ୱେଚ୍ଛାସେବୀଙ୍କୁ ନେଇ ବୈଠକ

- ଅବହେଳା କଲେ ନିଆଯିବ କାର୍ଯ୍ୟାନୁଷ୍ଠାନ
- ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

ଚଳିତବର୍ଷର ହବିଷ ବ୍ରତ ଆସନ୍ତା ୧୦ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ସୁଅ ଛୁଟିବାରେ ଲାଗିଲାଣି। ରାଜ୍ୟର ବିଭିନ୍ନ ଜିଲାରୁ ପଞ୍ଜୀକରଣ କରିଥିବା ୨୯୩୫ଜଣ ହବିଷିଆଳିଙ୍କୁ ୫ଟି କେନ୍ଦ୍ରରେ ରଖାଯିବ ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଶନିବାର ଅପରାହ୍ନରେ ଟାଉନ ହଲ୍‌ରେ ହବିଷ ବ୍ରତ କାର୍ଯ୍ୟରେ ନିୟୋଜିତ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବର୍ମା ଅଧକ୍ଷତା କରି ହବିଷିଆଳିମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି କର୍ମଚାରୀମାନେ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ହବିଷିଆଳିଙ୍କ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଓ ଆବଶ୍ୟକ ହେଲେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ ବୋଲି ଜିଲାପାଳ ସତର୍କ କରାଇବା ସହ ଭଲ କାମ ପାଇଁ ପ୍ରୋତ୍ସାହିତ କରାଯିବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରି ନୂତନ ଭାବେ ନିର୍ମିତ ବୃନ୍ଦାବତୀ ନିବାସରେ ପୁରୀ, ଗଞ୍ଜାମ ଓ ନୟାଗଡ଼ ଜିଲାର ୧୬୦୪ ଜଣ, ଅକ୍ଷୟ ପାତ୍ର ଫାଉଣ୍ଡେଶନ, ବଗଲା ଧର୍ମଶାଳା ଓ ବାଗେଡ଼ିଆ ଧର୍ମଶାଳାରେ ଖୋର୍ଦ୍ଧା ଜିଲାର ୭୩୦ଜଣ, ମୋଚି ସାହି କଲ୍ୟାଣ ମଣ୍ଡପରେ ଅବଶିଷ୍ଟ ଜିଲାର ୬୦୧ଜଣ ହବିଷିଆଳିଙ୍କର ରହଣି ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ସରକାରଙ୍କ ହବିଷିଆଳି ଯୋଜନା ଆଧାରରେ ବୟସ୍କା ମା'ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି। ତେଣୁ ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛି। ଏହାକୁ ସମ୍ମିଳିତ ଭାବେ ସଫଳ କରିବା ଲାଗି ସେ କହିଥିଲେ। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା, ଚିକିତ୍ସା, ପରିମଳ, ପାନୀୟ ଜଳ, ନରେନ୍ଦ୍ରରେ ସ୍ନାନ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା'ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଉଛି। ତେଣୁ ଏହି କାର୍ଯ୍ୟକୁ ପାରସ୍ପରିକ ସମନ୍ୱୟ ରଖି କରିବାକୁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ସିଡିଏମ୍‌ଓ ଡା. ସୁଜାତା ମିଶ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ର, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ, ଆଶା ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଯୋଗଦେଇଥିଲେ।



କାର୍ତ୍ତିକ ବ୍ରତ ପାଇଁ ବିଭିନ୍ନ ରାଜ୍ୟରୁ ହବିଷିଆଳିମାନେ ଶନିବାର ପୁରୀ ଆସି ଏକ ରହଣିସ୍ଥଳରେ ପହଞ୍ଚିଛନ୍ତି ।

# ଚନ୍ଦ୍ର ଆଞ୍ଜୁଳି ପାଇଁ ବଡ଼ଦାଣ୍ଡରେ ଖୋଲିଛି ପସରା

**ପୁରୀ ଅଫିସ,୮।୧୦**

ଦଶହରା ସରିବା ପରେ ରବିବାର କୁମାର ପୂର୍ଣ୍ଣିମା। ଏହି ଉତ୍ସବ ପାଳନ କରିବା ପାଇଁ ସହରର କୁଆଁରୀ ଝିଅଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ଗତ ଦୁଇବର୍ଷ କରୋନା କଟକଣା ପରେ ଚଳିତବର୍ଷ ଆନନ୍ଦ ଉଲ୍ଲାସରେ କୁମାର ଉତ୍ସବ ପାଳନ କରିବେ କୁମାରୀମାନେ। ଏଥିପାଇଁ ବଡ଼ଦାଣ୍ଡରେ ଲୁଗା ଦୋକାନ, ପୂଜା ସାମଗ୍ରୀ ଦୋକାନ ଓ ଆଞ୍ଜୁଳି ପସରା ଦୋକାନରେ ନାହିଁ ନ ଥିବା ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଛି। କୁମାର ପୂର୍ଣ୍ଣିମୀରେ କୁମାରୀମାନେ ଉପବାସ ରଖିବା ସହ ମାସାଧିକ କାଳ ରଖିଥିବା ଜହ୍ନି ଓଷା ବ୍ରତ ଉଦ୍‌ଯାପନ କରିବେ। କୁଆଁରୀ କନ୍ୟାମାନେ ଭୋରୁ ଉଠି ସ୍ନାନ ଓ ନିତ୍ୟକର୍ମ ସାରି ଚତୁର୍ଦ୍ଦଶୀ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦେବା ସହ ଉପବାସ ପାଳନ କରିବେ। ଚନ୍ଦ୍ର ଉଦିୟା ବର ପାଇବା ପାଇଁ ଏହି ବ୍ରତ କନ୍ୟାମାନେ ପାଳନ କରିବା ପରମ୍ପରା ଉତ୍କଳ ଭୂ-ଖଣ୍ଡରେ ପ୍ରଚଳିତ। ପୂର୍ଣ୍ଣମୀ ଦିନ ନୂଆ ବସ୍ତ୍ର ପିନ୍ଧି ଏହି ବ୍ରତ ପାଳନ କରିବାର ପରମ୍ପରା ଥିବାରୁ ସହରରେ ଥିବା ଲୁଗା ଦୋକାନଗୁଡ଼ିକରେ ଭିଡ଼ ଲାଗିରହିଛି। ଏଥିସହ ଲିଆ ଓ ଖଇ ଉଦିତ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦିଆଯିବା ଓ ଚାନ୍ଦ ଚକଟା ପାଇଁ ଖଇ, କଦଳି, ଛେନା ଆବଶ୍ୟକ ହେଉଥିବାରୁ ଏହି ସବୁ ଦୋକାନରେ କିଣାବିକା ଚାଲିଥିଲା। ଚନ୍ଦ୍ରପୂଜା ସଂକଳ୍ପ କରିବା ପାଇଁ ଫୁଲ ଲଗା ଜହ୍ନି, କାକୁଡି, ଗୋଟାଗୁଆ, କରମଙ୍ଗା, ମେଘୁଆ, ନଡ଼ିଆ ଓ କଇଁଫୁଲ ପସରା ନିକଟରେ ଶ୍ରଦ୍ଧାଳୁମାନେ ଭିଡ଼ ଲଗାଇଥିଲେ।

# ଘର ଘର ବୁଲି ଜନହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଲେ ନେତା

**ପିପିଲି,୮।୧୦(ଡି.ଏନ୍.ଏ.)**

ପିପିଲି ବ୍ଲକ ଦୁର୍ଗାଦାସପୁର ଓ ଚନ୍ଦ୍ରାଦେଇପୁର ପଞ୍ଚାୟତରେ ଶନିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ବିଶ୍ୱଜିତ୍ ଦାଶ, ବ୍ଲକ ଅଧକ୍ଷା ପ୍ରତିନିଧି ଦେବାଶିଷ ନନ୍ଦ, ଜିଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ପୁରୀ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପୁରୀ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ବରିଷ୍ଠ ନେତା ସଦାଶିବ ଦାଶ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଚନ୍ଦ୍ରାଦେଇପୁର ବିଜେଡି ନେତା ନରେନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ଗାଁରେ ଘର ଘର ବୁଲି ବିଜେଡି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ ସିଧାସଳଖ ଲୋକଙ୍କୁ ଅବଗତ କରାଇଥିଲେ। ଏହି ପଦଯାତ୍ରା ଦୁର୍ଗାଦାସପୁର ପଞ୍ଚାୟତର କାଜିପାଟଣା, ସରସ୍ୱତୀପୁର ଗ୍ରାମକୁ ଯାଇଥିବାବେଳେ ଚନ୍ଦ୍ରାଦେଇପୁର ପଞ୍ଚାୟତର ଭୋଗପାଟଲୀ, କମାକନ୍ଟିଆ, ଚନ୍ଦ୍ରାଦେଇପୁର ଗ୍ରାମକୁ ଯାଇଥିଲା।

# ଦର୍ଶକଙ୍କ ମନମୋହିଲା ନୃତ୍ୟ

**କଣାସ,୮।୧୦(ସ୍ୱ.ପ୍ର.)**

### ସପ୍ତଦଶ କୁଞ୍ଜେଶ୍ୱରୀ ମହୋତ୍ସବର ୫ମ ସନ୍ଧ୍ୟା

କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଦଶହରା ପଡିଆରେ ଚାଲୁଥିବା ସପ୍ତଦଶ ବାର୍ଷିକ କୁଞ୍ଜେଶ୍ୱରୀ ମହୋତ୍ସବ ଶନିବାର ୫ଦିନରେ ପହଞ୍ଚିଛି। ମହୋତ୍ସବରେ ବ୍ଲକସ୍ତରୀୟ ଛାତ୍ରୀଛାତ୍ର ବିଭିନ୍ନ ନୃତ୍ୟନାଟିକା ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କ ମନ ମୋହିଛନ୍ତି। ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ସେଣ୍ଟଜୋନ୍ ଆମ୍ବୁଲାନ୍ସର କମିଶନର ଡ. ସନତ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସ୍କାଉଟ ପ୍ରଶିକ୍ଷକ ଓ ପ୍ରାଥମିକ ଚିକିତ୍ସା ଅଧ୍ୟାପକ ବିପିନ ବିହାରୀ କର, ଆୟୁଷ ଡା. ସସ୍ମିତା ସାମନ୍ତରାୟ ଓ ଅନୁଷ୍ଠାନର ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ, ବାଳକୃଷ୍ଣ ସାହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ୧୭ ବର୍ଷ ଧରି ବିଲୁପ୍ତ ହୋଇଯାଇଥିବା ପାରମ୍ପରିକ ସଂସ୍କୃତି ଓ ଲୁଚି ରହିଯାଉଥିବା ଅଞ୍ଚଳର ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ଅନୁଷ୍ଠାନ ପ୍ରୟାସ କରୁଛି। ଏଥିପାଇଁ ମୁଖ୍ୟ ଅତିଥି ଅନୁଷ୍ଠାନକୁ ପ୍ରଶଂସା ଜଣାଇଥିଲେ। ବିଭିନ୍ନ ନୃତ୍ୟ, ସଙ୍ଗୀତ ଓ ଭଜନରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଇଞ୍ଜିନିୟର ଦେବବ୍ରତ ପରିଡା ଧନ୍ୟବାଦ ଓ ମଞ୍ଚ ପରିଚାଳନା କରିଥିଲେ।



କୁଞ୍ଜେଶ୍ୱରୀ ମହୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ବିଭିନ୍ନ ଦାବି ନେଇ ଏଏପିର ଧାରଣା

**କୃଷ୍ଣପ୍ରସାଦ,୮।୧୦(ଡି.ଏନ୍.ଏ.):**

ବିଭିନ୍ନ ଦାବି ନେଇ ଶନିବାର ସାତପଡ଼ା ଚିଲିକା କୂଳରେ ବ୍ରହ୍ମଗିର ନିର୍ବାଚନ ମଣ୍ଡଳୀ ଆମ ଆଦମୀ ପାର୍ଟି (ଏଏପି) ପକ୍ଷରୁ ଧାରଣା ଆରମ୍ଭ ହୋଇଛି। ଦୁଇ ଭସାପୋଲ ସଚଳ କରିବା, ଘରୋଇ ଡଙ୍ଗାକୁ ସ୍ୱତନ୍ତ୍ର ରଙ୍ଗ କରି ଯାତ୍ରୀଭଡାର ଏକ ସୂଚନାଫଳକ ଲଗାଇବା, ପୁରୀ ଏବଂ ଭୁବନେଶ୍ୱରରୁ ସାତପଡ଼ାକୁ ମୋ ବସ ଚଳାଚଳ, ପ୍ରତିଦିନ ସାତପଡ଼ାରେ ଥିବା କର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ରହିବା ଆଦି ଦାବି ରହିଛି। ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜିଲାପାଳ, ଚିଲିକା ଉନ୍ନୟନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ତହସିଲଦାର, ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେବା ଯାଏ ଧାରଣାରେ ବସି ରହିବେ ବୋଲି ଆବାହକ ଶ୍ୟାମଳେନ୍ଦୁ ପ୍ରଧାନ, ଯୁଧିଷ୍ଠିର ବାରିକ କହିଛନ୍ତି। ଗଣେଶ ପ୍ରଧାନ, ମିଥୁନ ବେହେରା, ରମେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଧ୍ୟାନ ମନ୍ଦିର ଆଶ୍ରମରେ ପାର୍ବଣ ମହୋତ୍ସବ



**ଭୁବନେଶ୍ୱର,୮।୧୦:**

ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ପୁରୀର ପ୍ରସିଦ୍ଧ ତଥା ପରମ ପୂଜ୍ୟପଦ ସ୍ୱାମୀ ବ୍ରହ୍ମାନନ୍ଦ ମହାରାଜଙ୍କ ସ୍ମୃତିରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଧ୍ୟାନ ମନ୍ଦିର ଆଶ୍ରମ ପରିସରରେ ପାର୍ବଣ ମହୋତ୍ସବର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଧ୍ୟାନ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅକ୍ଟୋବର ୧ରୁ ୯ ପର୍ଯ୍ୟନ୍ତ ପାର୍ବଣ ପୂଜା ଧୁମଧାମରେ ପାଳନ ହେଉଛି। ଏପରିକି ଅକ୍ଟୋବର ୧ରୁ ୫ ପର୍ଯ୍ୟନ୍ତ ଦେବୀ ଦୁର୍ଗାଙ୍କର ଶ୍ରୀ ଶ୍ରୀ ଦୁର୍ଗାପୂଜା ରୀତିନୀତି ଓ ବିଧି ଅନୁଯାୟୀ ପାଳନ କରାଯାଇଥିଲା। ସେହିଭଳି ଆଜି (ଅକ୍ଟୋବର ୯) ମା' ଲକ୍ଷ୍ମୀଙ୍କର ଶ୍ରୀ ଶ୍ରୀ ଲକ୍ଷ୍ମୀପୂଜା ମଧ୍ୟ ରୀତିନୀତି ଅନୁସାରେ ପାଳନ ହେବ ବୋଲି ଟ୍ରଷ୍ଟର ସଭାପତି ଦିନେଶ କୁମାର ସେକ୍‌ସାରିଆ ମତବ୍ୟକ୍ତ କରିଛନ୍ତି। ସେହିପରି ଏଠାରେ ପାର୍ବଣ ବିଶେଷ କାର୍ଯ୍ୟକ୍ରମ ସ୍ୱାମୀ ବ୍ରହ୍ମାନନ୍ଦ ମହାରାଜଙ୍କ ସମାଧି ବେଦୀ ନିକଟରେ ଭଜନ ଓ କୀର୍ତ୍ତନ କରାଯାଉଛି ବୋଲି ଟ୍ରଷ୍ଟର ସମ୍ପାଦକ ଦେବବ୍ରତ ସରକାର କହିଛନ୍ତି। ଅପରପକ୍ଷରେ ପାର୍ବଣ ପାଇଁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ମହୋତ୍ସବରେ ଯୋଗ ଦେଇଥାନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ମନ୍ତ୍ରୀଙ୍କ କୁଶପୁତ୍ତଳିକା ଜାଳି ବିକ୍ଷୋଭ

**ନିମାପଡ଼ା,୮।୧୦(ଡି.ଏନ୍.ଏ.)**

ନିମାପଡ଼ା ନିର୍ବାଚନମଣ୍ଡଳୀ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ତୁରନ୍ତ ତଦନ୍ତ ପରିସରଭୁକ୍ତ କରାଯିବା ସହ ତାଙ୍କୁ ଗିରଫ ଓ ମନ୍ତ୍ରୀ ପଦରୁ ବହିଷ୍କାର ଦାବି କରାଯାଉଛି। ଏହି ଦାବିରେ ଶନିବାର ଭଜପା ପକ୍ଷରୁ ନିମାପଡ଼ା ନିର୍ବାଚନମଣ୍ଡଳୀର ୪୬ ପଞ୍ଚାୟତ ଓ ନିମାପଡ଼ା ଏନ୍‌ଏସି ସମେତ ୧୦୦ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଓ ନାରାବାଜି କରାଯାଇଥିଲା। ଏହି ଅବସରରେ ବିକ୍ଷୋଭ ଓ ଆନ୍ଦୋଳନସ୍ଥଳରେ ମନ୍ତ୍ରୀ ଦାଶଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ଦିଲୀପ ନାୟକ, ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ଦିଲୀପ ପାତ୍ର, ଦେବାଶିଷ ଆଚାର୍ଯ୍ୟ, ଗଙ୍ଗାଧର ଜେନା, ମାନସ ପ୍ରଧାନ, ନିରଞ୍ଜନ ନାୟକ, ମୀନଲତା ମହାନ୍ତି, ଝିଲିଲତା ଦାସ, ମଧୁସ୍ମିତା ସାହୁ ପ୍ରମୁଖଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଆନ୍ଦୋଳନର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ମନ୍ତ୍ରୀ ଦାଶଙ୍କ ଗିରଫ ଓ ବହିଷ୍କାର ତଦନ୍ତ ପରିସରଭୁକ୍ତ ନ ହେବା ପର୍ଯ୍ୟନ୍ତ ଭାଜପା ପକ୍ଷରୁ ଏହି ଆନ୍ଦୋଳନ ଲଗାତର ଚାଲିବ ବୋଲି ଦଳର ବରିଷ୍ଠ ନେତା ପ୍ରଭାତୀ ପରିଡା, ଦିଲୀପ ନାୟକ କହିଛନ୍ତି। ଏପରି ଘଟଣାରେ ପୋଲିସର ଶିଥିଳତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତୃବୃନ୍ଦମାନେ କହିଛନ୍ତି।



ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ କୁଶପୁତ୍ତଳିକା ଦାହ କରି ଭାଜପା ବିକ୍ଷୋଭ ପ୍ରଦର୍ଶନ କରୁଛି ।

# 'ବିଜେଡି କେବଳ ବିକାଶରେ ହିଁ ବିଶ୍ୱାସ କରେ'

**ନିମାପଡ଼ା,୮।୧୦(ଡି.ଏନ୍.ଏ.)**

ବିଜେଡି କେବଳ ବିକାଶରେ ହିଁ ବିଶ୍ୱାସ କରେ, ବିରୋଧୀ ଦଳର ହୀନ ଅପପ୍ରଚାର ଓ ଗୁଜବରେ ନୁହେଁ। ନିମାପଡ଼ା ନିର୍ବାଚନମଣ୍ଡଳୀର ଅଗଣତି ମହିଳା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ବିଜେଡିକୁ କେତେ ଭଲ ପାଆନ୍ତି ତାହା ଏହି ବିଶାଳ ସମାବେଶରେ ପ୍ରତିଫଳିତ ଓ ପ୍ରମାଣିତ ହୋଇଛି। ଶନିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପରିପ୍ରେକ୍ଷୀରେ ଆୟୋଜିତ ସମାବେଶରେ ମନ୍ତ୍ରୀ ଦାଶ ଅଧକ୍ଷତା କରି ଏହା କହିଛନ୍ତି। ନିଆଁ ନ ଥାଇ ଧୂଆଁ ବାହାର କରିବା ଭାଜପାର ଏକ ହୀନ ପ୍ରୟାସ। ବିରୋଧୀ ଦଳର ଏହି ହୀନ ଅପପ୍ରଚାରରେ ସେ ଆଦୌ ବିଚଳିତ ନୁହନ୍ତି। ନିମାପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ସମେତ ରାଜ୍ୟର ବିକାଶ ତାଙ୍କର ମୂଳମନ୍ତ୍ର ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସମାବେଶରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ ଯୋଗଦେଇ କହିଥିଲେ, ଏବେ ରାଜ୍ୟ ଓ ଦେଶରେ ମହିଳାଙ୍କର ଯୁଗ ଆସିଛି। ମହିଳାଙ୍କ ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ। ମା', ଭଉଣୀଙ୍କ ଆଶୀର୍ବାଦ, ଆଶା, ଭରସା, ବିଶ୍ୱାସ ମୁଖ୍ୟମନ୍ତ୍ରୀ ଓ ବିଜେଡି ଉପରେ ରହିଛି ବୋଲି ସାହୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଖାଦ୍ୟ ଯୋଗାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ପୁରୀ ଜିଲା ସଭାପତି ମହେଶ୍ୱର ମହାନ୍ତି, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଗୋପ ପଞ୍ଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ଦାଶଙ୍କୁ ବଦନାମ କରିବାକୁ ଚଳାଇଥିବା ପ୍ରୟାସକୁ ଅତିଥିମାନେ ତୀବ୍ର ନିନ୍ଦା କରିଥିଲେ। ଏହି ଅବସରରେ ହଜାର ହଜାର ସଂଖ୍ୟାରେ ମହିଳା, ଯୁବ ଛାତ୍ର, ଦଳୀୟ କର୍ମୀଙ୍କରେ ୪ଟି ବିଶାଳ ଶୋଭାଯାତ୍ରା, ବାଜା, ବାଣ, ରୋଶଣି ସହ ସହର ପରିକ୍ରମା କରିଥିଲା। ସମାବେଶରେ ୧୫ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ପ୍ରାୟ ୩୦ ହଜାର ଦଳୀୟ କର୍ମୀ, ନେତୃବୃନ୍ଦମାନେ ଯୋଗଦେଇଥିଲେ।




ବିଜେଡିର ଜନସମ୍ପର୍କ ପଦଯାତ୍ରା ଉପଲକ୍ଷେ ଅନୁଷ୍ଠିତ ସଭାରେ ଉପସ୍ଥିତ ଗଣଶିକ୍ଷା ମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ନେତାମାନେ ।

### ଜନସମ୍ପର୍କ ପଦଯାତ୍ରା

## ଅସହାୟଙ୍କୁ ସାମାଜିକ କର୍ମୀଙ୍କ ସହାୟତା

ମାହାଙ୍ଗା,(ସ୍ୱ.ପ୍ର.): ଗରିବ, ଅସହାୟଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ସାମାଜିକ କର୍ମୀ ତଥା 'ଆମ ମାହାଙ୍ଗା' ଅଧ୍ୟକ୍ଷ ଅମରେନ୍ଦ୍ର ମହାନ୍ତି। ଶନିବାର ମୂଳବସନ୍ତ ପଞ୍ଚାୟତ ସିପୁରା ଗ୍ରାମର ମହେଶ୍ୱର ଜେନାଙ୍କ ପୁଅ ଜଣେ କିଡ୍‌ନୀ ରୋଗୀ ହୋଇଥିବାରୁ ତାଙ୍କ ସମସ୍ୟା ବୁଝି ଅର୍ଥରାଶି ସହାୟତା କରିଥିଲେ। ସେହିପରି ଧର୍ମଦାସପୁର ଗ୍ରାମର ଧ୍ରୁବଚରଣ ପାଗଳ ଓ ଲଳିତଗିରି ପଞ୍ଚାୟତର ବିଧବା ମହିଳା ବିଦ୍ୟୁଲତା ମହାରଣାଙ୍କ ଘରକୁ ଯାଇ ସେମାନଙ୍କ ଅସୁବିଧା ସମ୍ପର୍କରେ ବୁଝି ଟଙ୍କା, ପାଲ ଓ ଚାଉଳ ବଣ୍ଟନ କରିଥିଲେ। ଏଥିରେ ବିଜୟ କୁମାର କୁଅଁର, ରମେଶ ଚନ୍ଦ୍ର ସାହୁ, ବିବେକାନନ୍ଦ ଦାସ, ଦାମୋଦର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

**କଟକ**

- ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୪ଟା।

**ବଡ଼ମ୍ବା**

- ସନ୍ତୋଷୀ କ୍ଲବ, ଖମାର ସାହି, ବୃନ୍ଦାବନପୁର ଆନୁକୂଲ୍ୟରେ ମା'ଗଜଲକ୍ଷ୍ମୀ ପୂଜା, ବୃନ୍ଦାବନପୁର, ଖମାର ସାହି, ସକାଳ ୭ଟା।
- ମା' ଗଜଲକ୍ଷ୍ମୀ ପୂଜା, ଶଙ୍ଖମେରୀ, ପାଟଣା ସାହି, ସକାଳ ୭ଟା।
- ବଡ଼ମ୍ବା ସ୍ୱାଭିମାନ ମଞ୍ଚ ଆନୁକୂଲ୍ୟରେ ରକ୍ତଦାନ ଶିବିର, ବଡ଼ମ୍ବା ହାଟ, ଆଡିଆ ମହାଦେବ ପୀଠ ପରିସର, ସକାଳ ୮ଟା।

## ୨ ମହଲା କୋଠାରେ ଦେଶୀମଦ

- ୧୭୪୩୦ ଲିଟର ପୋଚ, ୧୭୧୫ ଲିଟର ମଦ ନଷ୍ଟ
- ଗୁପ୍ତ କୋଠରି, ପାଣି ସମ୍ପ କରି ମହଜୁଦ ରଖିଥିଲେ
- ବ୍ୟବସାୟୀ ଫେରାର

ଟିଗିରିଆ, ୮।୧୦(ଡି.ଏନ.ଏ)



ଭିରୁଡ଼ା ଗ୍ରାମରେ ଘରଭିତରୁ ଜବତ ହୋଇଥିବା ଦେଶୀମଦ ଓ ପୋଚ୍।

ଘର ଭିତରେ ଦେଶୀ ମଦ। ଯୁଆଡ଼େ ଦେଖିବ ସବୁଠି ବ୍ୟାରେଲ ଭର୍ତ୍ତି ରନ୍ଧା ମଦ ଓ ପୋଚ। ଏତେ ମାତ୍ରାରେ ମଦ ଦେଖି ଅବକାରୀ ବିଭାଗ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛି। ଦୁଇ ମହଲା ବିଶିଷ୍ଟ କୋଠାର ଘର ଭିତରେ ଆଖି ତରାଟି ଗଲା ଭଳି ଦେଶୀ ମଦ ଗଚ୍ଛିତ ରହିଛି। ଅଭିନବ ଉପାୟରେ ଗୁପ୍ତ କୋଠରି ଏବଂ ପାଣି ସମ୍ପ କରି ମହଜୁଦ ରଖାଯାଇଛି ହଜାର ହଜାର ଲିଟର ମଦ। ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଶନିବାର ଏସବୁକୁ ନଷ୍ଟ କରାଯାଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲା ଟିଗିରିଆ ବ୍ଲକ ଅନ୍ତର୍ଗତ ଭୀରୁଡ଼ା ଗ୍ରାମରେ।

ସୂଚନା ଅନୁଯାୟୀ, ଭୀରୁଡ଼ା ଗ୍ରାମରେ ଦେଶୀ ମଦ ରନ୍ଧାଯାଉଥିବା ଖବର ପାଇ କଟକ ଜିଲା ଅବକାରୀ ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ ସକାଳେ ଚଢ଼ାଉ କରିଥିଲା। ଜନୈକ ବ୍ୟକ୍ତିଙ୍କ ଘରେ ମହଜୁଦ ଥିବା ୧୭ ହଜାର ୪୩୦ ଲିଟର ପୋଚ ଓ ୧୭୧୫ ଲିଟର ରନ୍ଧା ଦେଶୀମଦ ଜବତ କରି ନଷ୍ଟ କରିଥିଲା। ଘର ନିକଟସ୍ଥ ବୁଦା ମୂଳ, ଘର ଭିତରେ ଓ ଛାତ ଉପରେ ଥିବା ଏକାଧିକ ମଦ ବ୍ୟାରେଲ ଜବତ କରିଥିଲା। ତେବେ ଚଢ଼ାଉ ପୂର୍ବରୁ ସୂଚନା ପାଇ ମଦ ପ୍ରସ୍ତୁତ କରୁଥିବା ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଫଳରେ ଅବକାରୀ ବିଭାଗ କାହାରିକୁ ଗିରଫ କରି ନ ପାରି ନିରାଶ ହୋଇ ଫେରିଆସିଛି। ଏହି ଚଢ଼ାଉରେ ଜିଲା ଅବକାରୀ ବିଭାଗ ଡେପୁଟି ଏସ୍‌ପି ପ୍ରଭାସ ଚୌଧୁରୀ, ଆଠଗଡ଼ ଅବକାରୀ ବିଭାଗ ଅଧିକାରୀ କେଶବ ଚନ୍ଦ୍ର ଦାସ, ସଞ୍ଜିତ ବାର୍ଲା, ଦୁର୍ଯ୍ୟୋଧନ ଦିଗାଲ, ବିଜୟ ଭଞ୍ଜ, ଦେବାନନ୍ଦ ଭୂୟାଁ, ପଙ୍କଜ କହଁର ଓ ଦୀପକ ସାମଲ ପ୍ରମୁଖ ସାମିଲ ଥିଲେ। ସେହିପରି ଆଠଗଡ଼ ବ୍ଲକ ଅନ୍ତର୍ଗତ କୋରଗାଁରେ ମଧ୍ୟ ଚଢ଼ାଉ କରାଯାଇଥିଲା।

ସୂଚନାଯୋଗ୍ୟ, ଅବକାରୀ ବିଭାଗ ଦ୍ୱାରା ବାରମ୍ବାର ଭୀରୁଡ଼ା ଗ୍ରାମରେ ଚଢ଼ାଉ କରାଯାଉଥିଲେ ମଧ୍ୟ କାହାରିକୁ ଗିରଫ କରିପାରୁନାହାଁନ୍ତି ଅବକାରୀ ବିଭାଗ ଓ ପୋଲିସ। ଫଳରେ ସେମାନଙ୍କର କାର୍ଯ୍ୟ ଦକ୍ଷତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

## ଭସାଣି ଶୋଭାଯାତ୍ରାରେ ୧୬ ମେଢ଼




ସାଲେପୁରରେ ମେଢ଼ଗୁଡ଼ିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

ସାଲେପୁର, ୮।୧୦(ଡି.ଏନ୍.ଏ.)

ସାଲେପୁର ସହରାଞ୍ଚଳରେ ଶନିବାର ଅନୁଷ୍ଠିତ ହୋଇଥିଲା ଜଗତଜନନୀ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା। ଏଥିରେ ୧୬ରୁ ଅଧିକ ମେଢ଼ ସାମିଲ ହୋଇଥିଲା। ପୁରୁଣାହାଟ ପାଖରୁ ସମସ୍ତ ପୂଜା କମିଟିର ମେଢ଼ଗୁଡିକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲା। ଦିନରେ ମହାବୀର ଟ୍ରଲି ଚାଳକ ସଂଘ ମେଢ଼ ଏବଂ ରାଜାମାର୍କେଟ ମେଢ଼ ବିସର୍ଜନ ହୋଇଥିବାବେଳେ ଅନ୍ୟ ମେଢ଼ଗୁଡ଼ିକ ସନ୍ଧ୍ୟାରେ ବିସର୍ଜନ ହୋଇଥିଲା। ବଟେଶ୍ୱର ସମିତିମେଢ଼, ବଡ଼ବଜାର ପୂଜା କମିଟି, ଲକ୍ଷ୍ମୀ ବଜାର ପୂଜା କମିଟି, ଭେଟେନାରି ପୂଜା କମିଟି, ଆନନ୍ଦ ବଜାର ପୂଜା କମିଟି, ଟ୍ରଲିଚାଳକ ପୂଜା କମିଟି, ହାଉସିଂବୋର୍ଡ ମାର୍କେଟ ପୂଜା କମିଟି, ସେର୍ ବଜାର ପୂଜା କମିଟି, ସେଣ୍ଟ୍ରାଲ ମାର୍କେଟ ପୂଜା କମିଟି, ରିକ୍ସା ଚାଳକ ପୂଜା କମିଟି, ହରଗୌରୀ ପୂଜା କମିଟି, କଲେଜରୋଡ଼ ମିନି ମାର୍କେଟ ପୂଜା କମିଟି, ରାଜାବଜାର ପୂଜା କମିଟି, ଟ୍ରଲି ଚାଳକ ମହାବୀର ପୂଜା କମିଟି, ଯମଦଣ୍ଡ ପୂଜା କମିଟି, ଅଜବ ସହର ଗଜବ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ତହସିଲଦାର ଶିବ ମଲ୍ଲିକ, ଏସ୍‌ଡିପିଓ ବିମଳ ଚନ୍ଦ୍ର ବାରିକ, ଆଇଆଇସି ଗିରିଜା ସୁନ୍ଦର ପଟ୍ଟନାୟକ ପ୍ରମୁଖ ଶାନ୍ତିଶୃଙ୍ଖଳା ଦାୟିତ୍ୱ ନିଭାଇଥିଲେ। ସମସ୍ତ ମେଢ଼ଗୁଡ଼ିକୁ କେନ୍ଦ୍ରାପଡ଼ା କେନାଲରେ ବିସର୍ଜନ କରାଯାଇଥିଲା।

## ଓସିଏସ୍ ପରୀକ୍ଷାର ୯ମ ସ୍ଥାନରେ ବିବେକାନନ୍ଦ

ସାଲେପୁର,୮।୧୦(ଡି.ଏନ୍.ଏ.): ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ୨୦୨୦ ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ମାଛୁଆଡି ଗ୍ରାମର ପୂର୍ବତନ



ସାମରିକ କର୍ମଚାରୀ ସଦାଶିବ ଷଡ଼ଙ୍ଗୀଙ୍କ ଦ୍ୱିତୀୟ ପୁତ୍ର ବିବେକାନନ୍ଦ ୯ମ ସ୍ଥାନ ଅଧିକାର କରିଛନ୍ତି। ବାପା, ମା, ଭାଇ, ବନ୍ଧୁବାନ୍ଧବ ଓ ଶିକ୍ଷକମାନଙ୍କ ଆଶୀର୍ବାଦରୁ ଏହି ସଫଳତା ପାଇଥିବା କହିଛନ୍ତି। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଏମ୍‌ଏସ୍‌ସି ଅଧ୍ୟୟନ କରୁଥିବାବେଳେ ଦୈନିକ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। କୌଣସି କୋଚିଂ ନେଇନାହିଁ। ଆଗକୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବି ବୋଲି ବିବେକାନନ୍ଦ କହିଛନ୍ତି।

## ଗରିବଙ୍କ ସେବା ପ୍ରାଥମିକତା ହେବ: ଚିରଞ୍ଜୀବ

ଟିଗିରିଆ,୮।୧୦(ଡି.ଏନ୍.ଏ): ପ୍ରକାଶିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ବଡ଼ମ୍ବା



ବ୍ଲକ ଅନ୍ତର୍ଗତ ଅଭିମାନପୁର ଗ୍ରାମର ଚିରଞ୍ଜୀବ ସିଂଙ୍କୁ ସଫଳତା ମିଳିଛି। ସେ ୧୫୦ତମ ସ୍ଥାନରେ ରହିଛନ୍ତି। ସୂର୍ଯ୍ୟକାନ୍ତି ସିଂ ଓ ଜୟକୃଷ୍ଣ ସିଂଙ୍କ ସୁପୁତ୍ର ଚିରଞ୍ଜୀବ ଏବେ ମୁମ୍ବାଇସ୍ଥିତ ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ସେ ପ୍ରତିଦିନ ଏହି ପରୀକ୍ଷା ପାଇଁ ୬ରୁ ୭ଘଣ୍ଟା ପରିଶ୍ରମ କରୁଥିଲେ। ଗରିବଙ୍କ ସେବା ତାଙ୍କର ପ୍ରାଥମିକତା ରହିବ ବୋଲି କହିଛନ୍ତି।

## ଜୟନ୍ତୀ ପଟ୍ଟନାୟକ ଜଣେ ଜନନେତ୍ରୀ ଥିଲେ



ଜୟନ୍ତୀ ପଟ୍ଟନାୟକଙ୍କ ଏକାଦଶାହରେ କଂଗ୍ରେସ ପକ୍ଷରୁ ସାମୂହିକ ତିଳତର୍ପଣ କରାଯାଉଛି।

ଆଠଗଡ଼, ୮।୧୦(ସ୍ୱ.ପ୍ର.)

ବରିଷ୍ଠ କଂଗ୍ରେସ ନେତ୍ରୀ, ପୂର୍ବତନ ଏମ୍‌ପି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ତ୍ରୀ ଜୟନ୍ତୀ ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ଆଠଗଡ଼ କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଏକ ସ୍ମୃତିସଭା ଓ ସାମୂହିକ ତିଳତର୍ପଣ କରାଯାଇଛି। ଦଳୀୟ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ୱର୍ଗତ ଜୟନ୍ତୀ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ପଟ୍ଟନାୟକ କେବଳ କଂଗ୍ରେସର ନେତ୍ରୀ ନଥିଲେ, ସେ ଜଣେ ଜନନେତ୍ରୀ ଥିଲେ। ତାଙ୍କ ବିୟୋଗ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ କହିଥିଲେ। ବର୍ଷୀୟାନ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଜୟନ୍ତୀଙ୍କ ବହୁବିଧ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଆଠଗଡ଼ ନଗର କଂଗ୍ରେସ ସଭାପତି ସୋମନାଥ ଭକ୍ତା, ସୁଦର୍ଶନ ସାହୁ, ଆଶୁତୋଷ ବରାଳ, ଲକ୍ଷ୍ମୀପ୍ରିୟା ନାୟକ, ମନୋରଞ୍ଜନ ପଟ୍ଟନାୟକ (ବଣ୍ଟି), ବିକ୍ରମ ରାୟ ସାମନ୍ତ, ସୁନୀଲ ସୂତାର, ଅକ୍ଷୟ କୁମାର ତୁଙ୍ଗ ସାମନ୍ତ, ପ୍ରକାଶ ଚନ୍ଦ୍ର ପୁହାଣ, ଅଶୋକ ପ୍ରଧାନ, ସୁରେଶ କୁମାର ପରିଡ଼ା, ମିନିଷ୍ଟର ପ୍ରଧାନ, ଗଦାଧର ପ୍ରଧାନ, ଅମୂଲ୍ୟ ସାମନ୍ତରାୟ, ମନୋରଞ୍ଜନ ଦାଶ, ସୌମେଶ ରଥ, ପ୍ରତାପ ପରିଡ଼ା, ତ୍ରିଲୋଚନ ବେହେରା, ରମେଶ ସାହୁ, ସଞ୍ଜୟ ମହାନ୍ତି, ଶ୍ରୀନିବାସ ବାରିକ, ସମ୍ପିତ ଦଳେଇ, ପ୍ରଶାନ୍ତ ବେହେରା, କୃଷ୍ଣ ବେହେରା, ପବନା ରାଉତ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## କେନାଲରେ ବୁଡ଼ି ନାବାଳିକା ନିଖୋଜ

ମାହାଙ୍ଗା, ୮।୧୦(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅନ୍ତର୍ଗତ ବାଗସରପୁର ଗ୍ରାମର ରାଜକିଶୋର ସାହୁଙ୍କ ଝିଅ ମାମାଲି(୬) ପଟ୍ଟାମୁଣ୍ଡାଇ କେନାଲରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଶନିବାର ସକାଳେ ସେ ଘର ସମ୍ମୁଖରେ ଯାଇଥିବା କେନାଲ ରାସ୍ତାରେ ଖେଳୁଥିବା ସମୟରେ ଅସାବଧାନତା ହେତୁ କେନାଲରେ ପଡ଼ି ଯାଇଥିଲେ। ଗାଧୋଉ ଥିବା ଦୁଇ ମହିଳା ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସେମାନେ ପାଟି କରି ଡାକିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । କୁଆଁପାଳ ଦମକଳବାହିନୀ ପହଞ୍ଚି ଖୋଜାଖୋଜି କରିଥିଲା। ପରେ ତହସିଲଦାର ଉମାକାନ୍ତ ବିଶ୍ୱାଳ ଏନ୍‌ଡିଆରଏଫ ଟିମକୁ ଖବର ଦେଇଥିଲେ । ଏନଡିଆରଏଫ ହାବିଲଦାର ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ୯ଜଣିଆ ଟିମ୍ ମାମାଲିଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରଖିଥିଲେ। ମାମାଲିଙ୍କ ବାପା ରାଜକିଶୋର ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବିଜେଡି ଜନସମ୍ପର୍କ ପଦଯାତ୍ରା




ଜନସମ୍ପର୍କ ପଦଯାତ୍ରାରେ ବିଜେଡିର ଦଳୀୟ କର୍ମୀମାନେ।

ଟିଗିରିଆ, ୮।୧୦ (ଡି.ଏନ.ଏ)

ଟିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ନେତୃତ୍ୱରେ ଶିବ ମନ୍ଦିରଠାରୁ ପଦଯାତ୍ରା ବାହାରି ଡ଼ିମିରିଆ, ପୋପରା ଶବରସାହି, ସୁଦର୍ଶନପୁର, ଇନ୍ଦିରା କଲୋନୀ ଓ ଶେଷଗାଁ ପର୍ଯ୍ୟନ୍ତ ଯାଇଥିଲା। ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ମହିଳା ବିଜେଡି ସଭାନେତ୍ରୀ ରୂପା ଦଳେଇ, ଯୁବ ବିଜେଡି ସଭାପତି ପ୍ରୀତିରଞ୍ଜନ ବେହେରା, ଛାତ୍ର ସଭାପତି ହିମାଂଶୁ ଶେଖର ସ୍ୱାଇଁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ପୂର୍ବତନ ସମିତି ଅଧ୍ୟକ୍ଷ ଭାଗୀରଥି ନନ୍ଦ, ବିଜୟ ବଳିୟାର ସିଂହ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ସରପଞ୍ଚ ନିରଞ୍ଜନ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ।

## ଚନ୍ଦନ ଗଛ କାଟିନେଲେ

ଟିଗିରିଆ, ୮।୧୦ (ଡି.ଏନ.ଏ)

ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତ ନୂଆସ ଗ୍ରାମର ତ୍ରିନାଥ ସାହୁଙ୍କ ବାଡ଼ିରୁ ୬ ତାରିଖ ବିଳମ୍ବିତ ରାତିରେ କେହି ବ୍ୟକ୍ତି ଗୋଟିଏ ମୂଲ୍ୟବାନ ଚନ୍ଦନ ଗଛ କାଟି ନେଇଥିବା ଅଭିଯୋଗ ହୋଇଛି। ପ୍ରାୟ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ଗଛର ମୂଳରୁ କାଟି ଡାଳଗୁଡ଼ିକ ପକାଇ ଦେଇ ଗଣ୍ଡିକୁ ନେଇଯାଇଛନ୍ତି। ଏହି ଘଟଣାରେ ପାଞ୍ଚଗାଁ ଓ ନୂଆସ ଗ୍ରାମର ୩ ଜଣଙ୍କୁ ସନ୍ଦେହ କରି ତ୍ରିନାଥ ପଚରାଉଚରା କରିଥିଲେ। ସେମାନଙ୍କ ବିଷୟରେ ପୋଲିସରେ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ତ୍ରିନାଥ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ ୧୯୨/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଆଇଆଇସି ସୁଚିତ୍ରା ଜେନା କହିଛନ୍ତି।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ଧାରଣା

ରଘୁନାଥପୁର,୮।୧୦(ଡି.ଏନ୍.ଏ.)



ଟାଟାପାୱାର କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଉଛନ୍ତି।

ରଘୁନାଥପୁର ଟାଟାପାୱାର ବିଦ୍ୟୁତ୍ ସବ୍‌ଡିଭିଜନ ବିଲ୍ ଆଦାୟକାରୀ ଓ ମିଟର ରିଡର କର୍ମଚାରୀମାନେ ଶନିବାର ବିଭିନ୍ନ ଦାବି ନେଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଭାଗର ବିଲ୍ ଆଦାୟ କରୁଥିବା ଦେବାଶିଷ ସାମନ୍ତରାୟ ଓ ପ୍ରଦୀପ୍ତ ବେହେରାଙ୍କ ଆଇଡି ବିନା ସୂଚନାରେ ବନ୍ଦ କରିଦିଆଯାଇଛି। ତୁରନ୍ତ ସେମାନଙ୍କ ଆଇଡି ଖୋଲାଯିବା ସହ କର୍ମଚାରୀଙ୍କ ଏଗ୍ରିମେଣ୍ଟ ପ୍ରଥାକୁ ଉଚ୍ଛେଦ କରାଯାଉ। ସ୍ମାର୍ଟ ମିଟର ରିଡିଂକୁ ବାଧ୍ୟତାମୂଳକ କରା ନ ଯିବା, ବିଲିଂ ଅନୁସାରେ ୭୦ ପ୍ରତିଶତ ବିଲ ଆଦାୟ ପାଇଁ କର୍ମଚାରୀଙ୍କୁ ଧାର୍ଯ୍ୟ ରଖିବା ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ଧାରଣାକାରୀ ଦାବି କରିଛନ୍ତି। ଅପରାହ୍ନରେ କମର୍ସ ଜେଇ କୃତ୍ତିବାସ ମାଝି ଓ ଓଡିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଜଗତସିଂହପୁର ଡିଭିଜନ ସମ୍ପାଦକ ଅଦ୍ୱୈତ ନାୟକ ଧାରଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଛନ୍ତି। ରଘୁନାଥପୁର ସଙ୍ଗଠକ ଅରବିନ୍ଦ ବାରିକ, ସମ୍ପାଦକ ସମ୍ପଦ ଚୌଧୁରୀ ଓ ଜିଲା ସଙ୍ଗଠନ ସମ୍ପାଦକ ବିଜୟ କୁମାର ନାୟକ ଏହାର ନେତୃତ୍ୱ ନେଇଥିଲେ।

## ରସୁଲଗଡ଼ ଓଭରବ୍ରିଜ୍‌ରେ ସିରିଜ ଦୁର୍ଘଟଣା

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ରସୁଲଗଡ଼ ଫ୍ଲାଏଓଭର ବ୍ରିଜ୍ ଉପରେ ଶନିବାର ରାତି ପ୍ରାୟ ୯ ଟା ବେଳେ ସିରିଜ ଦୁର୍ଘଟଣା ଘଟିଛି । ଗୋଟିଏ କାର ପଛପଟକୁ ଏକ ଟ୍ରକ୍ ଧକ୍କାଦେବା ଫଳରେ କାର୍‌ଟି ସମ୍ମୁଖରେ ଠିଆ ହୋଇଥିବା ଅନ୍ୟ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। କାରଟି ଭାଙ୍ଗିରୁଜି ଯାଇଥିବା ବେଳେ ସେଥିରେ ଥିବା ୪ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଓ ଟ୍ରକ୍ ଦୁଇଟିକୁ ଜବତ କରିଛି। କାର୍ ମାଲିକ ଜିଜିପି କଲୋନିର ସ୍ମୃତିରଞ୍ଜନ ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁସାରେ, କାର୍‌ଟି ବରମୁଣ୍ଡାରୁ ପଳାଶୁଣି ଆସୁଥିବା ବେଳେ ରସୁଲଗଡ ଓଭରବ୍ରିଜ ଉପରେ ଏକ ଟ୍ରକ୍ ଛିଡ଼ା ହୋଇଥିଲା। ରାସ୍ତା ଭିଡ଼ ଥିବା ଯୋଗୁଁ କାରଟି ଆଗକୁ ଯାଇ ନ ପାରି ଉକ୍ତ ଟ୍ରକ ପଛରେ ଅଟକିଯାଇଥିଲା। ଏହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଅନ୍ୟ ଏକ ଟ୍ରକ କାରକୁ ଧକ୍କା ଦେଇଥିଲା । ଫଳରେ କାରଟି ଆଗରେ ଠିଆ ହୋଇଥିବା ଟ୍ରକ୍ ସହ ପିଚିହୋଇ ଚେପା ହୋଇଯାଇଥିଲା।

## ସିର୍ଲୋ ସେତୁ ନିର୍ମାଣ ବାଟ ଫିଟିଲା

କଟକ ସଦର, ୮।୧୦(ଡି.ଏନ୍.ଏ.)

ମହାନଦୀର ସିର୍ଲୋ ନିକଟରେ ଏକ ଆନିକଟ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ଯୋଜନା କରିଥିଲା। ତେଣୁ ଏଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନିର୍ମାଣ ହେବାକୁ ଥିବା ସେତୁ କାମ ଅଟକି ଯାଇଥିଲା। କିନ୍ତୁ ପାରାଦୀପ ଅଞ୍ଚଳର ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ଏବେ ଆନିକଟ୍‌ଟି ତାଳଦଣ୍ଡା ଗ୍ରାମର ଚୌଧୁରୀ ଗଡ଼ା ନିକଟକୁ ସ୍ଥାନାନ୍ତର ହୋଇଛି। ଫଳରେ ସିର୍ଲୋ ସେତୁ ନିର୍ମାଣ ପାଇଁ ବାଟ ଫିଟି ଯାଇଛି।

ବିବରଣୀରୁ ପ୍ରକାଶ, ନିଶ୍ଚିନ୍ତକୋଇଲି ବ୍ଲକ ସହ ସିଧାସଳଖ ଯୋଗାଯୋଗ ପାଇଁ ଜଗତ୍‌ସିଂହପୁର ଜିଲା ତାରପୁର ସେତୁ ଉପରେ କଟକ ସଦର ନିର୍ବାଚନ ମଣ୍ଡଳୀର ୧୧ଟି ପଞ୍ଚାୟତର ଲୋକଙ୍କୁ ନିର୍ଭର କରିବାକୁ ପଡୁଛି। ତେଣୁ ଲୋକଙ୍କ ଗମନାଗମନ ସୁବିଧା ପାଇଁ ୨୦୧୮ରେ ପୂର୍ବତନ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ଚନ୍ଦ୍ରସାରଥି ବେହେରା ସିର୍ଲୋରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏଥିପାଇଁ କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ତରଫରୁ ଆକଳନ ପ୍ରସ୍ତୁତ କରାଯାଇଥିଲା। ମାତ୍ର ପାରାଦୀପ ଅଞ୍ଚଳରେ ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ପାନୀୟଜଳ ମହାନଦୀରୁ ସଂଗ୍ରହ ପାଇଁ ଏହି ସ୍ଥାନରେ ଆନିକଟ ନିର୍ମାଣ ନିମନ୍ତେ ସର୍ଭେ ଆରମ୍ଭ ହୋଇଥିଲା। ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆନିକଟ ସହ ସେତୁ ନିର୍ମାଣ କରାଯାଇଥାନ୍ତା। କିନ୍ତୁ ରାଜ୍ୟ ଜଳ ସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆନିକଟ୍‌ଟି ପାରାଦୀପ ନିକଟ ତାଳଦଣ୍ଡା ଗ୍ରାମର ଚୌଧୁରୀ ଗଡ଼ାଠାରେ ୫୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ପାଇଁ ଟେଣ୍ଡର ସରିଛି। ବିଭିନ୍ନ କାମ ପାଇଁ ବର୍ଷର ୮ ମାସ ଯୋଗ୍ରା ଆନିକଟରୁ ବାହାରିଥିବା ତାଳଦଣ୍ଡା କେନାଲ ବନ୍ଦ ରହୁଛି। ଏହାଛଡା ଉକ୍ତ ଆନିକଟ୍‌ର ଜଳଧାରଣ କ୍ଷମତା ଖରାଦିନେ ହ୍ରାସ ପାଉଥିବାରୁ ପାରାଦୀପ ଶିଳ୍ପାଞ୍ଚଳକୁ ପାନୀୟଜଳ ଯୋଗାଣ ଭବିଷ୍ୟତରେ କଷ୍ଟକର ହୋଇପଡିବ। ତେଣୁ ସମୁଦ୍ରକୁ ଚାଲି ଯାଉଥିବା ମହାନଦୀ ପାଣିକୁ ଏହି ସ୍ଥାନରେ ଅଟକାଇବାର ବ୍ୟବସ୍ଥା କରାଯାଉଛି। ପ୍ରସ୍ତାବିତ ସିର୍ଲୋରେ ହିଁ ସେତୁ କାମ ପୂର୍ବ ଯୋଜନା ଅନୁଯାୟୀ ଶୀଘ୍ର ଆରମ୍ଭ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବିଧାୟକ ବେହେରା ସୂଚନା ଦେଇଛନ୍ତି।

## ହାତୀ ଆକ୍ରମଣରେ ଚାଷୀ ମୃତ

ଭଞ୍ଜନଗର,୮।୧୦(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସୀ ରେଞ୍ଜ କ୍ଷେତମୁଣ୍ଡାଳୀ ଗ୍ରାମରେ ହାତୀ ଆକ୍ରମଣରେ ଚାଷୀ ପବିତ୍ର ସାହୁ(୪୦)ଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଶନିବାର ରାତିରେ ଏକ ହାତୀପଲ କ୍ଷେତମୁଣ୍ଡାଳୀ ଅଞ୍ଚଳରେ ଧାନ ଫସଲ ଖାଉଥିଲେ। ଏହା ଜାଣି ଛାଷୀମାନେ ହାତୀଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରିବାବେଳେ ହାତୀପଲ ସେମାନଙ୍କୁ ପାଲଟା ଗୋଡ଼ାଇ ଥିଲେ। ଏହି ସମୟରେ ହାତୀଙ୍କ ହାବୁଡ଼ରେ ପବିତ୍ର ପଡ଼ିଯିବାରୁ ତାଙ୍କୁ ହାତୀ ଦଳି ଦେଇଥିଲା। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ପବିତ୍ରଙ୍କୁ ଭଞ୍ଜନଗର ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମାଟିତଳ ଐତିହ୍ୟ ଲୋକଲୋଚନକୁ ଆଣିଲେ ମହତ୍ତ୍ୱ ବଢ଼ିବ

**ଇନ୍ଦିରା ଗାନ୍ଧୀ ସ୍ମାରକୀ ପାଠାଗାର ପକ୍ଷରୁ ଆଲୋଚନାଚକ୍ର**

ଭୁବନେଶ୍ୱର, ୮।୧୦ (ବ୍ୟୁରୋ)

ଭୁବନେଶ୍ୱର ୟୁନିଟ୍ ୯ ସ୍ୱାଧୀନତା ସଂଗ୍ରାମୀ ସଦନ ବୈକୁଣ୍ଠ ସାରଣୀ ସଭାଗୃହରେ ଇନ୍ଦିରା ଗାନ୍ଧୀ ସ୍ମାରକୀ ପାଠାଗାର ଆନୁକୂଲ୍ୟରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସ୍ୱତନ୍ତ୍ର ଅର୍ଥ ସଚିବ ଡକ୍ଟର କୃଷ୍ଣଚନ୍ଦ୍ର ବଡୁ ଯୋଗ ଦେଇଥିଲେ। ଗୌତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ 'ଏକାମ୍ର କ୍ଷେତ୍ରର ନବୀକରଣ' ଆଲୋଚନାଚକ୍ରକୁ ଆରମ୍ଭ କରିଥିଲେ। ରାଜ୍ୟ ସରକାର ପୁରୀ ମନ୍ଦିର ପରିକ୍ରମା ପରେ ଏବେ ଏକାମ୍ର କ୍ଷେତ୍ରର ନବୀକରଣ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଡକ୍ଟର ହରେକୃଷ୍ଣ ମହତାବଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରୁ ଲିଙ୍ଗରାଜ କ୍ଷେତ୍ରର ଉନ୍ନତି ଆରମ୍ଭ ହୋଇଛି। ଏବେ ରାଜ୍ୟ ସରକାର ନବୀକରଣ କରୁଛନ୍ତି। ଏହି ନବୀକରଣ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ସମ୍ପର୍କରେ କାହା ପାଖରେ କୌଣସି ସୂଚନା ନାହିଁ। ମାତ୍ର ନବୀକରଣ ନାଁରେ ମନ୍ଦିର ଚାରିପାଖ ଭଙ୍ଗାଯାଉଛି । ଖନନ ବେଳେ ମାଟି ତଳେ ବହୁ ପୁରାତନ ମନ୍ଦିର ଆବିଷ୍କାର ହେଉଛି। ପ୍ରତ୍ନତତ୍ତ୍ୱ ବିଭାଗ ଏ ଦିଗରେ ଦୃଷ୍ଟି ଦେଉନାହିଁ। ମାଟି ତଳେ ଆଉ କ'ଣ ଅଛି ତାହା ଆଧୁନିକ ଜ୍ଞାନ କୌଶଳରେ ପରଖି ତାହା ଲୋକ ଲୋଚନକୁ ଆଣିଲେ ପ୍ରକୃତରେ ଐତିହ୍ୟର ମହତ୍ତ୍ୱ ବଢ଼ିପାରନ୍ତା। ଏକାମ୍ର କ୍ଷେତ୍ରର ନବୀକରଣରେ ଏହାସବୁ ଆକର୍ଷଣ କେନ୍ଦ୍ର ହୋଇପାରନ୍ତା ବୋଲି ବଡୁ କହିଛନ୍ତି। ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର କହିଲେ, ପୁରୀ ପ୍ରୋଜେକ୍ଟ ପରେ ଏକାମ୍ର ପ୍ରୋଜେକ୍ଟ ରାଜ୍ୟ ସରକାର ହାତକୁ ଆଣିଛନ୍ତି। ଏକାମ୍ର କ୍ଷେତ୍ର ପ୍ରକଳ୍ପରେ ଆମେ କେବଳ ଭଙ୍ଗାରୁଜା ଦେଖୁଛୁ। ଏ ପର୍ଯ୍ୟନ୍ତ କୌଣସି ନିର୍ମାଣ ହୋଇନାହିଁ। ଲୋକେ ଏଏସ୍‌ଆଇ ମତ ଚାହୁଁଛନ୍ତି, ଯେହେତୁ ଏହା ଐତିହାସିକ କରିଡର, ଏହାର ରକ୍ଷଣାବେକ୍ଷଣ ଓ ସ୍ଥାୟିତ୍ୱ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସରକାର ବହୁ ଐତିହାସିକ ସ୍ଥାନ ଭାଙ୍ଗିଦେଲେ। ସେସବୁ ଥାଇ ମଧ୍ୟ ଏକାମ୍ର କ୍ଷେତ୍ରର ଉନ୍ନତି କରାଯାଇପାରିଥାନ୍ତା। ମାଟି ତଳେ କ'ଣ ଐତିହ୍ୟ ଅଛି ଓ ମନ୍ଦିର ଚାରିପାର୍ଶ୍ୱରେ କ'ଣ ଐତିହାସିକ ତଥ୍ୟ ଅଛି ତାହାର ରିପୋର୍ଟ ଦେବାକୁ ଗାନ୍ଧୀନଗର ଆଇଆଇଟିକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ରିପୋର୍ଟ ମିଳିପାରିନାହିଁ। ସରକାର ସମସ୍ତ ଐତିହାସିକ ତଥ୍ୟକୁ ଦୃଷ୍ଟିରେ ରଖି ଏକାମ୍ର କ୍ଷେତ୍ରର ନବୀକରଣ କରନ୍ତୁ। ପୁରୁଣା ଐତିହ୍ୟକୁ ଭାଙ୍ଗି ନୂତନ କୋଠା କି ପ୍ରାସାଦ କଲେ ପୁରୁଣା ଭାବ ଆଉ ସହଜରେ ଆଧ୍ୟାତ୍ମିକତାକୁ ସ୍ପର୍ଶ କରିପାରିବେନି ବୋଲି ମିଶ୍ର କହିଥିଲେ। ଅନୁଷ୍ଠାନର ସଭ୍ୟ ସନ୍ତୋଷ କୁମାର ପତି ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

**ପୁରୀ**

- ଗଜଲକ୍ଷ୍ମୀ ପୂଜା, ଧାନ ମନ୍ଦିର ଆଶ୍ରମ, ସନ୍ଧ୍ୟା ୭ଟା ୩୦।

**ସାକ୍ଷୀଗୋପାଳ**

- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସର୍ବଧର୍ମ ପ୍ରାର୍ଥନା ସଭା, ପଞ୍ଚସଖା ସମାଧିପୀଠ, ସକାଳ ୮ଟା।
- ଲୋକ ସଂସ୍କୃତି ସମାରୋହ, ଗୋପବନ୍ଧୁ ମଣ୍ଡପ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି, ପୂର୍ବାହ୍ନ ୯ଟା।
- ରକ୍ତଦାନ ଶିବିର, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ କାଦୁଆ ଆଶ୍ରମ, ପୂର୍ବାହ୍ନ ୯ଟା।
- ଜନସମ୍ପର୍କ ପଦଯାତ୍ରା ଆରମ୍ଭ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ପୂର୍ବାହ୍ନ ୯ଟା।
- ଗୋପବନ୍ଧୁ ଜୟନ୍ତୀ ସମାରୋହ ଓ ଶ୍ରଦ୍ଧାଞ୍ଜଳି ସଭା, ଜନ୍ମପୀଠ ସୁଆଣ୍ଡୋ, ପୂର୍ବାହ୍ନ ୧୦ଟା।
- ବାଲୁଙ୍କେଶ୍ୱର ଦେବ ମନ୍ଦିର ସ୍ୱାଗତ ତୋରଣ ଉଦ୍‌ଘାଟନ, ବରାଳ ଗ୍ରାମ, ପୂର୍ବାହ୍ନ ୧୧ଟା।
- କବିତା ପାଠୋତ୍ସବ, କାଦୁଆ ଆଶ୍ରମ, ମଧାହ୍ନ ୧୨ଟା।

# ନର୍ଦ୍ଦମା ପାଖରେ ଖାଦ୍ୟ ପ୍ରସ୍ତୁତି

- କାର୍ଯ୍ୟାନୁଷ୍ଠାନ ବଦଳରେ ନୋଟିସ୍ ଦେଉଛି ଖାଦ୍ୟ ସୁରକ୍ଷା ଟିମ୍
- ନିୟମିତ ଖାଦ୍ୟର ଯାଞ୍ଚ କରିବାକୁ ଦାବି

ପୁରୀ ଅଫିସ,୮।୧୦:

ମଣିଷ ପାଇଁ ଖାଦ୍ୟ ଯେତେ ଜରୁରୀ, ଶରୀର ପାଇଁ ସୁଷମ ଓ ପୁଷ୍ଟିସାର ଖାଦ୍ୟ ସେତିକି ଆବଶ୍ୟକ। ହେଲେ ରାଜ୍ୟର ବିଭିନ୍ନ ସ୍ଥାନରେ ଯେଉଁଭଳି ଭାବେ ବର୍ତ୍ତମାନ ଖାଦ୍ୟର ମାନ କମିବା ସହ ନକଲି ପଦାର୍ଥରେ ଖାଦ୍ୟ ପ୍ରସ୍ତୁତି ହେଉଛି, ତାହା ସ୍ୱାସ୍ଥ୍ୟ ପାଇଁ ହିତକାରକ ସାବ୍ୟସ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ଏବେ ପୁରୀରେ ନାଳ, ନର୍ଦ୍ଦମା ପାଖରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ନଜରକୁ ଆସିଛି। ସହରର ଅନେକ ଛୋଟ ଖାଦ୍ୟ ଉତ୍ପାଦନକାରୀ ଦୋକାନୀ ଓ ସଂସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଛନ୍ତି। ହେଲେ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଏଭଳି ଦୋକାନୀ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗୁଥିବା ଅଭିଯୋଗ ହୋଇଛି।

ପୁରୀ ସହରସ୍ଥିତ କୁମୁଟିପାଟଣା ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହୋଇ ବିକ୍ରି କରାଯାଉଥିବା ନେଇ ସ୍ଥାନୀୟଲୋକେ ପୁରୀ ପୌରସଂସ୍ଥା ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ଅଞ୍ଚଳରେ ଜଣେ ବ୍ୟବସାୟୀ ଏକ ମିକ୍ସର୍ ଓ ପାମ୍ପଡ କାରଖାନା କରିଛନ୍ତି। କାରଖାନାଟି ଏକ ନର୍ଦ୍ଦମା ନିକଟରେ ଥିବାବେଳେ ଖାଦ୍ୟର ମାନ ସମେତ ସ୍ୱଚ୍ଛତା ଦିଗରେ ଧ୍ୟାନ ଦିଆଯାଉ ନାହିଁ। ଏପରିକି କାରଖାନାରେ ବର୍ଜ୍ୟବସ୍ତୁକୁ ସାହି ଭିତରକୁ ଛାଡ଼ିଦିଆଯାଉଛି। ମାତ୍ରାଧିକ ପୋଡ଼ା ମୋବିଲର ବ୍ୟବହାର ମଧ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ବଢ଼ାଇଛି। ଅଞ୍ଚଳରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ତେବେ ଏଭଳି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପୌର ସଂସ୍ଥା ଏସମ୍ପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇ ଚୁପ୍ ବସିଛି। ଏ ସମ୍ପର୍କରେ ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ କହିଛନ୍ତି, ଏଭଳି ଅଭିଯୋଗ ହସ୍ତଗତ ହେବା ପରେ ଆମେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇଛୁ। ତେବେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ରିପୋର୍ଟ ହସ୍ତଗତ ହୋଇନାହିଁ। ଅନ୍ୟପଟେ ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ପୁରୀ ସହର ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ହୋଇଥିବା ବେଳେ ପ୍ରଶାସନ ଅବହେଳା ହେତୁ ଖାଦ୍ୟ ସୁରକ୍ଷା ଆଇନ କଡ଼ାକଡ଼ି ହୋଇପାରୁ ନାହିଁ। ନିୟମ ଅନୁଯାୟୀ, ଖାଦ୍ୟ ସୁରକ୍ଷା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ଓ ପୌର ସଂସ୍ଥାର ମିଳିତ ଟିମ୍ ଜିଲାରେ ଖାଦ୍ୟ ସୁରକ୍ଷା ସ୍ଥିତି ଉପରେ ଧ୍ୟାନ ଦେବା ଆବଶ୍ୟକ। ମାତ୍ର ଦୀର୍ଘଦିନ ହେବ ଏଭଳି କରାଯାଉ ନାହିଁ। ସବୁ ବିଭାଗ ପରସ୍ପର ଉପରେ ଦାୟିତ୍ୱ ଲଦିବାରେ ଲାଗିଛନ୍ତି। ମାତ୍ର କେହି ଖାଦ୍ୟର ମାନ ଓ ଏହାର ପ୍ରସ୍ତୁତିର ଗୁଣବତ୍ତା ଉପରେ ଦୃଷ୍ଟି ରଖୁନାହାନ୍ତି। ସମ୍ପୃକ୍ତ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ପଦାର୍ଥ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ନାଳ ନର୍ଦ୍ଦମା ନିକଟରେ ଖାଦ୍ୟ ପ୍ରସ୍ତୁତ ହେଉଛି। ତାହାକୁ ପ୍ୟାକେଜ କରି ବଜାରକୁ ଛଡାଯାଉଛି। ଖୋଲାଖୋଲି ଭାବେ ଖାଦ୍ୟ ସୁରକ୍ଷା ଆଇନର ଉଲ୍ଲଂଘନ ହେଉଥିଲେ ମଧ୍ୟ କାହାରି ଏହି ଦିଗରେ ନିଘା ନାହିଁ ।


ନର୍ଦ୍ଦମା ନିକଟରେ ପ୍ରସ୍ତୁତ ହେଉଛି ଖାଦ୍ୟ ।

ଅନ୍ୟପକ୍ଷେ ସୋସିଆଲ ମିଡିଆର ଏକ ଫଟୋ ସ୍ଥାନୀୟ ଲୋକମାନେ ଶେୟାର କରୁଛନ୍ତି। ଫଟୋରେ କେତେକ ଅଧିକାରୀ ସମ୍ପୃକ୍ତ କାରଖାନାରୁ ଖାଦ୍ୟ ପଦାର୍ଥ ଆଣି ସରକାରୀ ଗାଡ଼ି ଭିତରେ ରଖୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି ଯେ, ଯାଞ୍ଚ ଟିମ୍ ସମ୍ପୃକ୍ତ କାରଖାନା ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ କେବଳ ଲାଞ୍ଚ ଓ ଖାଦ୍ୟ ପଦାର୍ଥ ନେଇ ଫେରିଛନ୍ତି। ଏ ନେଇ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ କହିଛନ୍ତି, ଅଭିଯୋଗ ହେବା ପରେ ଗୁରୁବାର ଘଟଣାସ୍ଥଳରେ ଚଢ଼ାଉ କରି ମାଲିକଙ୍କୁ ତାଗିଦ୍ କରାଯାଇଛି। ୧୪ଦିନ ମଧ୍ୟରେ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଆନୁଷଙ୍ଗିକ ବ୍ୟବସ୍ଥା କାରଖାନାରେ କରିବା ପାଇଁ ନୋଟିସ୍ ହୋଇଛି। ସେହିଭଳି ଜିଲାର ଅନେକ ସ୍ଥାନରେ ଚଢାଉ କରି ସ୍ଥିତି ଯାଞ୍ଚ କରିଛୁ। ପୁରୀ ସହରରେ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ବିକ୍ରି ପାଇଁ ଅନେକ ସ୍ଥାନୀୟ ଖାଦ୍ୟ କାରଖାନା କାର୍ଯ୍ୟକ୍ଷମ ରହିଛି। ଏହାର ଗୁଣବତ୍ତା ଯାଞ୍ଚ ପାଇଁ ପ୍ରଶାସନ ସ୍ତରରେ ସାମଗ୍ରିକ ପ୍ରୟାସ କେବେ ହେଲେ ହୋଇ ନାହିଁ। କେବଳ ରଥ ଯାତ୍ରା ସମୟରେ କିଛି ହୋଟେଲକୁ ଯାଇ ଖାଦ୍ୟ ସୁରକ୍ଷା ଅଧିକାରୀ ଯାଞ୍ଚ କରିଥାନ୍ତି । ତେବେ କାରଖାନାରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ କେବେ ହେଲେ ଯାଞ୍ଚ ହୋଇପାରେ ନାହିଁ। ସାଧାରଣତଃ ବଡ଼ ବଡ଼ ସହର ଓ ପ୍ରମୁଖ ପର୍ଯଟନ ସ୍ଥଳୀରେ ଏହି ଆଇନ କଡାକଡି ଭାବେ ପାଳନ କରାଯାଉଥିବା ବେଳେ ପୁରୀରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସ୍ଥାନୀୟ ଖାଦ୍ୟ ପଦାର୍ଥର ମାନ ସମୟ ସମୟରେ ଯାଞ୍ଚ କରାଯିବା ଦରକାର ବୋଲି ବୁଦ୍ଧିଜୀବୀ ପ୍ରଣୟ ଜଗଦେବ କହିଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦମ୍ପତି ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୮।୧୦

ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲୁ) ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରି ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ କରି ଠକାମିର ଶିକାର ହୋଇଥିବା ପୀଡିତ ଏବଂ ତାଙ୍କ ସ୍ୱାମୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରିଣୀ କୁମ୍ଭାରପଡା ଥାନା ଅର୍ନ୍ତଗତ ଦେବୀଘାଟର ରଘୁନାଥ ମାଝୀଙ୍କ ସ୍ତ୍ରୀ ନିରୁପମାଙ୍କ ଅଭିଯୋଗ ଅନୁଯାୟୀ, କୁମ୍ଭାରପଡା ବାଡାସାହିରେ ରହୁଥିବା ସନ୍ତୋଷ ନାମକ ବ୍ୟକ୍ତି କୌଣସି କାର୍ଯ୍ୟ ପାଇଁ ନିରୁପମାଙ୍କଠାରୁ ୨ଲକ୍ଷ ୧୦ହଜାର ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ବାବଦରେ ନିରୁପମାଙ୍କୁ ଏକ ଚେକ୍ ପ୍ରଦାନ କରିଥିଲେ। ହେଲେ ଚେକ୍ ନେଇ ବ୍ୟାଙ୍କକୁ ଯିବାବେଳେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ଏ ନେଇ ନିରୁପମା କୁମ୍ଭାରପଡ଼ା ଥାନାରେ ସନ୍ତୋଷଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ନାମରେ ଏନବିଡବ୍ଲୁ ୱାରେଣ୍ଟ ଏବେ ଥାନାକୁ ଆସିଛି। କିନ୍ତୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହାନ୍ତି। ଅଭିଯୁକ୍ତ ଜଣଙ୍କ ଘରେ ଥିବା ଅବସ୍ଥାରେ ବାରମ୍ବାର ପୋଲିସଙ୍କୁ ଜଣାଇବା ପରେ ମଧ ଗିରଫ କରାଯାଉ ନାହିଁ। ବାରମ୍ବାର ଥାନାକୁ ଗଲେ ମଧ ପୋଲିସ ଅଭିଯୁକ୍ତକୁ ଗିରଫ ନକରି ସୁରକ୍ଷା ପ୍ରଦାନ କରୁଛି। ଫଳରେ ନିରାଶ ହେବାକୁ ପଡୁଛି। ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା' ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିରୁପମା ମାଝି ଏସ୍‌ପିଙ୍କୁ ଅନୁରୋଧ କରି ଲିଖିତ ଭାବେ ଜଣାଇଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ
## ରାସ୍ତାରେ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଲେ ଲୋକେ

ପିପିଲି,୮।୧୦(ଡି.ଏନ୍.ଏ.)

ରାସ୍ତାରେ ନାବାଳିକାଙ୍କୁ ଛୁରି ଦେଖାଇ ଜଣେ ଯୁବକ ଅସଦାଚରଣ ଉଦ୍ୟମ କରୁଥିଲେ। ହେଲେ ଯୁବକ ଜଣଙ୍କ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ଲୋକେ ତାଙ୍କୁ ଉତ୍ତମ ମଧ୍ୟମ ଦେବା ପରେ ସମ୍ପୃକ୍ତ ଯୁବକ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିଲେ। ଉକ୍ତ ଯୁବତୀଙ୍କ ଆଙ୍ଗୁଠି କଟିଯାଇଥିବାରୁ ତାଙ୍କୁ ତୁରନ୍ତ ସାତଶଙ୍ଖ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ନାବାଳିକାଙ୍କ ଦାଦା ଶନିବାର ସାତଶଙ୍ଖ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ. ୫୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବଳଙ୍ଗା ଥାନା ଅନ୍ତର୍ଗତ ଜଣେ ନାବାଳିକା କୁମାର ପୂନେଇଁ ପାଇଁ ଡ୍ରେସ୍ କିଣି ସାତଶଙ୍ଖ –ବଳଙ୍ଗା ରାସ୍ତାରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେହି ବାଟରେ କୁମାରେଶ୍ୱର ଗ୍ରାମର ଏକ ପୋଖରୀ ନିକଟରେ ନାବାଳିକାଙ୍କ ବେକରେ ଉକ୍ତ ଯୁବକ ଛୁରି ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ତାଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରୁଥିଲେ। ସେହି ରାସ୍ତାରେ ଯାଉଥିବା କେତେକ ବ୍ୟକ୍ତି ଏହା ଦେଖି ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ନାବାଳିକାଙ୍କ ବୁଢ଼ା ଆଙ୍ଗୁଠି କଟିଯାଇଥିଲା। ଯୁବକଙ୍କୁ ସ୍ଥାନୀୟ ଲୋକେ ଉତ୍ତମ ମଧ୍ୟମ ଦେବା ପରେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଭୂୟାଁଙ୍କୁ ପଚାରିବାରେ, ଉକ୍ତ ଯୁବକ ପୂର୍ବରୁ କୁରାଢ଼ିରେ ଜଣଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିଲେ। କିଛି ମାସ ପରେ ଜାମିନରେ ଆସି ଏଭଳି କାଣ୍ଡ କରିଥିବା ଫାଣ୍ଡି ଅଧିକାରୀ କହିଛନ୍ତି।


ପୁରୀ ମଙ୍ଗଳାଘାଟଠାରେ କରାଯାଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜ୍ଜିତ ମୂର୍ତ୍ତିଗୁଡିକରୁ ଶନିବାର ସ୍ଥାନୀୟ ଲୋକେ ବର୍ଜ୍ୟବସ୍ତୁ ସଂଗ୍ରହ କରୁଛନ୍ତି ।

## ଆଜି ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ନୀତି

ପୁରୀ ଅଫିସ,୮।୧୦

ଶ୍ରୀମନ୍ଦିରରେ ରବିବାର କୁମାର ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବ। ଏହି ଅବସରରେ ସକାଳେ ଶ୍ରୀମନ୍ଦିର ଦ୍ୱାରଫିଟା ହୋଇ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି କରାଯିବ। ଅବକାଶ ଓ ଦୈନନ୍ଦିନ ନୀତି ସମାପନ ପରେ ମହାପ୍ରଭୁ ରାଧା ଦାମୋଦର ବେଶ ହେବେ। ଏହାପରେ ଗୋପାଳବଲ୍ଲଭ, ସକାଳଧୂପ ଓ ବାଲଧୂପ ଅନୁଷ୍ଠିତ ହେବ। ଭୋଗମଣ୍ଡପ ଓ ଅନ୍ୟାନ୍ୟ ନୀତି ସମାପନ ପରେ ଦ୍ୱିପ୍ରହର ଧୂପ ଅନୁଷ୍ଠିତ ହେବ। ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ନେଇ ଚକ୍ରରାଜ ସୁଦର୍ଶନଙ୍କୁ ପ୍ରଦାନ କରିବେ। ପରେ ଦଇତାପତି ସେବକମାନେ ରତ୍ନ ସିଂହାସନରୁ ସୁଦର୍ଶନଙ୍କୁ ଜଗମୋହନକୁ ବିମାନରେ ବିଜେ କରି ରୁନ୍ଧା କାର୍ଯ୍ୟ ସମ୍ପନ୍ନ ହେବା ସହ ବିଭିନ୍ନ ନୀତି ସମ୍ପନ୍ନ ହେବ। ବିମାନ ବଡୁ ସେବକମାନେ ସୁଦର୍ଶନଙ୍କୁ ବଡ଼ଦାଣ୍ଡ ଦେଇ ଲବଣିଖିଆ ପଣ୍ଡିଘର ନିକଟକୁ ନେଇଥିଲେ। ସେଠାରେ ପଣ୍ଡି ସମାପ୍ତ ହେଲା ପରେ କରତି ସାହି ଦେଇ ଶ୍ରୀସୁଦର୍ଶନ ଅଙ୍ଗୀରା ଆଶ୍ରମରେ ବିଜେ କରିବେ। ସେଠାରେ ପାରମ୍ପରିକ ନୀତି ସାରି ଶ୍ରୀସୁଦର୍ଶନ ଉଁଆସ ଦାଣ୍ଡରେ ଭୃଗୁ ଆଶ୍ରମ ଓ ହରଚଣ୍ଡୀ ସାହି ଯମେଶ୍ୱର ମନ୍ଦିର ନିକଟରେ ପଣ୍ଡୁ ଆଶ୍ରମରେ ବିଜେ କରିବେ। ସେଠାରେ ପଣ୍ଡି ସମାପ୍ତ ହେଲା ପରେ ହରଚଣ୍ଡୀ ସାହି ବାରବାଟୀ ଜାଗା ଦେଇ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରରେ ପହଞ୍ଚିବେ। ଦ୍ୱାର ନିକଟରେ ପତିମହାପାତ୍ର ବନ୍ଦପନା କଲା ପରେ ବାହୁଡା ବିଜେ କରି ରତ୍ନ ସିଂହାସନରେ ବିଜେ କରିବେ। ଏହାପରେ ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାସ୍ନାନ କରାଯିବ। ବେଶ ବଢିଲା ପରେ ସନ୍ଧ୍ୟା ଆଳତି ବଢି ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀ ସୁଦର୍ଶନ ଆଦି ଚାରିବାଡରେ ୪ପୂଜାପଣ୍ଡା ସନ୍ଧ୍ୟାଧୂପ ମଣୋହୀ କରାଇବେ।

## ଆଜିଠୁ କୁମାର ଉତ୍ସବ

ପୁରୀ ଅଫିସ ୮।୧୦

ଶ୍ରୀକ୍ଷେତ୍ର ୟୁଥ କଲଚରାଲ ଆସୋସିଏଶନ, ପୁରୀ ପକ୍ଷରୁ ୪୩ତମ କୁମାର ଉତ୍ସବ ଆସନ୍ତା ୯ ଓ ୧୦ ତାରିଖ ଦୁଇ ଦିନ ଧରି ସ୍ୱର୍ଗଦ୍ୱାର ବେଳାଭୂମିରେ ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କଳାକାରମାନେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଆଇନ, ଏସ୍‌ଟି, ଏସ୍‌ସି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, କ୍ରୀଡା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଏମ୍‌ପି ତଥା ଆସୋସିଏଶନର ଚେୟାରମ୍ୟାନ ପିନାକୀ ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ଆସୋସିଏଶନର ସଭାପତି ମହେଶ୍ୱର ମହାନ୍ତି, ହାଇଟେକ୍ ଗ୍ରୁପ୍‌ର ତିରୁପତି ପାଣିଗ୍ରାହୀ, ପୂର୍ବତନ ପୌରସଦସ୍ୟ ଭକ୍ତଚରଣ ଦାସ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ 'ଜହ୍ନ ଝୁମେ ରାତି ଜମେ ଓ କାଞ୍ଚି ଅଭିଯାନ' ଗୀତ ପରିବେଷଣ କରାଯିବ। ଏହାସହ ପ୍ରଚ୍ଛଦପଟ୍ଟ ଗାୟକ ଶଶାଙ୍କ ଶେଖର ଓ ଭାଗ୍ୟଶ୍ରୀ ସଙ୍ଗୀତ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ଦିବସରେ ପୂର୍ବତନ ମନ୍ତ୍ରୀ ତଥା ଆସୋସିଏଶନ ସଭାପତି ମହେଶ୍ୱର ମହାନ୍ତି ଓ ସଦର ବ୍ଲକର ଚେୟାରମ୍ୟାନ ଦିବାକର ପାତ୍ର ପ୍ରମୁଖ ଯୋଗଦେବେ। ଏହାସହ ଶ୍ରୀକ୍ଷେତ୍ର କଳା ନିକେତନ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ମୁଖ୍ୟ ଆକର୍ଷଣ ସାଜିବେ ଅମୂଲ ଷ୍ଟାର ଭଏସ୍ ଅଫ୍ ଇଣ୍ଡିଆର ପ୍ରଚ୍ଛଦପଟ୍ଟ ଗାୟକ ମହ୍ଲାର ଓ ସୋମା ଚାନ୍ଦ ଯୋଗଦେବେ ବୋଲି ସାଧାରଣ ସମ୍ପାଦକ ସଦାଶିବ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ପାଇଁ ନାମାଙ୍କନ

**୧୫ରେ ମିଳିବ ଚିହ୍ନ, ୩୦ରେ ମତଦାନ**

ପୁରୀ ଅଫିସ,୮।୧୦:

ସମ୍ମିଳିତ ପୁରୀ–ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ୧୫ଟି ଜୋନର ନିର୍ଦ୍ଦେଶକ ପଦ ପାଇଁ ଶନିବାର ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ପୁରୀ ସହରସ୍ଥିତ ପୁରୀ ନିମାପଡା ସମବାୟ ବ୍ୟାଙ୍କର ମୁଖ୍ୟ ଶାଖାରେ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି। ୧୫ଟି ଜୋନ ପାଇଁ ସର୍ବମୋଟ ୫୧ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ସବୁ ଜୋନରେ ବହୁମୁଖି ପ୍ରତିଯୋଗିତା ହେବାର ସମ୍ଭାବନା ରହିଛି। ତେବେ ସମୁଦାୟ ୨୭୨୩ ଜଣଙ୍କ ମଧ୍ୟରେ ନିର୍ଦ୍ଦେଶକ ନିର୍ବାଚନ ହେବ। ପ୍ରାର୍ଥିପତ୍ର ସମ୍ପର୍କିତ ଅଭିଯୋଗ ଆସନ୍ତା ୧୦ରେ, ପ୍ରାର୍ଥିପତ୍ର ଯାଞ୍ଚ ଓ ଶୁଣାଣି ୧୧ ତାରିଖରେ ହେବ। ୧୨ରେ ପ୍ରାର୍ଥିପତ୍ର ସମ୍ପର୍କିତ ଅଭିଯୋଗ ଉପରେ ନିଷ୍ପତ୍ତି ହୋଇ ୧୩ରେ ବୈଧ ପ୍ରାର୍ଥିପତ୍ର ତାଲିକା ଘୋଷଣା ହେବ। ଏହାପରେ ୧୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୧୫ ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୧୫ ତାରିଖରେ ପ୍ରାର୍ଥୀମାନଙ୍କୁ ଚିହ୍ନ ମଧ୍ୟ ପ୍ରଦାନ କରାଯିବ। ସେହିଭଳି ଆସନ୍ତା ୩୦ ତାରିଖରେ ପୁରୀ ଜିଲା ସ୍କୁଲ ପରିସରରେ ସକାଳ ୭ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ମତଦାନ ହେବ। ଅପରାହ୍ନ ୫ଟା ପରେ ଭୋଟ ଗଣତି କରାଯିବା ନେଇ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ରହିଛି। ଅନ୍ୟପକ୍ଷେ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ସମର୍ଥିତ ପ୍ରାର୍ଥୀ ଶୋଭାଯାତ୍ରାରେ ଯାଇ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉଭୟ ଦଳର ୧୫ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ଦେବେ ଦୀର୍ଘ ବର୍ଷ ଧରି ବ୍ୟାଙ୍କ ବିଜେଡି ଅକ୍ତିଆରରେ ରହି ଆସିଛି। ବିଜେଡି ସମର୍ଥିତ ୭ ନମ୍ବର ଜୋନର ପ୍ରାର୍ଥୀ ଭଗବାନ ନାୟକ କହିଛନ୍ତି, କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନବୀନ ପଟ୍ଟନାୟକ ସର୍ବଦା ଚେଷ୍ଟିତ। ନିର୍ବାଚିତ ହେଲେ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେମାନେ ସମବାୟ ବ୍ୟାଙ୍କ ମାଧ୍ୟମରେ ଚାଷୀ ଶ୍ରେଣୀର ହିତରେ କାର୍ଯ୍ୟ କରିବୁ। ସେହିଭଳି ବିଜୁ ଜନତା ଦଳର ପ୍ରାର୍ଥୀମାନେ ବହୁ ମତରେ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ବାଢିଛନ୍ତି ।


ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

## ଶିଶୁ ସମାଚାର ପକ୍ଷରୁ କଲାମଙ୍କ ଉପରେ ପ୍ରତିଯୋଗିତା

ପୁରୀ ଅଫିସ,୮।୧୦

ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ତଥା ବିଶ୍ୱ ବିଦ୍ୟାର୍ଥୀ ଦିବସ ଅବ୍ୟବହିତ ପୂର୍ବରୁ ଶିଶୁ ସମାଚାର ପକ୍ଷରୁ ପୋଲିସ ଲାଇନ୍ ସ୍କୁଲରେ ବିଦ୍ୟାଳୟସ୍ତରୀୟ ବକ୍ତୃତା 'କଲାମ ସମାଜ ପାଇଁ ଅବଦାନ' ଓ ଚିତ୍ରାଙ୍କନ 'କଲାମଙ୍କ ସର୍ବଶ୍ରେଷ୍ଠ କୃତି' ଉପରେ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ମନୋଜ ରଥ, ଚକ୍ରଧର ମହାପାତ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଶରତ କୁମାର ରାୟଗୁରୁ, ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିକାଶ ପାଇଁ ଶିଶୁ ସମାଚାର ଏହିଭଳି ପ୍ରତିଯୋଗିତା ଆୟୋଜନ କରିଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ପୋଲିସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ଶିଶୁ ସମାଚାର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରେଣୁକା ମିଶ୍ର, ସୁକାନ୍ତ ମହାନ୍ତି, ବଳଭଦ୍ର ପୂଜାପଣ୍ଡା, ସଂଘମିତ୍ରା ଦାଶ, ଦୁର୍ଗାମାଧବ କର, ସତ୍ୟ ପାଢ଼ୀ, ସସ୍ମିତା ମହାରଣା ବିଚାରକ ଭାବେ ଯୋଗଦେଇଥିଲେ। ବକ୍ତୃତାରେ ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀର ସୁଶ୍ରୀ ସିମରଣ ମହାପାତ୍ର ପ୍ରଥମ, ଚନ୍ଦନପୁର ନୋଡାଲ ସ୍କୁଲର ପ୍ରିୟାଂଶୀ ସାହୁ ଦ୍ୱିତୀୟ, ଜାଭିୟର ସ୍କୁଲର ଆସ୍ଥା ରଥ ତୃତୀୟ ସ୍ଥାନ ଓ ଚିତ୍ରାଙ୍କନରେ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୱେଷା ପଟ୍ଟନାୟକ ପ୍ରଥମ, ଉଦୀପ୍ତା ଉପାସନା ଦ୍ୱିତୀୟ, ଶ୍ରଦ୍ଧା ସ୍ୱରୂପ ନନ୍ଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ୧୫ତାରିଖ ବିଶ୍ୱ ବିଦ୍ୟାର୍ଥୀ ଦିବସ ସୁଖଲତା ବାଳିକା ବିଦ୍ୟାଳୟ ଗଉ ସାହିରେ ପାଳନ ବେଳେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ସତ୍ୟ ସାହୁ, ଶୁଭଜିତ ପଣ୍ଡା, ଦିବାକର ଦଳେଇ, ସତ୍ୟ ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଶିଶୁ ସମାଚାର ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥି ।

## କୋଣାର୍କକୁ ୭୧ନଂ. ରୁଟର ମୋ ବସ୍ ଚଳାଚଳ ପାଇଁ ଦାବି

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କ୍ରୀଡ଼ା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

କୋଣାର୍କ/ଗୋପ,୮।୧୦(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟ ମନ୍ଦିର ପାଇଁ ବିଶ୍ୱ ବିଖ୍ୟାତ। ଏଠାକୁ ଦେଶ ଓ ବିଦେଶରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିଥାନ୍ତି। ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଣାର୍କକୁ ମୋ ବସ୍ ଚଳାଇଛନ୍ତି। ପୂର୍ବରୁ ଭୁବନେଶରସ୍ଥିତ ବରମୁଣ୍ଡା ବସଷ୍ଟାଣ୍ଡଠାରୁ କୋଣାର୍କକୁ ୭୧ନଂ. ରୁଟର ମୋ ବସ୍ ଚଳାଚଳ କରୁଥିବା ବେଳେ ଭୁବନେଶ୍ୱର ଅର୍ବାନ ପରିବହନ ପ୍ରାଧିକରଣ ଓ ପୁରୀ ଅର୍ବାନ ବସ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ହାସଲ କରି ନ ଥିବାରୁ ଘରୋଇ ବସ୍ ମାଲିକ ସଂଘ ଏହି ମୋ ବସର କୋଣାର୍କ ଯାତାୟାତକୁ ବିରୋଧ କରି ଚଳାଚଳକୁ ବନ୍ଦ କରିଦେଇଛନ୍ତି। ଫଳରେ ୭୧ରୁଟର ମୋ ବସ୍ ବନ୍ଦ ଯୋଗୁ ପର୍ଯ୍ୟଟକ ଓ ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱରଠାରୁ କୋଣାର୍କକୁ ଯାତାୟାତ କରୁଥିବା ଘରୋଇ ବସ୍ ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଅର୍ଥ ନେବା ସହ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ପରିବହନ କରିବା ଯୋଗୁ ଦୁର୍ଘଟଣା ଆଶଙ୍କା ରହୁଛି। ଫଳରେ କୋଣାର୍କର ବିଭିନ୍ନ ସଂଘ ଶନିବାର କୋଣାର୍କସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ କ୍ରୀଡ଼ା ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରାଙ୍କୁ ଭେଟି କୋଣାର୍କରେ ଚଳାଚଳ କରୁଥିବା ୭୧ନଂ. ରୁଟର ମୋ ବସ ପୂର୍ବପରି ଯାତାୟାତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କୋଣାର୍କ ଏନ୍‌ଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶଚନ୍ଦ୍ର ରାଉତରାୟ, କାଉନସିଲର ସୌମ୍ୟରଞ୍ଜନ ସାହୁ, ଯୁବସଂଗଠକ ଦୁର୍ଗାପ୍ରସାଦ ମହାପାତ୍ର, ଜିଲା ପରିଷଦ ସଭ୍ୟ ପୁଷ୍ପାରାଣୀ ସ୍ୱାଇଁ ଓ କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ସମେତ କୋଣାର୍କ ସାମ୍ବାଦିକ ସଂଘ, କୋଣାର୍କ ପ୍ରେସ କ୍ଲବ ଏବଂ ସ୍ଥାନୀୟଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଜନସାଧାରଣ ଉପସ୍ଥିତ ଥିଲେ।

ମୋ ବସ୍ କୋଣାର୍କ ସମେତ ଗୋପ ଅଞ୍ଚଳ ଦେଇ ମଧ୍ୟ ଯାଉଥିବାରୁ ବହୁ ଜନସାଧାରଣ ଉପକୃତ ହେଉଥିଲେ। ହେଲେ ଏବେ ଗୋଟିଏ ବସ୍ ବନ୍ଦ ଥିବାରୁ ଗୋପ ଅଞ୍ଚଳବାସୀ ମଧ୍ୟ ନିରାଶ ହେବା ସହ ମୋ ବସ୍ ପୁନଃ ଚଳାଚଳ କରିବାକୁ ଦାବି ହେଉଛି। ଘରୋଇ ବସ୍‌ର ବେପରୁଆ ଚାଳନା, ଅଧିକ ଯାତ୍ରୀ ନେବା ପାଇଁ ଦୀର୍ଘ ସମୟ ରହିବା ଆଦି ବିଭିନ୍ନ କାରଣ ଯୋଗୁ ପ୍ରାୟ ଲୋକ ମୋ ବସ୍‌କୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏବେ ଗୋଟିଏ ମୋ ବସ୍ ଗୋପ ଅଞ୍ଚଳ ଦେଇ ଚାଲୁ ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପୁନଃ ମୋ ବସ୍ ଚଳାଇବାକୁ ଦାବି କରି ଗୋପର ବିଭିନ୍ନ ସଂଘ, ଶିକ୍ଷାବିତ ମୁଖ୍ୟମନ୍ତ୍ରୀଙ୍କ ସମେତ ୫–ଟି ସଚିବ, ପୁରୀ ଜିଲାପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି। ଏଥିସହ ବେପରୁଆ ଚଳାଉଥିବା ଘରୋଇ ବସ୍ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି କରାଯାଇଛି। ମୋ ବସ ସେବାକୁ ବନ୍ଦ କରିବା ପାଇଁ ଏବେ ଭିତିରି ଯୋଜନା ଚାଲୁଥିବା ବେଳେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟ ଶିକ୍ଷାବିତ ସତ୍ୟପୀର ନାୟକ, ପୂନେଶ କୁମାର ସେନାପତି, ପ୍ରକାଶ କୁମାର ଖଟୋଇ ପ୍ରମୁଖ ଅଭିଯୋଗ କରିଛନ୍ତି।


କୋଣାର୍କରେ ମୋ ବସ୍ ଚଳାଇବା ଦାବିରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଦାବିପତ୍ର ଦିଆଯାଉଛି।

## ସଂକ୍ଷେପରେ

### କଟକ ଜିଲା ଅମିନ ସଂଘର କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ, ୮।୧୦:** କଟକ ଜିଲା ଅମିନ ସଂଘର କାର୍ଯ୍ୟକାରିଣୀ ବୈଠକ ସଦର ତହସିଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଞ୍ଜିତ କୁମାର ବେହେରା ସଭାପତିତ୍ୱ କରିଥିଲେ। ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ସଂଘର ପୂର୍ବ କାର୍ଯ୍ୟପନ୍ଥା ଓ ଭବିଷ୍ୟତ କାର୍ଯ୍ୟଶୈଳୀ ବିଷୟରେ କହିଥିଲେ। ଉକ୍ତ ବୈଠକରେ ରାଜ୍ୟରୁ ଠିକା ନିଯୁକ୍ତି ଉଚ୍ଛେଦ, ଅମିନଙ୍କ ଗ୍ରେଡ୍ ପେ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ରଞ୍ଜିତ କୁମାର ବେହେରା, ସଭାପତି ପ୍ରଶାନ୍ତ କୁମାର ଜେନା, ଉପ ସଭାପତି ଅର୍ଜୁନ ଦାସ, ସମ୍ପାଦକ ଅରୁଣ କୁମାର ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ସୂର୍ଯ୍ୟମଣି ବେହେରା ଓ କୋଷାଧ୍ୟକ୍ଷ ଭାବେ ଅକ୍ଷୟ କୁମାର ବେହେରା ମନୋନୀତ ହୋଇଥିଲେ।

### ମେଡ଼ିକାଲରୁ ଚୋରି: ୪ ଗିରଫ

**ଖୁଣ୍ଟୁଣୀ, ୮।୧୦(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ମାଧପୁରଠାରେ ଥିବା ଜିମ୍ସାର ମେଡିକାଲରୁ ଆଲୁମିନିୟମ ଚୋରି କରିବା ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ମାଧପୁର ଗ୍ରାମର ରଘୁନାଥ ନାଏକ, ନିବେଦନ ନାଏକ, ବିବେକାନନ୍ଦ ନାଏକ ଓ ଆଠଗଡ଼ ଥାନା ଦହିସରା ଗ୍ରାମର କଂସାବାସନ ବ୍ୟବସାୟୀ ଗୁଣନିଧି ସାହୁ। ସେମାନଙ୍କଠାରୁ ପୋଲିସ ୬ କେଜି ସାମଗ୍ରୀ ଜବତ କରିଥିବାବେଳେ ଅବଶିଷ୍ଟ ୬୪ କେଜି ସାମଗ୍ରୀକୁ ଗୁଣନିଧି ବିକ୍ରି କରିଦେଇଥିବା ପୋଲିସ ନିକଟରେ ପ୍ରକାଶ କରିଛି। ଗତ ୩୦ ତାରିଖ ରାତିରେ ମାଧପୁର ଗ୍ରାମର ଉପରୋକ୍ତ ୩ ଅଭିଯୁକ୍ତ ଉକ୍ତ ମେଡିକାଲରୁ ଆଲୁମିନିୟମ ସାମଗ୍ରୀ ଚୋରି କରି ନେଇ ଗୁଣନିଧିଙ୍କୁ ବିକ୍ରି କରିଥିଲେ। ଏ ସମ୍ପର୍କରେ ମେଡିକାଲର ମହା ପ୍ରବନ୍ଧକ ଭବାନୀ ପ୍ରସାଦ ମିଶ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୯/୨୨) ରୁଜୁ କରିଥିଲା। ଏଥିସହ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

### ଶ୍ରୀଜଗନ୍ନାଥ ସାହିତ୍ୟ ସମାଜର ସାହିତ୍ୟ ସଭା

**କଟକ ଅଫିସ, ୮।୧୦:** ଶ୍ରୀଜଗନ୍ନାଥ ସାହିତ୍ୟ ସମାଜର କବିତା ପାଠ ଓ ସାହିତ୍ୟ ସଭା କଟକ ଖପୁରିଆସ୍ଥିତ ଓସ୍‌ମେ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ନୀଳକଣ୍ଠ ରାଉତ, ସମ୍ମାନିତ ଅତିଥି ଭାବେ ଗୌରୀଶଙ୍କର ଦାଶ, ଉପଦେଷ୍ଟା ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଆଦିକନ୍ଦ ରାଉତ, କଲ୍ୟାଣୀ ନାୟକ, ସୀତାନାଥ ସାହୁ, ନିରୂପମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅଖିଳ ରଞ୍ଜନ ଦାସସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ରାସ୍ତାପାର୍ଶ୍ୱରେ ଆବର୍ଜନା, ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

## ଅସ୍ୱାସ୍ଥ୍ୟକର ପରିବେଶରେ ପଢୁଛନ୍ତି ଛାତ୍ରୀଛାତ୍ର




ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ରାସ୍ତା ପାର୍ଶ୍ୱରେ କୁଢ଼କୁଢ଼ ଆବର୍ଜନା। ରାସ୍ତା ପାର୍ଶ୍ୱ ବିଦ୍ୟୁତ ଖୁଣ୍ଟ କଳଙ୍କିଖାଇ ବିପଦସଙ୍କୁଳ ଅବସ୍ଥାରେ ରହିଛି।

**କଟକ ଅଫିସ,୮।୧୦**

କଟକ ମହାନଗର ନିଗମ (ସିଏମ୍‌ସି) ୧୧ ନମ୍ବର ୱାର୍ଡ ଅନ୍ତର୍ଗତ ଡଗରପଡ଼ା ଷ୍ଟୋନି ରୋଡ୍ ଏକ ଭିଆଇପି ମାର୍ଗ ଭାବେ ପରିଚିତ। ଏହି ରାସ୍ତାରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କଠାରୁ ଆରମ୍ଭ କରି ଅନ୍ୟ ବିଚାରପତି, ଆଇନଜୀବୀ ଓ ପ୍ରଶାସନିକ ଅଧିକାରୀମାନେ ପ୍ରତିଦିନ ଯାତାୟାତ କରିଥାନ୍ତି। ହେଲେ ଷ୍ଟୋନି ରୋଡ୍ ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ସେପରି ମନେ ହେଉନାହିଁ। ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ କଳଙ୍କି ଖାଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ଯେ ଖୁଣ୍ଟ ଭାଙ୍ଗିପଡି ଜୀବନହାନି ଘଟିବ ତାହା କହିହେବ ନାହିଁ। ସେହିପରି ରାସ୍ତାପାର୍ଶ୍ୱରେ କୁଢ କୁଢ ଆବର୍ଜନା ଗଦା କରାଯାଉଛି। ଓଡ଼ିଶାର ପ୍ରଥମ ଆଡ୍‌ଭୋକେଟ ଜେନେରାଲ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ୧୯୨୧ରେ ଏଠାରେ ଓଡ଼ିଶା ଅନାଥାଶ୍ରମ ସ୍ଥାପନ କରାଯାଇଥିଲା। ୧୯୮୯ରେ ଏହାକୁ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ଭାବେ ନାମିତ କରାଯାଇଥିଲା। ଏହି ଆଶ୍ରମରେ ଏବେ ୪୦ ଜଣ ଅନ୍ତେବାସୀ ରହୁଛନ୍ତି। ସେହିପରି ଆଶ୍ରମ ନିକଟରେ ୧୯୨୬ରୁ ସ୍ଥାପିତ ଅନାଥାଶ୍ରମ ପ୍ରାଥମିକ ବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ବିଦ୍ୟାଳୟ ସମ୍ମୁଖ ରାସ୍ତାପାର୍ଶ୍ୱରେ କୁଢ କୁଢ ଆବର୍ଜନା ଗଦା କରାଯିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଫଳରେ ଏହି ବାଟ ଦେଇ ଯାତାୟତ କରିବା ପାଇଁ ଛାତ୍ରୀଛାତ୍ର ଓ ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଠାରେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ରାସ୍ତାପାର୍ଶ୍ୱରୁ ଆବର୍ଜନା ହଟାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



“ସିଏମ୍‌ସି ସ୍ୱଚ୍ଛତାରେ ଅନ୍ୟ ସହର ପାଇଁ ଏକ ଉଦାହରଣ ସୃଷ୍ଟି କରିବା କଥା। ହେଲେ ଦୁଃଖର ବିଷୟ ବିଦ୍ୟାଳୟ ନିକଟରେ ଆବର୍ଜନା ଗଦା ହେଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଥିପାଇଁ ଅନେକ ଥର ଆଶ୍ରମ ପକ୍ଷରୁ ସିଏମ୍‌ସି ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି। ଫଳରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି।

**–ପ୍ରସନ୍ନ କୁମାର ନନ୍ଦ, ସଭାପତି, ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ**



“ଅଳିଆଗଦାରୁ ଦୁର୍ଗନ୍ଧ ବାହାରୁଥିବାରୁ ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅତିଷ୍ଠ ହୋଇପଡିଲେଣି। ଏପରି କି ଉକ୍ତ ରାସ୍ତାରେ ଯାତାୟତବେଳେ ନାକରେ ହାତ ଦେଇ ଯିବାକୁ ପଡୁଛି।

**–ରାଜକିଶୋର ସିଂହ, ସ୍ଥାନୀୟ ବାସିନ୍ଦା**



“ହାଇକୋର୍ଟ ଓ ଜିଲାପାଳଙ୍କ କାର୍ଯ୍ୟାଳୟର ଅତ୍ୟନ୍ତ ନିକଟରେ ଆମେ ରହୁଛୁ। ହେଲେ ଏଠାରେ ଯଦି ଏପରି ସମସ୍ୟା ତାହା କାହାକୁ କହିବୁ। ଅନେକ ଦିନ ହେବ ହାଇମାଷ୍ଟ ଲାଇଟ୍ ଖୁଣ୍ଟର ନିମ୍ନ ଭାଗ କଳଙ୍କି ଲାଗି ପୂରା ନଷ୍ଟ ହୋଇଗଲାଣି। ଜୋର୍‌ରେ ପବନ ହେଲେ ଭାଙ୍ଗି ପଡ଼ିବାର ସମ୍ଭାବନା ରହିଛି। ତେଣୁ କୌଣସି କ୍ଷତି ଘଟିବା ପୂର୍ବରୁ ପ୍ରଶାସନ ଏହାର ପ୍ରତିକାର ବ୍ୟବସ୍ଥା କରିବା ଦରକାର।

**–ଭଗବାନ ଦାସ, ସ୍ଥାନୀୟ ବାସିନ୍ଦା**



“ଡଗରପଡ଼ା ଅଞ୍ଚଳରେ ଉପଯୁକ୍ତ ସ୍ଥାନ ନ ଥିବାରୁ ଅନାଥାଶ୍ରମ ନିକଟରେ ଅଳିଆଗଦା କରାଯାଉଛି। ମାତ୍ର ଆବର୍ଜନା ବେଶି ସମୟ ପକାଇ ରଖାଯାଉ ନାହିଁ। ଉକ୍ତ ସ୍ଥାନରୁ ଆବର୍ଜନାକୁ ତୁରନ୍ତ ଉଠାଇ ନିଆଯାଉଛି। ହାଇମାଷ୍ଟ ଲାଇଟ୍ ଖୁଣ୍ଟ ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ତୁରନ୍ତ ଗ୍ରହଣ କରାଯିବ।

**–ସୁବାସ ସିଂ, ମେୟର, ସିଏମ୍‌ସି**

### ଚୋରି ସାମଗ୍ରୀ ଜବତ, ୩ ଗିରଫ

**ଚୌଦ୍ୱାର,୮।୧୦(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ ଅଧୀନ ଓଟିଏମ୍ କଲୋନୀରୁ ଚୋରି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଓଟିଏମ୍ କଲୋନୀର ଶ୍ରୀକାନ୍ତ ପରିଡ଼ା, ଆଶୁତୋଷ ସ୍ୱାଇଁ ଓ ଜୟନ୍ତୀ ନଗରର ସୁଶାନ୍ତ ବେହେରା। ସେମାନଙ୍କ ନିକଟରୁ ଗୋଟିଏ ଲାପ୍‌ଟପ୍, ଗୋଟିଏ ପ୍ରିଣ୍ଟର, ଇଣ୍ଡକ୍ସନ୍ କୁକର, ୩ଟି ଇନ୍‌ଭର୍ଟର, ଗୋଟିଏ ସିସିଟିଭି କ୍ୟାମେରା, ଫ୍ୟାନ୍, ସାଇକେଲ ଓ ବହୁ ମାତ୍ରାରେ ନକଲି ଅଳଙ୍କାର ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଓଟିଏମ୍ କଲୋନୀ ବାସିନ୍ଦା ଅରୁଦୀପ ମହାନ୍ତି ଓ ତାଙ୍କ ମା’ ଆଳି ଅଞ୍ଚଳରେ ଚାକିରି କରିଥିବାରୁ ଗତ ଦେଢ଼ ମାସ ହେବ ସେଠାରେ ରହୁଥିଲେ। ଏହାର ସୁଯୋଗ ନେଇ ଗତ ବୁଧବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ବହୁ ସାମଗ୍ରୀ ଚୋରି କରିବା ସହ ଘରେ ଲାଗିଥିବା ସିସିଟିଭି କ୍ୟାମେରା ଭାଙ୍ଗି ଦେଇଥିଲେ। ପଡୋଶୀଙ୍କଠାରୁ ଖବର ପାଇବା ପରେ ଅରୁଦୀପ ଘରେ ପହଞ୍ଚି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୭୨/୨୨) ରୁଜୁ କରିଥିଲା। ପରେ ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।




ଓଡ଼ିଶା ଯୋଗ ଆସୋସିଏଶନ ପକ୍ଷରୁ କଟକ ଚୌଧୁରୀ ବଜାର କଳିଙ୍ଗ ଜିମ୍ନାସିୟମ ପରିସରରେ ଶନିବାର ଅନୁଷ୍ଠିତ ଯୋଗ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

## ଇଂଲିଶ ସାହିତ୍ୟ ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୮।୧୦**

ଦି ରିସର୍ଚ୍ଚର୍ସ ଆସୋସିଏଶନ ଓଡ଼ିଶା ଆନୁକୂଲ୍ୟରେ ‘ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିର ଇଂଲିଶ ସାହିତ୍ୟ: ଏକ ଅନୁଚିନ୍ତା’ ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ଏକ ହୋଟେଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ବିଜୟ କୁମାର ଦାସ ଯୋଗଦେଇ ଆଲୋଚନାଚକ୍ରର ଆଭିମୁଖ୍ୟ, ଲକ୍ଷ୍ୟ ଓ ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଭାରତୀୟ ଇଂଲିଶ ସାହିତ୍ୟ, ସାହିତ୍ୟିକମାନଙ୍କ ବିଷୟରେ କହିଥିଲେ। ଏଥିରେ ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଲେଖକମାନଙ୍କ ମହାନତା ଓ ଦୁର୍ବଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ସବିତା ତ୍ରିପାଠୀ ଯୋଗଦେଇ ସ୍ୱାଧୀନତା ପରେ ଭାରତର ପ୍ରଗତି ସତ୍ତ୍ୱେ ଅନେକ ଦୁର୍ବଳତା ଓ ଅଭାବ ସମ୍ପର୍କରେ କହିଥିଲେ। ଏଥିରେ ସମୀକ୍ଷା ଦାସ, ଲକ୍ଷ୍ମୀଧର ପଣ୍ଡା, ଡ. ମନମୋହନ ମିଶ୍ର, ଡ. ଦୟାନିଧି ପ୍ରଧାନ, ଏନ୍. ସୁମନ ଶେଲୀ, ଏ. ଆର୍. ବେଦବ୍ୟାକ୍, ଶୁଭ୍ରା ସୌରାଂଶୁ ପୂଜାରୀ ସନ୍ଦର୍ଭ ପାଠ କରିଥିଲେ। ବାଲେଶ୍ୱର ଜିଲା ଔପଦା କଲେଜ ଇଂଲିଶ ବିଭାଗର ମୁଖ୍ୟ ବ୍ରଜକିଶୋର ପାଲ୍ ବିବରଣୀ ପାଠ, ଡ. ସୋନାଲି ଦାସ ଏବଂ ଡ. ଦୋଲନ ରାୟ ଅତିଥି ପରିଚୟ ଦେଇଥିଲେ। ଡ. ପ୍ରେମଲତା ରାଉତ ସଭା ସଂଯୋଜନା କରିଥିବାବେଳେ ଡ. ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ୬ ମୋବାଇଲ ଜବତ, ୯ ଗିରଫ

### ମୋବାଇଲ ଲୁଟେରା ଗ୍ୟାଙ୍ଗ ଠାବ

**କଟକ ଅଫିସ,୮।୧୦**

କଟକ ସହରରେ ସକ୍ରିୟ ଥିବା ଏକ ମୋବାଇଲ ଲୁଟେରା ଗ୍ୟାଙ୍ଗକୁ ପୁରୀଘାଟ ପୋଲିସ ଠାବ କରିଛି। ଏହି ଗ୍ୟାଙ୍ଗର ୯ ଜଣ ସଦସ୍ୟଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ପୁର ଓଭରବ୍ରିଜ ତଳେ ରହୁଥିବା ପଶ୍ଚିମବଙ୍ଗ ପୁରୁଲିଆ ଜିଲା ଅନ୍ତର୍ଗତ ବରଗେଦିର ରାମ ସିଂହ, ପାଣ୍ଡେଶ୍ୱରର ସଜନ ସିଂହ, ଅଜିତ୍ ସିଂହ, ବଳରାମପୁରର ସୁରଜ ସିଂହ, ଇଦ୍ୱାନି ମାଲି, ବନାରସି ସିଂହ, ଆକାଶ ସିଂହ, କଟକ ରେଳଷ୍ଟେଶନ ନିକଟରେ ରହୁଥିବା ଚାନ୍ଦନୀ ସିଂହ ଓ ଚନ୍ଦା ସିଂହ। ସେମାନଙ୍କ ନିକଟରୁ ୨୪୭୦ ଟଙ୍କା ଓ ୬ଟି ମୋବାଇଲ ଜବତ କରାଯାଇଛି।

ପୋଲିସ ସୂଚନା ମୁତାବକ, ସାଲେପୁର ଥାନା ଅନ୍ତର୍ଗତ ହିରାପୁରର ସୁଦର୍ଶନ ମହାନ୍ତି କଟକ ଦୁର୍ଗାପୂଜା ଭସାଣି ଦେଖିବାକୁ ଆସିଥିଲେ। ସେ ଗତ ୬ ତାରିଖ ରାତି ୧୧ଟାରେ ବାଇକ୍‌ରେ ଫେରୁଥିବା ସମୟରେ ଗଣେଶ ଘାଟ ନିକଟରେ ହଠାତ୍ ଦୁଇ ଜଣ ମହିଳା ତାଙ୍କ ଆଗକୁ ଚାଲିଆସିଥିଲେ। ସେ ଅଟକି ଯିବାରୁ ୬ରୁ ୭ ଜଣ ଲୋକ କାଠଯୋଡ଼ି ନଦୀ ପାର୍ଶ୍ୱରୁ ଆସି ତାଙ୍କ ନିକଟରୁ ମୋବାଇଲ ଫୋନ୍ ଓ ୫ ହଜାର ଟଙ୍କା ଥିବା ମନିପର୍ସ ଛଡ଼ାଇ ନେଇ ପଳାଇଥିଲେ। ଏ ନେଇ ସୁଦର୍ଶନ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୪୧/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଲୁଟ୍ ମୋବାଇଲକୁ ଟ୍ରାକିଂ କରି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ପଶ୍ଚିମବଙ୍ଗରୁ ଆସି ଆପରାଧିକ କାର୍ଯ୍ୟ ଚଳାଇଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ କଟକ ରେଳଷ୍ଟେଶନ ଓ ଜଗତ୍‌ପୁର ଅଞ୍ଚଳରେ ରହି ଜନଗହଳି ସ୍ଥାନରେ ଅପରାଧ ଘଟାଇବା ପାଇଁ ଯୋଜନା ପ୍ରସ୍ତୁତ କରିଥାନ୍ତି। ଅତ୍ୟନ୍ତ ଚତୁରତାର ସହ ଲୁଟ୍ କରିବା ପରେ ସେମାନେ ଛତ୍ରଭଙ୍ଗ ଦେଇ ସ୍ଥାନ ପରିବର୍ତ୍ତନ କରିଦିଅନ୍ତି ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।



ଜବତ ମୋବାଇଲ, ଟଙ୍କା ଓ ଗିରଫ ୯ ଅଭିଯୁକ୍ତ।

## ‘ଏଲ୍ଆଇସିରୁ ପୁଞ୍ଜି ପ୍ରତ୍ୟାହାର ଅଯୌକ୍ତିକ’

### କଟକ ଡିଭିଜନ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ମିଳନୀ

**କଟକ ଅଫିସ, ୮।୧୦**




କଟକ ଡିଭିଜନ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ଡିଭିଜନ ବୀମା କର୍ମଚାରୀ ସଂଘର ୬୬ତମ ସାଧାରଣ ସମ୍ମିଳନୀ ସ୍ଥାନୀୟ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଭାରତ ବୀମା କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଏହାକୁ ଉଦ୍‌ଘାଟନ କରି କହିଥିଲେ, ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର, ଘରୋଇକରଣ ନୀତି, ଦରଦାମ ଓ ମୁଦ୍ରାସ୍ଫୀତି ବୃଦ୍ଧି ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଏଲ୍ଆଇସିରୁ ପୁଞ୍ଜି ପ୍ରତ୍ୟାହାର ଅତ୍ୟନ୍ତ ଅଯୌକ୍ତିକ ବୋଲି ସେ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଜୋନାଲ ସଙ୍ଗଠନ ସାଧାରଣ ସମ୍ପାଦକ ତ୍ରିନାଥ ଦୋରା ଯୋଗଦେଇ କହିଥିଲେ, ଧର୍ମ ଓ ଜାତି ନାମରେ ଦେଶକୁ ଭାଗ କରାଯାଉଛି। ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଜୋନାଲ ସଙ୍ଗଠନ ସଭାପତି ପ୍ରଦୀପ ମୁଖାର୍ଜୀ, ଏଲ୍ଆଇସି କଟକ ଡିଭିଜନର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ, ସାଧାରଣ ସମ୍ପାଦକ ଅଭୟ କୁମାର ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ସଭାପତି ମାନଗୋବିନ୍ଦ ବାରିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଗଜେନ୍ଦ୍ର ନାଥ ମହାନ୍ତି, ରବି ନାରାୟଣ ମଲ୍ଲିକ, ନିର୍ମଳ ଦାସ, ରବୀନ୍ଦ୍ର ଧଳ, ପ୍ରକାଶ ରାୟ, ଦେବାଶିଷ ନାୟକ, ପ୍ରଦୀପ କୁମାର ସିହ୍ନା, ଭାରତ ଭୂଷଣ ନାୟକ, ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସାଙ୍ଗଠନିକ ସମ୍ପାଦକ ପ୍ରଶାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ଗଜଲକ୍ଷ୍ମୀଙ୍କ ନୂତନ ଚାନ୍ଦିମେଢ଼

### କାଜିବଜାର ପୂଜା କମିଟି

**କଟକ ଅଫିସ, ୮।୧୦**

ଚଳିତବର୍ଷ କଟକ କାଜିବଜାର ପୂଜା କମିଟି ପକ୍ଷରୁ ମା’ ଗଜଲକ୍ଷ୍ମୀଙ୍କ ପାଇଁ ନୂତନ ଭାବେ ଚାନ୍ଦିମେଢ ନିର୍ମାଣ କରାଯାଇଛି। ପ୍ରାୟ ୫୦ କେଜି ଚାନ୍ଦିରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏଥିସହ ଚଳିତବର୍ଷ ସୁନା ଟିକା, ଟିକିଲି, ନୋଥ ମଧ୍ୟ ପ୍ରସ୍ତୁତ ହୋଇଛି। ସେଖ୍ ବଜାର ଅଞ୍ଚଳର ଶିଳ୍ପୀ ବିଶ୍ୱନାଥ ଦେ ଓ ତାଙ୍କ ଦୁଇ ପୁଅ ବିଜୟ ଦେ, ଅଶୋକ ଦେ ଏହି ମେଢ ପ୍ରସ୍ତୁତ କରିଛନ୍ତି। ଗଜଲକ୍ଷ୍ମୀ ପୂଜାରେ ସହରର ଏହା ଦ୍ୱିତୀୟ ଚାନ୍ଦିମେଢ। ପୂର୍ବରୁ ଚୌଧୁରୀ ବଜାର ପୂଜା କମିଟି ପକ୍ଷରୁ ଚାନ୍ଦିମେଢ ପ୍ରସ୍ତୁତ କରାଯାଇଛି। ଏ ନେଇ ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସିହ୍ନା କହିଛନ୍ତି, କିଛି ବର୍ଷ ହେବ ଗଜଲକ୍ଷ୍ମୀଙ୍କ ଚାନ୍ଦିମେଢ କରିବା ପାଇଁ ଯୋଜନା କରାଯାଇଥିବାବେଳେ ତାହା ଏବେ ସଫଳ ହୋଇଛି। ପୂଜା ଦିନ ସାହିବାସିନ୍ଦା ଓ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ପୂଜା କମିଟି ପ୍ରତିଷ୍ଠାତା



ସ୍ୱର୍ଗତ ନାରାୟଣ ଚନ୍ଦ୍ର ସିଂଙ୍କ ଭାଇ ରବିନାରାୟଣ ସିଂ ରବିବାର ଏହି ମେଢକୁ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ମନୋରଞ୍ଜନ ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୁଧବାର ପ୍ରାୟ ୫୦ ଶଙ୍ଖୁଆଙ୍କୁ ନେଇ ମା’ଙ୍କ ବିସର୍ଜନ କରାଯିବ ବୋଲି ସେ କହିଛନ୍ତି ।

## ବାଲିଯାତ୍ରା: ପ୍ରଥମ ଦିନରେ ୬୨ ପ୍ଲଟ୍ ପଞ୍ଜୀକରଣ

**କଟକ ଅଫିସ,୮।୧୦**

କଟକ ବାଲିଯାତ୍ରା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବାରବାଟୀ ପ୍ୟାଲେସଠାରେ ଶନିବାରଠାରୁ ପ୍ଲଟ୍ ଆବଣ୍ଟନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଶନିବାର ପ୍ରଥମ ଦିନରେ ୬୨ଟି ପ୍ଲଟ୍ ନିଲାମ ନିମନ୍ତେ ପଞ୍ଜୀକରଣ ହୋଇଥିବା ଜଣାପଡିଛି। ସେହିପରି ପ୍ଲଟ୍ ପଞ୍ଜୀକରଣ ନିମନ୍ତେ ପ୍ରାୟ ୨୫୦ ଜଣ ବ୍ୟବସାୟୀ, ଅନୁଷ୍ଠାନ ଆବେଦନ କରିଛନ୍ତି। ରବିବାର ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି।

ବାଲିଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି। ତେଣୁ ଯଥେଷ୍ଟ ପୂର୍ବରୁ ଉଭୟ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ବିଦ୍ୟୁତ୍



ବାଲିଯାତ୍ରା ପଡିଆରେ ବିଦ୍ୟୁତ୍ ଖୁଣ୍ଟରେ ତାର ଟଣାଯାଉଛି।

ସରବରାହ ନିମନ୍ତେ ଖୁଣ୍ଟ ପଡ଼ି ତାର ଟଣା କାର୍ଯ୍ୟ କରାଯାଏ। ତଦନୁଯାୟୀ ଶନିବାର ବାଲିଯାତ୍ରା ତଳ ପଡ଼ିଆରେ ବିଦ୍ୟୁତ ଖୁଣ୍ଟରେ ତାର ଟଣା କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତବର୍ଷ ବାଲିଯାତ୍ରାକୁ ସ୍ୱଚ୍ଛ, ସୁନ୍ଦର ଓ ଭିଡ଼ମୁକ୍ତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲାପାଳ ଚୟନୀ କହିଛନ୍ତି, ସ୍ୱଚ୍ଛତାକୁ ଆଧାର କରି ପୃଷ୍ଠପୋଷକଙ୍କ ସମେତ ବ୍ୟବସାୟିକ

- ଆରମ୍ଭ ହେଲା ତାରଟଣା
- ପ୍ରଥମଥର ପାଇଁ ପ୍ଲଟ୍ ନିଲାମ
- ନିଲାମକୁ ମିଳିତ ମଞ୍ଚର ବିରୋଧ

ଅନୁଷ୍ଠାନ, ସଂଘ, ବ୍ୟବସାୟୀ ଏବଂ ଉଠା ଦୋକାନୀମାନଙ୍କୁ ପ୍ଲଟ୍ ଆବଣ୍ଟନ କରିବା ପାଇଁ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ବାଲିଯାତ୍ରାରେ ପ୍ଲଟ୍ ନିଲାମ କରାଯାଉଛି। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ମଳ କରାଯିବା ପାଇଁ ସମସ୍ତ ଉଦ୍ୟମ ଜାରି ରହିବ। ଏଥିସହ ସଂସ୍ଥାଗୁଡ଼ିକର ବ୍ରାଣ୍ଡିଙ୍ଗ ଏବଂ ସେମାନଙ୍କ ଉତ୍ପାଦକଗୁଡ଼ିକର ବଜାର ଚାହିଦା ବଢ଼ାଇବା ନିମନ୍ତେ ମଧ୍ୟ ପ୍ରୋତ୍ସାହିତ କରାଯିବ। ଏହା ଏକ ନୂତନ ପରମ୍ପରା ସୃଷ୍ଟି କରିବ ବୋଲି ମଧ୍ୟ ଚୟନୀ କହିଛନ୍ତି। ବାଲିଯାତ୍ରା ଦାୟିତ୍ୱରେ ଥିବା ଅନ୍ୟତମ ଅଧିକାରୀ ତଥା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସମେତ ତହସିଲଦାର, ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଏହି ପଞ୍ଜୀକରଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅପରପକ୍ଷରେ ଅଲ୍ ଓଡ଼ିଶା ଟେଷ୍ଟ ଆଣ୍ଡ ସପ୍ଲାୟର ଓନର୍ସ ଆସୋସିଏଶନ, କଟକ କ୍ଲଥ ଆଣ୍ଡ ଲାଇଟ୍ ସପ୍ଲାୟର୍ସ ଆସୋସିଏଶନ, ବାଲିଯାତ୍ରା ବ୍ୟବସାୟୀ ସଂଘ, ଦୋକି ମହାସଂଘ, ମୀନାବଜାର ମହାସଂଘ ପ୍ରମୁଖ ନିଲାମ ବିରୋଧରେ ମିଳିତ ମଞ୍ଚ ଜରିଆରେ ପ୍ରତିବାଦ ଜଣାଇଛନ୍ତି। ବାଲିଯାତ୍ରା ବ୍ୟବସାୟୀ ମିଳିତ ମଞ୍ଚର ଆବାହକ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ନିଲାମ ପ୍ରକ୍ରିୟା ବନ୍ଦ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଏମ୍‌ପି, ବିଧାୟକ ଓ କଟକ ଜିଲାପାଳଙ୍କୁ ଲିଖିତ ପତ୍ର ପ୍ରେରଣ କରି ନିବେଦନ କରିଛନ୍ତି।

## ଆଜି କ'ଣ କେଉଁଠି

**ପୁରୀ**
- ଗଜଲକ୍ଷ୍ମୀ ପୂଜା, ଧାନ ମନ୍ଦିର ଆଶ୍ରମ, ସନ୍ଧ୍ୟା ୭ଟା ୩୦।

**ସାକ୍ଷୀଗୋପାଳ**
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସର୍ବଧର୍ମ ପ୍ରାର୍ଥନା ସଭା, ପଞ୍ଚସଖା ସମାଧିପୀଠ, ସକାଳ ୮ଟା।
- ଲୋକ ସଂସ୍କୃତି ସମାରୋହ, ଗୋପବନ୍ଧୁ ମଣ୍ଡପ ଲୋକକଳା ଗ୍ରାମ ସାରଙ୍ଗଯୋଡି, ପୂର୍ବାହ୍ନ ୯ଟା।
- ରକ୍ତଦାନ ଶିବିର, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ କାଦୁଆ ଆଶ୍ରମ, ପୂର୍ବାହ୍ନ ୯ଟା।
- ଜନସମ୍ପର୍କ ପଦଯାତ୍ରା ଆରମ୍ଭ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ପୂର୍ବାହ୍ନ ୯ଟା।
- ଗୋପବନ୍ଧୁ ଜୟନ୍ତୀ ସମାରୋହ ଓ ଶ୍ରଦ୍ଧାଞ୍ଜଳି ସଭା, ଜନ୍ମପୀଠ ସୁଆଣ୍ଡୋ, ପୂର୍ବାହ୍ନ ୧୦ଟା।
- ବାଲୁଙ୍କେଶ୍ୱର ଦେବ ମନ୍ଦିର ସ୍ୱାଗତ ତୋରଣ ଉଦ୍‌ଘାଟନ, ବରାଳ ଗ୍ରାମ, ପୂର୍ବାହ୍ନ ୧୧ଟା।
- କବିତା ପାଠୋତ୍ସବ, କାଦୁଆ ଆଶ୍ରମ, ମଧ୍ୟାହ୍ନ ୧୨ଟା।

# ନର୍ଦ୍ଦମା ପାଖରେ ଖାଦ୍ୟ ପ୍ରସ୍ତୁତି

- କାର୍ଯ୍ୟାନୁଷ୍ଠାନ ବଦଳରେ ନୋଟିସ୍ ଦେଉଛି ଖାଦ୍ୟ ସୁରକ୍ଷା ଟିମ୍
- ନିୟମିତ ଖାଦ୍ୟର ଯାଞ୍ଚ କରିବାକୁ ଦାବି

ପୁରୀ ଅଫିସ,୮।୧୦:

ମଣିଷ ପାଇଁ ଖାଦ୍ୟ ଯେତେ ଜରୁରୀ, ଶରୀର ପାଇଁ ସୁଷମ ଓ ପୁଷ୍ଟିସାର ଖାଦ୍ୟ ସେତିକି ଆବଶ୍ୟକ। ହେଲେ ରାଜ୍ୟର ବିଭିନ୍ନ ସ୍ଥାନରେ ଯେଉଁଭଳି ଭାବେ ବର୍ତ୍ତମାନ ଖାଦ୍ୟର ମାନ କମିବା ସହ ନକଲି ପଦାର୍ଥରେ ଖାଦ୍ୟ ପ୍ରସ୍ତୁତି ହେଉଛି, ତାହା ସ୍ୱାସ୍ଥ୍ୟ ପାଇଁ ହିତକାରକ ସାବ୍ୟସ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ଏବେ ପୁରୀରେ ନାଳ, ନର୍ଦ୍ଦମା ପାଖରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ନଜରକୁ ଆସିଛି। ସହରର ଅନେକ ଛୋଟ ଖାଦ୍ୟ ଉତ୍ପାଦନକାରୀ ଦୋକାନୀ ଓ ସଂସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଛନ୍ତି। ହେଲେ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଏଭଳି ଦୋକାନୀ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗୁଥିବା ଅଭିଯୋଗ ହୋଇଛି।

ପୁରୀ ସହରସ୍ଥିତ କୁମୁଟିପାଟଣା ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହୋଇ ବିକ୍ରି କରାଯାଉଥିବା ନେଇ ସ୍ଥାନୀୟଲୋକେ ପୁରୀ ପୌରସଂସ୍ଥା ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ଅଞ୍ଚଳରେ ଜଣେ ବ୍ୟବସାୟୀ ଏକ ମିକ୍ସର୍ ଓ ପାମ୍ପଡ କାରଖାନା କରିଛନ୍ତି। କାରଖାନାଟି ଏକ ନର୍ଦ୍ଦମା ନିକଟରେ ଥିବାବେଳେ ଖାଦ୍ୟର ମାନ ସମେତ ସ୍ୱଚ୍ଛତା ଦିଗରେ ଧ୍ୟାନ ଦିଆଯାଉ ନାହିଁ। ଏପରିକି କାରଖାନାରର ବର୍ଜ୍ୟବସ୍ତୁକୁ ସାହି ଭିତରକୁ ଛାଡ଼ିଦିଆଯାଉଛି। ମାତ୍ରାଧିକ ପୋଡ଼ା ମୋବିଲର ବ୍ୟବହାର ମଧ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ବଢ଼ାଇଛି। ଅଞ୍ଚଳରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ତେବେ ଏଭଳି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପୌର ସଂସ୍ଥା ଏସମ୍ପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇ ଚୁପ୍ ବସିଛି। ଏ ସମ୍ପର୍କରେ ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ କହିଛନ୍ତି, ଏଭଳି ଅଭିଯୋଗ ହସ୍ତଗତ ହେବା ପରେ ଆମେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇଛୁ। ତେବେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ରିପୋର୍ଟ ହସ୍ତଗତ ହୋଇନାହିଁ। ଅନ୍ୟପଟେ ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ପୁରୀ ସହର ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ହୋଇଥିବା ବେଳେ ପ୍ରଶାସନ ଅବହେଳା ହେତୁ ଖାଦ୍ୟ ସୁରକ୍ଷା ଆଇନ କଡ଼ାକଡ଼ି ହୋଇପାରୁ ନାହିଁ। ନିୟମ ଅନୁଯାୟୀ, ଖାଦ୍ୟ ସୁରକ୍ଷା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ଓ ପୌର ସଂସ୍ଥାର ମିଳିତ ଟିମ୍ ଜିଲାରେ ଖାଦ୍ୟ ସୁରକ୍ଷା ସ୍ଥିତି ଉପରେ ଧ୍ୟାନ ଦେବା ଆବଶ୍ୟକ। ମାତ୍ର ଦୀର୍ଘଦିନ ହେବ ଏଭଳି କରାଯାଉ ନାହିଁ। ସବୁ ବିଭାଗ ପରସ୍ପର ଉପରେ ଦାୟିତ୍ୱ ଲଦିବାରେ ଲାଗିଛନ୍ତି। ମାତ୍ର କେହି ଖାଦ୍ୟର ମାନ ଓ ଏହାର ପ୍ରସ୍ତୁତିର ଗୁଣବତ୍ତା ଉପରେ ଦୃଷ୍ଟି ରଖୁନାହାନ୍ତି। ସମ୍ପୃକ୍ତ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ପଦାର୍ଥ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ନାଳ ନର୍ଦ୍ଦମା ନିକଟରେ ଖାଦ୍ୟ ପ୍ରସ୍ତୁତ ହେଉଛି। ତାହାକୁ ପ୍ୟାକେଜ କରି ବଜାରକୁ ଛଡାଯାଉଛି। ଖୋଲାଖୋଲି ଭାବେ ଖାଦ୍ୟ ସୁରକ୍ଷା ଆଇନର ଉଲ୍ଲଂଘନ ହେଉଥିଲେ ମଧ୍ୟ କାହାରି ଏହି ଦିଗରେ ନିଘା ନାହିଁ।


ନର୍ଦ୍ଦମା ନିକଟରେ ପ୍ରସ୍ତୁତ ହେଉଛି ଖାଦ୍ୟ ।

ଅନ୍ୟପକ୍ଷେ ସୋସିଆଲ ମିଡିଆର ଏକ ଫଟୋ ସ୍ଥାନୀୟ ଲୋକମାନେ ଶେୟାର କରୁଛନ୍ତି। ଫଟୋରେ କେତେକ ଅଧିକାରୀ ସମ୍ପୃକ୍ତ କାରଖାନାରୁ ଖାଦ୍ୟ ପଦାର୍ଥ ଆଣି ସରକାରୀ ଗାଡ଼ି ଭିତରେ ରଖୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି ଯେ, ଯାଞ୍ଚ ଟିମ୍ ସମ୍ପୃକ୍ତ କାରଖାନା ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ କେବଳ ଲାଞ୍ଚ ଓ ଖାଦ୍ୟ ପଦାର୍ଥ ନେଇ ଫେରିଛନ୍ତି। ଏ ନେଇ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ କହିଛନ୍ତି, ଅଭିଯୋଗ ହେବା ପରେ ଗୁରୁବାର ଘଟଣାସ୍ଥଳରେ ଚଢ଼ାଉ କରି ମାଲିକଙ୍କୁ ତାଗିଦ୍ କରାଯାଇଛି। ୧୫ଦିନ ମଧ୍ୟରେ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଆନୁଷଙ୍ଗିକ ବ୍ୟବସ୍ଥା କାରଖାନାରେ କରିବା ପାଇଁ ନୋଟିସ୍ ହୋଇଛି। ସେହିଭଳି ଜିଲାର ଅନେକ ସ୍ଥାନରେ ଚଢାଉ କରି ସ୍ଥିତି ଯାଞ୍ଚ କରିଛୁ। ପୁରୀ ସହରରେ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ବିକ୍ରି ପାଇଁ ଅନେକ ସ୍ଥାନୀୟ ଖାଦ୍ୟ କାରଖାନା କାର୍ଯ୍ୟକ୍ଷମ ରହିଛି। ଏହାର ଗୁଣବତ୍ତା ଯାଞ୍ଚ ପାଇଁ ପ୍ରଶାସନ ସ୍ତରରେ ସାମଗ୍ରିକ ପ୍ରୟାସ କେବେ ହେଲେ ହୋଇ ନାହିଁ। କେବଳ ରଥ ଯାତ୍ରା ସମୟରେ କିଛି ହୋଟେଲକୁ ଯାଇ ଖାଦ୍ୟ ସୁରକ୍ଷା ଅଧିକାରୀ ଯାଞ୍ଚ କରିଥାନ୍ତି । ତେବେ କାରଖାନାରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ କେବେ ହେଲେ ଯାଞ୍ଚ ହୋଇପାରେ ନାହିଁ। ସାଧାରଣତଃ ବଡ଼ ବଡ଼ ସହର ଓ ପ୍ରମୁଖ ପର୍ଯଟନ ସ୍ଥଳୀରେ ଏହି ଆଇନ କଡାକଡି ଭାବେ ପାଳନ କରାଯାଉଥିବା ବେଳେ ପୁରୀରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସ୍ଥାନୀୟ ଖାଦ୍ୟ ପଦାର୍ଥର ମାନ ସମୟ ସମୟରେ ଯାଞ୍ଚ କରାଯିବା ଦରକାର ବୋଲି ବୁଦ୍ଧିଜୀବୀ ପ୍ରଣୟ ଜଗଦେବ କହିଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦମ୍ପତି ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୮।୧୦

ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରି ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ କରି ଠକାମିର ଶିକାର ହୋଇଥିବା ପୀଡିତ ଏବଂ ତାଙ୍କ ସ୍ୱାମୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରିଣୀ କୁମ୍ଭାରପଡା ଥାନା ଅର୍ନ୍ତଗତ ଦେବୀଘାଟର ରଘୁନାଥ ମାଝୀଙ୍କ ସ୍ତ୍ରୀ ନିରୁପମାଙ୍କ ଅଭିଯୋଗ ଅନୁଯାୟୀ, କୁମ୍ଭାରପଡା ବାଡାସାହିରେ ରହୁଥିବା ସନ୍ତୋଷ ନାମକ ବ୍ୟକ୍ତି କୌଣସି କାର୍ଯ୍ୟ ପାଇଁ ନିରୁପମାଙ୍କଠାରୁ ୨ଲକ୍ଷ ୧୦ହଜାର ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ବାବଦରେ ନିରୁପମାଙ୍କୁ ଏକ ଚେକ୍ ପ୍ରଦାନ କରିଥିଲେ। ହେଲେ ଚେକ୍ ନେଇ ବ୍ୟାଙ୍କକୁ ଯିବାବେଳେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ଏ ନେଇ ନିରୁପମା କୁମ୍ଭାରପଡ଼ା ଥାନାରେ ସନ୍ତୋଷଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ନାମରେ ଏନବିଡବ୍ଲ୍ୟୁ ୱାରେଣ୍ଟ ଏବେ ଥାନାକୁ ଆସିଛି। କିନ୍ତୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହାନ୍ତି। ଅଭିଯୁକ୍ତ ଜଣଙ୍କ ଘରେ ଥିବା ଅବସ୍ଥାରେ ବାରମ୍ବାର ପୋଲିସଙ୍କୁ ଜଣାଇବା ପରେ ମଧ୍ୟ ଗିରଫ କରାଯାଉ ନାହିଁ। ବାରମ୍ବାର ଥାନାକୁ ଗଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନକରି ସୁରକ୍ଷା ପ୍ରଦାନ କରୁଛି। ଫଳରେ ନିରାଶ ହେବାକୁ ପଡୁଛି। ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା' ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିରୁପମା ମାଝି ଏସ୍‌ପିଙ୍କୁ ଅନୁରୋଧ କରି ଲିଖିତ ଭାବେ ଜଣାଇଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ
## ରାସ୍ତାରେ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଲେ ଲୋକେ

ପିପିଲି,୮।୧୦(ଡି.ଏନ୍.ଏ.)

ରାସ୍ତାରେ ନାବାଳିକାଙ୍କୁ ଛୁରି ଦେଖାଇ ଜଣେ ଯୁବକ ଅସଦାଚରଣ ଉଦ୍ୟମ କରୁଥିଲେ। ହେଲେ ଯୁବକ ଜଣଙ୍କ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ଲୋକେ ତାଙ୍କୁ ଉତ୍ତମ ମଧ୍ୟମ ଦେବା ପରେ ସମ୍ପୃକ୍ତ ଯୁବକ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିଲେ। ଉକ୍ତ ଯୁବତୀଙ୍କ ଆଙ୍ଗୁଠି କଟିଯାଇଥିବାରୁ ତାଙ୍କୁ ତୁରନ୍ତ ସାତଶଙ୍ଖ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ନାବାଳିକାଙ୍କ ଦାଦା ଶନିବାର ସାତଶଙ୍କ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ. ୫୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବଳଙ୍ଗା ଥାନା ଅନ୍ତର୍ଗତ ଜଣେ ନାବାଳିକା କୁମାର ପୂନେଇଁ ପାଇଁ ଡ୍ରେସ୍ କିଣି ସାତଶଙ୍ଖ –ବଳଙ୍ଗା ରାସ୍ତାରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେହି ବାଟରେ କୁମାରେଶ୍ୱର ଗ୍ରାମର ଏକ ପୋଖରୀ ନିକଟରେ ନାବାଳିକାଙ୍କ ବେକରେ ଉକ୍ତ ଯୁବକ ଛୁରି ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ତାଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରୁଥିଲେ। ସେହି ରାସ୍ତାରେ ଯାଉଥିବା କେତେକ ବ୍ୟକ୍ତି ଏହା ଦେଖି ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ନାବାଳିକାଙ୍କ ବୁଢ଼ା ଆଙ୍ଗୁଠି କଟିଯାଇଥିଲା। ଯୁବକଙ୍କୁ ସ୍ଥାନୀୟ ଲୋକେ ଉତ୍ତମ ମଧ୍ୟମ ଦେବା ପରେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଭୂୟାଁଙ୍କୁ ପଚାରିବାରେ, ଉକ୍ତ ଯୁବକ ପୂର୍ବରୁ କୁରାଢ଼ିରେ ଜଣଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିଲେ। କିଛି ମାସ ପରେ ଜାମିନରେ ଆସି ଏଭଳି କାଣ୍ଡ କରିଥିବା ଫାଣ୍ଡି ଅଧିକାରୀ କହିଛନ୍ତି।


ପୁରୀ ମଙ୍ଗଳାଘାଟଠାରେ କରାଯାଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜ୍ଜିତ ମୂର୍ତ୍ତିଗୁଡିକରୁ ଶନିବାର ସ୍ଥାନୀୟ ଲୋକେ ବର୍ଜ୍ୟବସ୍ତୁ ସଂଗ୍ରହ କରୁଛନ୍ତି ।

## ଆଜିଠୁ କୁମାର ଉତ୍ସବ

ପୁରୀ ଅଫିସ ୮।୧୦

ଶ୍ରୀକ୍ଷେତ୍ର ୟୁଥ କଲଚରାଲ ଆସୋସିଏଶନ, ପୁରୀ ପକ୍ଷରୁ ୪୩ତମ କୁମାର ଉତ୍ସବ ଆସନ୍ତା ୯ ଓ ୧୦ ତାରିଖ ଦୁଇ ଦିନ ଧରି ସ୍ୱର୍ଗଦ୍ୱାର ବେଳାଭୂମିରେ ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କଳାକାରମାନେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଆଇନ, ଏସ୍‌ଟି, ଏସ୍‌ସି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, କ୍ରୀଡା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଏମ୍‌ପି ତଥା ଆସୋସିଏଶନର ଚେୟାରମ୍ୟାନ ପିନାକୀ ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ଆସୋସିଏଶନର ସଭାପତି ମହେଶ୍ୱର ମହାନ୍ତି, ହାଇଟେକ୍ ଗ୍ରୁପ୍‌ର ତିରୁପତି ପାଣିଗ୍ରାହୀ, ପୂର୍ବତନ ପୌରସଦସ୍ୟ ଭକ୍ତଚରଣ ଦାସ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ 'ଜହ୍ନ ଝୁମେ ରାତି ଜମେ ଓ କାଞ୍ଚି ଅଭିଯାନ' ଗୀତ ପରିବେଷଣ କରାଯିବ। ଏହାସହ ପ୍ରଚ୍ଛଦପଟ୍ଟ ଗାୟକ ଶଶାଙ୍କ ଶେଖର ଓ ଭାଗ୍ୟଶ୍ରୀ ସଙ୍ଗୀତ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ଦିବସରେ ପୂର୍ବତନ ମନ୍ତ୍ରୀ ତଥା ଆସୋସିଏଶନ ସଭାପତି ମହେଶ୍ୱର ମହାନ୍ତି ଓ ସଦର ବ୍ଲକର ଚେୟାରମ୍ୟାନ ଦିବାକର ପାତ୍ର ପ୍ରମୁଖ ଯୋଗଦେବେ। ଏହାସହ ଶ୍ରୀକ୍ଷେତ୍ର କଳା ନିକେତନ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ମୁଖ୍ୟ ଆକର୍ଷଣ ସାଜିବେ ଅମୂଲ ଷ୍ଟାର ଭଏସ୍ ଅଫ୍ ଇଣ୍ଡିଆର ପ୍ରଚ୍ଛଦପଟ୍ଟ ଗାୟକ ମହ୍ଲାର ଓ ସୋମା ଚାନ୍ଦ ଯୋଗଦେବେ ବୋଲି ସାଧାରଣ ସମ୍ପାଦକ ସଦାଶିବ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ପାଇଁ ନାମାଙ୍କନ

**୧୫ରେ ମିଳିବ ଚିହ୍ନ, ୩୦ରେ ମତଦାନ**

ପୁରୀ ଅଫିସ,୮।୧୦:

ସମ୍ମିଳିତ ପୁରୀ–ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ୧୫ଟି ଜୋନର ନିର୍ଦ୍ଦେଶକ ପଦ ପାଇଁ ଶନିବାର ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ପୁରୀ ସହରସ୍ଥିତ ପୁରୀ ନିମାପଡା ସମବାୟ ବ୍ୟାଙ୍କର ମୁଖ୍ୟ ଶାଖାରେ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି। ୧୫ଟି ଜୋନ ପାଇଁ ସର୍ବମୋଟ ୫୧ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ସବୁ ଜୋନରେ ବହୁମୁଖୀ ପ୍ରତିଯୋଗିତା ହେବାର ସମ୍ଭାବନା ରହିଛି। ତେବେ ସମୁଦାୟ ୨୭୨୩ ଜଣଙ୍କ ମଧ୍ୟରେ ନିର୍ଦ୍ଦେଶକ ନିର୍ବାଚନ ହେବ। ପ୍ରାର୍ଥିପତ୍ର ସମ୍ପର୍କିତ ଅଭିଯୋଗ ଆସନ୍ତା ୧୦ରେ, ପ୍ରାର୍ଥିପତ୍ର ଯାଞ୍ଚ ଓ ଶୁଣାଣି ୧୧ ତାରିଖରେ ହେବ। ୧୨ରେ ପ୍ରାର୍ଥିପତ୍ର ସମ୍ପର୍କିତ ଅଭିଯୋଗ ଉପରେ ନିଷ୍ପତ୍ତି ହୋଇ ୧୩ରେ ବୈଧ ପ୍ରାର୍ଥିପତ୍ର ତାଲିକା ଘୋଷଣା ହେବ। ଏହାପରେ ୧୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୧୫ ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୧୫ ତାରିଖରେ ପ୍ରାର୍ଥୀମାନଙ୍କୁ ଚିହ୍ନ ମଧ୍ୟ ପ୍ରଦାନ କରାଯିବ। ସେହିଭଳି ଆସନ୍ତା ୩୦ ତାରିଖରେ ପୁରୀ ଜିଲା ସ୍କୁଲ ପରିସରରେ ସକାଳ ୭ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ମତଦାନ ହେବ। ଅପରାହ୍ନ ୫ଟା ପରେ ଭୋଟ ଗଣତି କରାଯିବା ନେଇ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ରହିଛି। ଅନ୍ୟପକ୍ଷେ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ସମର୍ଥିତ ପ୍ରାର୍ଥୀ ଶୋଭାଯାତ୍ରାରେ ଯାଇ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉଭୟ ଦଳର ୧୫ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ଦେବେ ଦୀର୍ଘ ବର୍ଷ ଧରି ବ୍ୟାଙ୍କ ବିଜେଡି ଅକ୍ତିଆରରେ ରହି ଆସିଛି। ବିଜେଡି ସମର୍ଥିତ ୭ ନମ୍ବର ଜୋନର ପ୍ରାର୍ଥୀ ଭଗବାନ ନାୟକ କହିଛନ୍ତି, କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନବୀନ ପଟ୍ଟନାୟକ ସର୍ବଦା ଚେଷ୍ଟିତ। ନିର୍ବାଚିତ ହେଲେ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେମାନେ ସମବାୟ ବ୍ୟାଙ୍କ ମାଧ୍ୟମରେ ଚାଷୀ ଶ୍ରେଣୀର ହିତରେ କାର୍ଯ୍ୟ କରିବୁ। ସେହିଭଳି ବିଜୁ ଜନତା ଦଳର ପ୍ରାର୍ଥୀମାନେ ବହୁ ମତରେ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ବାଢିଛନ୍ତି ।


ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

## ଆଜି ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ନୀତି

ପୁରୀ ଅଫିସ,୮।୧୦

ଶ୍ରୀମନ୍ଦିରରେ ରବିବାର କୁମାର ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବ। ଏହି ଅବସରରେ ସକାଳେ ଶ୍ରୀମନ୍ଦିର ଦ୍ୱାରଫିଟା ହୋଇ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି କରାଯିବ। ଅବକାଶ ଓ ଦୈନନ୍ଦିନ ନୀତି ସମାପନ ପରେ ମହାପ୍ରଭୁ ରାଧା ଦାମୋଦର ବେଶ ହେବେ। ଏହାପରେ ଗୋପାଳବଲ୍ଲଭ, ସକାଳଧୂପ ଓ ବାଲଧୂପ ଅନୁଷ୍ଠିତ ହେବ। ଭୋଗମଣ୍ଡପ ଓ ଅନ୍ୟାନ୍ୟ ନୀତି ସମାପନ ପରେ ଦ୍ୱିପ୍ରହର ଧୂପ ଅନୁଷ୍ଠିତ ହେବ। ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ନେଇ ଚକ୍ରରାଜ ସୁଦର୍ଶନଙ୍କୁ ପ୍ରଦାନ କରିବେ। ପରେ ଦଇତାପତି ସେବକମାନେ ରତ୍ନ ସିଂହାସନରୁ ସୁଦର୍ଶନଙ୍କୁ ଜଗମୋହନକୁ ବିମାନରେ ବିଜେ କରି ରୁନ୍ଧା କାର୍ଯ୍ୟ ସମ୍ପନ୍ନ ହେବା ସହ ବିଭିନ୍ନ ନୀତି ସମ୍ପନ୍ନ ହେବ। ବିମାନ ବଡୁ ସେବକମାନେ ସୁଦର୍ଶନଙ୍କୁ ବଡ଼ଦାଣ୍ଡ ଦେଇ ଲବଣିଖିଆ ପନ୍ତିଘର ନିକଟକୁ ନେଇଥିଲେ। ସେଠାରେ ପନ୍ତି ସମାପ୍ତ ହେଲା ପରେ କରତି ସାହି ଦେଇ ଶ୍ରୀସୁଦର୍ଶନ ଅଙ୍ଗୀରା ଆଶ୍ରମରେ ବିଜେ କରିବେ। ସେଠାରେ ପାରମ୍ପରିକ ନୀତି ସାରି ଶ୍ରୀସୁଦର୍ଶନ ଉଁଆସ ଦାଣ୍ଡରେ ଭୃଗୁ ଆଶ୍ରମ ଓ ହରଚଣ୍ଡୀ ସାହି ଯମେଶ୍ୱର ମନ୍ଦିର ନିକଟରେ ପଣ୍ଡୁ ଆଶ୍ରମରେ ବିଜେ କରିବେ। ସେଠାରେ ପନ୍ତି ସମାପ୍ତ ହେଲା ପରେ ହରଚଣ୍ଡୀ ସାହି ବାରବାଟୀ ଜାଗା ଦେଇ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରରେ ପହଞ୍ଚିବେ। ଦ୍ୱାର ନିକଟରେ ପତିମହାପାତ୍ର ବନ୍ଦପନା କଲା ପରେ ବାହୁଡା ବିଜେ କରି ରତ୍ନ ସିଂହାସନରେ ବିଜେ କରିବେ। ଏହାପରେ ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାସ୍ନାନ କରାଯିବ। ବେଶ ବଢିଲା ପରେ ସନ୍ଧ୍ୟା ଆଳତି ବଢି ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀ ସୁଦର୍ଶନ ଆଦି ଚାରିବାଡରେ ୪ପୂଜାପଣ୍ଡା ସନ୍ଧ୍ୟାଧୂପ ମଣୋହି କରାଇବେ।

## ଶିଶୁ ସମାଚାର ପକ୍ଷରୁ କଲାମଙ୍କ ଉପରେ ପ୍ରତିଯୋଗିତା

ପୁରୀ ଅଫିସ,୮।୧୦

ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ତଥା ବିଶ୍ୱ ବିଦ୍ୟାର୍ଥୀ ଦିବସ ଅବ୍ୟବହିତ ପୂର୍ବରୁ ଶିଶୁ ସମାଚାର ପକ୍ଷରୁ ପୋଲିସ ଲାଇନ୍ ସ୍କୁଲରେ ବିଦ୍ୟାଳୟସ୍ତରୀୟ ବକ୍ତୃତା 'କଲାମ ସମାଜ ପାଇଁ ଅବଦାନ' ଓ ଚିତ୍ରାଙ୍କନ 'କଲାମଙ୍କ ସର୍ବଶ୍ରେଷ୍ଠ କୃତି' ଉପରେ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ମନୋଜ ରଥ, ଚକ୍ରଧର ମହାପାତ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଶରତ କୁମାର ରାୟଗୁରୁ, ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିକାଶ ପାଇଁ ଶିଶୁ ସମାଚାର ଏହିଭଳି ପ୍ରତିଯୋଗିତା ଆୟୋଜନ କରିଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ପୋଲିସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ଶିଶୁ ସମାଚାର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରେଣୁକା ମିଶ୍ର, ସୁକାନ୍ତ ମହାନ୍ତି, ବଳଭଦ୍ର ପୂଜାପଣ୍ଡା, ସଂଘମିତ୍ରା ଦାଶ, ଦୁର୍ଗାମାଧବ କର, ସତ୍ୟ ପାଢ଼ୀ, ସସ୍ମିତା ମହାରଣା ବିଚାରକ ଭାବେ ଯୋଗଦେଇଥିଲେ। ବକ୍ତୃତାରେ ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀର ସୁଶ୍ରୀ ସିମରଣ ମହାପାତ୍ର ପ୍ରଥମ, ଚନ୍ଦନପୁର ନୋଡାଲ ସ୍କୁଲର ପ୍ରିୟାଂଶୀ ସାହୁ ଦ୍ୱିତୀୟ, ଜାଭିୟର ସ୍କୁଲର ଆସ୍ଥା ରଥ ତୃତୀୟ ସ୍ଥାନ ଓ ଚିତ୍ରାଙ୍କନରେ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୱେଷା ପଟ୍ଟନାୟକ ପ୍ରଥମ, ଉଦୀପ୍ତା ଉପାସନା ଦ୍ୱିତୀୟ, ଶ୍ରଦ୍ଧା ସ୍ୱରୂପ ନନ୍ଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା୧୫ତାରିଖ ବିଶ୍ୱ ବିଦ୍ୟାର୍ଥୀ ଦିବସ ସୁଖଲତା ବାଳିକା ବିଦ୍ୟାଳୟ ଗଉ ସାହିରେ ପାଳନ ବେଳେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ସତ୍ୟ ସାହୁ, ଶୁଭଜିତ ପଣ୍ଡା, ଦିବାକର ଦଳେଇ, ସତ୍ୟ ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଶିଶୁ ସମାଚାର ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥି ।

## କୋଣାର୍କକୁ ୭୧ନଂ. ରୁଟର ମୋ ବସ୍ ଚଳାଚଳ ପାଇଁ ଦାବି

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କ୍ରୀଡ଼ା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

କୋଣାର୍କ/ଗୋପ,୮।୧୦(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିର ପାଇଁ ବିଶ୍ୱବିଖ୍ୟାତ। ଏଠାକୁ ଦେଶ ଓ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥାନ୍ତି। ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର କୋଣାର୍କକୁ ମୋ ବସ୍ ଚଳାଇଛନ୍ତି। ପୂର୍ବରୁ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସ୍‌ଷ୍ଟାଣ୍ଡଠାରୁ କୋଣାର୍କକୁ ୭୧ନଂ. ରୁଟ୍‌ର ମୋ ବସ୍ ଚଳାଚଳ କରୁଥିବା ବେଳେ ଭୁବନେଶ୍ୱର ଅର୍ବାନ ପରିବହନ ପ୍ରାଧିକରଣ ଓ ପୁରୀ ଅର୍ବାନ ବସ୍ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ହାସଲ କରି ନ ଥିବାରୁ ଘରୋଇ ବସ୍ ମାଲିକ ସଂଘ ଏହି ମୋ ବସ୍‌ର କୋଣାର୍କ ଯାତାୟାତକୁ ବିରୋଧ କରି ଚଳାଚଳକୁ ବନ୍ଦ କରିଦେଇଛନ୍ତି। ଫଳରେ ୭୧ ନଂ. ରୁଟ୍‌ର ମୋ ବସ୍ ବନ୍ଦ ଯୋଗୁ ପର୍ଯ୍ୟଟକ ଓ ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱରଠାରୁ କୋଣାର୍କକୁ ଯାତାୟାତ କରୁଥିବା ଘରୋଇ ବସ୍ ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଅର୍ଥ ନେବା ସହ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ପରିବହନ କରିବା ଯୋଗୁ ଦୁର୍ଘଟଣା ଆଶଙ୍କା ରହୁଛି। ଫଳରେ କୋଣାର୍କର ବିଭିନ୍ନ ସଂଘ ଶନିବାର କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କ୍ରୀଡ଼ାମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରାଙ୍କୁ ଭେଟି କୋଣାର୍କରେ ଚଳାଚଳ କରୁଥିବା ୭୧ ନଂ. ରୁଟ୍‌ର ମୋ ବସ୍ ପୂର୍ବପରି ଯାତାୟାତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶଚନ୍ଦ୍ର ରାଉତରାୟ, କାଉନସିଲର ସୌମ୍ୟରଞ୍ଜନ ସାହୁ, ଯୁବ ସଂଗଠକ ଦୁର୍ଗାପ୍ରସାଦ ମହାପାତ୍ର, ଜିଲା ପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ ଓ କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ସମେତ କୋଣାର୍କ ସାମ୍ବାଦିକ ସଂଘ, କୋଣାର୍କ ପ୍ରେସ୍ କ୍ଲବ ଏବଂ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଜନସାଧାରଣ ଉପସ୍ଥିତ ଥିଲେ।



କୋଣାର୍କରେ ମୋ ବସ୍ ଚଲାଇବା ଦାବିରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଦାବିପତ୍ର ଦିଆଯାଉଛି।

ମୋ ବସ୍ କୋଣାର୍କ ସମେତ ଗୋପ ଅଞ୍ଚଳ ଦେଇ ଯାଉଥିବାରୁ ବହୁ ଜନସାଧାରଣ ଉପକୃତ ହେଉଥିଲେ। ହେଲେ ଏବେ ଗୋଟିଏ ବସ୍ ବନ୍ଦ ଥିବାରୁ ଗୋପ ଅଞ୍ଚଳବାସୀ ନିରାଶ ହେବା ସହ ମୋ ବସ୍ ପୁନଃ ଚଳାଚଳ କରିବାକୁ ଦାବି ହେଉଛି। ଘରୋଇ ବସ୍‌ର ବେପରୁଆ ଚାଳନା, ଅଧିକ ଯାତ୍ରୀ ନେବା ପାଇଁ ଦୀର୍ଘସମୟ ରହିବା ଆଦି ବିଭିନ୍ନ କାରଣ ଯୋଗୁ ପ୍ରାୟ ଲୋକ ମୋ ବସ୍‌କୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏବେ ଗୋଟିଏ ମୋ ବସ୍ ଗୋପ ଅଞ୍ଚଳ ଦେଇ ଚାଲୁ ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ମୋ ବସ୍ ପୁନଃ ଚଳାଇବାକୁ ଦାବି କରି ଗୋପର ବିଭିନ୍ନ ସଂଘ, ଶିକ୍ଷାବିତ୍ ମୁଖ୍ୟମନ୍ତ୍ରୀଙ୍କ ସମେତ ୫–ଟି ସଚିବ, ପୁରୀ ଜିଲାପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି। ଏଥିସହ ବେପରୁଆ ଚଳାଉଥିବା ଘରୋଇ ବସ୍ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି କରାଯାଇଛି। ମୋ ବସ୍ ସେବାକୁ ବନ୍ଦ କରିବା ପାଇଁ ଏବେ ଭିତିରି ଯୋଜନା ଚାଲୁଥିବା ବେଳେ ଏହାକୁ ବରଦାସ୍ତ କରାଯିବନାହିଁ ବୋଲି ଶିକ୍ଷାବିତ୍ ସତ୍ୟପୀର ନାୟକ, ପୂନେଶ କୁମାର ସେନାପତି, ପ୍ରକାଶ କୁମାର ଖଟୋଇ ପ୍ରମୁଖ ଅଭିଯୋଗ କରିଛନ୍ତି।